# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃୟାରୀ ୯/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 9/ 2019 | ★★★★

୪୫ଶ ଭାଗ ୭୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-







ବେଆଇନ ପ୍ରବାସୀମାନେ ଏସ୍‌ପି-ବିଏସ୍‌ପିର ଭୋଟ ବ୍ୟାଙ୍କ। ଭାଜପା ପୁନଃ କ୍ଷମତାସୀନ ହେଲେ କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ପ୍ରତ୍ୟେକ ଅନୁପ୍ରବେଶକାରୀଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯିବ।

–ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ



## ସଂକ୍ଷେପରେ

### କେଜ୍‌ରିୱାଲଙ୍କ କାର୍‌କୁ ଆକ୍ରମଣ



**ନୂଆଦିଲ୍ଲୀ,୮।୨(ପି.ଟି.):** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ କାର୍‌କୁ ନରେଲାଠାରେ ଆକ୍ରମଣ କରାଯାଇଛି। ମୁଖ୍ୟମନ୍ତ୍ରୀ ଏକ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ କରିବାକୁ ଯାଉଥିବାବେଳେ ୧୦୦ ପାଖାପାଖି ଉତ୍ୟକ୍ତ ଲୋକ ଠେଙ୍ଗାବାଡ଼ି ଧରି କେଜ୍‌ରିୱାଲଙ୍କ କାର୍‌କୁ ଅଟକାଇବା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ। ତେବେ ଏଥିରେ କେହି ଆହତ ହୋଇନାହାନ୍ତି।

### ଚିଦାମ୍ବରମ୍‌ଙ୍କୁ ଇଡି ଜେରା

**ନୂଆଦିଲ୍ଲୀ,୮।୨(ପି.ଟି.):** ଆଇଏନ୍‌ଏକ୍ସ ମିଡିଆ ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ଜେରା କରିଛି। କେନ୍ଦ୍ରୀୟ ଦିଲ୍ଲୀରେ ଥିବା ଇଡି କାର୍ଯ୍ୟାଳୟରେ ପୂର୍ବାହ୍ନ ୧୧ଟାରେ ପହଞ୍ଚିବା ପରେ ତାଙ୍କ ବୟାନ ରେକର୍ଡ କରାଯାଇଥିଲା। ପୂର୍ବରୁ ଚିଦାମ୍ବରମଙ୍କୁ ଏହି ମାମଲାରେ ଏକାଧିକ ଥର ଜେରା କରାଯାଇଛି। ଗୁରୁବାର ତାଙ୍କ ପୁଅ କାର୍ତ୍ତିଙ୍କୁ ଇଡି ୬ ଘଣ୍ଟା ଜେରା କରିଥିଲା। ତାଙ୍କର ଭାରତ ଓ ବିଦେଶରେ ଥିବା ୫୪ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜବତ କରିଛି। ଚିଦାମ୍ବରମ ଅର୍ଥମନ୍ତ୍ରୀ ଥିବାବେଳେ ୨୦୦୭ରେ ଆଇଏନ୍‌ଏକ୍ସ ମିଡିଆକୁ ବିଦେଶରୁ ୩୦୫ କୋଟି ପାଣ୍ଠି ଗ୍ରହଣ କରିବାକୁ ବିଦେଶୀ ନିବେଶ ବୃଦ୍ଧି ବୋର୍ଡ (ଏଫଆଇପିବି) ମଞ୍ଜୁରୀ ପ୍ରଦାନ କରିଥିଲା। ଏଥିରେ ଅନିୟମିତତା ହୋଇଥିବା ସିବିଆଇ ଏତଲା ଆଧାରରେ ଇଡି ପକ୍ଷରୁ ପିଏମ୍‌ଏଲ୍‌ଏ ମାମଲା ରୁଜୁ ହୋଇଥିଲା।

### ବଙ୍ଗଳା ଖାଲି କରିବାକୁ ତେଜସ୍ୱୀଙ୍କୁ ନିର୍ଦ୍ଦେଶ



**ନୂଆଦିଲ୍ଲୀ,୮।୨(ପି.ଟି.):** ସୁପ୍ରିମକୋର୍ଟରେ ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ବଡ଼ ଝଟକା ଲାଗିଛି। ପାଟନା ହାଇକୋର୍ଟ ରାୟକୁ ଚ୍ୟାଲେଞ୍ଜ କରି ତେଜସ୍ୱୀ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ସୁପ୍ରିମକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ବଙ୍ଗଳା ଖାଲି କରି ବିରୋଧୀ ଦଳ ନେତାଙ୍କ ପାଇଁ ଉଦ୍ଦିଷ୍ଟ କ୍ୱାର୍ଟର୍ସକୁ ଚାଲିଯିବା ଲାଗି ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହାଇକୋର୍ଟର ଦୁଇଟି ଖଣ୍ଡପୀଠ ତାଙ୍କ ଆବେଦନକୁ ଖାରଜ କରିବା ସତ୍ତ୍ୱେ ତେଜସ୍ୱୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଅଦାଲତଙ୍କ ସମୟ ବରବାଦ କରିଥିବାରୁ ତାଙ୍କୁ ୫୦ ହଜାର ଟଙ୍କା ଜରିମାନା କରାଯାଇଛି। କୋର୍ଟଙ୍କ ମୂଲ୍ୟବାନ ସମୟ ବରବାଦ କରି ଏହି ବିବାଦରୁ କ'ଣ ଆନନ୍ଦ ପାଉଛ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ , ଜଷ୍ଟିସ୍ ଦୀପକ ଗୁପ୍ତା ଏବଂ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ। ବର୍ତ୍ତମାନ ଉପମୁଖ୍ୟମନ୍ତ୍ରୀ ଥିବା ସୁଶୀଲ କୁମାର ମୋଦିଙ୍କୁ ବଙ୍ଗଳା ହସ୍ତାନ୍ତର କରିବା ଲାଗି ବିହାର ସରକାର ଦେଇଥିବା ନିର୍ଦ୍ଦେଶକୁ ତେଜସ୍ୱୀ ପାଟନା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜାନୁୟାରୀ ୭ରେ ଡିଭିଜନ ବେଞ୍ଚ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ।

### [ଇତିହାସର ଆଇନାରେ]

### ଫେବୃୟାରୀ ୯ର ପ୍ରମୁଖ ଘଟଣା

୧୯୭୫ ଫେବୃୟାରୀ ୯ରେ ଦି ସୋୟୁଜ ୧୭ ସୋଭିଏତ୍ ସ୍ପେସ୍‌କ୍ରାଫ୍ଟ ପୃଥିବୀକୁ ଫେରିଥିଲା। ସୋଭିଏତ୍ ୟୁନିୟନ୍‌ର ସଲ୍ୟୁଟ୍ ୪ ସ୍ପେସ୍ ଷ୍ଟେଶନ୍‌କୁ ଯିବା କ୍ଷେତ୍ରରେ ଦୁଇଟି ଦୀର୍ଘ ରହଣି ମିଶନ୍ ମଧ୍ୟରେ ସୋୟୁଜ ପ୍ରଥମ। ଉକ୍ତ ସ୍ପେସ୍‌କ୍ରାଫ୍ଟ ମହାକାଶରେ ୨୯ ଦିନ ରହଣି କରିଥିଲା। ଅପରପକ୍ଷରେ ସୋୟୁଜ ୧୧ର ୨୩ ଦିନର ମହାକାଶ ରହଣି ରେକର୍ଡକୁ ଏହା ଭଙ୍ଗ କରିଥିଲା।

୨୦୧୬ ଫେବୃୟାରୀ ୯ରେ ଜର୍ମାନୀର ବାଭାରିଆ ପ୍ରଦେଶ ଅନ୍ତର୍ଗତ ବାଡ୍ ଏବଲିଙ୍ଗ୍‌ରେ ଦୁଇଟି ଯାତ୍ରୀବାହୀ ଟ୍ରେନ ମଧ୍ୟରେ ସଂଘର୍ଷ ଘଟିଥିଲା। ଏହି ଦୁର୍ଘଟଣାରେ ୧୨ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୮୫ଜଣ ଆହତ ହୋଇଥିଲେ।

# ମୋଦିଙ୍କୁ ଘନ ଘନ ଆକ୍ରମଣ

**ନୂଆଦିଲ୍ଲୀ,୮।୨**

୫୯,୦୦୦ କୋଟିର ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିରେ ପିଏମ୍‌ଓର ହସ୍ତକ୍ଷେପ ନେଇ ପ୍ରକାଶିତ ରିପୋର୍ଟ ଜାତୀୟ ରାଜନୀତିର ଉଷ୍ମତା ବଢ଼ାଇଦେଇଛି। ସାଧାରଣ ନିର୍ବାଚନରେ ରାଫାଲକୁ ପ୍ରସଙ୍ଗ କରିବାକୁ ଚାହୁଁଥିବା ବିରୋଧୀଙ୍କ ପାଇଁ ଏହି ପ୍ରଘଟ ବ୍ରହ୍ମାସ୍ତ୍ର ପାଲଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୋର ବୋଲି ଏଥିରୁ ପ୍ରମାଣିତ ହୋଇଛି ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସମାଲୋଚନା କରିଥିବାବେଳେ ଅଭିଯୋଗକୁ ଖଣ୍ଡନ କରିଛି ଏନ୍‌ଡିଏ। ଏକ ଜାତୀୟ ଗଣମାଧ୍ୟମରେ ରାଫାଲ ଚୁକ୍ତି ସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇବା ପରେ ଶୁକ୍ରବାର ରାହୁଲ ଏକ ଖବରଦାତା ସମ୍ମିଳନୀରେ ତାକୁ ପଢ଼ି ଶୁଣାଇଛନ୍ତି। ସେ କହିଛନ୍ତି, ଏହି ଡିଲ୍‌ରେ ପିଏମ୍‌ଓ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ। ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ଭାରତର ଆଲୋଚନାକାରୀ ଟିମ୍‌ର ପକ୍ଷକୁ ପିଏମ୍‌ଓ ଦୁର୍ବଳ କରିଦେଇଛି। ପ୍ରଧାନମନ୍ତ୍ରୀ ଏହି ଦୁର୍ନୀତିରେ ଦୋଷୀ। ମୋଦି ପ୍ରତିରକ୍ଷା ପ୍ରକ୍ରିୟାକୁ ବାଇପାସ୍ କରି ସଶସ୍ତ୍ର ବଳର ୩୦,୦୦୦ କୋଟି ଟଙ୍କା ଚୋରି କରିଛନ୍ତି। ସେ ଏହି ଅର୍ଥକୁ ନିଜ ବନ୍ଧୁ ଅନିଲ ଅମ୍ବାନୀଙ୍କୁ ଦେଇଛନ୍ତି। ତେଣୁ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା ଏହି ଦୁର୍ନୀତିର ତଦନ୍ତ କରାଯାଉ ବୋଲି ସେ ଦାବି ଦୋହରାଇଛନ୍ତି। କେନ୍ଦ୍ର ସରକାର ଆଇନକୁ ସମସ୍ତଙ୍କ ବିରୋଧରେ ବ୍ୟବହାର କରିପାରନ୍ତି। କ୍ୱାଇଁ ରବର୍ଟ ଭଦ୍ରା ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ବିରୋଧରେ ତଦନ୍ତ କରାଅ, କିନ୍ତୁ ରାଫାଲ ଡିଲ୍‌କୁ ନେଇ ଉଠୁଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ବୋଲି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାହୁଲ କହିଛନ୍ତି। ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନିଜ ବନ୍ଧୁମାନଙ୍କୁ ଫାଇଦା ଦେବା ଲାଗି ଜାଣିଶୁଣି ବାୟୁସେନା ଓ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ନ୍ୟୂନ କରିଦେଇଥିଲେ। ଏଥିଯୋଗୁ ରାଜକୋଷରେ ବୋଝ ବଢ଼ିବା ସହ ଜାତୀୟ ସୁରକ୍ଷା ଉପରେ ବିପଦ ସୃଷ୍ଟି ହୋଇଛି। ସୁପ୍ରିମକୋର୍ଟରେ ଏକ ରିଭ୍ୟୁ ପିଟିଶନର ଶୁଣାଣି ଚାଲିଥିବାବେଳେ ଏହି ତଥ୍ୟକୁ ସରକାର ଲୁଚାଇଦେଇଛନ୍ତି। ଏଏପି ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପିଏମ୍‌ଓର ସମାନ୍ତରାଳ ଆଲୋଚନାକୁ ନିନ୍ଦା କରିଛନ୍ତି। ଏକ ସ୍ୱାଧୀନ ତଥା ନିରପେକ୍ଷ ସିବିଆଇ ଦ୍ୱାରା ପିଏମ୍‌ଓ ଉପରେ ଚଢ଼ାଉ କରାଯାଇ ଡିଲ୍ ସମ୍ପର୍କିତ ସମସ୍ତ ଦସ୍ତାବିଜ ଜବତ କରାଯାଉ। ଏଥିରେ ସମ୍ପୃକ୍ତ ସମସ୍ତଙ୍କୁ ଗିରଫ କରାଯାଉ ବୋଲି କେଜ୍‌ରିୱାଲ ଟୁଇଟ୍ କରିଛନ୍ତି। ଚୁକ୍ତିକୁ ନେଇ ମୋଦିଙ୍କ କାର୍ଯ୍ୟ ସୁପ୍ରିମକୋର୍ଟଙ୍କ ଅବମାନନା ସହ ସମାନ। କାରଣ ସର୍ବୋଚ୍ଚ ଅଦାଲତରେ ବନ୍ଦ ଲଫାପାରେ କେନ୍ଦ୍ର ଦେଇଥିବା ତଥ୍ୟରେ ଏହି ବିଷୟ ଉଲ୍ଲେଖ କରାଯାଇନାହିଁ ବୋଲି ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ ସମାଲୋଚନା କରିଛନ୍ତି। ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଟୁଇଟ୍ କରି ଚାଷୀଙ୍କ ମୃତ୍ୟୁଠାରୁ ନେଇ ରାଫାଲ୍ ଡିଲ୍ ଯାଏ ବିରୋଧୀ ଦଳଗୁଡ଼ିକର ଅସନ୍ତୋଷକୁ ବ୍ୟକ୍ତ କରିଛନ୍ତି। ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲାଙ୍କ ସମେତ ଅନେକ ବିରୋଧୀ ନେତା ଏହି ପ୍ରସଙ୍ଗରେ ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଗଣମାଧ୍ୟମ ରିପୋର୍ଟକୁ ଖଣ୍ଡନ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ କହିଛନ୍ତି, ରାଫାଲ ଚୁକ୍ତିକୁ ନେଇ ପ୍ରକାଶିତ ରିପୋର୍ଟ ମଲାଘୋଡ଼ାକୁ ପ୍ରହାର ଦେବା ସହ ସମାନ। ସରକାର କିଛି ଭୁଲ୍ କରିନାହାନ୍ତି। ବିରୋଧୀ ଦଳ ନ୍ୟସ୍ତସ୍ୱାର୍ଥ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ଇଙ୍ଗିତରେ ପରିଚାଳିତ ହେଉଛି। ଚୁକ୍ତି ସମ୍ପର୍କରେ ପିଏମ୍‌ଓର ଯାଞ୍ଚକୁ ହସ୍ତକ୍ଷେପ ବୋଲି ମନେକରାଯିବା ଅନୁଚିତ। ସେହିପରି କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି, ରାହୁଲଙ୍କ ରାଫାଲ ଅଭିଯୋଗ ତାଙ୍କ ମିଥ୍ୟା କାରଖାନାର ଆଉ ଏକ ମିଛ। ଯୁଦ୍ଧବିମାନ ଚୁକ୍ତିକୁ ରଦ୍ଦ କରିବା ପାଇଁ ସେ ବିଦେଶୀ ଶକ୍ତିଗୁଡ଼ିକର ଇଙ୍ଗିତରେ କାମ କରୁଛନ୍ତି।



୩୬ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ୨୦୧୬ ଜାନୁୟାରୀ ୨୫ରେ ବୁଝାମଣାପତ୍ରରେ ସ୍ୱାକ୍ଷର କରିବା ପରେ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକର ଓ ତାଙ୍କ ଫ୍ରାନ୍ସ ପ୍ରତିପକ୍ଷ ଜିନ୍-ୱାଇଭେସ୍ ଲେ ଡ୍ରିଏନ୍। ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ଉପସ୍ଥିତ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଫ୍ରାନ୍ସର ତତ୍କାଳୀନ ରାଷ୍ଟ୍ରପତି ଫ୍ରାସୁଁଆ ଓଲାନ୍ଦ।

### ବିରୋଧୀ ଧରିଲେ ରାଫାଲ ବ୍ରହ୍ମାସ୍ତ୍ର

- ଚୌକିଦାର ଚୋର ବୋଲି ପ୍ରମାଣିତ ହେଲା: ରାହୁଲ
- ଏକ 'ସ୍ୱାଧୀନ' ସିବିଆଇ ପିଏମ୍‌ଓରେ ଚଢ଼ାଉ କରୁ: କେଜ୍‌ରିୱାଲ
- ବନ୍ଧୁଙ୍କ ପାଇଁ ଜାତୀୟ ସୁରକ୍ଷାରେ ସାଲିସ କରିଛନ୍ତି ମୋଦି: ୟେଚୁରୀ





ଖବରଦାତା ସମ୍ମିଳନୀରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ।

> ରାଫାଲ ଚୁକ୍ତିକୁ ନେଇ ପ୍ରକାଶିତ ରିପୋର୍ଟ ମଲାଘୋଡ଼ାକୁ ଚାବୁକ ମାରିବା ସହ ସମାନ। ନ୍ୟସ୍ତସ୍ୱାର୍ଥ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ଇଙ୍ଗିତରେ ବିରୋଧୀ ଦଳ ପରିଚାଳିତ ହେଉଛି।
>
> – ନିର୍ମଳା ସୀଥାରାମନ୍, ପ୍ରତିରକ୍ଷା ମନ୍ତ୍ରୀ



# ବିଷାକ୍ତ ମଦ ନେଲା ୩୬ ଜୀବନ

**ଲକ୍ଷ୍ନୌ/ଡେରାଡୁନ,୮।୨(ପି.ଟି.)**

ବିଷାକ୍ତ ମଦ ପିଇ ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡରେ ୩୬ ଜଣଙ୍କର ମୃତ୍ୟୁ ଘଟିଛି। ଉତ୍ତରପ୍ରଦେଶର କୁଶିନଗର ଏବଂ ସାହାରନପୁରରେ ୨୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଉତ୍ତରାଖଣ୍ଡର ହରିଦ୍ୱାର ଜିଲାରେ ୧୬ ଜଣ ବିଷାକ୍ତ ମଦ ପିଇ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁଃଖ ପ୍ରକାଶ କରି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏଥିସହିତ ଅସୁସ୍ଥ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କ ଲାଗି ୫୦ ହଜାର ଟଙ୍କା ସହାୟତା ଘୋଷଣା କରାଯାଇଛି। କର୍ତ୍ତବ୍ୟରେ ଅବହେଳା ପାଇଁ ଅବକାରୀ ସବ୍‌ଇନ୍ସପେକ୍ଟରଙ୍କ ସମେତ ୫ ଅଧିକାରୀ ଓ ୫ ପୋଲିସ ନିଲମ୍ବିତ ହୋଇଛନ୍ତି। ଜିଲା ଅବକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ବିଭାଗୀୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅବକାରୀ ବିଭାଗ ଓ ପୋଲିସର ଜ୍ଞାତସାରରେ ଉକ୍ତ ଅଞ୍ଚଳରେ ବେଆଇନ ମଦ କାରବାର ଚାଲିଥିବା ଅଭିଯୋଗ ହୋଇଛି। ଉତ୍ତରାଖଣ୍ଡ ଅବକାରୀ ବିଭାଗର ୧୩ ଜଣ ଅଧିକାରୀ ନିଲମ୍ବିତ ହୋଇଛନ୍ତି। ଗୁରୁବାର ସନ୍ଧ୍ୟାରେ ହରିଦ୍ୱାର ଜିଲା ବାଲୁପୁର ଗ୍ରାମରେ ଶୁଦ୍ଧିକ୍ରିୟା ଭୋଜିରେ ବିଷାକ୍ତ ମଦ ପରିବେଷଣ କରାଯାଇଥିଲା। ଏହାକୁ ପିଇବା ପରେ ଅନେକେ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କ ମୃତ୍ୟୁ ଘଟିଛି। ଏବେ ବି ରୁର୍‌କୀ ହସ୍ପିଟାଲରେ ୫/୬ ଜଣ ଚିକିତ୍ସିତ ହେଉଛନ୍ତି।

# ହିମ ସ୍ଖଳନ: ୭ ପୋଲିସ ମୃତ



**ଶ୍ରୀନଗର,୮।୨(ପି.ଟି.)**

ଜମ୍ମୁ-କଶ୍ମୀରର କୁଲଗାମଠାରେ ହିମ ସ୍ଖଳନରେ ୭ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଶ୍ରୀନଗର-ଜମ୍ମୁ ଜାତୀୟ ରାଜପଥର ଜବାହର ଟନେଲ୍ ନିକଟରେ ଗୁରୁବାର ହିମସ୍ଖଳନ ହେବାରୁ ୧୦ ପୋଲିସ କର୍ମଚାରୀ ବରଫ ତଳେ ପୋତିହୋଇ ପଡ଼ିଥିଲେ। ଶୁକ୍ରବାର ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଉଦ୍ଧାର କରାଯାଇଥିଲାବେଳେ ଅନ୍ୟମାନଙ୍କ ମୃତଦେହ ମିଳିଛି। ପ୍ରବଳ ପବନ ଓ ତୁଷାରପାତ ଯୋଗୁ ବହୁ କଷ୍ଟରେ ଉଦ୍ଧାରକାରୀ ଟିମ୍ ଶୁକ୍ରବାର ସକାଳେ ଘଟଣାସ୍ଥଳରେ ପହଞ୍ଚିଥିଲେ। ବୁଧବାରଠାରୁ କଶ୍ମୀର ଉପତ୍ୟକାରେ ତୁଷାରପାତ ଜାରି ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ କୁଲଗାମ ଜିଲାରେ ସର୍ବାଧିକ ତୁଷାରପାତ ହୋଇ କେତେକ ସ୍ଥାନରେ ୫ ଫୁଟ ଉଚ୍ଚର ତୁଷାର ଜମା ହୋଇଥିବା ଦେଖିବାକୁ ମିଳିଛି। ଅନ୍ୟ ଏକ ଘଟଣାରେ ଅନନ୍ତନାଗ ଜିଲାରେ ବରଫ ଅତଡା ଖସି ଏକ ଘର ପୋତିହୋଇପଡିବା ଫଳରେ ଦମ୍ପତିଙ୍କର ମୃତ୍ୟୁ ଘଟିଛି। ଉଦ୍ଧାରକାରୀ ଟିମ୍ ସେମାନଙ୍କ ଦୁଇ ପିଲାଙ୍କୁ ନିରାପଦରେ ଉଦ୍ଧାର କରିଛନ୍ତି।

# ଲଦାଖ ହେଲା ପୃଥକ୍ ଡିଭିଜନ

**ଶ୍ରୀନଗର,୮।୨(ପି.ଟି.)**

ଜମ୍ମୁ-କଶ୍ମୀର ପ୍ରଶାସନ ଶୁକ୍ରବାର ଏକ ବଡ଼ ନିଷ୍ପତ୍ତିକ୍ରମେ ଲଦାଖକୁ ଅଲଗା ଡିଭିଜନ କରିଛନ୍ତି। ଲଦାଖ ବର୍ତ୍ତମାନ ପର୍ଯ୍ୟନ୍ତ କଶ୍ମୀର ଡିଭିଜନର ଅଂଶବିଶେଷ ଥିଲା। ଏବେ ଲଦାଖ ପାଇଁ ସ୍ୱତନ୍ତ୍ର ଡିଭିଜନାଲ କମିଶନର ଏବଂ ପୋଲିସ ଆଇଜି ନିଯୁକ୍ତ ହେବେ। ପୂର୍ବରୁ ଜମ୍ମୁ ଏବଂ କଶ୍ମୀର ଦୁଇଟି ଡିଭିଜନ ଥିବାବେଳେ ଲଦାଖ ଅଲଗା ପ୍ରଶାସନିକ ଏବଂ ରାଜସ୍ୱ ଡିଭିଜନ ହେବା ଫଳରେ ରାଜ୍ୟ ତିନୋଟି ଡିଭିଜନରେ ବିଭକ୍ତ ହୋଇଛି।

## ଫୁର୍‌ସତ

# ଦୀପା ମେହେଟାଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ

**ଟରଣ୍ଟୋ:** ଫିଲ୍ମ ନିର୍ମାତା ଦୀପା ମେହେଟା ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପାଇବେ। ଦି ଏକାଡେମୀ ଅଫ୍ କାନାଡିଆନ୍ ସିନେମା ଆଣ୍ଡ ଟେଲିଭିଜନ୍ ପକ୍ଷରୁ ଏହି ଘୋଷଣା କରାଯାଇଛି। ଇଣ୍ଡୋ-କାନାଡିଆନ୍ ଫିଲ୍ମ ନିର୍ଦ୍ଦେଶିକାଙ୍କୁ କାନାଡିଆନ୍ ସ୍କ୍ରିନ୍ ୱିକ୍‌ରେ ଏହି ପୁରସ୍କାର ପ୍ରଦାନ କରାଯିବ। ଦୀପା ମେହେଟାଙ୍କ କଳାନୈପୁଣ୍ୟକୁ ସ୍ୱୀକୃତି ପ୍ରଦାନ ପାଇଁ କାନାଡିଆନ୍ ଏକାଡେମୀ ଗର୍ବିତ। କାନାଡିଆନ୍ ଫିଲ୍ମ ନିର୍ମାଣରେ ମଧ୍ୟ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ ।



# ଚତୁର୍ଥ ସର୍ବାଧିକ ଗରମ ବର୍ଷ ୨୦୧୮

**ନ୍ୟୁୟର୍କ:** ୧୮୮୦ ପରେ ବିଶ୍ୱରେ ସର୍ବାଧିକ ଗରମ ଅନୁଭୂତ ବର୍ଷ ତାଲିକାର ଚତୁର୍ଥବର୍ଷ ହେଉଛି ୨୦୧୮। ନାସା ଏବଂ ନ୍ୟାଶନାଲ ଓସ୍‌ନିକ୍ ଆଣ୍ଡ ଆଟମସ୍‌ଫରିକ୍ ଆଡ୍‌ମିନିଷ୍ଟ୍ରେଶନ୍ (ଏନ୍‌ଓଏଏ) ଦ୍ୱାରା କରାଯାଇଥିବା ଏକ ନିରପେକ୍ଷ ବିଶ୍ଳେଷଣରୁ ଏହି ସୂଚନା ମିଳିଛି।

'ନାସା'ର ଗଡାର୍ଡ ଇନ୍‌ଷ୍ଟିଚ୍ୟୁଟ୍ ଫର ସ୍ପେସ୍ ଷ୍ଟଡିଜ (ଜିଆଇଏସ୍‌ଏସ୍)ର ବୈଜ୍ଞାନିକଙ୍କ ସୂଚନା ଅନୁଯାୟୀ, ୨୦୧୮ରେ ବିଶ୍ୱ ତାପମାତ୍ରା ୧୯୫୧ରୁ ୧୯୮୦ ମଧ୍ୟରେ ହାରାହାରି ବାର୍ଷିକ ତାପମାତ୍ରା ଅପେକ୍ଷା ୦.୮୩ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ଥିଲା। ତେବେ ୨୦୧୮ର ତାପମାତ୍ରା ୨୦୧୬, ୨୦୧୭ ଏବଂ ୨୦୧୫ର ତାପମାତ୍ରା ର୍ୟାଙ୍କର ନିମ୍ନରେ ରହିଛି। ସାମଗ୍ରିକ ଭାବରେ ବିଗତ ୪ବର୍ଷ ବିଶ୍ୱ ତାପମାତ୍ରା ରେକର୍ଡରେ ସବୁଠୁ ଗରମ ଅନୁଭୂତ ବର୍ଷ ବୋଲି ନାସା ପକ୍ଷରୁ କୁହାଯାଇଛି। ଏ କ୍ଷେତ୍ରରେ ଦେଖିବାକୁ ଗଲେ ୨୦୧୮ ହେଉଛି ଅତି ଗରମ ଅନୁଭୂତ ବର୍ଷଗୁଡିକ ମଧ୍ୟରେ ଅନ୍ୟତମ ବୋଲି ଜିଆଇଏସ୍‌ଏସ୍ ନିର୍ଦ୍ଦେଶକ ଗାଭିନ ସ୍ମିତ୍ ପ୍ରକାଶ କରିଛନ୍ତି। ୧୮୮୦ ପରଠାରୁ ହାରାହାରି ବିଶ୍ୱ ଉଷ୍ମତା ପାଖାପାଖି ୧ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ବାୟୁମଣ୍ଡଳକୁ କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ଏବଂ ମାନବିକ କାର୍ଯ୍ୟକଳାପରୁ ସୃଷ୍ଟ ଗ୍ରୀନହାଉସ୍ ଗ୍ୟାସ ବିଶ୍ୱ ତାପମାତ୍ରା ବୃଦ୍ଧିର ପ୍ରମୁଖ କାରଣ ସାଜିଥିବା ସ୍ମିତ୍ ପ୍ରକାଶ କରିଛନ୍ତି। ଉତ୍ତରମେରୁ ଅଞ୍ଚଳରେ ବିଶ୍ୱ ଉଷ୍ମାୟନ ଧାରା ତୀବ୍ର ହୋଇଥିବା ବେଳେ ୨୦୧୮ରେ ବ୍ୟାପକ ମାତ୍ରାରେ ବରଫ ତରଳିଥିବା ନାସା ପକ୍ଷରୁ କୁହାଯାଇଛି।





ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୩ | ୧୬.୬ |
| ଚାନ୍ଦବାଲି | ୩୨.୦ | ୧୮.୧ |
| କଟକ | ୩୧.୦ | ୧୬.୦ |
| ପାରାଦ୍ୱୀପ | ୨୮.୨ | ୧୯.୦ |
| ଭୁବନେଶ୍ୱର | ୩୧.୮ | ୧୭.୬ |
| ଗୋପାଳପୁର | ୨୮.୯ | ୧୯.୧ |
| ପୁରୀ | ୨୯.୫ | ୨୦.୬ |
| ଅନୁଗୋଳ | ୩୨.୧ | ୧୫.୦ |
| ବାରିପଦା | ୩୦.୬ | ୧୭.୫ |
| ଝାରସୁଗୁଡ଼ା | ୨୮.୯ | ୧୭.୧ |
| କେନ୍ଦୁଝର | ୨୮.୬ | ୧୬.୯ |
| ସମ୍ବଲପୁର | ୩୧.୦ | ୧୭.୪ |
| ସୁନ୍ଦରଗଡ଼ | --- | ୧୩.୦ |
| ହୀରାକୁଦ | ୩୦.୧ | ୧୭.୨ |
| ତାଳଚେର | ୩୧.୫ | ୧୫.୫ |
| ଭବାନୀପାଟଣା | ୩୦.୫ | ୧୮.୦ |
| ବଲାଙ୍ଗୀର | ୩୨.୦ | ୧୮.୫ |
| କୋରାପୁଟ | ୨୯.୦ | ୧୫.୬ |
| ଫୁଲବାଣୀ | ୨୮.୦ | --- |
| ଟିଟିଲାଗଡ଼ | --- | ୧୩.୦ |
| ମାଲକାନଗିରି | ୩୨.୦ | ୧୪.୫ |
| ସୋନପୁର | ୩୦.୦ | ୧୪.୫ |
| ଦାରିଙ୍ଗିବାଡ଼ି | ୨୭.୫ | ୧୬.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ପ୍ରଧାନମନ୍ତ୍ରୀ ଦୌଡ଼ରେ ଥାଇଲାଣ୍ଡ ରାଜକୁମାରୀ

**ବ୍ୟାଙ୍କକ୍:** ଆଗାମୀ ନିର୍ବାଚନରେ ଥାଇଲାଣ୍ଡ ରାଜକୁମାରୀ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବେ। ସେ ଶିନାୱାତ୍ରା ଦଳରୁ ପ୍ରାର୍ଥୀ ହେଉଥିବା ବେଳେ ଏହାଦ୍ୱାରା ଶାସକ ଜୁଣ୍ଟା ଦଳକୁ ଶକ୍ତ ଧକ୍କା ଲାଗିଛି। ୧୯୩୨ରେ ସାମ୍ବିଧାନିକ ରାଜତନ୍ତ୍ର ପ୍ରତିଷ୍ଠା ହେବା ପରଠାରୁ ରାଜପରିବାରର କୌଣସି ସଦସ୍ୟ ପ୍ରଧାନମନ୍ତ୍ରୀ ହୋଇ ନ ଥିବା ବେଳେ ରାଜକୁମାରୀଙ୍କ ଏହି ନିଷ୍ପତ୍ତିକୁ ଦେଶର ଶାସକ ଦଳ ବିରୋଧ କରିଛି। ୬୭ବର୍ଷ ବୟସ୍କା ରାଜକୁମାରୀ ଉବୋଲରତ୍ନା ହେଉଛନ୍ତି ଥାଇଲାଣ୍ଡ ରାଜା ମହା ବାଜିରାଲଙ୍ଗ୍‌କର୍ନଙ୍କ ଭଉଣୀ। ସେ ଥାଇ ରକ୍ଷା ଚାର୍ଟ ପାର୍ଟି ତରଫରୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବେ। ଉବୋଲରତ୍ନା ଜଣେ ଉଚ୍ଚ ଶିକ୍ଷିତ ଏବଂ ଦକ୍ଷ ବ୍ୟକ୍ତିତ୍ୱ। ସେ ସର୍ବାଧିକ ପସନ୍ଦଯୋଗ୍ୟ ବ୍ୟକ୍ତି ବୋଲି ରକ୍ଷା ଚାର୍ଟ ପାର୍ଟିର ନେତା ପ୍ରିଚାପଲ୍ ପଙ୍ଗପାନିଚ୍ ପ୍ରକାଶ କରିଛନ୍ତି। ଶିନାୱାତ୍ରା ପାର୍ଟି ସହିତ ରୟାଲ ଫ୍ରଣ୍ଟେଡ ପାର୍ଟିର ମେଣ୍ଟ ଘୋଷଣା ହେବାପରେ ସାମରିକ ଦଳକୁ ପ୍ରତ୍ୟକ୍ଷ ଭାବରେ ଧକ୍କା ଲାଗିଛି। କାରଣ ଏହି ଦଳର ମୁଖ୍ୟ ପ୍ରୟୁତ ଚାନ୍-ଓ-ଚାଙ୍କୁ ଶୁକ୍ରବାର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯାଇଥିଲା। ଦୀର୍ଘ ୫ବର୍ଷ ଧରି ପ୍ରୟୁତ ଜୁଣ୍ଟା ଦଳର ନେତୃତ୍ୱ ନେଇଆସୁଛନ୍ତି। କିନ୍ତୁ ରାଜନୀତିକୁ ଉବୋଲରତ୍ନାଙ୍କ ଅଚାନକ ପ୍ରବେଶ ସାମରିକ ଶାସକଙ୍କ ଯୋଜନାକୁ ଶକ୍ତ ଧକ୍କା ପହଞ୍ଚାଇବା ସମ୍ଭାବନା ଅଛି। ଉବୋଲରତ୍ନା ଦଶବର୍ଷ ତଳେ ଜଣେ ଆମେରିକୀୟଙ୍କୁ ବିବାହ କରିବା ପରେ ସେ ରାଜ ପରିବାରର ସଦସ୍ୟ ପଦ ହରାଇଥିଲେ। କିନ୍ତୁ ଘଟଣାକ୍ରମରେ ଉକ୍ତ ଦମ୍ପତିଙ୍କ ମଧ୍ୟରେ ଛାଡପତ୍ର ଦିଆନିଆ ହୋଇଥିଲା। ଉବୋଲରତ୍ନା ପୁନଶ୍ଚ ଥାଇଲାଣ୍ଡ ଆସିବା ପରେ ତାଙ୍କୁ ବର୍ତ୍ତମାନ ରାଜ ପରିବାରର ଅନ୍ୟତମ ସଦସ୍ୟା ଭାବେ ବିବେଚନା କରାଯାଉଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଫେବୃୟାରୀ ୯/୨୦୧୯ | Bhubaneswar, Saturday, February 9/ 2019 | ପୃଷ୍ଠା-୧



## ନିଜ ପ୍ରତିମୂର୍ତ୍ତି ଅନାବରଣ କଲେ ପ୍ରିୟଙ୍କା

ନ୍ୟୁୟର୍କରେ ମାଡାମ୍ ଟୁସାଡ୍ସ ମ୍ୟୁଜିୟମ୍‌ରେ ନିଜର ମହମ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା।

୧୨

୧୬

## କ୍ରୁନାଲଙ୍କ ପ୍ରଭାବୀ ପ୍ରଦର୍ଶନ

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଭାରତୀୟ ଅଲରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।



# ଶପଥ ନେଲେ ଜଷ୍ଟିସ ପ୍ରମଥ ପଟ୍ଟନାୟକ

**ହାଇକୋର୍ଟ ବିଚାରପତିଙ୍କ ସଂଖ୍ୟା ୧୫ରେ ପହଞ୍ଚିଲା**

କଟକ ଅଫିସ, ୮।୨

ଶୁକ୍ରବାର ପୂର୍ବାହ୍ନ ୧୦ଟା ୧୫ରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଶପଥ ନେଇଛନ୍ତି ଜଷ୍ଟିସ ପ୍ରମଥ ପଟ୍ଟନାୟକ। ମୁଖ୍ୟ ବିଚାରପତି କଲ୍ଲେଶ ସତ୍ୟେନ୍ଦ୍ର ଝାବେରୀ ତାଙ୍କୁ ଶପଥ ପାଠ କରାଇଥିଲେ। ପ୍ରଥମେ ରାଜ୍ୟ ଗୃହ ସଚିବ ଅସିତ୍ କୁମାର ତ୍ରିପାଠୀ ରାଷ୍ଟ୍ରପତିଙ୍କ ☞ପୃଷ୍ଠା-୨



ଜଷ୍ଟିସ୍ ପ୍ରମଥ ପଟ୍ଟନାୟକଙ୍କୁ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଶପଥପାଠ କରାଉଛନ୍ତି।

■ ପତ୍ର ସାମ୍ନାକୁ ଆସିବା ପରେ ଜାତୀୟ ରାଜନୀତିରେ ଭୂକମ୍ପ

# ରାଫାଲ ଚୁକ୍ତିରେ ହସ୍ତକ୍ଷେପ କରିଥିଲା ପିଏମ୍‌ଓ

ନୂଆଦିଲ୍ଲୀ, ୮।୨

ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ଚୁକ୍ତି ସମ୍ପର୍କରେ ଆଲୋଚନା କରୁଥିବାବେଳେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଏଥିରେ ହସ୍ତକ୍ଷେପ କରି ଫ୍ରାନ୍ସ ପକ୍ଷଙ୍କ ସହ 'ସମାନ୍ତରାଳ ଆଲୋଚନା' ଚଳାଇଥିଲା। ଏଥିଯୋଗୁ ଆଲୋଚନାରତ ଭାରତୀୟ ଦଳର ପୋଜିଶନ (ସ୍ଥିତି) ଦୁର୍ବଳ ହୋଇଛି ବୋଲି ୨୦୧୫ ନଭେମ୍ବର ୨୪ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ନୋଟ୍‌ରେ ଅସନ୍ତୋଷ ବ୍ୟକ୍ତ କରିଥିଲା। ଏହାସହ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କ ଦୃଷ୍ଟି ଆକର୍ଷଣ କରି ପିଏମ୍‌ଓର ସମ୍ପୃକ୍ତ ଅଧିକାରୀଙ୍କୁ ସମାନ୍ତରାଳ ଆଲୋଚନାରୁ ନିବୃତ୍ତ ରହିବାକୁ ପରାମର୍ଶ ଦେବା ଲାଗି ମନ୍ତ୍ରଣାଳୟ ପକ୍ଷରୁ ଉକ୍ତ ନୋଟ୍‌ରେ ଉଲ୍ଲେଖ କରାଯାଇଥିଲା। ଏ ସମ୍ପର୍କିତ ରିପୋର୍ଟ ଶୁକ୍ରବାର ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଦେଶର ରାଜନୀତିରେ ଭୂକମ୍ପ ସୃଷ୍ଟି ହୋଇଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଉକ୍ତ ରିପୋର୍ଟ ଆଧାରରେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟପକ୍ଷରେ ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀତାରାମନ୍ ଏହାକୁ 'ମଲାଘୋଡ଼ାକୁ ପ୍ରହାର' ଭାବେ ଅଭିହିତ କରି ରିପୋର୍ଟକୁ ମିଛ ବୋଲି ଖଣ୍ଡନ କରିଛନ୍ତି।

ଫ୍ରାନ୍ସଠାରୁ ୩୬ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ୭.୮୭ ବିଲିୟନ୍ ୟୁରୋର ଚୁକ୍ତିରେ ବ୍ୟାପକ ଅନିୟମିତା ହୋଇଥିବା ☞ପୃଷ୍ଠା-୨



JS & AM (Air)

Deputy Secretary (Air-II)
November 24, 2015

THE HINDU

୨୦୧୫ ନଭେମ୍ବର ୨୪ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଲେଖାଯାଇଥିବା ଆଭ୍ୟନ୍ତରୀଣ ନୋଟ୍।

### ଗୁମର ଫିଟାଇଲା ଚିଠି

- ■ ଯୁଦ୍ଧବିମାନ କିଣିବା ପାଇଁ ଫ୍ରାନ୍ସ ସହ ଭାରତୀୟ ଟିମ୍ ଆଲୋଚନା କରୁଥିବାବେଳେ ପିଏମ୍‌ଓ ଚଳାଇଥିଲା ସମାନ୍ତରାଳ ଆଲୋଚନା
- ■ ଏଥିଯୋଗୁ ଭାରତର ପକ୍ଷ ଦୁର୍ବଳ ହୋଇଥିଲା ଓ ଫ୍ରାନ୍ସ ଫାଇଦା ନେଇଥିଲା
- ■ ୨୦୧୫ ନଭେମ୍ବର ୨୪ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ମନ୍ତ୍ରୀ ମନୋହର ପାରିକରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା
- ■ ୨୦୧୫ ଅକ୍ଟୋବର ୨୦ରେ ଫ୍ରାନ୍ସର ଆଲୋଚନାକାରୀ ଟିମ୍ ମୁଖ୍ୟଙ୍କ ଚିଠିରୁ ପିଏମ୍‌ଓର ହସ୍ତକ୍ଷେପ ନେଇ ଜଣାପଡ଼ିଥିଲା

■ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପାଇଁ ୫ କୋଟି

# କେନ୍ଦ୍ର ଆଡ଼କୁ ଗୋଟି ଖେଳିଲା ରାଜ୍ୟ

ଭୁବନେଶ୍ୱର,୮।୨(ବ୍ୟୁରୋ)

ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାବାସୀଙ୍କୁ ନିର୍ବାଚନ ପୂର୍ବରୁ ସନ୍ତୁଷ୍ଟ କରିବା ପାଇଁ ରାଜ୍ୟ ସରକାର ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ପୁଣି କେନ୍ଦ୍ର ଆଡକୁ ଗୋଟି ଚାଳନା କରିଛନ୍ତି। ପଶ୍ଚିମ କିମ୍ବା ଦକ୍ଷିଣ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ରାଜ୍ୟ ସରକାର ତତ୍ପର ହୋଇଉଠିଛନ୍ତି। କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ଓଡିଶା କୋର୍ଟଙ୍କୁ ବଲ ଫିଙ୍ଗିବା ପରେ ରାଜ୍ୟ ସରକାର କେନ୍ଦ୍ର ଉପରେ ଦାୟିତ୍ୱ ଛାଡିଛନ୍ତି। ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ରାଜ୍ୟ ସରକାର ସମସ୍ତ ଭିତ୍ତିଭୂମି ନିର୍ମାଣ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଲାଗି ଆର୍ଥିକ ସହାୟତା ଦେବାକୁ ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ବଜେଟରେ ☞ପୃଷ୍ଠା-୧୪

**ଆର୍ଥିକ ସହାୟତା ଦେବାକୁ ବିଧାନସଭାରେ ଅର୍ଥମନ୍ତ୍ରୀଙ୍କ ଘୋଷଣା**



## ଅଧାରୁ ସରିଲା ଅଧିବେଶନ

■ **ଧୋଇ ନେଲା ଚାଷୀ, ଚିଟ୍‌ଫଣ୍ଡ, ବେକାରି ସମସ୍ୟା**

ଭୁବନେଶ୍ୱର,୮।୨(ବ୍ୟୁରୋ)

ପଞ୍ଚଦଶ ବିଧାନସଭାରେ ୫ ଦିନିଆ ଶେଷ ଅଧିବେଶନ ଶୁକ୍ରବାର ଶେଷ ହୋଇଛି। ୨ଟି କାର୍ଯ୍ୟ ଦିବସ ପୂର୍ବରୁ ଅନିର୍ଦ୍ଦିଷ୍ଟ କାଳ ଲାଗି ବାଚସ୍ପତି ପ୍ରଦୀପ ଅମାତ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି। ଅଧିବେଶନ ଫେବୃୟାରୀ ୪ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖରେ ଶେଷ ହୋଇ ଥାଆନ୍ତା। ତେବେ ନିର୍ବାଚନ ପାଖେଇ ଆସୁଥିବାରୁ ବିଧାନସଭାକୁ ଆଉ ଆଗକୁ ନେବାକୁ ସରକାର ଚାହିଁ ନ ଥିଲେ। ଏହି ସ୍ୱଳ୍ପକାଳୀନ ଅଧିବେଶନରେ ୫ଟି କାର୍ଯ୍ୟ ଦିବସ ହୋଇଥିବା ବେଳେ ୧୦ ଜଣ ପରଲୋକଗତ ନେତା ଓ ଯବାନଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆସିଥିଲା। ସେହିପରି ୨୬୦ଟି ଅଣତାରକା ଓ ୩ଟି ତାରକା ପ୍ରଶ୍ନ ଉପରେ ଆଲୋଚନା ହୋଇଥିବା ବେଳେ ଗୃହରେ ୧୫ଟି ପେପର , ୧୪ଟି ବାର୍ଷିକ ରିପୋର୍ଟ, ୮ଟି କମିଟି ରିପୋର୍ଟ, ଗୋଟିଏ ବିଲ୍ ଆଗତ କରାଯାଇଥିଲା। ଏହି ଅଧିବେଶନରେ ଚାଷୀ, ଚିଟ୍‌ଫଣ୍ଡ, ନାବାଳିକା ବଳାତ୍କାର, ବେକାରି ସମସ୍ୟାକୁ ନେଇ ବିରୋଧୀ ବିଧାନସଭାକୁ ହୁଲସ୍ଥୂଲ କରିଥିଲେ। ଏହି ପ୍ରସଙ୍ଗକୁ ନେଇ ☞ପୃଷ୍ଠା-୨

ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

## ଗୋଲ୍ଡ କପ୍ ମହିଳା ଫୁଟ୍‌ବଲ ଆଜିଠାରୁ



ଯବାମଣି ଟୁଡୁ

ଭୁବନେଶ୍ୱର, ୮।୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମ ଆଉ ଏକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଭେଟି ଦେବା ପାଇଁ ପ୍ରସ୍ତୁତ। ଏଥର ଓଡ଼ିଶା ଦର୍ଶକ ଦେଖିବାକୁ ପାଇବେ ମହିଳା ଫୁଟ୍‌ବଲର ରୋମାଞ୍ଚ। ହିରୋ ଗୋଲ୍ଡ କପ୍ ଅନ୍ତର୍ଜାତୀୟ ସିନିୟର ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଶନିବାରଠାରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ଏଥିରେ ଆୟୋଜକ ଭାରତ ସମେତ ମ୍ୟାନ୍‌ମାର, ଇରାନ ଓ ନେପାଳ ଭାଗନେବେ। ୪ଟି ଯାକ ଦଳ ୨୦୨୦ ଏଏଫ୍‌ସି ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଥିବାରୁ ଟୁର୍ନାମେଣ୍ଟ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ଶନିବାର ପ୍ରଥମ ମ୍ୟାଚ୍‌ରେ ନେପାଳକୁ ମ୍ୟାନ୍‌ମାର ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ଇରାନକୁ ଭେଟିବ ଭାରତ। ଭାରତୀୟ ଦଳରେ ଓଡ଼ିଶାର ଯବାମଣି ଟୁଡୁ ସ୍ଥାନ ପାଇଛନ୍ତି।

■ ଅନଲାଇନରେ ଋଣ ଦେବେ କହି ଲୁଟୁଥିଲେ

# ୬ ଜଣଙ୍କୁ ଗିରଫ କଲା ସାଇବର୍ ଥାନା ପୋଲିସ

ବ୍ରହ୍ମପୁର ଅଫିସ୍,୮।୨

ଏକ ଫାଇନାନ୍ସ କମ୍ପାନୀ ନାମରେ ମିଥ୍ୟା ୱେବ୍ ସାଇଟ୍ ଖୋଲି ଅନଲାଇନରେ ଋଣ ଦେବା ପ୍ରଲୋଭନ ଦେଖାଇ ଲୋକଙ୍କୁ ଠକୁଥିବା ୫ ଯୁବତୀଙ୍କ ସମେତ ୬ ଜଣଙ୍କୁ ଶୁକ୍ରବାର ବ୍ରହ୍ମପୁର ସାଇବର୍ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ

ଭୁବନେଶ୍ୱର ସୁନ୍ଦରପଦା ଅଞ୍ଚଳର ଦମୟନ୍ତୀ ମାର୍ଥା, କେନ୍ଦ୍ରାପଡା ଅଞ୍ଚଳର ମଧୁସ୍ମିତା ଦାସ, ଦେବସ୍ମିତା ଦାସ, ବିଷ୍ଣୁପ୍ରିୟା ଶତପଥୀ, ପୁରୀ ଅଞ୍ଚଳର ସରୋଜିନୀ ସ୍ୱାଇଁ ଏବଂ ସମ୍ବଲପୁର ଅଞ୍ଚଳର ଆଶିଷ୍ ପୋଡ଼ । ଏହି ଘଟଣାର ମାଷ୍ଟରମାଇଣ୍ଡ ଥିଲେ ଦମୟନ୍ତୀ। ଭୁବନେଶ୍ୱରରେ ଥିବା ଏହି ମିଥ୍ୟା ସଂସ୍ଥାର କାର୍ଯ୍ୟାଳୟରେ ଗୁରୁବାର ଚଢ଼ାଉ କରାଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି ବୋଲି ଆଇଆଇସି କଳ୍ପନା କାଉଁରୀ ସୂଚନା ଦେଇଛନ୍ତି । ଠକେଇରେ ବ୍ୟବହୃତ କମ୍ପ୍ୟୁଟର୍, ଲାପଟପ୍, ପ୍ରିଣ୍ଟର୍ ଆଦି ଜବତ ହୋଇଛି। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ☞ପୃଷ୍ଠା-୧୪

**ଗିରଫଙ୍କ ମଧ୍ୟରେ ୫ ଯୁବତୀ**




# ଦୁର୍ଘଟଣା ନେଲା ୩ ଜୀବନ

ଭଦ୍ରକ ଅଫିସ/ତିହିଡ଼ି, ୮।୨(ଡି.ଏନ.ଏ.)

ଭଦ୍ରକ ଜିଲାର ପୃଥକ୍ ସ୍ଥାନରେ ଗୁରୁବାର ବିଳମ୍ବିତ ରାତିରେ ଦୁର୍ଘଟଣା ଘଟି ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ଭଦ୍ରକ-ଚାନ୍ଦବାଲି ରାସ୍ତାର ତିହିଡ଼ି ବଜାରରେ ଏକ ଟ୍ରକ୍‌କୁ ପଛପଟୁ ସ୍କର୍ପିଓ ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକଦ୍ୱୟ ହେଲେ ସ୍କର୍ପିଓ ଚାଳକ ଭଦ୍ରକ ଗେଲପୁର ଗ୍ରାମର ଦିଲୀପ ରାଉତ ଓ ଯାଜପୁର ଟାଉନ ଅଞ୍ଚଳର ସୁକାନ୍ତ କୁମାର ପୁହାଣ। ଆହତ କର୍ମଚାରୀଙ୍କ ନାମ ବିଚିତ୍ର ପାଢ଼ୀ। ସେମାନେ ଇଣ୍ଡିଆନ ଅଏଲର ସୁରକ୍ଷା କର୍ମଚାରୀ ବୋଲି ଜଣାଯାଇଛି। ସେମାନେ ଚାନ୍ଦବାଲିରୁ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ଜଣେ ଏବଂ ଭଦ୍ରକ ଡାକ୍ତରଖାନା ନିଆଯିବା ରାସ୍ତାରେ ଅନ୍ୟ ଜଣେ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ଆହତ ବିଚିତ୍ର ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ତିହିଡ଼ି ଥାନାରେ ଏକ ମାମଲା(ନଂ.୬୨/୧୯) ରୁଜୁ ହୋଇଛି।କ ସେହିପରି ଜାତୀୟ ରାଜପଥର ରାଣୀତାଲ ନିକଟରେ ୨ ଟ୍ରକ୍ ଧକ୍କାରେ ଜଣେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ବେଳେ ହେଲ୍‌ପର ଗୁରୁତର ହୋଇଛନ୍ତି। ଆଗରେ ଯାଉଥିବା ଏକ ଟ୍ରକ୍ ସହ ଦ୍ରୁତଗତିରେ ଯାଉଥିବା ଅନ୍ୟ ଏକ ଟ୍ରକ୍ ପଛପଟୁ ଧକ୍କା ହୋଇଥିଲା। ପଛ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ଆସାମ ଅଞ୍ଚଳରେ। ରିପୋର୍ଟ ଲେଖା ହେବା ସୁଦ୍ଧା ପରିବାର ଲୋକେ ପହଞ୍ଚି ନ ଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନ ଥିଲା।



ଦୁର୍ଘଟଣାଗ୍ରସ୍ତ ସ୍କର୍ପିଓ।

SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NECC NATIONAL EGG CO-ORDINATION COMMITTEE 08.02.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 78 | 129 | 139 |
| CTC | 79 | 131 | 141 |
| DKL | 78 | 129 | 139 |
| BDK | 80 | 132 | 142 |
| BLS | 81 | 133 | 143 |
| ANG | 79 | 131 | 141 |

*Conditions Apply

Eggs Retail Price- 50/-Dozen
Issued in the Interest of Consumers

### ଆଜିର ସମ୍ପାଦକୀୟ

**ମିଛ ପରିସଂଖ୍ୟାନ**

### ଆଜିର ମନ୍ତବ୍ୟ

" କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ରାଫାଲ ଅଭିଯୋଗ ତାଙ୍କ 'ମିଥ୍ୟା କାରଖାନା'ର ଆଉ ଏକ ମିଛ।

**-ପ୍ରକାଶ ଜାଭଡେକର, କେନ୍ଦ୍ରମନ୍ତ୍ରୀ**

### କିଛି ତଥ୍ୟ

ଫେବୃୟାରୀ ୪ ସୁଦ୍ଧା ଦେଶର ଥର୍ମାଲ ପ୍ଲାଣ୍ଟଗୁଡ଼ିକରେ ୨୦.୮୭୦ ନିୟୁତ ଟନ୍ କୋଇଲା ମହଜୁଦ ରହିଛି। ଏହା ଗତ ବର୍ଷ ସମାନ ସମୟରେ ୧୪.୬୮ ନିୟୁତ ଟନ୍ ଥିଲା।

**-କୋଇଲା ମନ୍ତ୍ରଣାଳୟ**



AUTHORIZED DISTRIBUTOR: CUTTACK - VISHAL ENTERPRISES - 9040601631, BHUBANESWAR - RAM JI ENTERPRISES - 0674-2463082, BEHRAMPUR - PATEL SHOE BAZAR - 9437064888, BHWANIPATNA - KWALITY TRADERS - 9040106894, BHUBANESWAR - STYLE EXCLUSIVE - 9938499290

PREFERRED RETAILERS: BHUBANESWAR: SHOE MART - 9437177070 | GOLDEN BOOTS - 9437044407 | KOLHAPURI MART - 7978616737 | GOPAL SHOES - 9437089155 | BHADRAK: SOFT WALK - 9937420078 | DHENKANAL: NEW MADHUSUDAN PATRA & SONS - 8328887187 | ANGUL: DAMINI SHOES - 9437033910 | BHAWANIPATNA: KWALITY SHOES - 9437326234 & 8637273567 | UMARKOTE: K.K. FOOTWEAR - 9437524957 | DHARAMAGARH: SHIV SHANKAR BOOT HOUSE - 9437225120

Shop online at: www.redchief.in, For b2b: www.redchiefb2b.in, FOR TRADE ENQUIRIES CONTACT 7753933497, redchiefb2b@leayan.com
Also available at : Flipkart | Myntra | amazon | AJIO | Paytm | JABONG | SHOPCLUES
Toll free no. 1800-121-0800 For more information contact: 0512-2241749, 9794352683

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................


କାହ୍ନା
ପରିବାରବର୍ଗ


ଜାଗି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




## SALE

L&T Pc 71 Komatsu show room condition, 2009 Dec. (Mo): 7978887806. D-10897

Ford Ikon 2003 NXT Diesel car with new AC Cluch pressure plate good running condition for sale. M: 8917370377. D-11015




## SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

ଭୁବନେଶ୍ୱର କଣ୍ଟାବାଡ (ପିତାପଲ୍ଲୀରୁ-କଟକ) NH 100' bypass road sideରେ ଗୃହୋପଯୋଗୀ ପଟ୍ଟା plot. 9437971401. D-64787

Flats available for sale at Pokhariput, Bhubaneswar. RERA, BDA & SBI approved. Call: 7381863666, 7381267666. D-65518

ORERA registered 1BHK, studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-65550

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପୁଟ ପଟ୍ଟାରୁ ବିକ୍ରିହେବ। 9178660666. D-65558

**Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65817

7 guntha ghara-badi converted road side land at Bhatapada, Salepur, located adjacent to (Jagatpur-Kendrapada Highway) for immediate sale. Contact: 7829553888. D-10995

Bhubaneswar AIIMS Hospital, MOBus stand ନିକଟରେ gharabari plot sale. 8480745797. D-65342

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-11034

Residential plot for sale at Patia connecting with blacktop road boundary-wall, electrification, water supply (ready for con-struction). 9556003065, 7978159231. D-65352

**Readymade Ghari (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65818

Tamando Market ପାଖରେ ଘରବାରି boundary plot ନେଇ ଘର କରନ୍ତୁ। 9438859527. D-10898

ଭୁବନେଶ୍ୱର Sum Hospital ନିକଟ କାଟେଣୀରେ yellowzone gharabari plot 550/-. 9777553622. D-64777

ନଖରା ତ୍ରିନାଥବଜାରଠାରେ SC ଘରବାରି plot 1200କୁ 3,60,000/- general plot 1200କୁ 5,40,000/- (outright) 9938177361, 7749026703. D-65353

ଭୁବନେଶ୍ୱର ଜଟଣୀଗେଟ୍ କିଛିଦୂରତାରେ 1200 sqft. 1,80,000/-, BEC କଲେଜ ଠାରେ 1200କୁ 3,00,000/- (outright). 9938177361, 7749026703. D-65354

Cuttack CDA ବିକଳ୍ପ ଭାବରେ କାଠଯୋଡି ବ୍ରିଜ୍ sideରେ ନିଜସ୍ୱ 1200 sqft. landରେ 2BHK ସୁରମ୍ୟ ନିବାସ 23.5 lakhରେ ନିଅନ୍ତୁ। 9861258816. D-10990

**21000 Sqft under construction Hostel at Kalarahanga, Total 52 rooms, 28 nos. drawing dining, G+2 building, Sufficient parking, Expected Bed 215 nos., Price- 6.5 Crore/ Negotiable Contact: 9439856856.** D-11033

Booking one lakh simplex 2BHK 1200 sqft. land 20,50,000/- BDA area Tankpaniroad Sai Temple monthly instalment 10,000/-. 7735738102. D-11016

4000 sqft. SC land (Gharabari) BDA approved sft. height boundarywall at Patia. 9437096921, 9938855111. D-64785

Newly construction Triplex at Sreevihar, Chandrasekharpur (infront of Indian Oil Headoffice). 9437096921, 9938855111. D-64784

**3BHK ready to move premium duplex at DHPL Sahoo Residen-cy near Mancheswar Railway Station. Con-tact: 9937059891, 9348253463, 8908292617.** D-11032

30 feet main road 30 feet sub road yellow zone plot near Vipul Garden & Tata Ariyan Khandagiri. 9437426733. D-10891

Book one 2BHK & 3BHK duplex at Bharatpur near Kalinga Studio Chhak. Cost 60 lakh to 85 lakh. 7978214375. D-64579

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ବିଆଯାଉଅଛି। 7008045582, 9078967488. D-11018

NH-16 ପାଖରେ 30' ରୋଡ ଥାଇ ସଙ୍ଗେ ସଙ୍ଗେ ଘରକରି ରହିପାରୁଥିବା BDA yellowzone plot Bhubaneswar ହଂସପାଳ, ପାହାଳ, ବାଲିଅନ୍ତା। 8480446340. D-11022

3 Bedroom vastu based new premium duplex (Group Housing) for immediate sale at Garage Chhack, Bhubaneswar. Contact Deepak: 9937329999. D-64578

Gharabari plot with Bank loan facility near Gohiria Chhaka 2KM. from NH-5 first boundary then Registration electricity frontage 100ft. blacktop pichu road East/ North facing under BDA approval, 1100/- sqft. Negotiable. 9937120995. D-64786




**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan- SMPL: 9439483779.** D-11035




3BHK flat Shibani Villa Badagada Canal Road. Rent. 15,000/-. 7735738098. D-11017

7BHK house for rent/ lease. Suitable for Guest House, warehouse. Address– Gour Vihar, On the way to Mata Matha. Contact: 7978356787. D-63761

Commercial Office space available at Esplanade Mall Rasulgarh, Bhubaneswar. 7978426155. D-65474

2BHK fully furnished 1st floor at Satabdinagar Bhubaneswar for rent contact: 9438658196. D-63209

Single room with attached toilet at IRC Village for Ladies accommodation only: 9937560970. D-64580

2 room house marble flooring toilet kitchen opposit Hotel Presidency Nayapalli. 9437305947. D-65358

2BHK/ 3BHK independent house with parking Santha Vihar, Lingipur, BBSR. 8114351359. D-61043

## ACCOMMODATION

ରାଜଧାନୀର ଫରେଷ୍ଟପାର୍କ ସତ୍ୟନଗର ୟୁନିଟ-୮ ସିରିପୁର, ୟୁନିଟ୍-୬ କଳ୍ପନାରେ ତଳମହଲା ଘର ଆବଶ୍ୟକ। 7750899392. D-65819




Fully refreshed/ relaxed body massage by expert therapist, Shastri Nagar. 7377984773. D-65542

Rejuvenate and Ayurvedic full body massage by smart therapist. 9114402304. D-6543

Experience full body massage with us by experts. Enquiry. 0674 2597822, 7377048581. D-65559

Herbal full body massage with refreshment by well trained therapist. 7381239385, 06742540855. D-65560

Ayurvedic full body massage ladies/ gents smart experts therapist. 9114697517. D-65816

Improving your health, skin care through expert therapist, excellent offer. 9668374480. D-65562

Newly opening ayurvedic body massage smart therapist, Shree herbal. 7750020754. D-65563

Herbal full body massage by smart/ expert therapist. Contact: 8338067247. D-65564

Welcome to Seva care sensational massage by expert therapist- 9937062638. D-65471

New opening ayurvedic full body massage. 7077444583. D-10885

## AFFIDAVIT

I Bijaya Kumar Naik, S/o- Late Gopinath Naik, Residing- Suryavihar Gadamohavir, BBSR-2 have changed my name from Bijaya Kumar Naik to Bijaya Kumar Nayak affidavit no.- 22, Dt-07.02.19 before Executive Magistrate BBSR. Hence I shall be known and called as Bijaya Kumar Nayak. D-11021

## Happy Birthday



(କାହ୍ନା)

**ମଣ୍ଟି ମିଲନ ବିଶ୍ୱାଳ**
ବମିଖାଲ, ଭୁବନେଶ୍ୱର
ଆଜିର ଏହି ଶୁଭ ଜନ୍ମଦିନ ଅବସରରେ ମା' ଦୁର୍ଗା ତୋତେ ସାହସ, ଶକ୍ତି ପ୍ରଦାନ କରି ତୋର ଭବିଷ୍ୟତ ଉଜ୍ଜ୍ୱଳ କରିବା ପାଇଁ ପ୍ରାର୍ଥନା କରୁଅଛୁ। ଶୁଭାଶୀର୍ବାଦ ସହ: ଜେଜେ- ଅଦ୍ୱୈତ, ଜେଜି- ଗୋମତୀ, ବାପା- ରଞ୍ଜନ, ବୋଉ- ବୈଜୟନ୍ତୀ, ବାଙ୍ଗଲୋ ବାପା- ପ୍ରସନ୍ନ, ଓକିଲ ବାପା- ରାକେଶ, ଦିଦି- ନେହା, କୁନ୍ନୁ, ରିଙ୍କି। ଧ-୬୫୪୭୩

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପ୍ରଥମ ପୃଷ୍ଠାରୁ...

### ଶପଥ ନେଲେ ଜଷ୍ଟିସ ...

ଅନୁମୋଦନ କ୍ରମେ ଆସିଥିବା ୱାରଣ୍ଟକୁ ପାଠ କରିବା ପରେ ଜଷ୍ଟିସ ପଟ୍ଟନାୟକ ଶପଥ ନେଇଥିଲେ। ଜଷ୍ଟିସ ପଟ୍ଟନାୟକ ଶପଥ ନେବା ପରେ ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୫ରେ ପହଞ୍ଚିଛି। ଏହି ଅବସରରେ ହାଇକୋର୍ଟ ପରିସରରେ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ହାଇକୋର୍ଟର ସମସ୍ତ ବିଚାରପତି, ବହୁ ଅବସରପ୍ରାପ୍ତ ବିଚାରପତିଙ୍କ ସମେତ ବିଭିନ୍ନ କମିଶନ ଅଧ୍ୟକ୍ଷମାନେ ଯୋଗଦେଇଥିଲେ। ମହାଧିବକ୍ତା ସୂର୍ଯ୍ୟପ୍ରସାଦ ମିଶ୍ର, ରାଜ୍ୟ ବାର୍ କାଉନସିଲ ଅଧ୍ୟକ୍ଷ ଟହଲି ଚରଣ ମହାନ୍ତି, ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଶ୍ରୀକାନ୍ତ ନାୟକ ଓ ସମ୍ପାଦକ ସତ୍ୟବ୍ରତ ମହାନ୍ତିଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ରହି ଜଷ୍ଟିସ ପଟ୍ଟନାୟକଙ୍କୁ ସ୍ୱାଗତ କରିଥିଲେ। ପୂର୍ବରୁ ଜଷ୍ଟିସ ପଟ୍ଟନାୟକ ହାଇକୋର୍ଟରେ ଅତିରିକ୍ତ ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ପରେ ସେ ଝାଡ଼ଖଣ୍ଡ ହାଇକୋର୍ଟକୁ ବଦଳି ହୋଇଥିଲେ। ସେଠାରୁ ତାଙ୍କୁ ପୁଣି ଓଡ଼ିଶା ହାଇକୋର୍ଟକୁ ବଦଳି କରାଯାଇଛି।

### ଅଧାରୁ ସରିଲା...

୩ ଦିନ ଗୃହ ଅଚଳ ହୋଇଥିଲା। ଶେଷ ଦିବସରେ ହଟ୍ଟଗୋଳ ହୋଇଥିଲେ ମଧ୍ୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ବ୍ୟୟ ମଞ୍ଜୁରୀ ବିଲ୍ ଉପରେ ଆଲୋଚନା ଚଳିତ ଅଧିବେଶନରେ ୨୦୧୯-୨୦ ପାଇଁ ରାଜ୍ୟ ସରକାର ୪ ମାସିଆ ୫୬ ହଜାର କୋଟି ଟଙ୍କାର ଲେଖାନୁଦାନକୁ ଅନୁମୋଦନ କରିଛନ୍ତି। ପ୍ରବଳ ହଟ୍ଟଗୋଳ ଯୋଗୁ ଗୃହରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇ ପାରି ନ ଥିଲା।

### ରାଫାଲ ଚୁକ୍ତିରେ ହସ୍ତକ୍ଷେପ...

ଅଭିଯୋଗ ଆଣି କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏନ୍‌ଡିଏକୁ ଟାର୍ଗେଟ କରୁଥିବାବେଳେ ସମସ୍ତଙ୍କୁ ଚକିତ କରିଦେବା ଭଳି ଏକ ଖବର ସାମ୍ନାକୁ ଆସିଛି। ପ୍ରକାଶିତ ରିପୋର୍ଟ ଅନୁସାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ହସ୍ତକ୍ଷେପ ଯୋଗୁ ରାଫାଲ ଚୁକ୍ତିକୁ ନେଇ ଭାରତର ପକ୍ଷ ଦୁର୍ବଳ ହୋଇଥିଲା, ଯାହାର ଫାଇଦା ଫ୍ରାନ୍ସ ନେଇଥିଲା। ଦୁଇଦେଶ ମଧ୍ୟରେ ଡିଲ୍ ଚାଲିଥିବାବେଳେ ପିଏମ୍‌ଓ ସମାନ୍ତରାଳ ଭାବେ ଆଲୋଚନା ଚଳାଇଥିଲା। ଏଥିଯୋଗୁ ଆଲୋଚନାରତ ଭାରତୀୟ ଟିମ୍‌ର ପକ୍ଷ ଦୁର୍ବଳ ହୋଇଥିଲା। ୨୦୧୫ ନଭେମ୍ବର ୨୪ରେ ଏ ସମ୍ପର୍କରେ ସେତେବେଳର ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଆମେ ପିଏମ୍‌ଓକୁ ପରାମର୍ଶ ଦେଇପାରିବା ଯେ, କୌଣସି ଅଧିକାରୀ ଆଲୋଚନା କରୁଥିବା ଭାରତୀୟ ଟିମ୍‌ର ଅଂଶବିଶେଷ ନୁହନ୍ତି। ତେଣୁ ଫ୍ରାନ୍ସ ସରକାରଙ୍କ ଅଧିକାରୀମାନଙ୍କ ସହ ସମାନ୍ତରାଳ ଆଲୋଚନାରୁ ତାଙ୍କୁ କ୍ଷାନ୍ତ ରହିବାକୁ ତାଙ୍କୁ କୁହାଯାଉ। ଯଦି ପିଏମ୍‌ଓ ପ୍ରତିରକ୍ଷା ମନ୍ତ୍ରଣାଳୟର ଆଲୋଚନାର ନିଷ୍କର୍ଷକୁ ନେଇ ଭରସା କରୁନାହିଁ, ତେବେ ଏହି କ୍ଷେତ୍ରରେ ପିଏମ୍‌ଓ ନେତୃତ୍ୱରେ ଉପଯୁକ୍ତ ସ୍ତରରେ ଏକ ନୂଆ ପ୍ରକ୍ରିୟା ଆପଣାଯାଇପାରେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ଉକ୍ତ ନୋଟ୍‌ରେ ଉଲ୍ଲେଖ କରିଥିଲା। ପ୍ରତିରକ୍ଷା ମନ୍ତ୍ରୀ ଦୟାକରି ଏହା ଉପରେ ଧ୍ୟାନ ଦିଅନ୍ତୁ ବୋଲି ତତ୍କାଳୀନ ପ୍ରତିରକ୍ଷା ସଚିବ ଜି. ମୋହନ କୁମାର ଏଥିରେ ଲେଖିଥିଲେ।

ମୂଳ ଚୁକ୍ତି ସହ ଅଳ୍ପ ସାମଞ୍ଜସ୍ୟ ଥିବା ନୂଆ ରାଫାଲ ଡିଲ୍ ବିଳମ୍ବିତ ହୋଇଥିଲା। ୨୦୧୫ ଏପ୍ରିଲ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫ୍ରାନ୍ସ ରାଜଧାନୀ ପ୍ୟାରିସ୍ ଗସ୍ତବେଳେ ଚୁକ୍ତି ସମ୍ପର୍କରେ ଘୋଷଣା କରିଥିଲେ। ୨୦୧୬ ସାଧାରଣତନ୍ତ୍ର ଦିବସରେ ଫ୍ରାନ୍ସ ରାଷ୍ଟ୍ରପତି ଫ୍ରାସୁଆଁ ଓଲାନ୍ଦ ଭାରତ ଆସିଥିବାବେଳେ ନୂଆଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବୁଝାମଣାପତ୍ର (ଏମ୍‌ଓୟୁ)ରେ ସ୍ୱାକ୍ଷର କରିଥିଲେ। ଡାସଲ୍ଟ ଆଭିଏଶନ୍‌ଠାରୁ ୩୬ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ଆନ୍ତଃ ସରକାରୀ ଚୁକ୍ତି ୨୦୧୬ ସେପ୍ଟେମ୍ବର ୨୩ରେ ସ୍ୱାକ୍ଷରିତ ହୋଇଥିଲା। ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁସାରେ ପିଏମ୍‌ଓ ପକ୍ଷରୁ ସମାନ୍ତରାଳ ଆଲୋଚନା ନେଇ ୨୦୧୫ ଅକ୍ଟୋବର ୨୩ରେ ଫ୍ରାନ୍ସର ଆଲୋଚନାକାରୀ ଟିମ୍ ମୁଖ୍ୟ ଜେନେରାଲ ଷ୍ଟିଫେନ୍ ରେବ୍‌ଙ୍କଠାରୁ ସୂଚନା ମିଳିଥିଲା। ପିଏମ୍‌ଓର ଯୁଗ୍ମ ସଚିବ ଜାୱେଦ୍ ଅଶ୍ରଫ୍ ଏବଂ ଫ୍ରାନ୍ସ ପ୍ରତିରକ୍ଷା ମନ୍ତ୍ରଣାଳୟର ପରାମର୍ଶଦାତା ଲୁଇସ୍ ଭାସିଙ୍କ ମଧ୍ୟରେ ୨୦୧୫ ଅକ୍ଟୋବର ୨୦ରେ ଚୁକ୍ତି ନେଇ ହୋଇଥିବା ଟେଲିଫୋନ ବାର୍ତ୍ତାଳାପ ସମ୍ପର୍କରେ ଷ୍ଟିଫେନ୍ ଭାରତର ପ୍ରତିରକ୍ଷା ମନ୍ତ୍ରଣାଳୟକୁ ପଠାଇଥିବା ଏକ ପତ୍ରରେ ଉଲ୍ଲେଖ କରିଥିଲେ। ଷ୍ଟିଫେନ୍‌ଙ୍କ ପତ୍ର ନେଇ ପ୍ରତିରକ୍ଷା ମନ୍ତ୍ରଣାଳୟ ପିଏମ୍‌ଓର ଦୃଷ୍ଟି ଆକର୍ଷଣ କରିଥିଲା। ଲୁଇସ୍‌ଙ୍କ ସହ ଆଲୋଚନା କରିଥିବା ନେଇ ଅଶ୍ରଫ୍ ୨୦୧୫ ନଭେମ୍ବର ୧୧ରେ ସ୍ୱୀକାର କରିଥିଲେ। ଫ୍ରାନ୍ସ ରାଷ୍ଟ୍ରପତି ଅଫିସର ପରାମର୍ଶକ୍ରମେ ଲୁଇସ୍ ତାଙ୍କୁ ଫୋନ୍ କରିଥିଲେ ବୋଲି ଅଶ୍ରଫ୍ ଆଲୋଚନାରତ ଭାରତୀୟ ଟିମ୍ ମୁଖ୍ୟ ଏୟାର ମାର୍ଶାଲ ଏସ୍.ବି.ପି. ସିହ୍ନାଙ୍କୁ ପଠାଇଥିବା ପତ୍ରରେ ଉଲ୍ଲେଖ କରିଥିଲେ। ପ୍ରକାଶ ଯେ, ବାୟୁସେନା ଉପମୁଖ୍ୟଙ୍କ ନେତୃତ୍ୱରେ ଏକ ୭ ଜଣିଆ ଟିମ୍ ରାଫାଲ ଡିଲ୍‌କୁ ନେଇ ଆଲୋଚନା ଚାଲିଥିଲା। ଏଥିରେ ପିଏମ୍‌ଓର କିଛି ଭୂମିକା ନ ଥିଲା ବୋଲି ୨୦୧୮ ଅକ୍ଟୋବରରେ ସୁପ୍ରିମକୋର୍ଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦାଖଲ ଜବାବରେ କୁହାଯାଇଥିଲା।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ବସନ୍ତ କୁମାର କର**
ଆବିର୍ଭାବ: ୧୪।୦୪।୧୯୬୧
ପଣା ସଂକ୍ରାନ୍ତି
ତିରୋଧାନ: ୨୧।୦୧।୨୦୧୮
ମାଘ, ଶୁକ୍ଳପକ୍ଷ ଚତୁର୍ଥୀ
ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଭକ୍ତିପୂତ ନିବେଦନ ଜଣାଇବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆପଣଙ୍କ ପରି ସରଳ, ନିଷ୍ପାପର ଏବଂ ପରୋପକାରୀ ମହାତ୍ମାଙ୍କ ଆଶୀର୍ବାଦରେ ଆମର ଚଲାପଥ କୁସୁମିତ ହେଉ। ଶୋକସନ୍ତପ୍ତ: ପତ୍ନୀ, ପୁତ୍ର ଓ ବନ୍ଧୁବାନ୍ଧବବର୍ଗ। ଧ-୧୦୯୯୧

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ଶ୍ରୀ ଲିଙ୍ଗରାଜ ଶତପଥି**
ଲକ୍ଷ୍ମୀନାରାୟଣପୁର, ପିପିଲି, ପୁରୀ
ଆବିର୍ଭାବ: ୦୨।୧୧।୧୯୨୭
ତିରୋଧାନ: ୨୯।୦୧।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଆପଣଙ୍କ ଶୋକସନ୍ତପ୍ତ: ପୁତ୍ର, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ। ଧ-୬୫୮୨୦

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତ ବସନ୍ତ କୁମାର କର**
**ତିରୋଧାନ: ତା୨୧।୦୧।୨୦୧୮**
**ଶୁକ୍ଳପକ୍ଷ ଚତୁର୍ଥୀ**
**ଗ୍ରା: କୋରାବନ୍ଧି,**
**ଜିଲ୍ଲା: ଯାଜପୁର, ରଗଡ଼ି**
ଅମର ଆତ୍ମାର ସଦ୍‌ଗତି ପାଇଁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:**
**ଭଉଣୀ ମିନା, ଟୁନା, ବୁଢ଼ୀ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚନ୍ଦ୍ରଙ୍କ ପ୍ରତି ଭାଗ୍ୟାଧିପତିଙ୍କ ଶୁଭଦୃଷ୍ଟି ମାଙ୍ଗଳିକ କାମ ସକାଶେ ନିଯୁକ୍ତ କରାଇବ। ଚତୁର୍ଥାଧିପତି ଚନ୍ଦ୍ର ନିଜ ଭାବରୁ ନବମସ୍ଥ ହେତୁ ପାରିବାରିକ କ୍ଷେତ୍ରରେ ବନ୍ଧୁମିଳନର ସୂଚନା ରହିଛି। ମାନସିକ ଅସ୍ଥିରତା ଲାଗି ରହିଲେ ମଧ୍ୟ ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିବ ଏବଂ କୌଣସି କାମ ଅଟକି ରହିବ ନାହିଁ। ଆଲୋଚନା ପରିସରରେ ନିଜର ସୀମା ଭିତରେ ରହିବା ଭଲ।

**ବୃଷ** ରାଶ୍ୟାଧିପ ଚନ୍ଦ୍ରଙ୍କ କେନ୍ଦ୍ରବର୍ତ୍ତୀ ହେତୁ ମାଙ୍ଗଳିକ କାମରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ବ୍ୟସ୍ତତା ଅନୁଭବ କରିବେ। କଳା ସାହିତ୍ୟ ଓ ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସୁଫଳ ପାଇବେ। ଭଲ ସମ୍ପର୍କ ରହିଥିବା ପଡୋଶୀଙ୍କ ସହାୟତାରେ କାର୍ଯ୍ୟ ହାସଲ କରି ଉପକୃତ ହୋଇପାରନ୍ତି।

**ମିଥୁନ** ଧନାଧିପତି କର୍ମଭାବରେ ପ୍ରବଳ ଧନଯୋଗ ସୃଷ୍ଟି କରୁଥିବାରୁ ଆଶା କରୁଥିବା ବ୍ୟକ୍ତିବିଶେଷଙ୍କ ନିକଟରୁ ଯଥା ସମୟରେ ଅର୍ଥଲାଭ ହେବ। କିନ୍ତୁ ବୁଧଙ୍କ ସ୍ଥିତି ଆପଣଙ୍କୁ ବିଭିନ୍ନ ପ୍ରକାର ସଂଘର୍ଷମୟସ୍ଥିତି ଉତ୍ପନ୍ନ କରିବାର ଆଶଙ୍କା ମଧ୍ୟ ରହିଛି। ଅତୀତ ଘଟଣାକୁ କେନ୍ଦ୍ରକରି ନିଜ ଲୋକମାନେ ଦୂରେଇ ରହୁଥିବାର ଅନୁଭବ କରିପାରନ୍ତି।

**କର୍କଟ** ମଙ୍ଗଳ ଓ ଚନ୍ଦ୍ର ସ୍ଥିତି ଆପଣଙ୍କ କାର୍ଯ୍ୟସିଦ୍ଧିର ସୂଚକ ହେତୁ ଚିନ୍ତା ନ କରି କାମ କରିଚାଲନ୍ତୁ କୌଣସି ଅସୁବିଧା ହେବନାହିଁ। ଯାହା ପାଇବା ସକାଶେ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ନିର୍ମାଣ, ଯୋଗାଯୋଗ, ପ୍ରେସ୍, ପବ୍ଲିକେଶନ, ଆଲୋଚନା ଓ ସଭାସମିତିରେ କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ।

**ସିଂହ** ଆଜି ନିଷ୍ପତ୍ତି ନେବା ପୂର୍ବରୁ ପରିବାରରେ ବୟସ୍କଙ୍କ ଏବଂ କର୍ମକ୍ଷେତ୍ରରେ ସହକର୍ମୀମାନଙ୍କର ମତକୁ ମଧ୍ୟ ବିଚାରକୁ ନ ନେଲେ ପରିସ୍ଥିତି ବଦଳିଯାଇପାରେ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ଯାତ୍ରା, କଚେରି ମାମଲା ସମ୍ପର୍କୀୟ କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ। ଉତ୍ତରାଫାଲଗୁନୀ ନକ୍ଷତ୍ରର ସୁଯୋଗ ହାତଛଡ଼ା ହୋଇପାରେ।

**କନ୍ୟା** ଆଜିର ଗ୍ରହସ୍ଥିତି ଆପଣଙ୍କ ପାଇଁ ବିଶେଷଭାବରେ ପ୍ରତିକୂଳ ରହିବ ନାହିଁ। ପ୍ରାଥମିକ ସ୍ତରରେ ସମସ୍ୟା ଦେଖାଗଲେ ମଧ୍ୟ ପର ମୁହୂର୍ତ୍ତରେ ସବୁ ଠିକ୍ ହୋଇଯିବ। ସଭାସମିତିରେ ଅନ୍ୟମନସ୍କ ରହି ନୀରବତା ଅବଲମ୍ବନ କରିବା ଦ୍ୱାରା ଅନ୍ୟମାନେ ବିଭିନ୍ନ ପ୍ରକାର ଟୀକାଟିପ୍ପଣୀ ଦେଇପାରନ୍ତି। ବନ୍ଧୁ ସହାୟତାରେ ଅର୍ଥ ପାଇବାରେ ସକ୍ଷମ ହେବେ।

**ତୁଳା** ରାଶିପ୍ରତି ଷଷ୍ଠସ୍ଥ ଚନ୍ଦ୍ର ପ୍ରଭାବରେ ଆଜିର ଶୁଭକର୍ମ ପ୍ରୀତିପ୍ରଦ ରହିବ। ଏବଂ ମଙ୍ଗଳଙ୍କ ସ୍ଥିତି ଓ ଦୃଷ୍ଟି ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଉନ୍ନତି କରାଇ ଅର୍ଥନୈତିକ ଅଭିବୃଦ୍ଧି ଘଟାଇବ। କୌଣସି ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ। କଳା, ସାହିତ୍ୟ, ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବେ।

**ବିଛା** ଆଜିର ଦିନଚର୍ଯ୍ୟା ମଧ୍ୟରେ କେତେକ ବ୍ୟକ୍ତି ମଧ୍ୟ ନିଜର ଭଳି ଅଭିନୟ କରି ପଛରେ ବିଭିନ୍ନ ପ୍ରକାରର କଥା କହିବାର ଲକ୍ଷ୍ୟ କରିପାରନ୍ତି। ପରିବାରରେ ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସମସ୍ୟାର ସରଳ ସମାଧାନ ହୋଇପାରିବ। ପ୍ରକାଶନ, ପ୍ରଶାସନ, ଚୁକ୍ତିପତ୍ର, କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର ଆଶା ରହିଛି।

**ଧନୁ** ଯେତେ ପ୍ରକାର ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସାମ୍ନା କରିବାରେ ସଫଳତା ପାଇବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରକାଶନ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସାୟାହ୍ନେ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ଆଶା ମଧ୍ୟ ପୂରଣ ହୋଇଯିବ।

**ମକର** ଅର୍ଥ ସାହାଯ୍ୟ ପାଇବା ଆଶାରେ ବନ୍ଧୁଙ୍କୁ ବିଭିନ୍ନ ପ୍ରକାର କଥା କହି କାମ ହାସଲ କରିବେ। ସରକାରୀସ୍ତରରୁ ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ଖୁସି ହେବେ। ଶିଳ୍ପ, ପରିବହନ ଓ ବାଣିଜ୍ୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡିବା ସକାଶେ ଚେଷ୍ଟା କରି ଉପକୃତ ହୋଇପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ଅଧସ୍ଥନ କର୍ମଚାରୀ ମାନଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଆପଣଙ୍କୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡିପାରେ। ଆଜି ଦିନଟିରେ ବ୍ୟବସାୟିକ ସଫଳତା ମିଳିବ। ନିକଟ ସମ୍ପର୍କୀୟ ମାନଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ। ଜଣେ ପାରିବାରିକ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଶେଷମୁହୂର୍ତ୍ତରେ ନାସ୍ତିବାଣୀ ଶୁଣାଇ ପାରନ୍ତି।

**ମୀନ** ରାଶିରେ ଚନ୍ଦ୍ର ହେତୁ ବିଭିନ୍ନ କ୍ଷେତ୍ରରେ ଅନୁପ୍ରବେଶ ଆପଣଙ୍କୁ ଅସ୍ଥିରତା ମଧ୍ୟରେ ରଖିପାରେ। ପାରିବାରିକ, ସାମାଜିକ ଓ ଆନୁଷ୍ଠାନିକ କ୍ଷେତ୍ର ସାମାନ୍ୟ ବ୍ୟତିକ୍ରମ ଦେଖାଦେବାର ସୂଚନା ରହିଛି। ବନ୍ଧୁଙ୍କ ଖାପଛଡା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିବେ। କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ମାଘମାସ ଶୁକ୍ଳପକ୍ଷର ବରଦା ଚତୁର୍ଥୀ ଶନିବାର, ଦିବା ଘ୧୨।୧୬ମି. ଗତେ ୫ମୀ, ଫେବୃୟାରୀ ୯ ତାରିଖ, ରାଶି ନକ୍ଷତ୍ର- ଉତ୍ତରଭାଦ୍ରପଦ୍/ମୀନ, ଧନୁ ରାଶିର ଘାତଚନ୍ଦ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଅଦ୍ୟ ରାତ୍ରୌ ବିବାହ ପାଣିଗ୍ରହଣ, ଗୃହ ପ୍ରବେଶ, ଜଳାଶୟ ପ୍ରତିଷ୍ଠା ପାଇଁ ଶୁଭଦିନ। ଦିବା ଘ୧୨।୦୦ମି. ଗତେ ଘ୧।୫୩ମି. ମଧ୍ୟେ, ଘ୪।୦୯ମି. ଗତେ ଘ୫।୪୩ମି. ମଧ୍ୟେ ଅମୃତ ବେଳା। ସକାଳ ଘ୭।୫୩ମି. ଗତେ ଘ୯।୧୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୯।୧୨ମି. ଗତେ ଘ୧୦।୩୬ମି. ମଧ୍ୟେ ରାହୁକାଳ।

# ହେଲିନା କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା

ବାଲେଶ୍ୱର ଅଫିସ୍,୮।୨

ବାଲେଶ୍ୱର ଜିଲାର ଚାନ୍ଦିପୁର ପରୀକ୍ଷଣ ଘାଟିରୁ ଶୁକ୍ରବାର ଅତ୍ୟାଧୁନିକ ଟ୍ୟାଙ୍କ ବିଧ୍ୱଂସୀ କ୍ଷେପଣାସ୍ତ୍ର 'ହେଲିନା'ର ସଫଳ ପରୀକ୍ଷା କରାଯାଇଛି। ହେଲିନା ହେଉଛି 'ନାଗ' କ୍ଷେପଣାସ୍ତ୍ରର ହେଲିକପ୍ଟରରୁ ଲଞ୍ଚ ହୋଇପାରୁଥିବା ସଂସ୍କରଣ। ଏହାର ଲକ୍ଷ୍ୟଭେଦ କ୍ଷମତା ୭ରୁ ୮ କିଲୋମିଟର। ମଧ୍ୟାହ୍ନ ୧୨ଟା ୫୫ ମିନିଟ ସମୟରେ ଉକ୍ତ କ୍ଷେପଣାସ୍ତ୍ରକୁ ସେନା ହେଲିକପ୍ଟରରୁ ଉତ୍କ୍ଷେପଣ କରାଯାଇଥିଲା, ଯାହା ଧାର୍ଯ୍ୟ ଲକ୍ଷ୍ୟକୁ ସଫଳତାର ସହ ଟାର୍ଗେଟ କରିଥିଲା। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଦ୍ୱାରା ପ୍ରସ୍ତୁତ ଏହି କ୍ଷେପଣାସ୍ତ୍ର ବିଶ୍ୱର ଅନ୍ୟତମ ସବୁଠୁ ଅତ୍ୟାଧୁନିକ ଟ୍ୟାଙ୍କ ବିଧ୍ୱଂସୀ ଅସ୍ତ୍ର। ଏହା ଦେଶର ପ୍ରତିରକ୍ଷା ସାମର୍ଥ୍ୟ ବୃଦ୍ଧିରେ ସହାୟକ ହେବ। ୨୦୧୫ ଜୁଲାଇ ୧୩ରେ ରାଜସ୍ଥାନର ଜୟସାଲମେରରେ ଏବଂ ଗତବର୍ଷ ଅଗଷ୍ଟ ୧୯ରେ ପୋଖରାନରେ ରୁଦ୍ର ହେଲିକପ୍ଟରରୁ ହେଲିନାର ପରୀକ୍ଷା କରାଯାଇଥିଲା।

# ବୈଜୟନ୍ତଙ୍କ ବାହାମାସ କାରବାର ଉପରେ ଆୟକର ନଜର

ନୂଆଦିଲ୍ଲୀ, ୮।୨

- ଫିନ୍‌ଲେ, ମେସିନା,ପିକିକା ନାମକ ତିନୋଟି କମ୍ପାନୀ ଖୋଲାଯାଇଥିଲା
- ଏହି ୩ କମ୍ପାନୀ ମାଧ୍ୟମରେ ୧୭.୭୨ କୋଟିର କଳାଧନକୁ ଶେୟାର ମାଧ୍ୟମରେ ଧଳା କରାଯାଇଥିଲା
- ଆୟକର ବିଭାଗ ନିକଟରେ ଅଭିଯୋଗ

ପୂର୍ବତନ ବିଜେଡି ସାଂସଦ ବୈଜୟନ୍ତ ପଣ୍ଡା, ତାଙ୍କ ପତ୍ନୀ ଜଗି ମଙ୍ଗତ ପଣ୍ଡା ଏବଂ ସେମାନଙ୍କ ବ୍ୟବସାୟିକ ଘନିଷ୍ଠ ସହଯୋଗୀ ମଞ୍ଜୁଳା ଦେବୀ ଶ୍ରଫ୍ ଏବେ ଆୟକର ବିଭାଗର ନଜରକୁ ଆସିଛନ୍ତି। ବାହାମାସ୍‌ରେ ୩ଟି ଜାଲ୍ କମ୍ପାନୀ ଖୋଲି ସେମାନେ ୧୭.୭୨ କୋଟି ଟଙ୍କାର କଳାଧନ କାରବାର କରିଥିଲେ ବୋଲି ଚଳିତ ବର୍ଷ ଜାନୁୟାରୀରେ ଆୟକର ବିଭାଗ ନିକଟରେ ଅଭିଯୋଗ କରାଯାଇଛି। ପ୍ରିଭେନ୍ସନ ଅଫ୍ ମନି ଲଣ୍ଡରିଂ ଆକ୍ଟ, ବ୍ଲାକ୍ ମନି ଆକ୍ଟ ଏବଂ ଆୟକର ଆକ୍ଟ ଅଧୀନରେ ସେମାନଙ୍କ ବିରୋଧରେ ମାମଲା ରୁଜୁ ହୋଇପାରେ ବୋଲି ଆଲୋଚନା ହେଉଛି। ଜାତୀୟ ଗଣମାଧ୍ୟମରେ ଏହି ଖବରଟି ପ୍ରକାଶ ପାଇବା ପରେ ହଇଚଇ ସୃଷ୍ଟି ହୋଇଛି।

ଅଭିଯୋଗରୁ ଜଣାପଡିଛି ଯେ, ଟ୍ୟାକ୍ସ ହେଭେନ କୁହାଯାଉଥିବା ବାହାମାସରେ ପଣ୍ଡା ଦମ୍ପତି ଜୁନ୍ ୧୯୯୩ରେ ଫିନ୍‌ଲେ କର୍ପୋରେଶନ ଲିମିଟେଡ, ଜାନୁୟାରୀ ୧୯୯୫ରେ ମେସିନା କର୍ପୋରେଶନ ଲିମିଟେଡ ଏବଂ ମାର୍ଚ୍ଚ ୨୦୦୩ରେ ପିକିକା ଲିମିଟେଡ ନାମକ ୩ଟି କମ୍ପାନୀକୁ ନାସାଉ, ବାହାମାସ ଠିକଣାରେ ଖୋଲିଥିଲେ। ସେଠାକାର ରେଜିଷ୍ଟ୍ରାର ଅଫ୍ କମ୍ପାନୀଜରୁ ଏହା ଜଣାପଡିଛି। ସେମାନେ ଏହି ୩ଟି କମ୍ପାନୀକୁ କଳାଧନ ଧଳା କରିବାରେ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ରେକର୍ଡ ଅନୁଯାୟୀ, ଦିଲ୍ଲୀରେ ବସବାସ କରୁଥିବା ବୈଜୟନ୍ତଙ୍କ ପରିବାରର ଘନିଷ୍ଠ ମଞ୍ଜୁଳା ଦେବୀ ଶ୍ରଫ୍ ୧୯୯୪ ଜୁଲାଇରୁ ଫିନ୍‌ଲେ, ଜାନୁୟାରୀ ୧୯୯୫ରୁ ମେସିନାର ପାୱାର ଅଫ୍ ଆର୍ଟର୍ନି ରହିଥିଲେ। ଓଡ଼ିଶାର ପ୍ରତିଷ୍ଠିତ ରାଜବଂଶର ଦାୟାଦ କୁହାଯାଉଥିବା ମଞ୍ଜୁଳା ଦେବୀ ଗୁଜରାଟରେ କାଲୋରେକ୍ସ ଗ୍ରୁପ୍ ଅଧୀନରେ ଚଳାଯାଉଥିବା ସ୍କୁଲଗୁଡ଼ିକର ସିଇଓ ଭାବେ କାର୍ଯ୍ୟ କରୁଛନ୍ତି। ସେ ଜଗି ମଙ୍ଗତ ପଣ୍ଡାଙ୍କ ସହ କିଷନଗଡ ଏନଭାଇରନମେଣ୍ଟାଲ ଡେଭଲପ୍‌ମେଣ୍ଟ ଆକ୍ସନ ପ୍ରାଇଭେଟ ଲିମିଟେଡ ଓ ଓଡ଼ିଶା ଟେଲିଭିଜନ ପ୍ରାଇଭେଟ ଲିମିଟେଡରେ ଡାଇରେକ୍ଟର ରହିଛନ୍ତି। ଏଥିସହ ସେ ବୈଜୟନ୍ତ ପଣ୍ଡା, ଜଗି ମଙ୍ଗତ ପଣ୍ଡାଙ୍କ ସହ ମିଶି ୧୯୯୮ରୁ ୨୦୦୩ ପର୍ଯ୍ୟନ୍ତ ଓରଟେଲ କମ୍ୟୁନିକେଶନ ଲିମିଟେଡର ଡାଇରେକ୍ଟର ରହିଥିଲେ। ଏହି କମ୍ପାନୀ ଏବେ ଦେବାଳିଆ ସମାଧାନ ଅଧୀନରେ ରହିଛି। ଅଭିଯୋଗ ଅନୁଯାୟୀ ଫିନ୍‌ଲେ, ମେସିନା ଓ ପିକିକା ନିଜେ ଏବଂ ଭାରତରେ ଥିବା ସେମାନଙ୍କ ସହଯୋଗୀ କମ୍ପାନୀ ଏମ୍‌ଏସ୍ ଟେଲିକମ୍ ଲିମିଟେଡ ଏବଂ କାଲୋରେକ୍ସ ହୋଲ୍ଡିଂ ପ୍ରାଇଭେଟ ଲିମିଟେଡ ଜରିଆରେ ୧୯୯୫ରୁ ୨୦୦୭ ମଧ୍ୟରେ ଓରଟେଲ କମ୍ୟୁନିକେଶନରେ ଇକ୍ୟୁଟି, ପ୍ରିଫରେନ୍ସିଆଲ ଶେୟାର ଏବଂ ଋଣ ପ୍ରଦାନ ମାଧ୍ୟମରେ ୧୭.୭୨ କୋଟି ଟଙ୍କା ନିବେଶ କରିଥିଲା। ଉଭୟ ଏମ୍‌ଏସ୍ ଟେଲିକମ୍ ଏବଂ କାଲୋରେକ୍ସରେ ମଧ୍ୟ ମଞ୍ଜୁଳା ଦେବୀ ଡାଇରେକ୍ଟର ଥିଲେ। ଏହାପରେ ପଣ୍ଡା ପରିବାର ନିଜ ମାଲିକାନାରେ ଥିବା ପଣ୍ଡା ଇନଭେଷ୍ଟମେଣ୍ଟସ ପ୍ରାଇଭେଟ ଲିମିଟେଡ ଓ ମେଟ୍ରୋ ସ୍କାଏନେଟ୍ ଲିମିଟେଡ ମାଧ୍ୟମରେ ବାହାମାସ କମ୍ପାନୀ ଏବଂ ସହଯୋଗୀଙ୍କ ଦ୍ୱାରା ଓରଟେଲରେ ବିନିଯୋଗ ହୋଇଥିବା ୯.୪୬ କୋଟି ଟଙ୍କାର ଶେୟାରକୁ ମାତ୍ର ୧.୬୮ କୋଟି ଟଙ୍କାରେ କିଣି ନେଇଥିଲେ। ସେହିପରି ଫିନ୍‌ଲେର ସମସ୍ତ ପ୍ରିଫରେନ୍ସ ଶେୟାରକୁ ଡିସେମ୍ବର ୨୦୧୦ରେ ଓଡ଼ିଶା ଟେଲିଭିଜନ ଲିମିଟେଡରେ ବିନିଯୋଗ କରାଯାଇଥିଲା। କଳାଧନ କାରବାର ଶେଷରେ ୨୦୧୧ ଜୁଲାଇରେ ପିକିକା, ୨୦୧୩ ଫେବୃୟାରୀରେ ମେସିନା ଓ ୨୦୧୮ ମାର୍ଚ୍ଚରେ ଫିନ୍‌ଲେ କମ୍ପାନୀକୁ ଭାଙ୍ଗି ଦିଆଯାଇଥିଲା। ତେବେ ଏମ୍‌ଏସ ଟେଲିକମ୍‌ର ୨୦୧୭-୧୮ ବାର୍ଷିକ ରିଟର୍ନ ଦାଖଲରୁ ଜଣାପଡିଛି ଯେ, ଭାଙ୍ଗିଯାଇଥିବା ଫିନ୍‌ଲେ ନିକଟରେ ଏହି କମ୍ପାନୀର ୯୬.୧୩% ଶେୟାର ରହିଛି ଓ ଏହା ଏମ୍‌ଏସ୍ ଟେଲିକମ୍‌କୁ ଦେଇଥିବା ୨.୦୩ କୋଟି ଟଙ୍କାର ଋଣ ଫେରସ୍ତ ପାଇନାହିଁ। ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ଉଭୟ ବୈଜୟନ୍ତ ଏବଂ ମଞ୍ଜୁଳା ଦେବୀ ଶ୍ରଫ୍ ଦୁର୍ନୀତି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ବୈଜୟନ୍ତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଦୁଇ ଦଶନ୍ଧି ପୁରୁଣା କାରବାର ସମ୍ପର୍କରେ ମିଡିଆରେ ତଥ୍ୟ ପ୍ରକାଶ ପାଇଛି। ତାଙ୍କ ଜାଣତରେ ଉକ୍ତ କାରବାରରେ ସମସ୍ତ ଆଇନ ପାଳନ କରାଯାଇଥିଲା ଏବଂ ଅନୁମତି ନିଆଯାଇଥିଲା। ଅନ୍ୟପକ୍ଷରେ ମଞ୍ଜୁଳା ଦେବୀ କହିଛନ୍ତି ଯେ, ଜଣେ ପାୱାର ଅଫ୍ ଆର୍ଟର୍ନିଧାରୀ ଭାବେ ତାଙ୍କର କମ୍ପାନୀଗୁଡ଼ିକ ଉପରେ କୌଣସି ନିୟନ୍ତ୍ରଣ ନ ଥିଲା ଏବଂ ସେ କୌଣସି କାରବାରରେ ସମ୍ପୃକ୍ତ ନୁହନ୍ତି। ସୂଚନାଥାଉ କି, ଇଣ୍ଟରନ୍ୟାଶନାଲ କନସୋର୍ଟିୟମ ଅଫ୍ ଇନଭେଷ୍ଟିଗେଟିଭ ଜର୍ନାଲିଷ୍ଟ(ଆଇସିଆଇଜେ) ସହ ମିଶି ଏକ ଇଂଲିଶ୍ ଖବରକାଗଜ ଇଣ୍ଡିଆନ ଏକ୍ସପ୍ରେସ ବାହାମାସ ଲିକ୍ସ ଏକ୍ସପୋଜ ସମ୍ପର୍କରେ ୨୦୧୬ରେ ଏକ ରିପୋର୍ଟ ପ୍ରକାଶ କରିଥିଲା। ଏହି ରିପୋର୍ଟରେ ଫିନ୍‌ଲେ, ମେସିନା ଓ ପିକିକା କମ୍ପାନୀ ସମ୍ପର୍କରେ ବିସ୍ତାରିତ ତଥ୍ୟ ପ୍ରକାଶ ପାଇଥିଲା।






କର୍ମମାର୍ଗର ଭଲ ଦିଗଟି ହେଲା– ତା'ଭିତରେ ଭଗବାନଙ୍କ ସହିତ ଶତ୍ରୁତା ବି ଯଦି ହୁଏ– ତେବେ ସେହି ଶତ୍ରୁତା ମଧ୍ୟ ମୁକ୍ତିର ଉପାୟ ହୋଇଉଠେ। କେବେ କେବେ ଭଗବାନ ଆମକୁ ତାଙ୍କ ପାଖକୁ ଟାଣି ନିଅନ୍ତି ଓ ଧରିରଖନ୍ତି – ସବୁଠାରୁ କ୍ଷିପ୍ର ଉପାୟଟି ଦ୍ୱାରା। ତା'ହେଲା – ସେ ଯେତେବେଳେ ଆମର ଦୁର୍ଦମ ଦୁର୍ଦ୍ଧର୍ଷ ଐକାନ୍ତିକ ଶତ୍ରୁ ହୋଇଉଠନ୍ତି। –ଶ୍ରୀଅରବିନ୍ଦ



# ମିଛ ପରିସଂଖ୍ୟାନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଜାତୀୟ ପରିସଂଖ୍ୟାନ ଆୟୋଗର କାର୍ଯ୍ୟକାରୀ ମୁଖ୍ୟଙ୍କ ସମେତ ଏହାର ଦୁଇଜଣ ବେସରକାରୀ ସଦସ୍ୟ ମୋଦି ସରକାର ସହ ମତାନ୍ତର ଯୋଗୁ ଇସ୍ତଫା ଦେଇଥିବା ଜଣାପଡ଼ିଛି। ଏହି ସ୍ୱୟଂଶାସିତ ସଂସ୍ଥାର କାର୍ଯ୍ୟକାରୀ ମୁଖ୍ୟ ତଥା ଭାରତୀୟ ପରିସଂଖ୍ୟାନ ସେବାର ପୂର୍ବତନ ସଦସ୍ୟ ପି.ସି. ମୋହାନନ ଏବଂ ଏହାର ଅନ୍ୟତମ ସଦସ୍ୟ ତଥା ଦିଲ୍ଲୀ ସ୍କୁଲ ଅଫ୍ ଇକୋନମିକ୍ସର ପ୍ରଫେସର ଜେ.ଭି. ମୀନାକ୍ଷୀ ଇସ୍ତଫା ଦେବା ପରେ ଆୟୋଗରେ ଆଉ କୌଣସି ବାହ୍ୟ ସଦସ୍ୟ ନାହାନ୍ତି। ଏଥିରେ ବର୍ତ୍ତମାନ ମାତ୍ର ଆଉ ଦୁଇଜଣ ସଦସ୍ୟ ଅଛନ୍ତି– ମୁଖ୍ୟ ପରିସଂଖ୍ୟାନବିତ୍ ପ୍ରବୀଣ ଶ୍ରୀବାସ୍ତବ ଓ ନୀତି ଆୟୋଗର ଅମିତାଭ କାନ୍ତ। ଯାହା ଜଣାଯାଏ, ଗତବର୍ଷର ନିଯୁକ୍ତି ସର୍ଭେ ଓ ମୋଟ ଘରୋଇ ଉତ୍ପାଦ (ଜିଡିପି) ତଥ୍ୟକୁ ନେଇ ଉଭୟ ମୋହାନନ ଓ ମୀନାକ୍ଷୀ ସରକାରଙ୍କ ଉପରେ ଖୁସି ନ ଥିଲେ। ଉପା ସରକାର ତୁଳନାରେ ଏନ୍‌ଡିଏ ସରକାର ଅମଳରେ ଦେଶର ଅର୍ଥନୀତି ଯଥେଷ୍ଟ ଆଗେଇଛି ବୋଲି ଏହି ତଥ୍ୟ ପ୍ରକାଶ ପାଇଥିଲା। ଉକ୍ତ ଦୁଇ ବାବୁଙ୍କ ଇସ୍ତଫା ନିଶ୍ଚୟ ବିରୋଧୀ ଦଳକୁ ସୁହାଇବ, ଯେଉଁମାନେ ନିଯୁକ୍ତି ଓ ଜିଡିପି ତଥ୍ୟକୁ ନେଇ ସରକାର ନିଜକୁ ସୁହାଇଲା ଭଳି ଜାଲିଆତି କରୁଛନ୍ତି ବୋଲି ଅଭିଯୋଗ କରିଆସୁଛନ୍ତି। ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଅଧୀନ ଜାତୀୟ ପରିସଂଖ୍ୟାନ ଆୟୋଗରେ ୭ ଜଣ ସଦସ୍ୟ ରହିବା କଥା। ଉକ୍ତ ଦୁଇ ବାବୁ ଇସ୍ତଫା ଦେବା ପୂର୍ବରୁ ତିନୋଟି ପଦବୀ ଖାଲି ପଡ଼ିଥିଲା। ବର୍ତ୍ତମାନ ମାତ୍ର ଦୁଇଜଣରେ ସଂସ୍ଥା ଚାଲିଛି।

### ନୀତି ଆୟୋଗ ନବୀକରଣ ପ୍ରସ୍ତାବ

ପୂର୍ବତନ ଅର୍ଥ ସଚିବ ତଥା ପୂର୍ବତନ ଅର୍ଥ ଆୟୋଗ ଅଧ୍ୟକ୍ଷ ବିଜୟ କେଲ୍‌କାର ନୀତି ଆୟୋଗର ନବୀକରଣ ପ୍ରସ୍ତାବ ଦେଇଛନ୍ତି, ଯେଉଁଥିରେ ଆୟୋଗ ତା'ର ନୂଆ ଅବତାରରେ ରାଜ୍ୟଗୁଡ଼ିକୁ ପୁଞ୍ଜି ଓ ଆର୍ଥିକ ଅନୁଦାନ ମଞ୍ଜୁର କରିପାରିବ। ସରକାର ଯୋଜନା ଆୟୋଗ ସ୍ଥାନରେ ନୀତି ଆୟୋଗ ପ୍ରତିଷ୍ଠା କରିବାର ପାଞ୍ଚବର୍ଷ ନ ପୂରୁଣୁ ଏପରି ପ୍ରସ୍ତାବ ଆସିଛି। କେଲ୍‌କାରଙ୍କ ପ୍ରସ୍ତାବ ଅନୁସାରେ, ଅର୍ଥନୀତିରେ ଆଞ୍ଚଳିକ ଅସମାନତା ଦୂର କରିବାରେ ନୂଆ ଆୟୋଗ ଭୂମିକା ଗ୍ରହଣ କରିବ। ତାଙ୍କ ମତରେ ପୂର୍ବର ଯୋଜନା କମିଶନ ଅଭିବୃଦ୍ଧିରେ ଆଞ୍ଚଳିକ ସମତୁଲତା ରକ୍ଷା କରୁଥିଲା, ଯାହା ନୀତି ଆୟୋଗ ଦ୍ୱାରା ସମ୍ଭବ ହେଉନାହିଁ। କାରଣ ଆୟୋଗର କୌଣସି ରାଜ୍ୟକୁ ପାଣ୍ଠି ମଞ୍ଜୁର କରିବାର କ୍ଷମତା ନାହିଁ। ଏହା କେବଳ ସରକାରଙ୍କୁ ସୁପାରିସ କରିବା ଛଡ଼ା ଅନ୍ୟ କିଛି କରିପାରୁ ନାହିଁ। ବର୍ତ୍ତମାନ ପାଣ୍ଠି ମଞ୍ଜୁର କରିବା କେବଳ ଅର୍ଥ ମନ୍ତ୍ରଣାଳୟର କ୍ଷମତା ପରିସରଭୁକ୍ତ। କିନ୍ତୁ ଆଗରୁ ଯୋଜନା କମିଶନ ମଧ୍ୟ ପାଣ୍ଠି ମଞ୍ଜୁର କରିପାରୁଥିଲା। ତା'ଛଡ଼ା ଏହା ରାଜ୍ୟ ସରକାରଙ୍କ ଉପରେ କିଛି ନୀତି ଲଦିଦେଇ ପାରୁଥିଲା, ଯାହା ସେମାନେ ପାଳନ କରିବାକୁ ବାଧ୍ୟ ହେଉଥିଲେ। ସର୍ବୋଚ୍ଚ ସ୍ତରରେ ସରକାରଙ୍କ ନୀତି ନିର୍ଦ୍ଧାରଣରେ ଯଦି ନୀତି ଆୟୋଗ ଅଂଶ ଗ୍ରହଣ କରିବାର ଅଧିକାର ପାଇଥାନ୍ତା, ତେବେ ଏହା ଅଧିକ ଫଳପ୍ରଦ ହୋଇପାରିଥାନ୍ତା ବୋଲି କେଲ୍‌କାର କହିଛନ୍ତି। ତେବେ ଏପରି ଜଣେ ଖ୍ୟାତନାମା ଅର୍ଥନୀତିଜ୍ଞଙ୍କ ମତକୁ କ'ଣ ସରକାର ଗ୍ରହଣ କରିବେ?

### ସିବିଆଇ ମାଡ଼

ସିବିଆଇ ଏବେ ଉପା ଅମଳର ଆଉ ଏକ ଦୁର୍ନୀତିର ତଦନ୍ତ କାର୍ଯ୍ୟରେ ନିୟୋଜିତ ହୋଇଛି। ଦେଶର ଏହି ସର୍ବୋଚ୍ଚ ତଦନ୍ତକାରୀ ସଂସ୍ଥା ଏବେ ପୂର୍ବତନ ଏୟାର ଇଣ୍ଡିଆ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ଯାଦବ ଏବଂ ଏୟାର ଇଣ୍ଡିଆର ଆଉ ଚାରିଜଣ ପୂର୍ବତନ ଅଧିକାରୀଙ୍କ ବିରୋଧରେ ୨୦୧୦ରେ ବିଭିନ୍ନ ନିଯୁକ୍ତି ଓ ପଦୋନ୍ନତିରେ କରିଥିବା ଅନିୟମିତତାର ତଦନ୍ତ କରୁଛି। ଯାଦବଙ୍କ ଛଡ଼ା ସିବିଆଇ ପୂର୍ବତନ ମହାପ୍ରବନ୍ଧକ (ମେଡିକାଲ ସେବା) ଏଲ୍.ପି. ନାଖୱା (ବର୍ତ୍ତମାନ ଅବସରପ୍ରାପ୍ତ) ଏବଂ ତତ୍କାଳୀନ ଅତିରିକ୍ତ ମହାପ୍ରବନ୍ଧକ ଏ. କାଠପାଳିଆ, ଅମିତାଭ ସିଂ ଓ ରୋହିତ ଭାସିନଙ୍କ ବିରୋଧରେ ତଦନ୍ତ କରୁଛି। ୨୦୦୯–୧୦ରେ ମହାପ୍ରବନ୍ଧକ ପାହ୍ୟାର ଅଧିକାରୀମାନଙ୍କ ନିଯୁକ୍ତିରେ ନୀତିନିୟମ ପାଳନ କରି ନ ଥିବା ଅଭିଯୋଗରେ ଆପରାଧିକ ଷଡ଼ଯନ୍ତ୍ର ସମ୍ବନ୍ଧିତ ଆଇପିସିର ବିଭିନ୍ନ ଧାରା ଏବଂ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଉକ୍ତ ପୂର୍ବତନ ବାବୁମାନଙ୍କ ବିରୋଧରେ ଅଭିଯୋଗ ଦାଏର କରାଯାଇଛି। ଏତଲା ଅନୁସାରେ ମହାପ୍ରବନ୍ଧକ–ଅପରେଶନ୍ସ ପାଇଁ ନିର୍ଦ୍ଦିଷ୍ଟ ପ୍ରାର୍ଥୀମାନଙ୍କୁ ପଦୋନ୍ନତି ଦେବା ଲାଗି ଯାଦବ ଏକ 'ବେଆଇନ' ତିନିଜଣିଆ ଚୟନ କମିଟି ଗଠନ କରିଥିଲେ। ଆପରାଧିକ ମାମଲା ଥିବା ଓ ଭିଜିଲାନ୍ସ ଅଭିଯୋଗ ଥିବା ପ୍ରାର୍ଥୀମାନଙ୍କୁ ସେ ପଦୋନ୍ନତି ଦେଇଥିଲେ। କାଠପାଳିଆ, ସିଂ ଓ ଭାସିନଙ୍କ ସମେତ ପାଞ୍ଚଜଣଙ୍କ ନାମ ପ୍ୟାନେଲ ସୁପାରିସ କରିଥିଲା। କାଠପାଳିଆଙ୍କ ନାମରେ ଆପରାଧିକ ମାମଲା ଥିଲେ ମଧ୍ୟ ତାଙ୍କୁ ଭିଜିଲାନ୍ସ କ୍ଲିୟରାନ୍ସ ମିଳିଥିବା ଅଭିଯୋଗ ହୋଇଛି। ଅନ୍ୟ ଦୁଇଜଣଙ୍କ ବିରୋଧରେ ଅନୁରୂପ ଅଭିଯୋଗ ଥିଲେ ମଧ୍ୟ ସେମାନଙ୍କୁ ଚୟନ କରାଯାଇଥିଲା। ଏହି ନିଯୁକ୍ତିରେ ଉପଯୁକ୍ତ ପଦ୍ଧତି ଅନୁସରଣ କରାଯାଇ ନ ଥିବା ସିବିଆଇ ଦାବି କରିଛି। ଆର୍ଥିକ ଅଭାବ ଦେଇ ଗତି କରୁଥିବା ଏୟାର ଇଣ୍ଡିଆ ପାଇଁ ସିବିଆଇର ଏହି ପଦକ୍ଷେପ ଏକ ଧକ୍କା ସଦୃଶ ହୋଇଛି। ତେବେ ଏୟାର ଇଣ୍ଡିଆ ପାଇଁ ଏହା କେବଳ ଆର୍ଥିକ ଅସୁବିଧା ନୁହେଁ, ପରିଚାଳନାଗତ ସଙ୍କଟ ମଧ୍ୟ ସୃଷ୍ଟି କରିଛି।

Email: dilipcherian@gmail.com

# କେବଳ ସରକାରଙ୍କ ଦୋଷ ନୁହେଁ



ମନ–ମାନଚିତ୍ର

ଡ. ନରହରି ବେହେରା

ଏ ପ୍ରବନ୍ଧ ସରକାରଙ୍କର ସ୍ତୁତି ନୁହେଁ କି ଜନସାଧାରଣଙ୍କୁ ଆକ୍ଷେପ ନୁହେଁ। ଏହା ହେଉଛି କ୍ଷେତ୍ରୀୟ କାର୍ଯ୍ୟର କିଛି ରୂପରେଖ, ଯାହା ବାସ୍ତବ କ୍ଷେତ୍ରରେ ପ୍ରତିଫଳିତ ହୋଇଥାଏ। କିଛିଦିନ ତଳେ ଖବରକାଗଜରୁ ଗ୍ରାମୀଣ ଆବାସ ଯୋଜନା ସମ୍ପର୍କରେ ଦୁଇଟି ପ୍ରସଙ୍ଗ ଦୃଷ୍ଟିଗୋଚର ହୋଇଥିଲା। ଗୋଟିଏ ଥିଲା, ସରକାର ସମସ୍ତଙ୍କୁ ପକ୍କାଘର ଯୋଗାଇବା ପାଇଁ ଦେଇଥିବା ପ୍ରତିଶ୍ରୁତି ଏପର୍ଯ୍ୟନ୍ତ ପୂରଣ କରିପାରି ନାହାନ୍ତି। ଅନ୍ୟଟି ଥିଲା ଖୋର୍ଦ୍ଧା ଜିଲାର ନିରାକାରପୁରବାସୀ ଲକ୍ଷ୍ମୀଧର ବେହେରା ଘରଟିଏ ନ ପାଇ ଆତ୍ମହତ୍ୟା କରିବା ଘଟଣା। ଏ ଦୁଇଟି ପ୍ରସଙ୍ଗ ଆଲୋଚନା କରିବା ପରିପ୍ରେକ୍ଷୀରେ ଗ୍ରାମୀଣ ଆବାସ ଯୋଜନା ସମ୍ପର୍କରେ ଏକ ସଂକ୍ଷିପ୍ତ ବିବରଣୀ ଦେବା ଆବଶ୍ୟକ। ପୂର୍ବରୁ ଗରିବ ଲୋକମାନଙ୍କୁ ପଲ୍ଲିସଭା ଏବଂ ଗ୍ରାମସଭା ମାଧ୍ୟମରେ ଚୟନ କରି ଘର ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ତଦନ୍ତ କରାଯାଇ ଏକ ପାଞ୍ଚବର୍ଷିଆ ୱେଟ୍ ଲିଷ୍ଟ କରାଯାଇ କ୍ରମାନ୍ୱୟରେ ଘର ପାଇଁ ଅର୍ଥ ପ୍ରଦାନ କରାଯାଉଥିଲା। ମାତ୍ର ତା'ପରେ ଏହି ତାଲିକାକୁ ଅଧିକ ସ୍ୱଚ୍ଛ ଏବଂ ଲୋକାଭିମୁଖୀ କରିବା ପାଇଁ ୨୦୧୧ ମସିହାରେ ସାମାଜିକ, ଆର୍ଥିକ ଓ ଜାତି ଭିତ୍ତିରେ ଗଣନା କରାଯାଇ ଏକ ସ୍ଥାୟୀ ତାଲିକା ପ୍ରସ୍ତୁତ କରାଯାଇଛି। ଏବେ ସେ ତାଲିକାର କ୍ରମାଙ୍କ ଅନୁଯାୟୀ କଚ୍ଚାଘର ଥିବା ହିତାଧିକାରୀଙ୍କୁ ଘର ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ସ୍ଥାୟୀ ତାଲିକାରେ ଉପରେ ଥିବା ଜଣେ ହିତାଧିକାରୀଙ୍କୁ ବାଦ୍‌ଦେଇ ତା' ତଳ ହିତାଧିକାରୀଙ୍କୁ ଘର ପାଇଁ ଆର୍ଥିକ ସହାୟତା ଦିଆଯାଇ ପାରିବନାହିଁ। ଜଣେ ହିତାଧିକାରୀ ଘର କରିବା ପାଇଁ ଏକ ଲକ୍ଷ କୋଡ଼ିଏ ହଜାର ଟଙ୍କା ଏବଂ ଷୋଳ ହଜାର ତିନିଶହ ଅଶୀ ଟଙ୍କା ଦିଆଯାଇଥାଏ। କେତେକ ଜିଲାରେ ଏହାଠାରୁ ଅଧିକ ଅର୍ଥ ମଧ୍ୟ ଦିଆଯାଉଛି। ପୂର୍ବରୁ ହିତାଧିକାରୀମାନେ ଘର ଆରମ୍ଭ କରିବା ପରେ ଟଙ୍କାର କିସ୍ତି ଦିଆଯାଉଥିଲା। ଜଣେ ଗରିବମଣିଷ ଘର ଆରମ୍ଭ କରିବା ପାଇଁ ଅର୍ଥ ବାଧକ ସାଜୁଛି ବୋଲି ଚିନ୍ତାକରି ଏବେ ଘର ଆରମ୍ଭ କରିବାପୂର୍ବରୁ ପ୍ରଥମ କିସ୍ତି କୋଡ଼ିଏ ହଜାର ଟଙ୍କା ଦିଆଯାଉଛି। ଏହା ବ୍ୟତୀତ ହିତାଧିକାରୀଙ୍କୁ ଶୀଘ୍ର ଘର ଶେଷ କରିବା ପାଇଁ ଉତ୍ସାହିତ କରିବା ସକାଶେ ପ୍ରୋତ୍ସାହନ ରାଶି ମଧ୍ୟ ଦିଆଯାଉଛି। ଯେଉଁ ହିତାଧିକାରୀ ଚାରିମାସରେ ଘର ସମ୍ପୂର୍ଣ୍ଣ କରିଥାନ୍ତି ସେମାନଙ୍କୁ କୋଡ଼ିଏ ହଜାର ଏବଂ ଯେଉଁମାନେ ଛଅମାସରେ ଘର କରିଥାନ୍ତି ସେମାନଙ୍କୁ ଦଶହଜାର ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଇଥାଏ।

ସରକାର ଗରିବ ଅବହେଳିତ ଲୋକମାନଙ୍କୁ ଛାତଘରଟିଏ ନିର୍ମାଣ କରିବା ପାଇଁ ଏତେ ପନ୍ଥା ନିର୍ଦ୍ଧାରଣ କରିଛନ୍ତି। ପ୍ରତିବର୍ଷ ମାର୍ଚ୍ଚ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ବିଜୁ ପକ୍କାଘର ଯୋଜନାରେ ଲୋକମାନଙ୍କୁ ଅନ୍ତର୍ଭୁକ୍ତ କରିଥାନ୍ତି। ସ୍ଥାୟୀ ତାଲିକାରେ ହିତାଧିକାରୀମାନେ ନିଜ ନାମ ଦେଖିବାରେ ସୁବିଧା ହେବ ବୋଲି ଗ୍ରାମପଞ୍ଚାୟତ କାନ୍ଥରେ ସେମାନଙ୍କ ତାଲିକା ପ୍ରକାଶ କରାଯାଇଛି। ଅନ୍ ଲାଇନ୍‌ରେ ସେମାନଙ୍କ ନାମର କ୍ରମାଙ୍କ ଦେଖିବାର ସୁବିଧା ମଧ୍ୟ ଅଛି। ଏହି ସୁବିଧା ପ୍ରଦାନର ମୂଳ ଲକ୍ଷ୍ୟ ହେଉଛି, ସାଧାରଣ ହିତାଧିକାରୀମାନେ ମୁନାଫାଖୋରମାନଙ୍କ ଶିକାର ନ ହୁଅନ୍ତୁ। ଅପରପକ୍ଷରେ ସରକାର ହିତାଧିକାରୀଙ୍କୁ ଗୃହ ନିର୍ମାଣରେ ସହାୟତା ଏବଂ ପରାମର୍ଶ ଦେବା ପାଇଁ ବ୍ଲକ୍‌ର ବିଡିଓ, ଏବିଡିଓ, ସିପି, ଏସିପି, ଜେଇ ପ୍ରମୁଖଙ୍କୁ ନିୟୋଜିତ କରିଛନ୍ତି।

ଏତେ ଯୋଜନା ଓ ପରିକଳ୍ପନା ସତ୍ତ୍ୱେ ଶହେରୁ ପ୍ରାୟ ଚାଳିଶ ଜଣ ହିତାଧିକାରୀ ଏବେ ବି ଘରକାମ ସମ୍ପୂର୍ଣ୍ଣ କରୁନାହାନ୍ତି। ଏଣେ ହିତାଧିକାରୀମାନେ ଘର ସମ୍ପୂର୍ଣ୍ଣ ନ କଲେ ବ୍ଲକ୍ ପ୍ରଶାସନର କର୍ମଚାରୀ ବିଭିନ୍ନ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେଉଛନ୍ତି। କାଉ ଦୋଷ କଲେ ହଂସ ଦଣ୍ଡପାଇବା ପରି ଏ ବ୍ୟବସ୍ଥା। କିନ୍ତୁ ଜଣେ ହିତାଧିକାରୀ ଘର ନ କଲେ ତାଙ୍କ ପ୍ରତି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ– ଏହାର ବାସ୍ତବ ଉତ୍ତର କାହା ପାଖରେ ନାହିଁ। କାରଣ ହିତାଧିକାରୀ ଜଣେ ଗରିବ ମଣିଷ ବୋଲି ବିବେଚନା କରାଯାଉଥିବାରୁ ତାଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସରକାର ଚିନ୍ତା କରିନାହାନ୍ତି। ତେଣୁ କିଛି ହିତାଧିକାରୀ ଏ ଘର ନିର୍ମାଣ ଦିଗରେ ଖୁବ୍ ବେପରୱା ଏବଂ କିଛି ହିତାଧିକାରୀ ପରିସ୍ଥିତି ଚାପରେ ଘର କରିପାରୁନାହାନ୍ତି। ତେଣୁ କ୍ଷେତ୍ରୀୟ ତଦାରଖ ସମୟରେ ବିଭିନ୍ନ ଦୃଶ୍ୟ ଦେଖିବାକୁ ମିଳେ। ପୁଅ ସୁରଟରେ ଚାକିରି କରିଛି, ସେହି ଆଶାରେ ଧାର୍ଯ୍ୟ ଆକାରଠାରୁ ବଡ଼ଘର କରିଦେଇ ହିତାଧିକାରୀ ସମ୍ପୂର୍ଣ୍ଣ କରିପାରୁନାହାନ୍ତି। ଅନେକ କ୍ଷେତ୍ରରେ ଜମିଜମା ବିବାଦ ମଧ୍ୟ ତୁଟୁନାହିଁ। ଘରେ କାହାର ଦେହ ଅସୁସ୍ଥ ହୋଇଛି, ତେଣୁ ଘରକାମ ଆରମ୍ଭ ହୋଇପାରୁନାହିଁ। ଏହା ବ୍ୟତୀତ ଅନ୍ଧବିଶ୍ୱାସ ହେତୁ ମଧ୍ୟ ଅନେକ ଘର ହୋଇପାରୁନାହିଁ। ଯଥା ଅମୁକ କହିଛନ୍ତି, ଏ ଘର ଛାତ ପଡ଼ିଲେ ମୁଣ୍ଡ ଚାଲିଯିବ। ପରିବାରର ଜଣେ ମରିଯାଇଛି, ବର୍ଷକିଆ ନ ଗଲେ ଘର କରି ହେବନାହିଁ। ଚୈତ୍ରମାସ, ପୌଷମାସ ନିଷ୍ଫଳା ମାସ ହୋଇଥିବାରୁ ବନ୍ଧ ପକେଇ ହେବନାହିଁ ଇତ୍ୟାଦି। କିଛି ବେପରୱା ହିତାଧିକାରୀଙ୍କ ଉତ୍ତର ମଧ୍ୟ ଦେଖନ୍ତୁ– ସରକାର ଯେତିକି ଟଙ୍କା ଦେଇଛନ୍ତି ସେଥିରେ କ'ଣ ଘର ହୋଇଯିବ? ଟଙ୍କା ହେଲେ କରିବି ନା, ବାରମ୍ବାର ମୋ ଘରକୁ କାହିଁକି ଆସୁଛ? ପୁଣି କେହି କହନ୍ତି– ଟଙ୍କା ତ ଦେଇଛ, ମୁଁ କ'ଣ ପଳାଇଯାଉଛି? ସରକାରଙ୍କ ସମସ୍ତ ଯୋଜନାର ସଫଳତା ନିର୍ଭର କରେ ଜନସାଧାରଣଙ୍କ ମାନସିକତା ଏବଂ ସହଯୋଗିତା ଉପରେ। ସେମାନେ ପାଇଥିବା ଅର୍ଥ ବା ସୁବିଧା ସୁଯୋଗକୁ ଠିକ୍ ବିନିଯୋଗ ନ କଲେ କୌଣସି ଯୋଜନା ସଫଳ ହେବନାହିଁ। ତେଣୁ ଏଥିପାଇଁ କେବଳ ସରକାର କିମ୍ବା ସରକାରୀ କର୍ମଚାରୀଙ୍କୁ ଦୋଷ ଦେଇ କିଛି ଲାଭ ନାହିଁ।

ଗ୍ରାମୀଣ ଆବାସ ଯୋଜନା କ୍ଷେତ୍ରରେ ପୂର୍ବରୁ ଥିବା ସମସ୍ତ ତ୍ରୁଟିବିଚ୍ୟୁତିକୁ ଦୂର କରିବା ପାଇଁ ଏବେ ସମସ୍ତ କାର୍ଯ୍ୟ କମ୍ପ୍ୟୁଟର ମାଧ୍ୟମରେ କରାଯାଉଛି। ଉଦ୍ଦେଶ୍ୟ ହେଉଛି, ଏ ଯୋଜନାର ସବୁ କାର୍ଯ୍ୟ ଅଧିକ ସ୍ୱଚ୍ଛ ହେବ ଏବଂ ସମସ୍ତେ ନିଜ ଘରେ ବସି ନିଜର ସ୍ଥିତି ସମ୍ପର୍କରେ ଅବଗତ ହୋଇପାରିବେ। ତେଣୁ କାହା ପଛରେ ଦୌଡ଼ିବା ବା ଲାଞ୍ଚ ଦେବା ଆବଶ୍ୟକ ପଡ଼ିବ ନାହିଁ। ଅନ୍ୟପକ୍ଷରେ ବିଭିନ୍ନ ପ୍ରଚାର ମାଧ୍ୟମରେ ସମସ୍ତ ହିତାଧିକାରୀଙ୍କୁ ଲାଞ୍ଚ ନ ଦେବା ପାଇଁ ସଚେତନ କରାଯାଉଛି। ଏହା ସତ୍ତ୍ୱେ କିଏ କାହାକୁ କାହିଁକି ଲାଞ୍ଚ ଦେଉଛନ୍ତି ତାହା ବିଚାର୍ଯ୍ୟ। କ୍ଷେତ୍ରୀୟ କାର୍ଯ୍ୟରେ କେଉଁଠି କେଉଁଠି ଦୁଷ୍ଟ ବ୍ରଣମାନେ ନ ଥିବେ ସେ କଥାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରାଯାଇ ନ ପାରେ। ଏ କ୍ଷେତ୍ରରେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ସମସ୍ୟାର ସମାଧାନ କରାଯାଇପାରେ। ସରକାରଙ୍କୁ ଏଥିରେ ଦୋଷ ଦେଲେ ସମସ୍ୟାର ସମାଧାନ ହେବନାହିଁ।

୩) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ରାଶିକୁ **RTGS/NEFT** ମାଧ୍ୟମରେ **Account No.: 30795489310, Name of the A/C.: SARC, Bhubaneswar Recovery Account, Name of the Beneficiary: State Bank of India, IFSC Code No.: SBIN0060430** କିମ୍ବା ଡ଼ିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ ବ୍ୟାଙ୍କରୁ **"Authorised Officer, State Bank of India, SARB, Bhubaneswar"** ଙ୍କ ସପକ୍ଷରେ ଭୁବନେଶ୍ୱର ଠାରେ ଦେୟ ଦର୍ଶାଇ ପୈଠ କରିବେ ।

୪) ନିଲାମଧାରୀମାନେ ସଠିକ ଅଧିକାରୀଙ୍କ ଠାରୁ ଜାରି ବୈଧ ଡିଜିଟାଲ ଦସ୍ତଖତ ସାର୍ଟିଫିକେଟ ଏବଂ ବୈଧ ଇମେଲ ଆଇଡିଧାରୀ ହେବା ଉଚିତ୍ (ଇଚ୍ଛୁକ ନିଲାମଧାରୀଙ୍କ ଇମେଲ ଆଇଡି ନିତ୍ୟାନ୍ତ ଆବଶ୍ୟକ, ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଆଇଡି, ପାସୱାର୍ଡ **M/s. e-Procurement Technologies Limited, Ahmedabad**ଙ୍କ ଦ୍ୱାରା ଇମେଲ ମାଧ୍ୟମରେ ପାଇପାରିବେ) । ଯୋଗାଯୋଗ କରନ୍ତୁ: **Ram Sharma - 08000023297, Rakesh Nayak - 9937220319 / Land Line No.: 079-40230821/823/824/825/826/827/816/806. Toll Free No.:18001035342. Email ID: orissa@auctiontiger.net, ramprasad@auctiontiger.net & support@auctiontiger.net** (ଅକ୍ସନ ଟାଇଗର ମୋବାଇଲ ଆପ୍ଲିକେସନ ମାଧ୍ୟମରେ ଯୋଗ୍ୟ ନିଲାମଧାରୀ ନିଲାମ ପ୍ରକ୍ରିୟା ଏବଂ ବିକ୍ରୟ ସବିଶେଷ ଦେଖିପାରିବେ ।)

୫) ଇଚ୍ଛୁକ ନିଲାମଧାରୀମାନେ ଅମାନତ ଜମା ଦାଖଲର ପ୍ରମାଣ ପତ୍ର ଯଥା **UTR** ନମ୍ବର ସହିତ ଇ-ନିଲାମରେ ଅଂଶଗ୍ରହଣର ଅନୁରୋଧ ପତ୍ର ସହିତ ସ୍ୱ-ଦସ୍ତଖତ ଥିବା (କ) ପରିଚୟ ପ୍ରମାଣ ପତ୍ର **(KYC)**, ଯଥା: ଭୋଟର ପରିଚୟ ପତ୍ର / ଡ୍ରାଇଭିଂ ଲାଇସେନ୍ସ / ପାସପୋର୍ଟ ଇତ୍ୟାଦି, (ଖ) ଯୋଗାଯୋଗ ପାଇଁ ବର୍ତ୍ତମାନ ଠିକଣା ପ୍ରମାଣପତ୍ର, (ଗ) ନିଲାମଧାରୀଙ୍କ ପାନ୍ କାର୍ଡ ନକଲ, (ଘ) ବୈଧ ଇମେଲ ଆଇଡି, (ଙ) ଯୋଗାଯୋଗ ପାଇଁ ନିଲାମଧାରୀଙ୍କ ମୋବାଇଲ ଏବଂ ଲ୍ୟାଣ୍ଡ ଲାଇନ୍ ନମ୍ବର ଇତ୍ୟାଦି **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, ଭୁବନେଶ୍ୱରଙ୍କ ଠାରେ କ୍ର.ନଂ. ୧ ରୁ ୪ ନିମନ୍ତେ ତା.୨୫.୦୨.୨୦୧୯ରିଖ ଓ କ୍ର.ନଂ. ୫ ନିମନ୍ତେ ତା. ୧୩.୦୩.୨୦୧୯ରିଖ ଅପରାହ୍ନ ୦୪.୦୦ ଘଟିକା** ସୁଦ୍ଧା ପହଞ୍ଚିବା ଆବଶ୍ୟକ । ମୂଳ ପ୍ରମାଣପତ୍ରର ସ୍କାନ୍ ନକଲ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଇମେଲ ଆଇଡିରେ ମଧ୍ୟ ପଠାଇପାରିବେ ।

୬) ପୋର୍ଟାଲ **https://sbi.auctiontiger.net** ରେ ଅନଲାଇନ୍ ଇ-ନିଲାମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ନିଲାମଧାରୀଙ୍କ ନାମ **କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା, ଭୁବନେଶ୍ୱରଙ୍କ** ଦ୍ୱାରା ଚିହ୍ନଟ କରାଯିବ । **M/S e-Procurement Technologies Limited, Ahmedabad**ଙ୍କ ଦ୍ୱାରା ଯୋଗ୍ୟ ନିଲାମଧାରୀଙ୍କ ପାନ୍ ଯାଞ୍ଚ କଲାପରେ ସେମାନଙ୍କୁ ୟୁଜର ଆଇଡି ଏବଂ ପାସୱାର୍ଡ ଯୋଗାଇ ଦିଆଯିବ ।

୭) ଆଗ୍ରହୀ ନିଲାମଧାରୀମାନେ ପ୍ରସ୍ତାବ ଦାଖଲ ପୂର୍ବରୁ ନିଲାମ ହେବାକୁ ଥିବା ସମ୍ପତ୍ତିକୁ ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍ । ଯାଞ୍ଚ ପାଇଁ ଆଗ୍ରହୀ ନିଲାମଧାରୀମାନେ **ସିଟି କେସ୍ ଅଫିସର, ଭାରତୀୟ ଷ୍ଟେଟ ବ୍ୟାଙ୍କ: କ୍ର.ନଂ.: ୧ ରୁ ୩ ନିମନ୍ତେ Mob: 9937359797, କ୍ର.ନଂ.: ୪ ନିମନ୍ତେ -Mob : 7506245339 ଏବଂ କ୍ର.ନଂ.: ୫ ନିମନ୍ତେ - Mob : 9937856706** ରେ ଯୋଗାଯୋଗ କରିପାରିବେ ।

୮) ସମ୍ପତ୍ତିଗୁଡିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀମାନଙ୍କ ମଧ୍ୟରେ ନିଲାମ ଡାକ ଦ୍ୱାରା ସମ୍ପନ୍ନ ହେବ । ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ଦର୍ଶିତ ବିଡ୍ ବୃଦ୍ଧି ପରିମାଣ ଅନୁସାରେ ବୃଦ୍ଧି କରିପାରିବେ । ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ । ଇ-ନିଲାମ ବନ୍ଦ ପ୍ରକ୍ରିୟା ପୂର୍ବରୁ ଯେଉଁ ନିଲାମଧାରୀ ସର୍ବୋଚ୍ଚ ନିଲାମ ରାଶି (ସଂରକ୍ଷିତ ମୂଲ୍ୟରୁ କମ୍ ହୋଇନଥିବ) ପ୍ରଦାନ କରିଥିଲେ ତାଙ୍କୁ ସଫଳ ନିଲାମଧାରୀଭାବେ ଘୋଷଣା କରାଯିବ ଏବଂ ଇଲେକ୍ଟ୍ରୋନିକ୍ ମୋଡ୍ ମାଧ୍ୟମରେ ତାଙ୍କୁ ଜଣାଇ ଦିଆଯିବ ଯାହାକି କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ରଣଦାତାଙ୍କ ଅନୁମୋଦନ ସାପେକ୍ଷ ।

୯) ସଫଳ ନିଲାମଧାରୀଙ୍କ ଅମାନତ ରାଶି ଜମା ଆଂଶିକ ବିକ୍ରୟ ମୂଲ୍ୟ ରୂପେ ରହିବ ଏବଂ ଅସଫଳ ନିଲାମଧାରୀଙ୍କ ଅମାନତ ରାଶି ଫେରସ୍ତ କରାଯିବ । ଅମାନତ ଜମା ଉପରେ କୌଣସି ସୁଧ ଦିଆଯିବ ନାହିଁ । ସଫଳ ନିଲାମଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିଲାମ ରାଶି ଗ୍ରହଣୀୟ ହେବା ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର **୨୫%** ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ବିକ୍ରୟର **୧୫** ଦିନ ମଧ୍ୟରେ କିମ୍ବା କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଲିଖିତ ସହମତିରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବାକୁ ପଡିବ । ସଫଳ ନିଲାମଧାରୀ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି / ଅର୍ଥ ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ ।

୧୦) ଯୋଗ୍ୟ ନିଲାମଧାରୀମାନେ ଇ-ନିଲାମ ତାରିଖ ପୂର୍ବରୁ **M/S e-Procurement Technologies Limited, Ahmedabad**ଙ୍କ ଠାରୁ ଇ-ନିଲାମ ସମ୍ପର୍କିୟ ଅନ୍‌ଲାଇନ୍ ତାଲିମ ପାଇପାରିବେ । ଇ-ନିଲାମ ପ୍ରକ୍ରିୟାରେ କୌଣସି ପ୍ରକାର ଯାନ୍ତ୍ରିକ ତ୍ରୁଟି, ଇଣ୍ଟରନେଟ ଅସୁବିଧା, ବିଜୁଳି ଅସୁବିଧା ପ୍ରଭୃତି ପାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କ କିମ୍ବା **M/S e-Procurement Technologies Limited, Ahmedabad** ଦାୟୀ ରହିବେ ନାହିଁ । ଏପରି ସ୍ଥଳରେ ଆକସ୍ମିକ ଅସୁବିଧା ପାଇଁ ନିଲାମଧାରୀମାନଙ୍କୁ ଅନୁରୋଧ କରାଯାଉଛି କି, ନିଲାମ ସମୟରେ ପାୱାର ବ୍ୟାକ୍‌ଅପ୍ ବା ଯାହା ଆବଶ୍ୟକ ସେପରି ବ୍ୟବସ୍ଥା କରି ଅଂଶଗ୍ରହଣ କରନ୍ତୁ ଯାହା ଦ୍ୱାରା ନିଲାମ ପ୍ରକ୍ରିୟାରେ ସକ୍ଷମ ହୋଇପାରିବେ ।

୧୧) ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଚାର୍ଜ, ଫି ଇତ୍ୟାଦି ଏବଂ ବୈଧାନିକ / ଅଣ-ବୈଧାନିକ ଦେୟ, ଟ୍ୟାକ୍ସ, ଆସେସ୍‌ମେଣ୍ଟ ଦେୟ, ଫି ଇତ୍ୟାଦି କାହାକୁ ଯଦି ଦେବାକୁ ଥାଏ ତାହା କ୍ରେତା ବହନ କରିବେ ।

୧୨) କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମ ରାଶିକୁ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ଏବଂ କୌଣସି କାରଣ ନଦର୍ଶାଇ ତାଙ୍କର ସମସ୍ତ / କୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ଇ-ନିଲାମକୁ ସ୍ଥଗିତ / ବାତିଲ / ବନ୍ଦ କରିବାର ଅଖଣ୍ଡ କ୍ଷମତା ରହିଛି ।

୧୩) ବିକ୍ରୟ ପ୍ରମାଣପତ୍ର କେବଳ ନିଲାମଧାରୀ / କ୍ରେତା / ଦରଖାସ୍ତକାରୀଙ୍କ ନାମରେ ପ୍ରଦାନ କରାଯିବ ଏବଂ ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ଦିଆଯିବ ନାହିଁ ।

୧୪) ବିକ୍ରୟ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ସମ୍ପନ୍ନ ହେବ ।

୧୫) **ଏହି ବିକ୍ରୟ ନୋଟିସଟି ଉପରୋକ୍ତ ରଣଗ୍ରହୀତା / ଜାମିନଦାରମାନଙ୍କୁ ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଅନୁଯାୟୀ ପରବର୍ତ୍ତି ବିକ୍ରୟ କ୍ର.ନଂ. ୧ ରୁ ୪ ନିମନ୍ତେ ୧୫ ଦିନିଆ ନୋଟିସ୍ ଓ କ୍ର.ନଂ. ୫ ନିମନ୍ତେ ୩୦ ଦିନିଆ ନୋଟିସ୍ ।**

୧୬) ଯେଉଁ କ୍ଷେତ୍ରରେ ବିଡ୍ ପରିମାଣ **ଟ.୫୦,୦୦,୦୦୦/-**ରୁ ଅଧିକ ହୋଇଥିବ ସେ କ୍ଷେତ୍ରରେ ସଫଳ ନିଲାମଧାରୀ / କ୍ରେତା **ଆୟକର ଆକ୍ଟ ୧୯୬୧ର ଧାରା ୧୯୪ IA** ଅନୁଯାୟୀ ବିକ୍ରୟ ଲବ୍ଧ ରାଶିରୁ **୧%** ହାରରେ ଟିଡିଏସ୍ ବିଯୁକ୍ତ କରି ଏବଂ ତାହାକୁ ଫର୍ମ **୨୬ QB** ରେ ଚାଲାଣ ପ୍ରସ୍ତୁତ କରି ଜମା କରିବେ ଏବଂ ଟିଡିଏସ୍ ପ୍ରମାଣ ପତ୍ରର ଅରିଜିନାଲ ରସିଦ୍ ବ୍ୟାଙ୍କରେ ଦାଖଲ କରିବେ ।

୧୭) ଉପରଦର୍ଶିତ ସମସ୍ତ ସମ୍ପତ୍ତି ବ୍ୟାଙ୍କର **ସାଙ୍କେତିକ ଦଖଲ**ରେ ଅଛି ।

**ତାରିଖ :୦୮.୦୨.୨୦୧୯, ସ୍ଥାନ : ଭୁବନେଶ୍ୱର** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**



"ଧନ ସଞ୍ଚୟ, ବାହାରର ସଫଳତା, ପ୍ରଚାର, ବିଳାସ ଏହି ଚାରୋଟିକୁ ମୁଁ ବରାବର ଘୃଣା କରି ଆସିଛି।
- ଆଲବର୍ଟ ଆଇନଷ୍ଟାଇନ



## ସଂକ୍ଷେପରେ

### ଅର୍ଥନୈତିକ ଅବରୋଧ ପାଇଁ କୃଷକ ସଂଗଠନର ପ୍ରସ୍ତୁତି

ରସୁଲପୁର,୮।୨(ଡିଏନଏ): ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ଚିତ୍ରକୂଳଠାରେ ଶୁକ୍ରବାର ସନ୍ଧ୍ୟାରେ ନବନିର୍ମାଣ କୃଷକ ସଂଗଠନ ଯାଜପୁର ଜିଲା ଶାଖା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ରସୁଲପୁର ବ୍ଲକ ସଂଯୋଜକ ମୁକୁନ୍ଦଦେବ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ପକ୍ଷରୁ ପ୍ରାଇସ୍, ପେନସନ ଓ ପ୍ରେଷ୍ଟିଜ୍ ପକ୍ଷରୁ ଦାବି ଉପସ୍ଥାପନ କରାଯାଇ ଆସୁଛି। ଏହି ଦାବିକୁ ଶାଣିତ କରିବାରେ ରାଜ୍ୟ ସରକାର ବାଧକ ସାଜିଛନ୍ତି। ପୋଲିସଙ୍କୁ ବ୍ୟବହାର କରି ସରକାର କୃଷକ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ପ୍ରୟାସ କରୁଛନ୍ତି। ରାଜଧାନୀରେ ଚାଷୀଙ୍କ ସ୍ୱରକୁ ପହଞ୍ଚାଇ ଦିଆଯାଉ ନାହିଁ। କୃଷକ ସ୍ୱରକୁ ଦମନ କରିବାକୁ ସରକାର ଚଳାଇଥିବା ପ୍ରୟାସର ମୁକାବିଲା କରିବା ପାଇଁ ସଂଗଠନ ପକ୍ଷରୁ ଆନ୍ଦୋଳନର ଖୂଅ ଖୋଲିଛି। ଅର୍ଥନୈତିକ ଅବରୋଧ ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସହସଂଯୋଜକ ନିମାଇଁ ରାୟ, ବରିଷ୍ଠ ଉପଦେଷ୍ଟା ନାରାୟଣ ଜେନା ଧର୍ମଶାଳା ବ୍ଲକ ସଂଯୋଜକ ହେମନ୍ତ ଦୋରା, ଦୀନବନ୍ଧୁ ମଲିକ, ଅମୂଲ୍ୟ ଦାସ, ଅମୂଲ୍ୟ ସାହୁ, ସମବାୟ ନେତା ପଦ୍ମନାଭ ବେହେରା, ପ୍ରଫୁଲ୍ଲ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସମଗ୍ର ଯାଜପୁର ଜିଲାରେ ଚାଷୀ ଉତ୍ପାଦିତ ଖାଦ୍ୟ ଦ୍ରବ୍ୟ ଓ ପନିପରିବାକୁ ରାଜଧାନୀରେ ପହଞ୍ଚାଇ ଦିଆଯିବ ନାହିଁ ବୋଲି ମତ ରଖିଥିଲେ। ଚାଷୀ ଯଦି ଭୁବନେଶ୍ୱରରେ ନ ପହଞ୍ଚେ ତେବେ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟକୁ ପହଞ୍ଚାଇ ଦିଆଯିବ ନାହିଁ। ଏ ଦିଗରେ ଚାଷୀଙ୍କ ମତାମତ ନିଆଯିବ। ପ୍ରତ୍ୟେକ ଚାଷୀ ଘରେ ସଂଗଠନ ପହଞ୍ଚିବ ଏବଂ ଚାଷୀଙ୍କୁ ଦାବି ମୁତାବକ ସୁବିଧା ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଗଠନର ପ୍ରମୁଖ ପ୍ରକାଶ କରିଛନ୍ତି। ଗଣେଶ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ସଡ଼କ ସୁରକ୍ଷା ସପ୍ତାହ ପାଳିତ

ଚଢ଼େଇଧରା,୮।୨(ଡି.ଏନ୍.ଏ): ଜେନାପୁର ଥାନା ପକ୍ଷରୁ ଶୁକ୍ରବାର ସଡ଼କ ସୁରକ୍ଷା ସପ୍ତାହ ଚଢ଼େଇଧରା ଫାଣ୍ଡି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ସୁଶାନ୍ତ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ରମେଶ ଚନ୍ଦ୍ର ସାହାଣୀ ଅତିଥିଭାବେ ଯୋଗଦେଇ ଲୋକଙ୍କୁ ସଡ଼କ ସୁରକ୍ଷା ଉପରେ ବୁଝାଇଥିଲେ। ବିନା ହେଲ୍‌ମେଟରେ ଗାଡ଼ି ନ ଚଳାଇବା, ଗାଡ଼ି ଚାଳନା ବେଳେ ମୋବାଇଲରେ କଥା ହେବନାହିଁ, ମଦ ପିଇ ଗାଡ଼ି ଚଲେଇବନି ଏବଂ ଚାରିଚକିଆ ଗାଡ଼ି ଚଲାଇଲା ବେଳେ ସିଟ୍ ବେଲ୍ଟ ଭିଡିବା ଆବଶ୍ୟକ। ସଡ଼କ ସୁରକ୍ଷା ନିୟମ ମାନିବା। ସବୁ ଗାଡ଼ି ଚାଳକମାନେ ଗାଡ଼ିର ବୀମା କରିବା ନିହାତି ଆବଶ୍ୟକ ଏବଂ ଡ୍ରାଇଭିଂ ଲାଇସେନ୍ସ ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ମନୋରଞ୍ଜନ ରାଉତ, ସୁନିଲ ସାମଲ, ବିକ୍ରମ ରାଉତ ପ୍ରମୁଖ ସହାୟତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର ଓଝା, କପିଳା ପ୍ରଧାନ, ଲିଟୁ କରଣ, ବିମ୍ବାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ

ରସୁଲପୁର,୮।୨(ଡିଏନଏ): ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରରେ ଶୁକ୍ରବାର ଓଡ଼ିଶା ମୋଟର ଚାଳକ ସଂଘ ଓ ମା'ତାରିଣୀ ଟାକ୍ସି ଚାଳକ ସଂଘର ମିଳିତ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଆଞ୍ଚଳିକ ପରିବହନ କେନ୍ଦ୍ର, ଚଣ୍ଡିଖୋଲ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ଏଥିସହ ବଜାରରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଯାନବାହନ ନିରୀକ୍ଷକ ଚନ୍ଦ୍ରା ବିଶ୍ୱାସ, ଟ୍ରାଫିକ ଅଧିକାରୀ ପି.କେ. ପଟ୍ଟନାୟକ, କୁଆଖିଆ ଟ୍ରକ ସଂଘ ସମ୍ପାଦକ ନାରାୟଣ ମହାପାତ୍ର, କୁଆଖିଆ ବଜାର କମିଟି ସଭାପତି ବନୋଜ ସ୍ୱାଇଁ, ଅଗ୍ନିଶମ ଅଧିକାରୀ ସଦାଶିବ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗାଡି ଚାଳକଙ୍କୁ ଏହି ସପ୍ତାହର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ଚାଳକମାନେ ଗାଡି ଚଳାଇବା ସମୟରେ ମୋବାଇଲ ବ୍ୟବହାର ନ କରିବା, ଟ୍ରାଫିକ ନିୟମ ପାଳନ କରିବା ଆଦି ଦିଗରେ ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ସୁଇଟ୍ କଲଚରାଲ ଟ୍ରଷ୍ଟ-ଭୁବନେଶ୍ୱର ପକ୍ଷରୁ ଏକ ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଧନେଶ୍ୱର ସିଆ, ଜୟଦେବ ଗୁରୁ, ଜଳଧର ମଲିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଖର୍ଚ୍ଚ ଅଧିକ, କାମ କମ୍

ଯାଜପୁର ଅଫିସ,୮।୨

ଯାଜପୁର ଜିଲାରେ ଲୋକଙ୍କ ଜୀବନଧାରଣ ମାନରେ ଆଶାନୁରୂପକ ଉନ୍ନତି ଆସିନାହିଁ। ଯେଉଁ ଅଞ୍ଚଳର ଗମନାଗମନ ଯେତେ ସୁଦୃଢ଼ ସେହି ଅଞ୍ଚଳ ସେତେ ଉନ୍ନତ ବୋଲି ବିଶ୍ୱାସ ରହିଛି। କିନ୍ତୁ ଦୁର୍ବଳ ନେତୃତ୍ୱ ତଥା ଠିକାଦାରୀ ରାଜନୀତି ବିକାଶ ଧାରାକୁ ପଛକୁ ପକାଇ ଦେଇଥିବା ସାଧାରଣରେ ଆଲୋଚନା ହେଉଛି। ରାଜନୈତିକ କର୍ମୀଙ୍କୁ ପୋଷିବାକୁ ଗ୍ରାମ୍ୟ ନିର୍ମାଣ ବିଭାଗର ଅର୍ଥକୁ ମାଧ୍ୟମ କରାଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଜାରକା ଗ୍ରାମ୍ୟ ନିର୍ମାଣ ବିଭାଗ ଜରିଆରେ ହେଉଥିବା ରାସ୍ତା କାର୍ଯ୍ୟକୁ ଅବଲୋକନ କଲେ ଏହା ସ୍ପଷ୍ଟ ଦିଶୁଛି। ଗତ ୫ବର୍ଷ ମଧ୍ୟରେ ଏହି ବିଭାଜନ ଅଧୀନରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ), ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା(ଏମ୍‌ଏମ୍‌ଏସ୍‌ୱାଇ), ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (ଆରଆଇଡିଏଫ୍) ଓ ନିଜସ୍ୱ ପାଣ୍ଠିରେ ୧୧୨୩୧.୩୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ ୩୦୩.୦୮୨ କି.ମି. ରାସ୍ତା ସମ୍ପନ୍ନ ହୋଇଥିବା ଏକ ବିଧାନସଭା ପ୍ରଶ୍ନର ଉତ୍ତରରେ ବିଭାଗ ପକ୍ଷରୁ ଦର୍ଶାଯାଇଛି। ହେଲେ ବ୍ୟାପକ ପିସି କାରବାର ଯୋଗୁ କାର୍ଯ୍ୟ ନିମ୍ନମାନର ହେବା ସହିତ ଦୀର୍ଘସ୍ଥାୟୀ ହୋଇପାରୁ ନାହିଁ। ଫଳରେ ରାସ୍ତା ପୂର୍ବବସ୍ଥାକୁ ଫେରିଆସୁଛି। ଜିଲାବାସୀ ଗତ ନିର୍ବାଚନରେ ବରିଷ୍ଠଙ୍କୁ ବାଦ ଦେଇ ୭ରୁ ୪ଜଣ ଯୁବନେତାଙ୍କୁ ଭରସା କରିଥିଲେ। ହେଲେ ଏହି ୫ବର୍ଷର ବିକାଶକୁ ଅନୁଧ୍ୟାନ କଲେ ସାମୁହିକ ବିକାଶ ନଗଣ୍ୟ ବୋଲି ସ୍ପଷ୍ଟ ହେଉଛି।

ଦୀର୍ଘବର୍ଷ ଧରି ଜିଲାର ୩ ପ୍ରମୁଖ ଦଳର ବରିଷ୍ଠ ନେତାମାନେ ସରକାରଙ୍କ ବିଭିନ୍ନ ମନ୍ତ୍ରୀମଣ୍ଡଳ ଦାୟିତ୍ୱରେ ରହିଛନ୍ତି। ହେଲେ ସେମାନଙ୍କ ଆନ୍ତରିକତାର ଅଭାବ ଜିଲା ବିକାଶରେ ଅନ୍ତରାୟ ସାଜିଥିବା ମତପ୍ରକାଶ ପାଉଛି। ଗତ ନିର୍ବାଚନରେ ଜିଲାବାସୀ ଯୁବନେତାଙ୍କୁ ଭରସା କରିଥିଲେ। ଏପରିକି ୪ ନିର୍ବାଚନ ମଣ୍ଡଳୀରେ ଲୋକେ ଯୁବନେତାଙ୍କୁ ଚୟନ କରିଥିଲେ। ହେଲେ ଲୋକଙ୍କ ଭରସା ତୁଳନାରେ ଏମାନେ ଗମନାଗମନ ସମେତ ଅନ୍ୟାନ୍ୟ ବିକାଶ କ୍ଷେତ୍ରରେ ସେତେଟା ଉନ୍ନତି କରିପାରି ନ ଥିବା କୁହାଯାଉଛି। ଜାରକା ଗ୍ରାମ୍ୟ ନିର୍ମାଣ ବିଭାଗ ଡିଭିଜନରେ ୨୦୧୪-୧୫ ଆର୍ଥିକ ବର୍ଷରେ ପିଏମ୍‌ଜିଏସ୍‌ୱାଇ ୧୮୨୦.୧୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୩୭.୪୭୭ କି.ମି. ରାସ୍ତା ନିର୍ମାଣ ହୋଇଛି। ସେହିପରି ଆରଆଇଡିଏଫ୍‌ରେ ୩୦୩.୫୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ସତ ହେଲେ ୧ କି.ମି. ରାସ୍ତା ତିଆରି ହୋଇପାରି ନାହିଁ। ଏମ୍‌ଏମ୍‌ଏସ୍‌ୱାଇରେ ଅଗ୍ରଗତି ଶୂନ। ଆରଡି ପାଣ୍ଠିରେ ୧୮୬ ଲକ୍ଷ ଟଙ୍କା ଖର୍ଚ୍ଚରେ ମାତ୍ର ୧୨.୪୦ କି.ମି. ରାସ୍ତା ତିଆରି ହୋଇଛି। ୨୦୧୫-୧୬ ଆର୍ଥିକ ବର୍ଷରେ ପିଏମ୍‌ଜିଏସ୍‌ୱାଇରେ ୧୩୧୭.୯୫ ଲକ୍ଷ ଟଙ୍କାରେ ୨୩.୪୯୯ କି.ମି. ରାସ୍ତା, ଆରଆଇଡିଏଫ୍‌ରେ ୨୧୦.୮୪ ଲକ୍ଷ ଟଙ୍କାରେ ୧୯.୯୦ କି.ମି. ଓ ଆରଡି ପାଣ୍ଠିରେ ୨୦୫.୫୦ ଲକ୍ଷ ଟଙ୍କାରେ ୨.୧୦ କି.ମି. ରାସ୍ତା ତିଆରି ହୋଇଛି। ବିଡମ୍ବନା ଯେ, ଏମ୍‌ଏମ୍‌ଏସ୍‌ୱାଇରେ ୨୪୧ଲକ୍ଷ ଟଙ୍କା ହୋଇଥିଲେ ହେଁ ୧ କି.ମି. ରାସ୍ତା ମଧ୍ୟ ତିଆରି ହୋଇପାରି ନାହିଁ ୨୦୧୬-୧୭ ଆର୍ଥିକ ବର୍ଷରେ ପିଏମ୍‌ଜିଏସ୍‌ୱାଇରେ ୮୭୬.୨୭ ଲକ୍ଷ ଟଙ୍କାରେ ୧୯.୫୧୧ କି.ମି. ରାସ୍ତା ତିଆରି ହୋଇଛି। କିନ୍ତୁ ଆରଆଇଡିଏଫ୍‌ରେ ୭୪.୭୨ଲକ୍ଷ, ଏମ୍‌ଏମ୍‌ଏସ୍‌ୱାଇରେ ୫୫୫ଲକ୍ଷ ଓ ଆରଡି ପାଣ୍ଠିରେ ୫୪୦.୬୨ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ସୁଦ୍ଧା ରାସ୍ତା ତିଆରି କି.ମି. ଶୂନ ଦର୍ଶାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ଏହି ୪ ଯୋଜନାରେ ୧୧୭ କି.ମି. ରାସ୍ତା ତିଆରି ହୋଇଛି । ଚଳିତ ୨୦୧୮-୧୯ ବର୍ଷରେ ୨୧୩୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ସାରିଛି। ମାତ୍ର ୬୯ କି.ମି. ରାସ୍ତା ତିଆରି ହୋଇସାରିଛି। ଏହାବାଦ ୫ବର୍ଷ ମଧ୍ୟରେ ଏମ୍‌ଏମ୍‌ଏସ୍‌ୱାଇରେ ୧୦୭୭ ଲକ୍ଷ ଟଙ୍କା ଖର୍ଚ୍ଚ ଦର୍ଶାଯାଇଥିଲେ ସୁଦ୍ଧା ମାତ୍ର ୧୩.୭୦ କି.ମି. ରାସ୍ତା ତିଆରିହୋଇଥିବା ତାରକା ଚିହ୍ନିତ ବିଧାନସଭା ପତ୍ରସଂଖ୍ୟା ୫୪ର ଉତ୍ତରରେ ସୂଚନା ଦିଆଯାଇଛି । ଗୋଟିଏ ଡିଭିଜନରେ ୪ ଯୋଜନାରେ ୧୧୨କୋଟି ୩୧ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ସୁଦ୍ଧା ଜିଲାର ଗମନାଗମନ ବିକାଶର ଚିତ୍ର ସହଜେ ଅନୁମେୟ। ଆବଣ୍ଟିତ ଅର୍ଥରୁ ପ୍ରାୟ ୫୦ ପ୍ରତିଶତ କାର୍ଯ୍ୟରେ ଲାଗୁ ଥିବାବେଳେ ବାକି ପିସି ଓ ହଡପ ହେଉଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କୁହନ୍ତି ଅନୁଦାନ ଅନୁସାରେ କାର୍ଯ୍ୟ ଚାଲିଛି। ଏଥିରେ କୌଣସି ଦୁର୍ନୀତି କିମ୍ବା ଅନିୟମିତତା ହେଉନାହିଁ।

**ଜାରକା ଗ୍ରାମ୍ୟ ନିର୍ମାଣ ବିଭାଗ**

- ଏମ୍‌ଏମ୍‌ଏସ୍‌ୱାଇରେ ୧୦୭୭ ଲକ୍ଷ ଟଙ୍କାରେ ହୋଇଛି ୧୩.୭୦ କି.ମି. ରାସ୍ତା
- ଖର୍ଚ୍ଚ ତୁଳନାରେ ରାସ୍ତା ନିର୍ମାଣ କାର୍ଯ୍ୟ କମ୍ ହୋଇଛି
- କାମ ଦେଲାନି ଯୁବନେତାଙ୍କୁ ଭରସା

### ମହିଳା ଡିଗ୍ରୀ କଲେଜରେ ଆଲୋଚନାଚକ୍ର

ଧର୍ମଶାଳା, ୮।୨(ଡି.ଏନ୍.ଏ.)

ଧର୍ମଶାଳା ମହିଳା ଡିଗ୍ରୀ କଲେଜ ଇଂଲିସ ବିଭାଗର ଆଲୋଚନାଚକ୍ର ଅଧକ୍ଷା ଇନ୍ଦୁପ୍ରଭା ସାମଲଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନୈତିକ ଶିକ୍ଷାର ଆବଶ୍ୟକତା ଆଲୋଚନା ଚକ୍ରକୁ ଧର୍ମଶାଳା କଲେଜ ପ୍ରାକ୍ତନ ଅଧକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ଉଦ୍‌ଘାଟନ କରି ନୈତିକ ଶିକ୍ଷା ଦ୍ୱାରା ମଣିଷ ପଣିଆ ଜନ୍ମ ନେଇଥାଏ ବୋଲି କହିଥିଲେ। ଅତିଥିଭାବେ ଜିଲା ଲେଖକ ସମ୍ମେଳନ ସଭାପତି ରୁଦ୍ରନାରାୟଣ ପୃଷ୍ଟି ଓ ଅନ୍ୟତମ ଆଲୋଚକ ଭାବେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜବନ୍ଧୁ ଶତପଥୀ ଯୋଗଦେଇଥିଲେ। ଅଧ୍ୟାପିକା ସସ୍ମିତା ରାଉତରାୟ ଭିତ୍ତିପ୍ରବନ୍ଧ ପାଠକରିଥିବା ବେଳେ ଅଧ୍ୟାପକ ସୁନାକର ଦାସ ଅତିଥିପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଅଧ୍ୟାପକ ରାଜକିଶୋର ଜେନା ଧନ୍ୟବାଦ ଦେଇଥିଲେ।

■ ସ୍ୱାମୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

## ହତ୍ୟା ମାମଲା ରୁଜୁ କଲା ପୋଲିସ

କୋରେଇ,୮।୨(ସ୍ୱ.ପ୍ର.)



ଗେହ୍ଲୀଙ୍କ ମା' ବାପା।

କୋରେଇ ଥାନା ଅନ୍ତର୍ଗତ ତାହାରପୁର ପଞ୍ଚାୟତ ସାଆନ୍ତରାପୁର (ସାନବେଣୁପୁର) ଗ୍ରାମର ରଞ୍ଜନ ପରିଡ଼ା(୩୫)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ତାଙ୍କ ସ୍ତ୍ରୀ ଗେହ୍ଲୀ ଶୁକ୍ରବାର କୋରେଇ ଥାନାରେ ପୁନର୍ବାର ଅଭିଯୋଗ କରିଥିଲେ। ଗେହ୍ଲୀ ଶୁକ୍ରବାର ଡାକ୍ତରଖାନାରୁ ଫେରିବା ପରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ହତ୍ୟା ମାମଲା (୧୭/୧୯) ରୁଜୁ କରି ତଦନ୍ତ ଜାରି ରଖିଛି। ହେଲେ ଘଟଣାରେ ସମ୍ପୃକ୍ତ ଥିବା ପରିବାର ଲୋକଙ୍କୁ ପୋଲିସ ଗିରଫ ନ କରିବାରୁ ଗେହ୍ଲୀଙ୍କ ପରିବାର ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଝିଅର ପରିବାର ଉଜୁଡୁଥିବା ଦେଖି ହତବାକ୍ ହେବା ସହ ନ୍ୟାୟ ଅପେକ୍ଷାରେ ଚାହିଁ ବସିଛନ୍ତି ବୃଦ୍ଧ ବାପା, ମା'। ଅପରପକ୍ଷରେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କୋରେଇ ଥାନାଧିକାରିଣୀ ଚିନ୍ମୟୀ ସାହୁ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ୨୦୧୬ରେ ନବଘନଙ୍କ ପୁଅ ରଞ୍ଜନ ଜହ୍ନା ପଞ୍ଚାୟତ ବ୍ରାହ୍ମଣବାଡ଼ ଗ୍ରାମର ମହେଶ୍ୱର ନାୟକଙ୍କ ଝିଅ ଗେହ୍ଲୀ (୨୫)ଙ୍କୁ ବିବାହ କରିଥିଲେ। ନବଘନଙ୍କ ପରିବାର ମଧ୍ୟରେ ଏକମାତ୍ର ରଞ୍ଜନ ରୋଜଗାର କରୁଥିବାରୁ ତାଙ୍କ ପରିବାର ଶ୍ୱଶୁର ଘରକୁ ନ ଯିବା ପାଇଁ ବାରମ୍ବାର ତାଗିଦ୍ କରୁଥିଲେ। ଫଳରେ ମୃତ୍ୟୁ ଦିନ ରାତିରେ ଏହି ଘଟଣାକୁ ନେଇ ରଞ୍ଜନ ଓ ତାଙ୍କ ପରିବାର ଲୋକଙ୍କ ମଧ୍ୟରେ ମାରପିଟ୍ ହୋଇଥିବା ରଞ୍ଜନଙ୍କ ଶ୍ୱଶୂର ଘର ଲୋକ ପ୍ରକାଶ କରିଛନ୍ତି। ଗତ ଗୁରୁବାର ରାତିରେ ଏହି ଘଟଣାକୁ ନେଇ ଯୋଜନାବଦ୍ଧ ଭାବେ ବାପା ନବଘନ, ଭାଇ କାଳିଆ ରଞ୍ଜନଙ୍କୁ ମାରିଦେବା ପରେ ଆତ୍ମହତ୍ୟାର ରୂପ ଦେବାକୁ ଫ୍ୟାନ୍‌ରେ ଟାଙ୍ଗି ଦେଇଥିଲେ ବୋଲି ସ୍ତ୍ରୀ ଗେହ୍ଲୀ ଓ ତାଙ୍କ ବାପ ଘର ପରିବାର ଏବଂ ରଞ୍ଜନଙ୍କ ବଡ଼ଭାଇ ମୂରଲୀଧର ଅଭିଯୋଗ କରିଛନ୍ତି। ଏ ନେଇ ଗେହ୍ଲୀ ଗୁରୁବାର ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଗ୍ରହଣ ନ କରିବାରୁ ସେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗେହ୍ଲୀଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗେହ୍ଲୀ ଶୁକ୍ରବାର ଭଲ ହୋଇ ଫେରିବା ପରେ ଥାନାରେ ଅଭିଯୋଗ କରିଛନ୍ତି।

**ପଥର କଟାଳିଙ୍କ ପୁଅର ସଫଳତା**

## 'ବୈଜ୍ଞାନିକ ହେବାର ନିଶା ମୋତେ ବିଚଳିତ କରିଥିଲା'



୫ଟି ପ୍ରଶ୍ନ

*ଦୃଢ଼ ସଂକଳ୍ପ, ସ୍ଥିର ଲକ୍ଷ୍ୟ ଓ ନିରନ୍ତର ପ୍ରଚେଷ୍ଟା ଜାରି ରହିଲେ ଅସାଧ୍ୟ ବି ସାଧିତ ହୋଇଥାଏ। ଦାରିଦ୍ର୍ୟର କଷାଘାତ ମୁଖ୍ୟ ପ୍ରତିବନ୍ଧକ ହୋଇଥିଲେ ବି ତାହାକୁ ଆଦୌ ଖାତିର ନ କରି ବହୁ କଷ୍ଟରେ ଜଣେ ଆଗକୁ ବଢିପାରେ ବୋଲି ପ୍ରମାଣିତ କରି ଦେଖାଇଛନ୍ତି ଯାଜପୁର ଜିଲା ଧର୍ମଶାଳା ବ୍ଲକ ରାଇଛନ୍ଦା (କମାରସାହି) ଗ୍ରାମର ହେମନ୍ତ ଓଝା (୨୫)। ଆମେରିକାର ନାସାରେ ବୈଜ୍ଞାନିକ ଭାବେ ନିଯୁକ୍ତି ପାଇ ସେ ସମଗ୍ର ଓଡ଼ିଶା ତଥା ଜିଲା ପାଇଁ ଗୌରବ ଆଣିଦେଇଛନ୍ତି। ହେମନ୍ତଙ୍କ ବାପା ଅର୍ଜୁନ ଓଝା ବୃତ୍ତିରେ ଜଣେ ମାଙ୍କଡ଼ା ପଥର କଟାଳି। ବହୁ ଆର୍ଥିକ ଦୁରବସ୍ଥା ସତ୍ତ୍ୱେ ସେ ଏଭଳି ସଫଳତା ହାସଲ କରିବା ନିଶ୍ଚିତ ରୂପେ ଅତ୍ୟନ୍ତ ଗର୍ବର ବିଷୟ। ମା'ବାପା, ଚାରିଭାଇ ଓ ଭଉଣୀଙ୍କୁ ନେଇ ତାଙ୍କ ପରିବାର। ଇସ୍ରୋ ତାଙ୍କୁ ନାସାର ଜଣେ କନିଷ୍ଠ ବୈଜ୍ଞାନିକ ଭାବେ ଯୋଗଦେବାକୁ ସୂଚନା ଦେବାପରେ ତାଙ୍କ ପରିବାରରେ ଖୁସିର ଲହରି ଖେଳିଯାଇଛି। ସେ ଆସନ୍ତା ୨୨ ତାରିଖରେ ଆମେରିକା ଅଭିମୁଖେ ଯାତ୍ରା କରିବେ। ଏହି ଅବସରରେ ଧରିତ୍ରୀ ତରଫରୁ ତାଙ୍କୁ ପଚରାଯାଇଥିବା ୫ଟି ପ୍ରଶ୍ନ...*

**➤ପାଠ ପଢୁଥିବା ସମୟରେ ଆପଣଙ୍କ ଲକ୍ଷ୍ୟ କ'ଣ ଥିଲା?**

ବୈଜ୍ଞାନିକ ହେବାର ନିଶା ମତେ ଖୁବ୍ ବିଚଳିତ କରିଥିଲା। ପଢ଼ିବା ସମୟରୁ ଜଣେ ବଡ଼ ବୈଜ୍ଞାନିକ ହେବାର ସ୍ୱପ୍ନ ଦେଖୁଥିଲି।

**➤ବୈଜ୍ଞାନିକ ହେବା ପାଇଁ କାହା ଆଦର୍ଶରେ ଓ କାହିଁକି ମନ ବଳାଇଲେ?**

ବିଜ୍ଞାନ ପ୍ରତି ମୋର ଅହେତୁକ ଦୁର୍ବଳତା ଥିଲା। ବଡ଼ଭାଇ ଗୌରାଙ୍ଗ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କ ଆଦର୍ଶ ଓ ପ୍ରେରଣା ମତେ ଉର୍ଜା ଯୋଗାଉଥିଲା।

**➤କ'ଣ ନୂଆ କରିବାକୁ ଚାହାଁନ୍ତି?**

ବିଜ୍ଞାନ କ୍ଷେତ୍ରରେ ଅଧିକରୁ ଅଧିକ ଗବେଷଣା କରିବାକୁ ଚାହେଁ। ବିଶେଷକରି ଏଲିଏନ୍ସଙ୍କ ଅବସ୍ଥିତି ସମ୍ବନ୍ଧରେ ଜାଣିବାକୁ ଓ ଦୁନିଆକୁ ଜଣାଇବାକୁ ଚାହିଁବି।

**➤ଲକ୍ଷ୍ୟ ହାସଲ କ୍ଷେତ୍ରରେ କ'ଣ ବାଧକ ସାଜିଥିଲା?**

ଛାତ୍ରାବସ୍ଥାରେ ଆର୍ଥିକ ସମସ୍ୟା ଅଧିକ ବାଧକ ସାଜିଥିଲା।

**➤ ଛାତ୍ରୀଛାତ୍ରଙ୍କୁ କ'ଣ ବାର୍ତ୍ତା ଦେବେ?**

ଛାତ୍ରୀଛାତ୍ର ହେଉଛନ୍ତି ଆସନ୍ତାକାଲିର ଭବିଷ୍ୟତ। ସେମାନେ ପ୍ରଥମେ ନିଜର ଏକ ଲକ୍ଷ୍ୟ ସ୍ଥିର କରନ୍ତୁ ଓ ବଡ଼ ସ୍ୱପ୍ନ ଦେଖନ୍ତୁ। ବିଜ୍ଞାନ ପ୍ରତି ଆକର୍ଷିତ ହୋଇ କଠୋର ପରିଶ୍ରମ କରି ଉଚ୍ଚ ପଦବୀରେ ଅଧିଷ୍ଠିତ ହୁଅନ୍ତୁ।

-ରିପୋର୍ଟ: ଅଶୋକ କୁମାର ଦାସ, ଜେନାପୁର

# ଗାଁର ନାଁ ନାଥପୁର

ରତ୍ନଗିରି,୮।୨(ଡି.ଏନ୍.ଏ.)

ଯାଜପୁର ଜିଲା ମାନଚିତ୍ରରେ ବାରି ହୋଇପଡୁଥିବା ଗାଁଟିଏ ନାଥପୁର। ବରୀ ବ୍ଲକ ଧାରପୁର ପଞ୍ଚାୟତର ନାଥପୁର ହେଉଛି ସବୁଠୁ ବଡ଼ ଗାଁ। ପୂର୍ବ ଦିଗରେ ବହିଯାଇଛି ବ୍ରାହ୍ମଣୀ ନଦୀ। ଏହାକୁ ଲାଗି ରହିଛି ଧାରପୁର, ପଶ୍ଚିମରେ ବିଦଗ୍ଧକବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଜନ୍ମପୀଠ ବାଲିଆ। ଉତ୍ତରରେ ଶସ୍ୟ ଶ୍ୟାମଳା କ୍ଷେତ ଓ ବଅଡିହ ପର୍ବତମାଳା, ଦକ୍ଷିଣରେ ରହିଛି ଈଶାଣପୁର ଗ୍ରାମପଞ୍ଚାୟତ । ଅଭିମନ୍ୟୁଙ୍କ ଗାଁ ଦେଇ ନାଥପୁରକୁ ଗଲେ ଅଭିମନ୍ୟୁ ସାମନ୍ତ ସିଂହାର ମହାବିଦ୍ୟାଳୟ ରହିଛି। ପାଖକୁ ଲାଗିରହିଛି ବାଲିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର। ଏହାର ଅନତି ଦୂରରେ ଶନିଶ୍ଚରଦେବ ଓ ନୂଆ କରି ଗଢି ଉଠିଥିବା ହନୁମାନଙ୍କ ମନ୍ଦିର। ଗାଁ ମଝିରେ ଗ୍ରାମଦେବତୀ ମା'ଥାନପତିଙ୍କ ମନ୍ଦିର ରହିଛି। ସେହିପରି ଗାଁ ମଝିରେ ରହିଛି ନାଥେଶ୍ୱର ମହାଦେବଙ୍କ ମନ୍ଦିର। ଏହାକୁ ଛାଡିଦେଲେ ଜଗନ୍ନାଥ ମନ୍ଦିର, ବଟ ମହାପୁରୁଷ, ତାରିଣୀ, ବନଦୁର୍ଗା ମନ୍ଦିର ଗାଁରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିଥାଏ। ୭ଟି ୱାର୍ଡକୁ ନେଇ ଗଠିତ ଗାଁର ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଯୁବକ ସୁଦୂର ଦୁବାଇ, ମାଲେସିଆ, ଦକ୍ଷିଣ ଆଫ୍ରିକା, କେନିଆ, ଆବୁଧାବି, ବେହେରିନ୍ ଭଳି ବିଭିନ୍ନ ଦେଶରେ କାମ କରୁଛନ୍ତି। ଏହି ଗାଁରେ ପଟଣା ଓ କେନ୍ଦୁଆ ଦୁଇଟି ପଡା ରହିଛି ।

### ଚାଷବାସ

ଏହି ଗାଁର ୫୦ ପ୍ରତିଶତରୁ ଅଧିକ ଲୋକେ ଚାଷ ଉପରେ ନିର୍ଭର କରିଥାନ୍ତି। କେତେକ ଜମିରେ ଗୋଟିଏ ପ୍ରକାର ଫସଲ ହେଉଥିବା ବେଳେ ଆଉ କେତେକ ଜମିରେ ଦୁଇରୁ ତିନି ପ୍ରକାର ଫସଲ ଅମଳ ହୋଇଥାଏ। ଧାନ, ବିରି, ମୁଗ, ବାଦାମ, ନଳିତା, ଆଖୁ ଆଦି ଫସଲ ମୁଖ୍ୟ। କେତେକ ପରିବାର ବିଭିନ୍ନ ପ୍ରକାର ପନିପରିବା ଯଥା- କୋବି, ବାଇଗଣ, ମୂଳା, ବିମ୍, ପୋଟଳ, କଲରା ଆଦି ନିଜ ଜମିରେ ଚାଷ କରି ପାଖ ବଜାରରେ ବିକ୍ରି କରିଥାନ୍ତି।

### ଗାଁର ଶିକ୍ଷାନୁଷ୍ଠାନ

ଗାଁରେ ନବୀନ ଚନ୍ଦ୍ର ବିଦ୍ୟାପୀଠ, ନାଥପୁର ପ୍ରାଥମିକ ବିଦ୍ୟାଳୟ, ନାଥପୁର ନିମ୍ନ ମୌଳିକ ବିଦ୍ୟାଳୟ, ସରସ୍ୱତୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ସୁଧାସାର ଭକ୍ତିବାବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସରସ୍ୱତୀ ବାବା ଶିଶୁ ମନ୍ଦିର ଆଦି ଶିକ୍ଷାନୁଷ୍ଠାନ ରହିଛି। ଗାଁରେ ଉଚ୍ଚ ବିଦ୍ୟାଳୟ କି ମହାବିଦ୍ୟାଳୟ ନାହିଁ। ଉଚ୍ଚ ଶିକ୍ଷା ପାଇଁ ଅନ୍ୟ ଶିକ୍ଷାନୁଷ୍ଠାନ ଉପରେ ନିର୍ଭର କରିବାକୁ ପଡେ। ଗାଁ ମଝିରେ ଖେଳପଡ଼ିଆ ରହିଛି। ପ୍ରତିବର୍ଷ ଏହି ପଡ଼ିଆରେ ଗାଁ ପିଲାମାନେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥାନ୍ତି। ପ୍ରତିବର୍ଷ ଫଗୁଣ ମାସରେ ଏହି ପଡିଆରେ ଅନୁଷ୍ଠିତ ହୁଏ କଳ୍ପବଟ ମେଳଣ। ଯାହାକୁ ଦେଖିବା ପାଇଁ ଆଖପାଖ ଗାଁର ହଜାର ହଜାର ଲୋକେ ଏକାଠି ହୁଅନ୍ତି।

### ଯୁବକ ସଂଘ

ଗାଁ ରେ ରହିଛି ସର୍ବପୁରାତନ ଅନୁଷ୍ଠାନ ପ୍ରଗତି କ୍ଲବ। ଏତଦ୍‌ବ୍ୟତୀତ ମହାପୁରୁଷ କ୍ଲବ, ୟଙ୍ଗ ଷ୍ଟାର ୟୁଥ୍ କ୍ଲବ, ନେତାଜୀ ୟୁଥ୍ କ୍ଲବ, ବଜରଙ୍ଗବାଲୀ ଯୁବକ ସଂଘ, ସାରା ଆକାଶ ଯୁବକ ସଂଘ ଏମିତି ଅନେକ ଅନୁଷ୍ଠାନ ରହିଛି। ସାହିତ୍ୟର ପ୍ରସାର ପାଇଁ ଗଢିଉଠିଛି ଜଗା ଶିଶୁ ସାହିତ୍ୟ ସଂସଦ।

**ସିଦ୍ଧବାବା ସରସ୍ୱତୀ ଆଶ୍ରମ**

ଗାଁର ପୂର୍ବ ଦିଗରେ ରହିଛି ସିଦ୍ଧ ମହାପୁରୁଷ ସନ୍ଥ ସୁଧାସାର ଭକ୍ତି ବାବା ସରସ୍ୱତୀ ଦେବଙ୍କ ଆଶ୍ରମ। ଗାଁର ବିଶ୍ୱାସର ପୀଠ ଭାବେ ଏହି ଆଶ୍ରମ ବା ମଠ ବେଶ୍ ପରିଚିତ। କାହିଁ କେତେ ବର୍ଷରୁ ସରସ୍ୱତୀ ଦାସ ନାମକ ଜଣେ ସାଧୁ ବନ୍ୟା ପ୍ରପୀଡ଼ିତ ବରୀ ଅଞ୍ଚଳର ଏହି ସ୍ଥାନକୁ ନିଜର ଆଶ୍ରମ ରୂପେ ବାଛି ନେଇଥିଲେ। ସେବେଠୁ ଆଶ୍ରମ ଜନସାଧାରଣଙ୍କ ବିଶ୍ୱାସର ପୀଠସ୍ଥଳୀ ପାଲଟିଛି। ମଠ ପରିସରରେ ସରସ୍ୱତୀ ବାବାଙ୍କ ତିରୋଧାନ ଦିବସ ଧୂମ୍‌ଧାମ୍‌ରେ ପାଳିତ ହୋଇଆସୁଛି। ଏହି ଅବସରରେ ଜିଲା ଓ ଜିଲା ବାହାରୁ ବାବାଙ୍କ ଭକ୍ତମାନେ ଆସି କାର୍ଯ୍ୟକ୍ରମରେ ଯୋଗଦେଇଥାନ୍ତି। ହରିହାଟ ଏହାର ଅନ୍ୟତମ ବୈଶିଷ୍ଟ୍ୟ।




### ବଞ୍ଚିରହିଛି ପାଲା ପରମ୍ପରା

ଅନେକ ବର୍ଷ ତଳେ ହେଉଥିବା ପାଲା ପରିବେଷଣ ଦେଖିବା ପାଇଁ ପାଖଆଖ ଅନେକ ଗାଁର ଲୋକଙ୍କ ଭିଡ଼ ଜମିଥାଏ। କିନ୍ତୁ ଏହା କିଛିବର୍ଷ ତଳେ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା। ହେଲେ ଗାଁର କିଛି ବରିଷ୍ଠ ନାଗରିକ ଗତ ୧୧ବର୍ଷଧରି ପୁଣି ଥରେ ସତ୍ୟନାରାୟଣ ପାଲା କମିଟି ଗଠନ କରି ଅଗ୍ନି ଉତ୍ସବ ପୂର୍ବରୁ ପାଲା ପରିବେଷଣ ଆୟୋଜନ କରି ଆସୁଛନ୍ତି।

### ଗାଁର ପର୍ବପର୍ବାଣି:

ଗାଁରେ ଭିନ୍ନି ଭିନ୍ନ ଜାତିର ଲୋକେ ବାସ କରନ୍ତି। ତେଣୁ ଭିନ୍ନ ଭିନ୍ନ ପର୍ବପର୍ବାଣି ମଧ୍ୟ ପାଳିତ ହୋଇଥାଏ। କିନ୍ତୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଗାଁର ସମସ୍ତ ପରିବାର ହୋଲି, ରଜ, ଅକ୍ଷୟ ତୃତୀୟା, ଦଶହରା, ଦୀପାବଳି, ସରସ୍ୱତୀ ପୂଜା ଆଦି ପର୍ବକୁ ମିଳିମିଶି ପାଳନ କରନ୍ତି। ଗାଁର ନାଥପୁର ଓ ପଟଣାରେ ପ୍ରତିବର୍ଷ ଅକ୍ଷୟ ତୃତୀୟା ଓ ଦଶହରାରେ ନାଟକ ମଞ୍ଚସ୍ଥ ହୋଇ ଆସୁଥିଲା। ହେଲେ ଏବେ ସେ ପରମ୍ପରାରେ ପ୍ରତିବନ୍ଧକ ଦେଖାଦେଇଥିଲେ ମଧ୍ୟ ଗ୍ରାମର ଭାଇଚାରା ଉଜ୍ଜୀବିତ ରହିଛି।

### ନାଥେଶ୍ୱର ମହାଦେବଙ୍କ ମନ୍ଦିର

ଦେଶ ଓ ଦେଶ ବାହାରେ ରହୁଥିବା ଉଦ୍ୟମୀ ଯୁବକଙ୍କ ଧର୍ମୀୟ ଚେତନା ଏହି ଗାଁରେ ନୂଆ କରି ଗଢି ଉଠିଥିବା ନାଥେଶ୍ୱର ମହାଦେବଙ୍କ ମନ୍ଦିରରେ ପ୍ରତିଫଳିତ ହୋଇଛି। ଲିଙ୍ଗ ଆକୃତିର ଏହି ଶିବ ମନ୍ଦିରଟି ସମଗ୍ର ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବାହାରେ ରହୁଥିବା ଗାଁର ଯୁବକଙ୍କ ଅନୁଦାନରେ ନିର୍ମିତ ମନ୍ଦିର ଦେଖିବା ପାଇଁ ବେଶ୍ ଭିଡ ଜମେ। ଜାଗର ଯାତ୍ରାରେ ଅଷ୍ଟପ୍ରହର ନାମଯଜ୍ଞ, ପାଲା, ଭଜନ ସମାରୋହ, ସାଂସ୍କୃତିକ କାର୍ଯ୍ୟକ୍ରମ ଶୈବପୀଠର ପରିସରକୁ ଲୋକାରଣ୍ୟ କରିଦିଏ। ଜାଗର ଯାତ୍ରା ସମୟରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ମନ୍ଦିର ବେଢ଼ା ଚତୁଃପାର୍ଶ୍ୱରେ ଶ୍ରଦ୍ଧାଳୁମାନେ ମହାଦୀପ ଉଠିବା ଯାଏ ଅଖଣ୍ଡ ଦୀପ ଜାଳି ଶୁଭ ମନାସନ୍ତି।



### ଭାଗବତ ଟୁଙ୍ଗି

ଆଧୁନିକତା ଛାପରେ ଭାଗବତ ପାଠ, ପୁରାଣ ଚର୍ଚ୍ଚା, ପୌରାଣିକ ତଥ୍ୟ ଉପରେ ଆଲୋଚନା ଧୀରେ ଧୀରେ ଲୋପ ପାଇଯାଉଛି। ହେଲେ ନାଥପୁର ଗାଁରେ ବଞ୍ଚିରହିଛି ଭାଗବତ ଟୁଙ୍ଗିର ପରମ୍ପରା। ସଞ୍ଜ ନଇଁଲେ ଗାଁର ପୁରୁଖା ଲୋକ ଭାଗବତ ଟୁଙ୍ଗିରେ ଏକତ୍ରିତ ହୁଅନ୍ତି। ସେଇଠି ଆରମ୍ଭ ହୁଏ ବୁଲୁନନା, ବିଜୟ ସାର୍ ଓ ବିଜୟ ଜେନାଙ୍କ ଦ୍ୱାରା ଭାଗବତ ପଢ଼ା। ପୁଣି ଚାଲେ ତର୍କବିତର୍କ। କିଛି ସମୟ ପାଇଁ ଗାଁର ଭଗବତ୍ ପ୍ରେମୀ ଆଧ୍ୟାତ୍ମିକ ଚେତାନ ଭିତରେ ନିଜକୁ ହଜେଇ ଦିଅନ୍ତି।





ତୁମେ ନିଜେ ସତ୍ ହୋଇଗଲେ ଆଉ କିଛି ହେଉ ବା ନହେଉ, ତୁମର ଏତିକି ସନ୍ତୋଷ ହେଲା ଯେ, ପୃଥିବୀର ଅସତ୍ ଲୋକଙ୍କ ସଂଖ୍ୟା ଗୋଟିଏ କମିଗଲା।
- କାର୍ଲାଇଲ



## ସଂକ୍ଷେପରେ

### ଯୌତୁକ ନିର୍ଯାତନା ଅଭିଯୋଗ: ସ୍ୱାମୀ କୋର୍ଟ ଚାଲାଣ

କୋରେଇ,୮।୨(ସ୍ୱ.ପ୍ର.)- ପାଣିକୋଇଲି ଥାନା ଅନ୍ତର୍ଗତ ବାଲିଦାଣ୍ଡ ସାହିର ଜଣେ ବ୍ୟକ୍ତି ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେବା ଅଭିଯୋଗରେ ପାଣିକୋଇଲି ପୋଲିସ ଶୁକ୍ରବାର ସ୍ୱାମୀଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଗୋବିନ୍ଦ ସାହୁଙ୍କ ପୁଅ ରବୀନ୍ଦ୍ର। ପ୍ରକାଶ ଯେ, ପାଣିକୋଇଲି ଥାନା ଅନ୍ତର୍ଗତ ତେଲିଆ ଗ୍ରାମର ଝୁମା ନାମ୍ନୀ ମହିଳା ଗତ ୨୦୧୫ରେ ବାଲିଦାଣ୍ଡ ସାହିର ରବୀନ୍ଦ୍ରଙ୍କୁ ବିବାହ କରିଥିଲେ। ମାତ୍ର ବାପଘରୁ ଅଧିକ ୩ ଲକ୍ଷ ଟଙ୍କା ଯୌତୁକ ଆଣିବାକୁ ଦାବି କରି ରବୀନ୍ଦ୍ର, ତାଙ୍କ ମା' ଏବଂ ଭଉଣୀ ମିଶି ଝୁମାଙ୍କୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ। ବାପଘରର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ଏତେ ଟଙ୍କା ଆଣିପାରିବେ ନାହିଁ ବୋଲି କହିଥିଲେ। ଗତ ୩୦ ତାରିଖ ରାତିରେ ଝୁମା ଶୋଇଥିବା ବେଳେ ରବୀନ୍ଦ୍ର ତାଙ୍କ ମୁହଁରେ ତକିଆ ପକାଇ ମାଡ଼ି ବସିଥିଲେ। ଫଳରେ ଝୁମା ଶ୍ୱାସରୁଦ୍ଧ ହୋଇ ଚିତ୍କାର କରିବାରୁ ପଡ଼ିଶା ଲୋକେ ଆସିଥିଲେ। ରବୀନ୍ଦ୍ର ଘଟଣାସ୍ଥଳରୁ ପଳାଇଥିଲେ। ପରେ ଝୁମା ଓ ୩ ବର୍ଷର ପୁଅକୁ ଘରୁ ବାହାର କରିଦେବାରୁ ସେ ନିଜ ବାପ ଘରେ ରହୁଥିଲେ। ଏହି ଘଟଣାକୁ ନେଇ ଝୁମା ଗୁରୁବାର ପାଣିକୋଇଲି ଥାନାରେ ଅଭିଯୋଗ କରିଥବଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (୨୨/୧୯) ରୁଜୁ କରିବା ସହ ଅଭିଯୁକ୍ତ ସ୍ୱାମୀଙ୍କୁ କୋର୍ଟ ଚାଲାଣ କରିଛି।

### କ୍ରିକେଟ୍ ମ୍ୟାଚ୍ ଉଦ୍ୟାପିତ: ବଜରଙ୍ଗ ଭାଇଜାନ ଚାମ୍ପିୟନ

ସିଂହପୁର,୮।୨(ଡି.ଏନ୍.ଏ.)- ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରୀ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ଶୁକ୍ରବାର କ୍ରିକେଟ ମ୍ୟାଚ୍ ଉଦ୍ୟାପିତ ହୋଇଯାଇଛି। ଜରୀ ଇଲେଭେନ ୟଙ୍ଗ ଷ୍ଟାର ଓ ଛନ୍ଦାମୁଣ୍ଡ ବଜରଙ୍ଗ ଭାଇଜାନ କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବଜରଙ୍ଗ ଭାଇଜାନ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଉଦଯାପନୀ ଉତ୍ସବରେ ବିଜୁ ଯୁବ ବାହିନୀର ସଭାପତି ନିଳମଣି ମଲିକ ସଭାପତିତ୍ୱ କରିଥିଲେ। ପୂର୍ବତନ ସରପଞ୍ଚ ନନ୍ଦକିଶୋର ମଲିକ, ଦଳିତ ସେଲର ସମ୍ପାଦକ ଧୁସାସନ ମଲିକ ପ୍ରମୁଖ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ଯୁବ ବାହିନୀର ମାନସ ମଲିକ, ପ୍ରଦିପ ଜେନା, ରୁଦ୍ର ପ୍ରତାପ ଦାସ, କୁଳମଣି ମଲିକ, ପ୍ରକାଶ ମଲିକ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

### ମନ୍‌ସୁର ବାବାଙ୍କ ଦାନବାକ୍ସରୁ ଟଙ୍କା ଚୋରି

କୋରେଇ,୮।୨(ସ୍ୱ.ପ୍ର.)- କୋରେଇ ଥାନା ନିକଟରେ ଥିବା ବାବା ମନ୍‌ସୁର ବାବାଙ୍କ ଦାନବାକ୍ସରୁ ଗୁରୁବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଟଙ୍କା ଚୋରି କରିଛନ୍ତି। ସକାଳୁ ଆଲ୍ଲାଉଦ୍ଦିନଙ୍କ ସମେତ ମୁସ୍‌ଲିମ୍ ଭାଇମାନେ ମସ୍‌ଜିଦ୍ ନିକଟରେ ପହଞ୍ଚିବା ପରେ ହୁଣ୍ଡି ଭଙ୍ଗା ଯାଇଥିବା ଦେଖିଥିଲେ। ଏ ନେଇ ମସ୍‌ଜିଦ୍ ପରିଚାଳନା ସଭାପତି ସେକ୍ ଆଲ୍ଲାଉଦ୍ଦିନ ଶୁକ୍ରବାର କୋରେଇ ଥାନାରେ ଅଭିଯୋଗ କରିଛନ୍ତି। ଗତ ଦୁଇମାସ ଧରି ହୁଣ୍ଡି ଖୋଲା ଯାଇ ନ ଥିବାରୁ ଆନୁମାନିକ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଥିବା ଆଲ୍ଲାଉଦ୍ଦିନ କହିଛନ୍ତି। ପରେ ଏନେଇ କୋରେଇ ଥାନାରେ ଅଭିଯୋଗ କରିଥିଲେ।

### ରାଜ୍ୟସ୍ତରୀୟ ଡିୟୁ ଫ୍ରେଣ୍ଡ୍‌ସ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ
### ଫାଇନାଲରେ ନିମପୁର

ଚଣ୍ଡିଖୋଲ,୮।୨(ଡି.ଏନ.ଏ.)- ବଡ଼ଚଣା ବ୍ଲକ ଅନ୍ତର୍ଗତ ସୁଙ୍ଗୁଡା ଖେଳପଡିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ଡିୟୁ ଫ୍ରେଣ୍ଡ୍‌ସ କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନିମପୁର ସ୍ପୋର୍ଟ୍ସ କ୍ଲବ କଟକ ଓ ପାରାମାଉଁ କ୍ରିକେଟ କ୍ଲବ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନିମପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୬ ଉଇକେଟ ହରାଇ ୨୨୫ ରନ ସଂଗ୍ରହ କରିଥିଲା। ଜବାବରେ ପାରାମାଉଁ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୦ ରନ୍ କରି ପରାସ୍ତ ହୋଇଥିଲା। ବିଜୟୀ ଟିମ୍‌ର ଅଜୟ ରାଉତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ କରାଯାଇଥିଲା। ଜିତେନ୍ଦ୍ର ନାୟକ ଓ ଅମରେଶ ପରିଡା ମ୍ୟାଚ୍ ପରିଚାଳନା କରିଥିଲେ। ଫ୍ରେଣ୍ଡ୍‌ସ କ୍ଲବର କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଦେବେନ୍ଦ୍ର ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ।

## ■ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ନୈରାଶ୍ୟଜନକ
# ତାଲିମ ପାଇ ବି ବେକାର

■୫ ବର୍ଷରେ ତାଲିମପ୍ରାପ୍ତ ୯୬୮୨ ରୁ ୩୮୧୦ଜଣଙ୍କୁ ନିଯୁକ୍ତି
■ରାଜନୀତିକୁ ପ୍ରଭାବିତ କରୁଛି ସ୍ଥାନୀୟ ନିଯୁକ୍ତି ପ୍ରସଙ୍ଗ

ଯାଜପୁର ଅଫିସ/ ବିରଜାକ୍ଷେତ୍ର (ଡି.ଏନ.ଏ.), ୮।୨

ଶିଳ୍ପବହୁଳ ଯାଜପୁର ଜିଲାରେ କର୍ମନିଯୁକ୍ତି ସୁଯୋଗ ସଙ୍କୁଚିତ ହୋଇ କ୍ରମଶଃ ବେକାରି ସମସ୍ୟା ଉତ୍କଟ ହେବାରେ ଲାଗିଛି। କଳିଙ୍ଗନଗରରେ ପ୍ରତିଷ୍ଠିତ ବଡବଡ ଶିଳ୍ପ କମ୍ପାନୀ ବାହାର ରାଜ୍ୟର ଯୁବତୀଯୁବକଙ୍କୁ ନିଯୁକ୍ତି ଦେଉଥିବାରୁ ସ୍ଥାନୀୟ ଅଞ୍ଚଳର ଯୁବପିଢ଼ି ଅବହେଳିତ ହୋଇଛନ୍ତି। ଉକ୍ତ ଅଞ୍ଚଳ ବା ଜିଲାର ଲୋକ ପ୍ରତିନିଧିମାନେ ଏହାକୁ ବିରୋଧ କରିବା ବଦଳରେ ପରୋକ୍ଷରେ ସହଯୋଗୀ ହୋଇଥିବାରୁ ଜିଲାର ଶିକ୍ଷିତ ବେକାର ଯୁବତୀଯୁବକ ରାଜ୍ୟ ତଥା ଦେଶ ବାହାରକୁ ଦାଦନ ଖଟିବାକୁ ଯିବା ପାଇଁ ବାଧ ହେଉଛନ୍ତି। ଏହିକ୍ରମରେ ରାଜ୍ୟ ସରକାର ୨୦୧୪ରୁ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ କାର୍ଯ୍ୟକାରୀ କରିଛନ୍ତି। ଯୁବତୀଯୁବକଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦିଆଯାଉଥିଲେ ସୁଦ୍ଧା ଲକ୍ଷ୍ୟଧାର୍ଯ୍ୟ ପରାହତ ହୋଇଛି। ଗତ ୫ବର୍ଷ ମଧ୍ୟରେ ଏହି ଯୋଜନାରେ ୯୬୮୨ଜଣଙ୍କୁ ତାଲିମ ପ୍ରଦାନ କରାଯାଇଥିବା ବେଳେ ସେଥିରୁ ମାତ୍ର ୩୮୧୦ ଜଣଙ୍କୁ ନିଯୁକ୍ତି ମିଳିଥିବା ସୂଚନା ମିଳିଛି।

ନିଯୁକ୍ତି ସୃଷ୍ଟି ଲକ୍ଷ୍ୟରେ ରାଜ୍ୟ ସରକାର ଶିଳ୍ପାୟନ ପ୍ରତି ଗୁରୁତ୍ୱାରୋପ କରୁଛନ୍ତି। ହେଲେ ଏହାର ଫାଇଦା ଉଠାଇବାକୁ ଯାଇ କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ନିଯୁକ୍ତି ପ୍ରତି ଅବହେଳା କରିବାରେ ଲାଗିଛନ୍ତି। ତାହାର ପ୍ରଭାବ ରାଜ୍ୟର ଅନ୍ୟ କୌଣସି ଅଞ୍ଚଳରେ ଯାହା ହେଉନା କାହିଁକି ଶିଳ୍ପ କବଳିତ ଯାଜପୁର ଜିଲାରେ କିନ୍ତୁ ଏହାର ଗଭୀର ପ୍ରଭାବ ଦେଖିବାକୁ ମିଳିଛି। କମ୍ପାନୀ କର୍ତ୍ତୃପକ୍ଷଙ୍କ ଏହି ମନମାନିକୁ ବିରୋଧ କରିବାର ସାହାସ ଜୁଟାଇ ପାରୁ ନଥିବା ଶାସକ ଦଳ ବିଜେଡି ସମେତ ଭାଜପା ଓ କଂଗ୍ରେସ ଦଳର ନେତାଏ ଏବେ ଚିନ୍ତାରେ ପଡି ଯାଇଛନ୍ତି। କେତେକ ସଂଗଠନ ଗଢି ଉଠିଥିଲେ ମଧ୍ୟ କେବଳ ଅର୍ଥ ଲାଳସାରେ ସ୍ଥାନୀୟ ନିଯୁକ୍ତିକୁ ନେଇ ଚେତାବନୀ ଦେଇ ପରବର୍ତ୍ତୀ ସମୟରେ ନୀରବି ଯାଉଛନ୍ତି । ବିଶେଷ କରି ସରକାରଙ୍କ ଶିଳ୍ପ ପ୍ରୀତିକୁ ନେଇ ଟାଟା ଷ୍ଟିଲ ଓ ଟାଟା ମାଇନ୍ସ, ନୀଳାଚଳ ଇସ୍ପାତ, ଫେକର ମାଇନ୍ସ, ଜିନ୍ଦଲ, ମେସ୍କୋ ଷ୍ଟିଲ, ରୋହିତ ଫେରୋଟେକ, ଭିସା ଷ୍ଟିଲ, କେଜେ ଇସ୍ପାତ, ଓଏମସି, ବାଲେଶ୍ୱର ଆଲାଏଜ, ସାରୁଆବିଲ ଖଣି ପ୍ରଭୃତି କମ୍ପାନୀ ବିରୋଧରେ ଦେଖାଦେଇଥିବା ସରକାର ବିରୋଧୀ ଆଭିମୁଖ୍ୟ ଆଗାମୀ ଦିନରେ ଏ ଅଞ୍ଚଳର ରାଜନୀତିକୁ ବହୁଳ ଭାବରେ ପ୍ରଭାବିତ କରିବ ଏଥିରେ ସନ୍ଦେହ ନାହିଁ ବୋଲି ମତପ୍ରକାଶ ପାଉଛି। ସମସ୍ତ ଶିଳ୍ପ ଓ ଖଣି କମ୍ପାନୀରେ ଠିକା ଶ୍ରମିକଙ୍କୁ ମନଇଚ୍ଛା ଛଟେଇ ଆଦିର ପ୍ରଭାବ ସାଧାରଣ ଲୋକଙ୍କ ମନ ଭିତରେ ଅସନ୍ତୋଷ କୁହୁଳିବା ଆରମ୍ଭ କରିଛି। ସ୍ଥାନୀୟ ନିଯୁକ୍ତିକୁ ନେଇ ଏକ କମିଟି ମାଧ୍ୟମରେ ସମସ୍ୟାର ସମାଧାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲେ ହେଁ ତାହାର ଅନୁପାଳନ କରାଯାଉ ନାହିଁ। ଏସବୁ ଦେଖିବା ପରେ ସ୍ଥାନୀୟ ଲୋକ ସରକାରଙ୍କ କଥା ଓ କାର୍ଯ୍ୟରେ ଫରକ ଥିବା ମର୍ମେମର୍ମେ ଅନୁଭବ କଲେଣି। ନିଯୁକ୍ତି ଆଶାୟୀ ଯୁବତୀଯୁବକ ଏହାର ପ୍ରକୃତ ଜବାବ ଦେବା ପାଇଁ ପ୍ରସ୍ତୁତ ହୋଇସାରିଥିବା ଜ୍ୱଳନ୍ତ ପ୍ରମାଣ ନିୟମିତ ଭାବେ ବିଭିନ୍ନ ଆନ୍ଦୋଳନରୁ ସ୍ପଷ୍ଟ ଜଣାପଡୁଛି। ଦକ୍ଷତା ବିକାଶ କ୍ଷେତ୍ରରେ ୨୦୧୪-୧୫ରେ ୭୫୬ଜଣ ତାଲିମ ପାଇଥିବାବେଳେ ୩୮୧ଜଣଙ୍କୁ ନିଯୁକ୍ତି ମିଳିଛି। ସେହିପରି ୨୦୧୫-୧୬ରେ ତାଲିମଧାରୀ ୨୮୫୧ରୁ ୮୯୧, ୨୦୧୬-୧୭ରେ ୨୦୫୦ରୁ ୯୫୪, ୨୦୧୭-୧୮ରେ ୨୧୯୮ରୁ ୬୨୧ ଏବଂ ୨୦୧୮-୧୯ ବର୍ଷର ଜାନୁୟାରୀ ସୁଦ୍ଧା ତାଲିମଧାରୀ ୧୮୨୭ଜଣ ମଧ୍ୟରୁ ୯୬୩ଜଣ ନିଯୁକ୍ତି ମିଳିଥିବା ସରକାରୀ ରିପୋର୍ଟରେ ଦର୍ଶାଯାଇଛି। ତେବେ ଏହି ନିଯୁକ୍ତି ସ୍ଥାୟୀ କିମ୍ବା ଅସ୍ଥାୟୀ ସେ ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରି ନାହିଁ। ନିଯୁକ୍ତି ପାଇଥିବା ଯୁବତୀଯୁବକଙ୍କୁ ମାସିକ ୫ରୁ ୧୦ହଜାର ଟଙ୍କା ଦରମା ମିଳୁଥିବା କୁହାଯାଉଛି। ଏହାବାଦ ଦକ୍ଷତା ବିକାଶ ମାଧ୍ୟମରେ ପ୍ରଶିକ୍ଷଣ ନେଇଥିବା ଯୁବତୀଯୁବକଙ୍କୁ ନିଯୁକ୍ତି ବଦଳରେ ଆତ୍ମନିର୍ଭରଶୀଳ ହେବା ପାଇଁ ଜାତୀୟକରଣ ବ୍ୟାଙ୍କମାନେ ଋଣ ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଏଡିଏମ୍ ସନ୍ତୋଷ କୁମାର ମିଶ୍ର କୁହନ୍ତି, ସ୍ଥାନୀୟ ନିଯୁକ୍ତି କ୍ଷେତ୍ରକୁ ଜିଲା ପ୍ରଶାସନ ସର୍ବଦା ଅଗ୍ରାଧିକାର ଦେଇ ଆସୁଛି। ତଦନୁସାରେ ଶିଳ୍ପ ଓ ଖଣି କମ୍ପାନୀଙ୍କୁ ତାଗିଦ କରାଯାଉଛି।

### ତାରିଣୀ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ
### ବରୁଣେଶ୍ୱର କ୍ଲବ ଚାମ୍ପିୟନ

ଢ଼ୁବୁରୀ,୮।୨(ଡି.ଏନ୍.ଏ.)

ମା' ତାରିଣୀ କ୍ରିକେଟ କ୍ଲବ ସାରଙ୍ଗପୁର ଆନୁକୂଲ୍ୟରେ ସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ୭ମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବିସିସି( ବରୁଣେସ୍ୱେର କ୍ରିକେଟ କ୍ଲବ) କ୍ଲବ ଜୋଡାବର ଯାଜପୁରରୋଡକୁ ୩୮ ରନ୍‌ରେ ପରାସ୍ତ କରି ଚଳିତ ବର୍ଷର ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ବରୁଣେଶ୍ୱର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୩୯ ରନ୍ କରିଥିଲା । ଜବାବରେ ବିସିସି ଜୋଡାବର ୧୧୧ ରନ୍ କରି ପରାସ୍ତ ହୋଇଥିଲା। ବିଜୟୀ ଦଳର ସୁଶାନ୍ତ ସାହୁ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିବାବେଳେ ଉପବିଜେତା ଦଳର ଲକି ମହାନ୍ତିଙ୍କୁ ସର୍ବଶ୍ରେଷ୍ଠ ଖେଳାଳି ଭାବେ ଚୟନ କରାଯାଇଥିଲା। ସାରଙ୍ଗପୁର ପଞ୍ଚାୟତର ସରପଞ୍ଚ ଶରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମୁଖ୍ୟଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

## ୧୨ତମ ନବକୁଣ୍ଡୀୟ ଗାୟତ୍ରୀ, ଦୀପ ମହାଯଜ୍ଞ ଆରମ୍ଭ
# ଶ୍ଳୋକ, ମନ୍ତ୍ରରେ ଗୁଞ୍ଜରିତ ୪ ପଞ୍ଚାୟତ

ରସୁଲପୁର,୮।୨(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ପଞ୍ଚାୟତର ଐତିହାସିକ ନାରାୟଣ ଗୋସାଇଁଙ୍କ ବିଜେସ୍ଥଳ ମଧୁତୀର୍ଥ ଓ ମଦନ ମୋହନ ଜୀଉ ମଠ ପ୍ରାଙ୍ଗଣରେ ଶୁକ୍ରବାରଠାରୁ ୧୨ତମ ନବକୁଣ୍ଡୀୟ ଗାୟତ୍ରୀ ଓ ଦୀପ ମହାଯଜ୍ଞ ଆରମ୍ଭ ହୋଇଛି। ସ୍ଥାନୀୟ ଅଞ୍ଚଳର ୪ଟି ପଞ୍ଚାୟତ ଶ୍ଳୋକ ଓ ମନ୍ତ୍ରରେ ଗୁଞ୍ଜରିତ ହେଉଛି। ମହିଳା ସଦସ୍ୟଙ୍କର ପ୍ରମୁଖ ଯୋଗଦାନ ପରିବାରର ସଦସ୍ୟଙ୍କୁ ଧର୍ମୀୟ ସୂତ୍ରରେ ବାନ୍ଧି ପାରିଛି । ଜଗତ କଲ୍ୟାଣ ଓ ଗରିବଙ୍କ ହିତସାଧନ ପାଇଁ ବର୍ଷବର୍ଷ ଧରି ଏହି ଯଜ୍ଞ ଉତ୍ସବ ଅନୁଷ୍ଠିତ ହେଉଛି । ବାରବାଟୀ, କଳଣ, ସିଂହାପୁର ଓ ଓଡିଶୋ ପଞ୍ଚାୟତରୁ ୪୦୮ଜଣ ମହିଳା କଳସ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। କଳସଧାରୀମାନେ ମଧୁତୀର୍ଥ ପୁଷ୍କରଣୀରୁ ଜଳପୂର୍ଣ୍ଣ କଳସ ଧରି ଯଜ୍ଞମଣ୍ଡପ ନିକଟକୁ ଶୋଭାଯାତ୍ରାରେ ଆସି ପହଞ୍ଚିଥିଲେ । ମହିଳା ଶ୍ରଦ୍ଧାଳୁଙ୍କ ପକ୍ଷରୁ ୧୦୦୮ ଦୀପ ଦାନ କରାଯାଇଥିଲା। ପୁରୋହିତ କେଶବ ରଥ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିବା ଧ୍ୱଜା ଉତ୍ତୋଳନ କରିଥିଲେ। ଅନ୍ୟ ସହଚର ବ୍ରାହ୍ମଣଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟକୁ ପରିଚାଳନା କରାଯାଇଥିଲା। ମଣ୍ଡପରେ କଳସ ସ୍ଥାପନ କରାଯିବା ସହ କୁଣ୍ଡମଣ୍ଡଳକୁ ଶୁଦ୍ଧପୂତ କରାଯାଇ ଯଜ୍ଞକୁଣ୍ଡରେ ଅଗ୍ନିସଂଯୋଗ କରାଯାଇଥିଲା। ମନ୍ତ୍ର ଉଚ୍ଚାରଣରେ ପରିବେଶରେ ପବିତ୍ରତା ସୃଷ୍ଟି ହୋଇଥିଲା। ଗାୟତ୍ରୀ ଯଜ୍ଞ ପରିଚାଳନା କମିଟି ସଭାପତି ଯୋଗେନ୍ଦ୍ର ନାୟକ, ସମ୍ପାଦକ ପ୍ରଦୀପ ପ୍ରଧାନ, ସଦସ୍ୟ ରତିକୃଷ୍ଣ ନାୟକ, ପ୍ରଦୀପ ନାୟକ ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ।



ଗାୟତ୍ରୀ ଓ ଦୀପ ମହାଯଜ୍ଞ କରାଯାଉଛି।

### ନିଆଁରେ ପୋଡ଼ି ହେବା ଘଟଣା
### ଚିକିତ୍ସାଧୀନ ଅବସ୍ଥାରେ ମହିଳା ମୃତ

କୋରେଇ,୮।୨(ସ୍ୱ.ପ୍ର.)

ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ଗ୍ରାମରେ ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଥିବା ମହିଳାଙ୍କର ଶୁକ୍ରବାର କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସେ ହେଲେ ପଦ୍ମନାଭ ମଳିକଙ୍କ ସ୍ତ୍ରୀ ରେଖା (୨୦)। ପ୍ରକାଶ ଯେ, ଗତ ୨ ତାରିଖରେ ରେଖା ରୋଷେଇ କରୁଥିବା ବେଳେ ତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା। ତାଙ୍କ ଶରୀରର ପ୍ରାୟ ୭୦ ଭାଗ ପୋଡ଼ିଯାଇଥିଲା। ପରିବାର ଲୋକେ ତାଙ୍କୁ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଥିଲା। ରେଖାଙ୍କ ବାପ ଘରେ ବିଧବା ମା' ରଙ୍ଗ ମଳିକ ଅଛନ୍ତି। ତାଙ୍କର ଥଇଥାନ ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଶାଗୁଆନ ଜଙ୍ଗଲରେ ନିଆଁ

କୋରେଇ,୮।୨(ସ୍ୱ.ପ୍ର.)

କୋରେଇ ବ୍ଲକ ଅନ୍ତର୍ଗତ ୨୦ନଂ. ଜାତୀୟ ରାଜପଥ ରଗଡ଼ି ଛକ ନିକଟ ଜିଲା ସରକାରୀ ପଲିଟେକ୍‌ନିକ୍ କଲେଜ ଓ ସବ୍‌ଜେଲ ନିକଟରେ ନୂତନ ଭାବେ ଗଢି ଉଠିଥିବା ଶାଗୁଆନ ଜଙ୍ଗଲରେ ଲଗାତର ଭାବେ ୩ ଦିନ ଧରି ନିଆଁ ଲାଗୁଛି। ଏହାକୁ ଲିଭାଇବା ପାଇଁ ସ୍ଥାନୀୟ ଲୋକେ ଓ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ନୟାନ୍ତ ହେବାକୁ ପଡିଛି। ଏଠାକୁ ମଦ୍ୟପାନ କରିବା ସହ ଗଞ୍ଜେଇ ଓ ସିଗାରେଟ୍ ଟାଣିବାକୁ ଆସୁଥିବା ଯୁବକ ବେପରୁଆ ଭାବେ ଅଗ୍ନିକାଣ୍ଡ ଘଟାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗଛର ଶୁଖିଲା ପତ୍ର ଓ ଘାସରେ ନିଆଁ ଲାଗି ଏହା ଖୁବ୍‌ଶୀଘ୍ର ଚାରି ଆଡକୁ ବ୍ୟାପି ଯାଉଛି। ନିଆଁ ଲାଗିବା ଯୋଗୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡୁଛନ୍ତି। ସ୍ଥାନୀୟ ସାମାଜିକ କର୍ମୀ ବିଶ୍ୱଜିତ୍ କର, ଅଭିମନ୍ୟୁ କର, ବାମନ ଜେନା, ଟିଟୁ ସେଠି ପ୍ରମୁଖ ଘଟଣାର ତଦନ୍ତ କରାଯାଇ ଏହି ସବୁ କାର୍ଯ୍ୟରେ ଲିପ୍ତଥିବା ଯୁବକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଫରେଷ୍ଟର ବେଣୁଧର ବେହେରା, ବନ କର୍ମଚାରୀ ଅଜୟ କୁମାର ମଲ୍ଲିକକୁ ଦାବି କରିଛନ୍ତି।

# ମାଙ୍କଡ଼ ଆକ୍ରମଣରେ ମହିଳା ଗୁରୁତର

ଛତିଆ,୮।୨(ଡି.ଏନ.ଏ.)

ବୈରୀ ଥାନା ଅନ୍ତର୍ଗତ ପାରିଆ ପଞ୍ଚାୟତ ବରୁଣିଆ ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଏକ ମାଙ୍କଡ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ନରେନ୍ଦ୍ର ନାୟକଙ୍କ ସ୍ତ୍ରୀ ଚୁନି। ପରିବାର ଲୋକେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚୁନି ଛାତ ଉପରକୁ ଯାଇଥିବା ବେଳେ ଏକ ମାଙ୍କଡ ତାଙ୍କୁ କାମୁଡିବାକୁ ଗୋଡାଇ ଆସିଥିଲା। ଫଳରେ ଚୁନି ତରତର ହୋଇ ଶିଡ଼ିରେ ପଳାଇ ଆସିବା ବେଳେ ମାଙ୍କଡ଼ ତାଙ୍କୁ ଆକ୍ରମଣ କରିଥିଲା। ଚୁନି ଶିଡ଼ିରେ ପଡ଼ିଯିବାରୁ ତାଙ୍କ ହାତ ଓ ଛାତିର ପଞ୍ଜରା ହାଡ଼ ଭାଙ୍ଗିଯାଇଛି।

## ■ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ
# ନିଷ୍ଠା, ଏକାଗ୍ରତା ରହିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସମ୍ଭବ

ଦଶରଥପୁର,୮।୨(ଡି.ଏନ୍.ଏ.)

ଦଶରଥପୁର ବ୍ଲକ ଅଧୀନ ମଲ୍ଲିକାପୁର ପଞ୍ଚାୟତସ୍ଥିତ ଆଦର୍ଶ ବିଦ୍ୟାଳୟର ପ୍ରଥମ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଧିଓଡ଼ିଶା ଆଦର୍ଶ ବିଦ୍ୟାଳୟ ଡେପୁଟି ଡାଇରେକ୍ଟର ଶୈଳେନ୍ଦ୍ର କୁମାର ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ନିଷ୍ଠା ଓ ଏକାଗ୍ରତା ଓ ପ୍ରତ୍ୟେକ ମଣିଷ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସମ୍ଭବପର ହୋଇଥାଏ ବୋଲି ଡେପୁଟି ଡାଇରେକ୍ଟର ଜେନା କହିଥିଲେ। ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ଦିପ୍ତିମୟୀ ନାୟକଙ୍କ ସଞ୍ଚାଳନରେ ଅନୁଷ୍ଠିତ ଉତ୍ସବରେ ଜିଲା ପ୍ରକଳ୍ପ ସଂଯୋଜକ ବିଷ୍ଣୁଚରଣ ସୂତାର ଯୋଗଦେଇ ପ୍ରତ୍ୟେକ ବ୍ଲକ୍‌ରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହେବା ଦ୍ୱାରା ଶିକ୍ଷାର ବିକାଶ ସହ ଗ୍ରାମାଞ୍ଚଳରେ ରହୁଥିବା ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନରେ ସହାୟକ ହେଉଛି। ସମ୍ମାନିତ ଅତିଥିଭାବେ ବ୍ଲକ୍ ଶିକ୍ଷାଧିକାରୀ ଗୟାଧର ନନ୍ଦ, ଯାଜପୁର ବ୍ଲକ ସହ ଶିକ୍ଷାଧିକାରୀ ଅଭୟ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଦୀପ୍ତିରଞ୍ଜନ ସେନାପତି ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ■ ବାଉଁଶକୋଣ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଦୁର୍ନୀତି ପ୍ରସଙ୍ଗ
# ତଦନ୍ତ କରିବେ ବିଡିଓ

ସୁକିନ୍ଦା, ୮।୨(ଡି.ଏନ୍.ଏ.)

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଦୁଧୁଯୋରି ପଞ୍ଚାୟତର ବାଉଁଶକୋଣ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରଦାନରେ ଅନିୟମିତତାକୁ ନେଇ ଶୁକ୍ରବାର ବିଡ଼ିଓ ଘଟଣା ସମ୍ପର୍କରେ ତନାଘନା ଆରମ୍ଭ କରିଛନ୍ତି । ଉକ୍ତ ବିଦ୍ୟାଳୟ ସମେତ ବ୍ଲକରେ ରହିଥିବା ଅନ୍ୟ ସମସ୍ତ ବିଦ୍ୟାଳୟଗୁଡିକରେ ମଧ୍ୟାହ୍ନ ଭୋଜନ ସ୍ଥିତି ପରୀକ୍ଷା କରି ରିପୋର୍ଟ ପ୍ରଦାନ କରିବାକୁ ବିଇଓଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ବିଡ଼ିଓ ମଣିପ୍ରସାଦ ମିଶ୍ର କହିଛନ୍ତି। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ସେ ନିଜେ ତଦନ୍ତ ଭାର ବହନ କରିବେ ବୋଲି ବିଡିଓ କହିଛନ୍ତି। ଅପରପକ୍ଷେ ସ୍କୁଲ କର୍ତ୍ତୃପକ୍ଷ ଘଟଣାକୁ ଚପାଇବାକୁ ଉଦ୍ୟମ କରୁଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଆଦିବାସୀ ଅଧ୍ୟୁଷିତ ବାଉଁସକଣା ପ୍ରାଥମିକ ବିଦ୍ୟାଳୟରେ ୪୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ପ୍ରତିବର୍ଷ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମିବାରେ ଲାଗିଥିବାବେଳେ ମଧ୍ୟାହ୍ନ ଭୋଜନ ନାମରେ ଅର୍ଥ ହଡ଼ପ କରାଯାଉଛି। ବିଦ୍ୟାଳୟରେ କେତେଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହୁଥିଲେ ମଧ୍ୟ ଦୈନିକ ଉପସ୍ଥାନ ଖାତାରେ ସେମାନଙ୍କ ଉପସ୍ଥାନ ଦର୍ଶାଯାଇ ଅର୍ଥ ହଡ଼ପ କରାଯାଉଥିବା ଅଭିଭାବକ ଅଭିଯୋଗ କରିଥିଲେ। ଏ ନେଇ ବୁଧବାର ଧରିତ୍ରୀରେ ପ୍ରଥମେ ଖବର ପ୍ରକାଶ ପାଇଥିଲା।

# ବିଭିନ୍ନ ଦାବିରେ ଗଣବିକ୍ଷୋଭ




ଏସ୍‌ୟୁସିଆଇ କର୍ମୀଙ୍କ ବ୍ଲକ ସମ୍ମୁଖରେ ବିକ୍ଷୋଭ।

ଧର୍ମଶାଳା, ୮।୨(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକର ବିଭିନ୍ନ ସମସ୍ୟାକୁ ନେଇ ଶୁକ୍ରବାର ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଧର୍ମଶାଳା ବ୍ଲକ କମିଟି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଗ୍ରାମକୁ ପାନୀୟ ଜଳ, ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ଏବଂ ମଦନିଷିଦ୍ଧ ଦାବିରେ କର୍ମୀ ଓ ସମର୍ଥକମାନେ ହାତରେ ପ୍ଲାକାର୍ଡ ଓ ବ୍ୟାନରଧରି ବିଭିନ୍ନ ସ୍ଲୋଗାନରେ ଜାରକା ଶାନ୍ତିବଜାରଠାରୁ ବାହାରି ବଜାର ପରିକ୍ରମାକରି ଥିଲେ। ପରେ ବ୍ଲକ କାର୍ଯ୍ୟାଳୟରେ କମ୍ରେଡ ମଧୁମିତା ସାହୁଙ୍କ ସଭାପତିତ୍ୱରେ ଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତାଭାବେ ଏସ୍‌ୟୁପିଆଇ ରାଜ୍ୟ କମିଟି ସଭ୍ୟ କମ୍ରେଡ ଅକ୍ଷୟ ଦାସ ଯୋଗଦେଇ ଦେଶ ସ୍ୱାଧୀନ ହେବାର ୭୨ବର୍ଷ ପରେ ବ୍ଲକର ସବୁ ଗ୍ରାମରେ ପାନୀୟ ଜଳ ବନ୍ଦୋବସ୍ତ କରାଯାଇ ନାହିଁ। ବ୍ଲକର ଏକମାତ୍ର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଶିଶୁରୋଗ ଓ ସ୍ତ୍ରୀରୋଗ ବିଶେଷଜ୍ଞ ନିଯୁକ୍ତି ପାଇଁ ଦୀର୍ଘଦିନ ଧରି ଦାବି ହୋଇଥିଲେ ମଧ୍ୟ ପୂରଣ ହୋଇପାରି ନାହିଁ ବୋଲି କହିଥିଲେ। ଚୈତନ୍ୟ ସାହୁ, ନାରାୟଣ ପରିଡ଼ା, ବିଚିତ୍ରାନନ୍ଦ ଦାସ, ଦମୟନ୍ତୀ ମୁଦୁଲି, ପ୍ରଶାନ୍ତ ସ୍ୱାଇଁ, ସଞ୍ଜୁକ୍ତା ସାହୁ, ସସ୍ମିତା ସାହୁ ପ୍ରମୁଖ ପ୍ରତିବାଦ ସଭାରେ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ।

## ■ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା
# ରାଜପଥଠାରୁ ୨୦ ମି. ଦୂରରେ ଖୋଲାଯାଇଛି ମଦଦୋକାନ

ଦଶରଥପୁର,୮।୨(ଡି.ଏନ.ଏ.)

ରାଜପଥ ଉପରେ ଘଟୁଥିବା ଦୁର୍ଘଟଣା ଓ ଅପରାଧ ନିୟନ୍ତ୍ରଣ କରିବାକୁ ରାସ୍ତା ପାର୍ଶ୍ୱରେ ଖୋଲାଯାଇଥିବା ମଦ ଦୋକାନ ବନ୍ଦ କରିବା ପାଇଁ ସୁପ୍ରିମକୋର୍ଟ ଗତ ୨ ବର୍ଷ ତଳେ ରାଜ୍ୟ ସରକାର ଓ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କଠାରୁ ଲାଇସେନ୍ସ ପାଇଥିବା ଉକ୍ତ ବ୍ୟବସାୟୀ ଆପତ୍ତିମୂଳକ ସ୍ଥାନକୁ ଛାଡି ରାଜପଥଠାରୁ ୫୦୦ ମିଟର ଦୂରରେ ପୁନର୍ବାର ମଦ ଦୋକାନ ଖୋଲିପାରିବେ ବୋଲି ପ୍ରକାଶ କରିଥିଲେ। ଦଶରଥପୁର ବ୍ଲକ ଦେଇ ଯାଇଥିବା ୨୦ ନଂ. ଜାତୀୟ ରାଜପଥ ପାର୍ଶ୍ୱ ରାମବାଗ ଛକଠାରେ ପୂର୍ବରୁ ଖୋଲାଯାଇଥିବା ସରକାରୀ ମଦଦୋକାନ ବିରଜାପୁର ଛକକୁ ଉଠିଯାଇ ମାତ୍ର ୨୦ ମି. ଦୂରରେ ଖୋଲାଯାଇଛି। ଫଳରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଉଥିବା ସାଧାରଣରେ ଅଭିଯୋଗ ହେବା ସହ ଏନେଇ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହୋଇଥିଲା। ହେଲେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆ ନ ଯିବାରୁ ପ୍ରଶାସନିକ ବ୍ୟବସ୍ଥା ଏବଂ ଅବକାରୀ ବିଭାଗ ଅଧିକାରୀଙ୍କ କାର୍ଯ୍ୟଧାରା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଦଶରଥପୁର ବ୍ଲକ ଅଧୀନ ରାମବାଗ ଛକଠାରେ ଦୀର୍ଘ ବର୍ଷ ତଳେ ଏକ ସରକାରୀ ଲାଇସେନ୍ସପ୍ରାପ୍ତ ଠିପି ବନ୍ଦ ମଦଦୋକାନ ଖୋଲାଯାଇଥିଲା। ହେଲେ ରାଜପଥ ପାର୍ଶ୍ୱରୁ ମଦଦୋକାନ ଉଠିବା ସହ ୫୦୦ ମିଟର ଦୂରରେ ଖୋଲାଯିବା ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆସିବା ପରେ ଏହି କାଉଣ୍ଟରକୁ ବନ୍ଦ କରିଦିଆଯାଇଥିଲା। ହେଲେ ଏହି ମଦଦୋକାନ ଜାତୀୟ ରାଜପଥର ୫୦୦ ମି. ଦୂରକୁ ଉଠିବା ପରିବର୍ତ୍ତେ ବିରଜାପୁର ଛକଠାରେ ରାଜପଥର ୨୦ ମି. ଦୂରରେ ଖୋଲାଯାଇଛି। ଫଳରେ ଉକ୍ତ ରାସ୍ତା ଦେଇ ଯାଉଥିବା ଲୋକେ ରାସ୍ତା ଉପରେ ଗାଡି ରଖି ମଦ୍ୟପାନ କରୁଥିବା ଦେଖାଯାଇଛି। ରାସ୍ତା ପାର୍ଶ୍ୱରେ ମଦଦୋକାନ ହୋଇଥିବାରୁ ପ୍ରତିଦିନ ଗାଡ଼ି ଚାଳକ ଆସୁଛନ୍ତି। ମଦ୍ୟପାନ କରି ଗାଡ଼ି ଚଳାଇବା ଦ୍ୱାରା ଦୁର୍ଘଟଣାର ଆଶଙ୍କା ରହୁଛି। ଏ ସମ୍ପର୍କରେ ଯାଜପୁର ଅବକାରୀ ବିଭାଗ ଜିଲା ସୁପରିଣ୍ଟେଣ୍ଡେଣ୍ଟ ରଜତ କୁମାର ପ୍ରହରାଜଙ୍କୁ ପଚାରିବାରେ, ଗ୍ରାମାଞ୍ଚଳ ଦେଇ ଯାଇଥିବା ଜାତୀୟ ରାଜପଥ କ୍ଷେତ୍ରରେ ଏହା ୫୦୦ ମି. ନୁହେଁ ୨୨୦ ମିଟର ଦୂରରେ କରିହେବ। ତେବେ ଏହି ଦୋକାନ ପାଖରୁ ରାସ୍ତାର ଦୂରତାକୁ ହିଁ ପ୍ରକୃତ ହିସାବକୁ ନିଆଯିବ। ଯଦି ଏଠାରେ ହୋଇଥିବା ଦୋକାନଠାରୁ ଜାତୀୟ ରାଜପଥର ଦୂରତା ୨୨୦ ମି. ହୋଇ ନ ଥିବା, ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



■ରାସ୍ତା ପାର୍ଶ୍ୱରେ ମଦଦୋକାନ
■ଦୁର୍ଘଟଣା ଆଶଙ୍କା

## ସଂକ୍ଷେପରେ

### ଏଲଆଇସି ଏଜେଣ୍ଟଙ୍କ ଧର୍ମଘଟ

କେନ୍ଦ୍ରାପଡା ଅଫିସ, ୮।୨: ସହରର ତିନିମୁହାଣିସ୍ଥିତ ଜୀବନ ବୀମା ନିଗମ ଶାଖା କାର୍ଯ୍ୟାଳୟ ସମ୍ମୁଖରେ ଜୀବନବୀମା ଏଜେଣ୍ଟଙ୍କ ପକ୍ଷରୁ ଦିନିକିଆ ଧର୍ମଘଟ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଟକ ମଣ୍ଡଳ ଜୀବନବୀମା ସଙ୍ଘ ଯୁଗ୍ମ ସମ୍ପାଦକ ନାରାୟଣ ଜେନା ଏ ସମ୍ପର୍କରେ ସୂଚନା ଦେଇଛନ୍ତି ଯେ, ସର୍ବ ଭାରତୀୟସ୍ତରରେ ବୀମାଧାରୀଙ୍କୁ ଅଧିକ ବୋନସ ପ୍ରଦାନ, ଲାପସେସନ ୫ବର୍ଷକୁ ବୃଦ୍ଧି, ଏଜେଣ୍ଟଙ୍କୁ ପେନସନ ପ୍ରଦାନ ସମ୍ପର୍କିତ ୧୮ଦଫା ଦାବି ଉପସ୍ଥାପନ କରାଯାଇଛି। ଦାବି ପୁରଣ ନହେଲେ ଆସନ୍ତା ୨୨ରେ ଗଣ ଅନଶନ ହେବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଧର୍ମଘଟ ଜିଲା ସଭାପତି ପ୍ରଦୀପ କୁମାର ବାରିକ, ସମ୍ପାଦକ ଶରତ ଚନ୍ଦ୍ର ପ୍ରଧାନ, ପ୍ରଦୀପ କୁମାର ଦଳାଇ, ଚିତ୍ତରଞ୍ଜନ ଭଗତ, ମଞ୍ଜୁଲତା ମଲ୍ଲ, ବନିତା ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

### ୪୦ ବସ୍ତା ଧାନ ଚୋରି

ଡେରାବିଶ, ୮।୨ (ସ୍ୱ.ପ୍ର.): ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅଧୀନ ଭୋଲହାଟରୁ ଦୁର୍ବୃତ୍ତମାନେ ଗୁରୁବାର ରାତିରେ ୪୦ରୁ ଉର୍ଦ୍ଧ୍ୱ ବସ୍ତା ଧାନ ଚୋରି କରିନେଇଛନ୍ତି। ସ୍ଥାନୀୟ ଅଞ୍ଚଳର ସଞ୍ଜୟ କୁମାର ସାହୁ ଓ ସୁଦର୍ଶନ ଶତପଥୀ ଧାନ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରନ୍ତି। ସେମାନେ ତାଙ୍କ ବ୍ୟବସାୟ ପ୍ରତିଷ୍ଠାନ ସମ୍ମୁଖରେ ଧାନ ବସ୍ତା ଠୁଳ କରି ରଖିଥିବା ବେଳେ କେହି ଦୁର୍ବୃତ୍ତ ବସ୍ତା ଚୋରି କରି ନେଇଥିବା ଜଣାପଡ଼ିଛି।

### ୨ୟ ପର୍ଯ୍ୟାୟ ନାକ୍ ମୂଲ୍ୟାୟନ ପ୍ରସ୍ତୁତି ବୈଠକ

ଡେରାବିଶ, ୮।୨ (ସ୍ୱ.ପ୍ର.):ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ସଭାକକ୍ଷରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ୨ୟ ପର୍ଯ୍ୟାୟ ନାକ୍ ମୂଲ୍ୟାୟନ ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମଦନ ମୋହନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଯୋଜକ ଅଧାପକ ଅବନୀ ରଞ୍ଜନ ନାୟକ ଓ ସହ ସଂଯୋଜକ ଅଧାପକ ବିନୟ କୁମାର ଷଡ଼ଙ୍ଗୀ, ଅଧାପକ ପ୍ରଦୀପ ରାଉତ, ସୌମ୍ୟରଞ୍ଜନ ପରିଡ଼ା, କିଷନ ନାଥ, ଅଧାପିକା ପ୍ରୀତିବନ୍ୟା ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଭିଭାବକ ଓ ଅଧାପକଙ୍କ ମିଳିତ ବୈଠକ ଆସନ୍ତା ୨୩ ତାରିଖ ଶନିବାର ମହାବିଦ୍ୟାଳୟର ସମ୍ମୀଳନୀ କକ୍ଷରେ ଅନୁଷ୍ଠିତ ହେବାକୁ ଏହି ବୈଠକରେ ସ୍ଥିର କରାଯାଇଥିଲା।

### ଆଳି ଶିଶୁ ମହୋତ୍ସବ ଉଦଯାପିତ

ଆଳି, ୮।୨ (ଡି.ଏନ୍.ଏ.): ଆଳି ବ୍ଲକ ଅଧୀନ ନିଆଳସ୍ଥିତ ଆୟୁସି ଏଜୁକେଶନ ସେଣ୍ଟର ପକ୍ଷରୁ ଆୟୋଜିତ ଆଳି ଶିଶୁ ମହୋତ୍ସବ-୨୦୧୯ ଇତିମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସୌଭାଗ୍ୟ ଦାସ, ଶିବପ୍ରସାଦ ବେହେରା, ରାଜକିଶୋର ନାୟକ ଓ ସତ୍ୟଜିତ ରାଉତ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବକୁ ଆଳି ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ରଥ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ଉତ୍ସବରେ ଆଳି ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ, ଶିକ୍ଷାବିତ୍ ବିଏମ୍ ସେନାପତି, ଶିକ୍ଷାବିତ୍ ଅଶୋକ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦିକା ରଶ୍ମିରେଖା ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବ୍ଲକ ଅଧୀନ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଅର୍ପିତା ସାମଲ, ସ୍ୱାଗତିକା ପାଣି, ସ୍ମୃତିରେଖା ପାଣି, କୋମଲ ବେଗମ, ଅର୍ପିତା ବେହେରା, ଦେବଯାନୀ ବେହେରା, ସ୍ୱରାଜ ମହାନ୍ତି, ସ୍ମୃତିରଞ୍ଜନ ସାହୁ, କ୍ରିଷ୍ଣାଦତ୍ତ ଦାସ, ସାଗରିକା ସାମଲ, ପ୍ରିୟଦର୍ଶିନୀ ମହାନ୍ତି, ଚିନ୍ମୟୀ ମିଶ୍ର, ଅଜୟ କାଣ୍ଡି, ଜ୍ଞାନେନ୍ଦ୍ର ସେଠୀ, ପ୍ରୀତିପ୍ରଜ୍ଞା ବେହେରା, ସ୍ୱାଗତିକା ବିଶ୍ୱାଳ, ପ୍ରିତିଶା ଦାସ, ଅଭିରାମ ବେହେରା, ଶ୍ରାବଣୀ ରଣା, ଅର୍ପିତା ରଥ, ଶୁଭାଶିଷ ମଳିକ, ସତ୍ୟପ୍ରକାଶ ନନ୍ଦ ଓ ରୁଦ୍ରକାନ୍ତ ସାମଲ, ସ୍ମୃତିରଞ୍ଜନ ବିଶ୍ୱାଳ, ହରପ୍ରିୟା ପୁହାଣ, ସନ୍ତୋଷୀ ସାମଲ ବିଭନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବେଳେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ।

■ ଜାତୀୟ ଶିଶୁ କନ୍ୟା ଦିବସ

# ବାଲ୍ୟବିବାହ ଶୈଶବ ପ୍ରତି ଅନ୍ୟାୟ

କେନ୍ଦ୍ରାପଡା ଅଫିସ, ୮।୨



ସଭାରେ ଉପସ୍ଥିତ ଅତିଥି।

ସହରର ଏକ କଲ୍ୟାଣ ମଣ୍ଡପରେ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜାତୀୟ ଶିଶୁ କନ୍ୟା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଶିଶିରକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାଲ୍ୟ ବିବାହ, ସମନ୍ୱିତ ଶିଶୁ ସୁରକ୍ଷା, ଶିଶୁ ବିକାଶ, ଶିକ୍ଷା, ଶ୍ରମ, ମାନବ ଚାଲାଣରେ ଶିଶୁ ଓ ମହିଳା ଆଦି ପ୍ରସଙ୍ଗକୁ ଉତ୍ଥାପନ କରାଯାଇଥିଲା। ଏଥିରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ, ସ୍ୱାସ୍ଥ୍ୟ ବିଭାଗ ଗଣ ଯୋଗାଯୋଗ ଅଧିକାରୀ ଆଲୋକ ମହାନ୍ତି, ଜିଲା କୁଷ୍ଠ ନିରାକରଣ ଅଧିକାରୀ ପ୍ରଦୀପ କୁମାର ଦାସ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ସ୍ମିତାଞ୍ଜଳି ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ପ୍ରକାଶ କରିଥିଲେ ଯେ, ବାଲ୍ୟ ବିବାହ ପରିବାର ସଦସ୍ୟଙ୍କ ଦାୟିତ୍ୱରୁ ମୁକ୍ତି ନୁହେଁ, ବରଂ ଶୈଶବ ପ୍ରତି ଅନ୍ୟାୟ। ୧୮ ବର୍ଷ ତଳକୁ ପିଲାଙ୍କର ବିବାହ କରାଇଲେ ଆଇନ ଅନୁଯାୟୀ ଦଣ୍ଡିତ ହେବାକୁ ପଡିବ। ଅପରପକ୍ଷରେ ଶିଶୁଙ୍କ ସୁରକ୍ଷା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। ସେହିପରି ସାମାଜିକ ସୁରକ୍ଷା ପାଇଁ ଆଇନର ବ୍ୟବସ୍ଥା ହୋଇ ଥିଲା ବେଳେ ପଞ୍ଚାୟତସ୍ତରର ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ, ପ୍ରଶାସକ ଓ ପରିବାର ସଦସ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି। ସଭା ପ୍ରାରମ୍ଭରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଭାସ ଦାସ ଏହି ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ଜିଲାର ବିଭିନ୍ନ ଅଞ୍ଚଳରୁ ସ୍ୱେଚ୍ଛାସେବୀ ସଂଗଠନ, ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ।

ସୂଚନାଯୋଗ୍ୟ, ଗତ ଜାନୁୟାରୀ ୨୪ ତାରିଖରେ କେନ୍ଦ୍ରାପଡ଼ା ଜିଲାରେ ୧୪୪ ଧାରା ଜାରି ହୋଇଥିବାରୁ ଏହି ଦିବସ ପାଳନ ହୋଇପାରି ନ ଥିଲା ।

## ରାଜ୍ୟସ୍ତରୀୟ ମାରାଥନ ବିଜୟୀଙ୍କୁ ସମ୍ବର୍ଦ୍ଧନା


ସୁହାନାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କେନ୍ଦ୍ରାପଡ଼ା ଅଫିସ, ୮।୨

ରାଜ୍ୟସ୍ତରୀୟ ମାରାଥନ ରେସ୍ ଗତ ୩ ତାରିଖରେ ଢେଙ୍କାନାଳଠାରେ ଆୟୋଜିତ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ସହରର ସୁହାନା ପରମିନ ପ୍ରଥମ ହୋଇଛନ୍ତି। ଏଥିପାଇଁ ସହରର ମହିପାଳସ୍ଥିତ କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟି ପକ୍ଷରୁ ସୁହାନାଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ସଭାପତି ପ୍ରମୋଦ କୁମାର ସାହୁ ସୁହାନାଙ୍କୁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରହଲ୍ଲାଦ ସାହୁ, ସହ ସମ୍ପାଦକ ଅରବିନ୍ଦ ସାହୁ, ମୁଖ୍ୟ ପରିଚାଳକ ମନୋଜ ସାହୁ, ଶାଖା ପରିଚାଳକ ରମେଶ ସେଠୀ, କୋଚ ସେକ୍ ସୌକତ ଖାନ, ଖେଳ ଶିକ୍ଷକ ଜ୍ୟୋତିର୍ମୟ ଦାଶ ପ୍ରମୁଖ ସାମିଲ ହୋଇଥିଲେ ।

## ଭାଜପାର ନୂଆ ଭୋଟର ସମ୍ମିଳନୀ


ସମ୍ମିଳନୀରେ ଭାଜପା ନେତାମାନେ।

ଆଳି, ୮।୨ (ଡି.ଏନ୍.ଏ.)

ଆଳି ନିର୍ବାଚନ ମଣ୍ଡଳୀ ଅଧୀନ ନିଆଳ ହାଟସ୍ଥିତ ହେଲିପ୍ୟାଡ୍‌ଠାରେ ଭାଜପା ପକ୍ଷରୁ ନୂଆ ଭୋଟର ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଜିଲା ସଂଯୋଜକ ରଶ୍ମିରଞ୍ଜନ ବେହୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ଦିଲ୍ଲୀପ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ, ରାଜ୍ୟ ସରକାର ବେକାର ଯୁବତୀଯୁବକଙ୍କ ପାଇଁ ରୋଜଗାରର କୌଣସି ବ୍ୟବସ୍ଥା କରିନାହାନ୍ତି। ଫଳରେ ଏଠାକାର ଯୁବବର୍ଗ ରୋଜଗାର ଉଦ୍ଦେଶ୍ୟରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଏଥିସହ କେନ୍ଦ୍ରାପଡା ଜିଲାରେ କୌଣସି ଗୋଟିଏ ହେଲେ ଶିଳ୍ପାନୁଷ୍ଠାନ ନଥିବା ବେଳେ ରାଜ୍ୟ ସରକାର ଏଠାରେ ଶିଳ୍ପ ପ୍ରତିଷ୍ଠା କରିବାକୁ ଉଦ୍ୟମ କରୁନାହାନ୍ତି। ଆଗାମୀ ଦିନରେ ଆଳିର ରାଜନୈତିକ ଇତିହାସକୁ ପରିବର୍ତ୍ତନ କରିବାକୁ ପଡିବ, ଯାହା ଯୁବ ଭୋଟରମାନଙ୍କ ଦ୍ୱାରା ହିଁ ସମ୍ଭବ ବୋଲି ଦିଲ୍ଲୀପ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଷ୍ଣୁ ଦାସ, ବ୍ରଜସୁନ୍ଦର ଭୂୟାଁ, ପ୍ରଭାରୀ କିଶୋର ପଣ୍ଡା, ଜିଲା ସମ୍ପାଦକ ଶଶାଙ୍କ ସେଠୀ, ସତ୍ୟପ୍ରକାଶ ଜେନା, ଅଶୋକ ତ୍ରିପାଠୀ, ସୁଜାତା ବାରିକ, ଅମୀୟ ରାଉତ, କ୍ଷୀରୋଦ ପଣ୍ଡା, ଶ୍ରୀକାନ୍ତ ପାଣ୍ଡବ, ମଣ୍ଡଳ ସଭାପତି ମନୀଷା ଜେନା, ଶରତ ଜଗଦେବ, ଅରୁଣ ରାଉତ, ରଞ୍ଜନ ମହାନ୍ତି, ପ୍ରିୟଦର୍ଶନୀ ନନ୍ଦ, ଶୁଶୀଳା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପିଠା କାର୍ଯ୍ୟକ୍ରମ ପାଇଁ ୯ ପଞ୍ଚାୟତ ପୁରସ୍କୃତ

କେନ୍ଦ୍ରାପଡା ଅଫିସ, ୮।୨

ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ଜାନୁଆରୀ ୧୫ରୁ ୨୦ ତାରିଖ ପର୍ଯ୍ୟନ୍ତ ପିଠା କାର୍ଯ୍ୟକ୍ରମ ପ୍ରତି ପଞ୍ଚାୟତରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତି ବ୍ଲକର ଗୋଟିଏ ଲେଖାଏଁ ପଞ୍ଚାୟତ ସର୍ବୋତ୍ତମ କାର୍ଯ୍ୟ କରିଥିବା ଚୟନ କରାଯାଇ ରାଜ୍ୟ ସରକାର ପଞ୍ଚାୟତର ଉନ୍ନତି ପାଇଁ ୫ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରିଛନ୍ତି। ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ମଙ୍ଗଳବାର ପ୍ରକାଶିତ ନିର୍ଦ୍ଦେଶନାମା ଅନୁଯାୟୀ, ଜିଲାର ସଦର ବ୍ଲକରେ ଭାଗବତପୁର ପଞ୍ଚାୟତ ପିଠା କାର୍ଯ୍ୟକ୍ରମକୁ ସର୍ବୋତ୍ତମ ଭାବେ ପରିଚାଳନା କରିଛନ୍ତି। ସେହିପରି ଆଳି ବ୍ଲକର ଏରଡାଙ୍ଗ ପଞ୍ଚାୟତ, ଡେରାବିଶର କୁରୁଜଙ୍ଗା, ଗରଦପୁରର ପାଟକୁରା, ମହାକାଳପଡାର ବଉଳକଣୀ, ମାର୍ଶାଘାଇର ମାର୍ଶାଘାଇ, ପଟ୍ଟାମୁଣ୍ଡାଇର ତରଡିପାଳ, ରାଜକନିକାର ଓସ୍ତିଆ ଓ ରାଜନଗରର ବରୁଣା ପଞ୍ଚାୟତ ଏହି ଅର୍ଥରାଶି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଏହି ଅର୍ଥରାଶିରେ ମିଶନ ଶକ୍ତିଗୃହ, ପାଠାଗାର, ଗାଧୁଆ ତୁଠ, କମ୍ୟୁନିଟି ସେଣ୍ଟର ଓ କୋଠଘର ନିର୍ମାଣ କରାଯାଇପାରିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ଅଛି।

## ଗଣଦୌଡ଼ରେ ସଡ଼କ ସୁରକ୍ଷା ସଚେତନତା



ଗଣଦୌଡରେ ଭାଗ ନେଇଥିବା ପ୍ରତିଯୋଗୀ ଓ ଅନ୍ୟମାନେ।

କେନ୍ଦ୍ରାପଡ଼ା ଅଫିସ, ୮।୨

୩୦ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସହରର ଇଚ୍ଛାପୁରସ୍ଥିତ ରଥଦାଣ୍ଡ ପରିସରରୁ ତିନିମୁହାଣି ରାମମନ୍ଦିର ପର୍ଯ୍ୟନ୍ତ ଶୁକ୍ରବାର ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଜିଲା ସଡ଼କ ସୁରକ୍ଷା ସମିତି ପକ୍ଷରୁ ଆୟୋଜିତ ଏହି ଗଣଦୌଡ଼କୁ ଏଏସ୍‌ପି ଅମିତା ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ୬ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇ ସଡ଼କ ସୁରକ୍ଷା ସଚେତନତା ସମ୍ପର୍କିତ ବାର୍ତ୍ତା ପ୍ରଚାର କରିଥିଲେ। ଏହି ଅବସରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଗାଡି ଚାଳନା ସମ୍ପର୍କିତ ବିଭିନ୍ନ ସୂଚନା ଦିଆଯାଇଥିଲା। ସେମାନେ ଦର୍ଶାଇଥିଲେ ଯେ, ଗାଡିରେ ସର୍ବଦା ଠିକ କାଗଜପତ୍ର ରଖିବା ଆବଶ୍ୟକ। ସେହିପରି ମୋଟର ସାଇକେଲରେ ୨ ଜଣରୁ ଅଧିକ ନ ବସାଇବା, ହେଲ୍‌ମେଟ ଓ ସିଟ ବେଲ୍ଟ ପିନ୍ଧିବା, ମଦ୍ୟପାନ କରି ଗାଡି ନ ଚଳାଇବାକୁ ସଚେତନ କରିଥିଲେ। ଏହି ଗଣଦୌଡକୁ ଶାନ୍ତି ଶୃଙ୍ଖଳାରେ ସମାପନ ପାଇଁ ଟାଉନ ଥାନା ଅଧିକାରୀ ତପନ କୁମାର ନାୟକ ଓ ଜିଲା ପୋଲିସ ବଳ ମୁତୟନ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା, ଖେଳ ଶିକ୍ଷକ ଜ୍ୟୋତିର୍ମୟ ଦାସ, ସମୀର ଟିଭିଏସ୍‌ର ଅଧ୍ୟକ୍ଷ ସମୀର ଚାନ୍ଦ, ବୁଦ୍ଧିଜୀବୀ ରାଜେଶ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ନିଖିଲ ପଟ୍ଟନାୟକ, ଏଆର୍‌ଟିଓ ଅକ୍ଷୟ କୁମାର ମହାପାତ୍ର, ଏଏମ୍‌ଭିଆଇ ପଦ୍ମଜା ମହାନ୍ତି, ନିର୍ମଳ ଚନ୍ଦ୍ର ସ୍ୱାଇଁ, କମଳଲୋଚନ ଦାସ ଓ କାର୍ଯ୍ୟାଳୟ କର୍ମଚାରୀ ପ୍ରମୁଖ ଗଣଦୌଡ ପରିଚାଳନା କରିଥିଲେ।

## ଜିଲାସ୍ତରୀୟ କୃମି ନାଶକ ଦିବସ

ରାଜକନିକା, ୮।୨ (ଡି.ଏନ.ଏ)


ସଭାରେ ଜିଲାପାଳ ଦାଶରଥି ଶତପଥୀ ଉଦ୍‌ବୋଧନ ଦେଉଛନ୍ତି ।

କେନ୍ଦ୍ରାପଡା ଜିଲାସ୍ତରୀୟ କୃମି ନାଶକ ଦିବସ ଶୁକ୍ରବାର ରାଜକନିକା ବ୍ଲକ ଓଳାଭର ହାଇସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁ ରାଉତଙ୍କ ପୌରୋହିତ୍ୟରେ ଏକ ସଭାର ଆୟେଜନ କରାଯାଇଥିଲା। ଏଥିରେ କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀ ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରମାନେ ସୁସ୍ଥ ଓ ନିରୋଗ ରହିଲେ ଦେଶ ବିକାଶରେ ସହଯୋଗ କରିବେ। ପ୍ରତ୍ୟେକ ଘରେ ପାଇଖାନା ବ୍ୟବହାର କଲେ କୃମି ରୋଗର ନିରାକରଣ ହୋଇପାରିବ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏଡିଏମ୍‌ଓ ଡା. ମିର୍ଜାବବର ବେଗ ଯୋଗଦେଇ ୧ରୁ ୧୯ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ କୃମି ନାଶକ ବଟିକା ବଣ୍ଟନ କରାଯାଉଛି। ଏଥିରୁ ବାଦ ପଡ଼ିଥିବା ପିଲାମାନଙ୍କୁ ଆସନ୍ତା ୧୪ ତାରିଖରେ ବଟିକା ବଣ୍ଟନ କରାଯିବ ବୋଲି କହିଥିଲେ। ଶ୍ରୀନିବାସ ଓଝା ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଶ୍ୱରଞ୍ଜନ ପତି, ବିଡିଓ ଡି.ଏସ୍. ଶୁଭଦର୍ଶୀ ଯୋଶି, ରାଜକନିକା ବ୍ଲକ ଶିକ୍ଷାଧିକାରୀ ସରୋଜକାନ୍ତ ବିହାରୀ, ବଳରାମପୁର ସରପଞ୍ଚ ସୁବଳ ଚରଣ ସାହୁ, ଜିଲା ପ୍ରୋଜେକ୍ଟ ମ୍ୟାନେଜର ପ୍ରକାଶ ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ରାଜେନ୍ଦ୍ର ରାଉତ, ଧନେଶ୍ୱର ସାମଲ, ମନିଷା ପଣ୍ଡା, ଦୀପ୍ତିଶିଖା ସାମଲ, ସ୍ୱପ୍ନପ୍ରଭା ପାତ୍ର, ନୀହାର ନଳିନୀ ନାୟକ, ଧର୍ମଜ୍ୟୋତି ରାଉତ ଓ ପ୍ରମିଳା ଖୁଲାରୀ ପ୍ରମୁଖ ସହଯୋଗ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା

ଡେରାବିଶ, ୮।୨ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅଧୀନ ଭଣଗାଁ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସୁନ୍ଦରାୟଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥିଭାବେ ସିଆରସିସି ଦୁଲାଲ କୁମାରସାହୁ, ବରିଷ୍ଠ ଶିକ୍ଷକ ଦାମୋଦର ଦ୍ୱିବେଦୀ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ସତ୍ୟରଞ୍ଜନ ରଥଙ୍କ ଶିକ୍ଷା ପଦ୍ଧତି ଓ ଛାତ୍ର ବତ୍ସଳତା ସମ୍ପର୍କରେ ଆଲୋଚନା କରିବା ସହ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମନୋରମା ଗିରି, ସାଗରିକା ରାଉତ, ସତ୍ୟ ନାରାୟଣ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## କର୍କଟ ରୋଗ ସମ୍ପର୍କିତ ସଚେତନତା


ଚାନ୍ଦୋଳ ମେଲଣ ପଡ଼ିଆଠାରେ ଅନୁଷ୍ଠିତ ସଚେତନତା ଶିବିର।

ଡେରାବିଶ, ୮।୨ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦୋଳ ମେଲଣ ପଡ଼ିଆଠାରେ କର୍କଟ ରୋଗ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁମ୍ବାଇସ୍ଥିତ ଜଗନ୍ନାଥ କ୍ୟାନ୍‌ସର ଏଡ୍ ଫାଉଣ୍ଡେଶନ୍ ତରଫରୁ ଆୟୋଜିତ ଏହି ଶିବିରରେ ସାମାଜିକ କର୍ମୀ ନିଶାମଣୀ ବେହେରା ସଭାପତିତ୍ୱ କରିଥିଲେ। ଫାଉଣ୍ଡେଶନ୍‌ର ସମ୍ପାଦକ କବିତା ମିଶ୍ର ଓ ଏହି ସଂସ୍ଥାର ଭୁବନେଶ୍ୱର ଶାଖା ମୁଖ୍ୟ ଗାୟତ୍ରୀ ମହାନ୍ତି ଯୋଗଦେଇ କର୍କଟ ରୋଗର ପ୍ରକାର ଭେଦ, ରୋଗର ଲକ୍ଷଣ, ରୋଗ ହେବାର କାରଣ ଏବଂ ନିରାକରଣ ପାଇଁ ପ୍ରାଥମିକସ୍ତରରେ କ'ଣ କରାଯିବା ଉଚିତ୍ ସେ ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ୧୯୯୫ରେ ମୁମ୍ବାଇଠାରେ ପ୍ରତିଷ୍ଠା ହୋଇଥିବା ଏହି ଅନୁଷ୍ଠାନ ଓଡ଼ିଶାର ରୋଗୀମାନଙ୍କୁ ରଖି ଚିକିତ୍ସା ଯୋଗାଇ ଦେବାର ମୁଖ୍ୟ ଭୂମିକା ନେଇଥିବା ଓ ଭୁବନେଶ୍ୱରଠାରେ ଏହାର ଶାଖା ଖୋଲା ଯାଇଥିବା ପ୍ରକାଶ କରିଥିଲେ। ଶିବିରରେ ସାମାଜିକ କର୍ମୀ ସୁଖଦାନନ୍ଦ ପ୍ରଧାନ, ଉମେଶ ଚନ୍ଦ୍ର ତ୍ରିପାଠୀ, ଦିଲ୍ଲୀପ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ୧୯୮୯ ବ୍ୟାଚ୍ ବନ୍ଧୁ ମିଳନ



ଉତ୍ସବରେ ପୁରାତନ ଛାତ୍ରୀଛାତ୍ରମାନେ।

ଡେରାବିଶ, ୮।୨ (ସ୍ୱ.ପ୍ର.)

ଡେରାବିଶ ହାଇସ୍କୁଲର ୧୯୮୯ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ହାଇସ୍କୁଲ ପରିସରରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଓଡ଼ିଆ ଶିକ୍ଷକ ଶ୍ରୀବତ୍ସ୍ୟ ନାଥ ପୌରୋହିତ୍ୟ କରିଥିଲେ। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ରଥ, ରମାକାନ୍ତ ସାମଲ, ଅକ୍ରୂର ସ୍ୱାଇଁ, ରତ୍ନାକର ନାୟକ, କରୁଣାକର ପାଢ଼ୀ, ଧରଣୀଧର ଓଝା, ଅଲେଖ ପ୍ରସାଦ ବେହେରା, ଉତ୍ସବାନନ୍ଦ ନାୟକ, ଡମ୍ବରୁଧର ଖୁଣ୍ଟିଆ, ଦାମୋଦର ଦାସ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଶିକ୍ଷକ ସୁବାସଚନ୍ଦ୍ର କର, ଶିକ୍ଷୟିତ୍ରୀ ବୀଣାପାଣି କର, ଉତ୍ତମା ସୁନ୍ଦରୀ ସାମଲ ଓ କିରଣବାଳା ମହାନ୍ତି, ଚତୁର୍ଥ ଶ୍ରେଣୀ କର୍ମଚାରୀ ନାଥ ସାହୁ ଏବଂ ତ୍ରିଲୋଚନ ନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପୁରାତନ ଛାତ୍ରୀଛାତ୍ର କଳ୍ପନା ବେହେରା, ସ୍ୱର୍ଣ୍ଣଲତା ପଲେଇ, ବଟପ୍ରସାଦ ହୋତା ସ୍ୱାଗତ ଭାଷଣ, ସ୍ନେହମୟୀ ଦାସ, ଅନିତା ମିଶ୍ର, ଭାଗ୍ୟବତୀ ଦାଶ, କିରଣବାଳା ବିଶ୍ୱାଳ, ସ୍ନେହମୟୀ ଦାସ, କିରଣବାଳା ଦାସ, ସସ୍ମିତା ମିଶ୍ର, ଶ୍ରୀମତୀ ବେହେରା, ରେଣୁବାଳା ସ୍ୱାଇଁ, ସାବିତ୍ରୀ ସାହୁ ଉପସ୍ଥିତ ଥିଲେ।

## ରାଜନଗର: ଭାଜପାରେ ବଢୁଛି ଅଡୁଆ

ରାଜନଗର, ୮।୨(ଡିଏନଏ)

ଆଗକୁ ସାଧାରଣ ନିର୍ବାଚନ ହେବାକୁ ଥିବାରୁ ବିଭିନ୍ନ ରାଜନୈତିକ ଦଳ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ନୂଆ ନୂଆ ଖସଡା ପ୍ରସ୍ତୁତ କରୁଛନ୍ତି । ଜାତୀୟ ସ୍ତରର ନେତାମାନେ ଓଡିଶାକୁ ଘନ ଘନ ତୋଫାନୀ ଗସ୍ତ କରି ସେମାନଙ୍କ ଦଳ ସପକ୍ଷରେ ବିଭିନ୍ନ ଯୋଜନାର ରୂପରେଖ ଦେଉଛନ୍ତି। ଚଳିତମାସ ୩ ତାରିଖରେ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମତ୍ ଶାହା ପୁରୀ ଜିଲା ଗସ୍ତ କରି ତୃଣମୂଳ ସ୍ତରରୁ ଦଳର ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ନେତାମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାର ରାଜନଗର ନିର୍ବାଚନମଣ୍ଡଳୀର ପ୍ରାକ୍ ନିର୍ବାଚନୀ ଖସଡା ପ୍ରସ୍ତୁତ କରିବା ପାଇଁ ରାଜନଗର ପୂର୍ତ୍ତ ଡାକବଙ୍ଗଳା ପରିସରରେ ଏକ ବୈଠକ ଡକାଯାଇଥିଲା। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ ରାଜନଗର ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ଥିବା ଭାଜପା ପ୍ରଭାରୀ ଗଗନ ବିହାରୀ ସାହୁ ରାଜନଗର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ପହଞ୍ଚିଥିଲେ। ଏହି ବୈଠକରେ ନିର୍ବାଚନମଣ୍ଡଳୀର ୫୯ ପଞ୍ଚାୟତ ସଭାପତି ଓ ୭ ଜୋନ ସଭାପତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର ସେମାନଙ୍କ ମଧ୍ୟରୁ ଜଣେ ପଞ୍ଚାୟତ ସଭାପତି ଓ ଜଣେ ଜୋନ ସଭାପତିଙ୍କୁ ବାଦ୍ ଦେଲେ ଅନ୍ୟମାନେ ବୈଠକକୁ ଆସି ନ ଥିଲେ।

ରାଜନଗର ନିର୍ବାଚନମଣ୍ଡଳୀର ଭାଜପା ନୀତି ନିର୍ଦ୍ଧାରଣ କମିଟିର ଆବାହକ ନୀଳମଣି ସାହାଣୀଙ୍କ କହିବାନୁଯାୟୀ, ରାଜନଗର ଭାଜପାରେ ସୃଷ୍ଟି ହୋଇଥିବା ବିବାଦ ତୁଟିବା ପରେ ଆସନ୍ତା ୧୦ ତାରିଖ ଦିନ ଏହି ବୈଠକ ହେବା କଥା। ମାତ୍ର ନିର୍ବାଚନମଣ୍ଡଳୀ ପ୍ରଭାରୀ ସାହୁ ୮ ତାରିଖ ଦିନ ଏହି ବୈଠକ କରିବା ପାଇଁ ତାଗିଦ କରିଥିଲେ। ତେବେ ଦଳୀୟ ସଂଗଠନରେ ଉପୁଜିଥିବା ବିବାଦ ସମାଧାନ ହେବା ପରେ ଏହି ବୈଠକ ହୋଇଥିଲେ ଭଲ ହୋଇଥାନ୍ତା ବୋଲି ସେ କହିଛନ୍ତି।

ଆଜିର ବୈଠକ ପାଇଁ ପ୍ରଭାରୀ ସାହୁଙ୍କ ସହିତ ଭାଜପା ରାଜ୍ୟ ସଂପାଦକ ତଥା କେନ୍ଦ୍ରାପଡା ଜିଲା ପ୍ରଭାରୀ ଦିଲ୍ଲୀପ ମଲ୍ଲିକ ରାଜନଗର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ପହଞ୍ଚି ଦୀର୍ଘ ସମୟ ଅପେକ୍ଷା କରିଥିଲେ। ବୈଠକରେ ୩୧ ନଂ ଜୋନ ସଭାପତି ଦିଲିପ ରାଉତ ଓ ମହୁଲିଆ ପଞ୍ଚାୟତ ସଭାପତି ବ୍ରହ୍ମାନନ୍ଦ ଦାସଙ୍କୁ ମିଶାଇ ମାତ୍ର ୮ ଜଣ କର୍ମକର୍ତ୍ତା ଯୋଗ ଦେଇଥିଲେ। ବୈଠକକୁ କର୍ମକର୍ତ୍ତାମାନେ ନ ଆସିବାରୁ ନିର୍ବାଚନମଣ୍ଡଳୀ ଓ ଜିଲା ପ୍ରଭାରୀ ଦୀର୍ଘ ସମୟ ଅପେକ୍ଷା କରି ଫେରି ଯାଇଥିଲେ ।ଏ ସଂପର୍କରେ ନିର୍ବାଚନମଣ୍ଡଳୀ ପ୍ରଭାରୀ ସାହୁଙ୍କୁ ପଚାରିବାରୁ ବୈଠକ ବାତିଲ ହୋଇଥିଲା, କାଳେ କିଏ ବୈଠକକୁ ଆସିଥିବ, ସେଥିପାଇଁ ଚାଲି ଆସିଥିଲୁ ବୋଲି କହିଛନ୍ତି। ନୀତି ନିର୍ଦ୍ଧାରଣ କମିଟି ଆବାହକ ସାହାଣୀଙ୍କୁ ପଚାରିବାରୁ ବୈଠକ ୧୦ ତାରିଖ ପରେ କରିବାକୁ କୁହାଯାଇଥିଲା । ମାତ୍ର ସେମାନେ ଆଜି ବୈଠକ ଡାକିଥିଲେ ବୋଲି କହିଛନ୍ତି।

ରାଜନଗର ନିର୍ବାଚନମଣ୍ଡଳୀରେ ଦୀର୍ଘଦିନ ଧରି ଦଳର ସାଙ୍ଗଠନିକ ଦାୟିତ୍ୱ ବହନ କରିଥିବା ବରିଷ୍ଠ ନେତା ତଥା ରାଜ୍ୟ ଭାଜପା ମୁଖପାତ୍ର ଜ୍ଞାନଦେବ ବେଉରାଙ୍କୁ ରାଜ୍ୟ ଭାଜପାର ମୁଖ୍ୟ ରାଜନଗର ନ ଯାଇ ମହାକାଳପଡା ନିର୍ବାଚନମଣ୍ଡଳୀରେ ସଂଗଠନ କରିବାକୁ ନିର୍ଦ୍ଦେଶ ଦେଇଥିବା କର୍ମୀଙ୍କ ମହଲରେ ଆଲୋଚନା ହେଉଛି । ଏହାକୁ ଜ୍ଞାନଦେବଙ୍କ ସମର୍ଥକମାନେ ଦୃଢ ବିରୋଧ କରି ଆସୁଛନ୍ତି। ସେବେଠୁ ରାଜନଗର ନିର୍ବାଚନମଣ୍ଡଳୀରେ ଭାଜପାରେ ଗୋଷ୍ଠୀ ବିବାଦ ବଢିବାରେ ଲାଗିଛି।



ପେଟଟା ଭୋକରେ ବ୍ୟାକୁଳ ହେଉଥିବା ବେଳେ କେହି ଜ୍ଞାନ ଚର୍ଚ୍ଚା କରିପାରିବେ ନାହିଁ।

- ଜର୍ଜ ଇଲିଅଟ



# ବଦଳି ପରେ ବି ଜଗତ୍‌ସିଂହପୁର ଛାଡୁନାହାନ୍ତି ପୋଲିସ ଅଫିସର

**ଜଗତ୍‌ସିଂହପୁର ଅଫିସ, ୮।୨**

■ବାଲେଶ୍ୱରକୁ ବଦଳି ହୋଇଛନ୍ତି ଏସ୍‌ଡିପିଓ
■କୁଜଙ୍ଗ ବଦଳି ହୋଇଛନ୍ତି ମହିଳା ଏସ୍‌ଆଇ

ଦୀର୍ଘଦିନ ଧରି ବଦଳି ସତ୍ତ୍ୱେ ୨ ଜଣ ପୋଲିସ ଅଫିସର ଜଗତ୍‌ସିଂହପୁର ଛାଡିବାର ନାଁ ଧରୁନାହାନ୍ତି, ଯାହାକି ସାଧାରଣରେ ଆଲୋଚନାର ବିଷୟ ହୋଇଛି। ସମ୍ପୃକ୍ତ ଅଫିସରଦ୍ୱୟ ହେଲେ ପୂର୍ବରୁ ଜଗତ୍‌ସିଂହପୁର ଏସ୍‌ଡିପିଓ ଦାୟିତ୍ୱରେ ଥିବା ସୁଯୋଗ୍ୟ ମିଶ୍ର ଓ ଜଗତ୍‌ସିଂହପୁର ଥାନାରେ କାର୍ଯ୍ୟରତ ମହିଳା ସବ୍‌ଇନ୍ସପେକ୍ଟର(ଏସ୍‌ଆଇ) ଭାଗ୍ୟଲତା ପ୍ରଧାନ। ଓଡ଼ିଶା ପୋଲିସ ରାଜ୍ୟ ମୁଖ୍ୟାଳୟ ନୋଟିଫିକେଶନ୍ ସଂଖ୍ୟା ୩୮୮୫/୬୮୧୮ ବଳରେ ମିଶ୍ରଙ୍କୁ ବାଲେଶ୍ୱର ଡିଆଇବି ଡିଏସ୍‌ପି ଭାବେ ବଦଳି କରାଯାଇଛି। କିନ୍ତୁ ସେ ଦୀର୍ଘଦିନ ଯାଏ ବିଭିନ୍ନ କାରଣ ଦର୍ଶାଇ ଛୁଟିରେ ଥିଲେ। ତାଙ୍କ ଛୁଟିକୁ ନେଇ ମଧ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିଲା। ଏପରି କି ସେ ଓ ଜଣେ ମହିଳା ପୋଲିସ କର୍ମଚାରୀ ରାଜ୍ୟ ବାହାରକୁ ଯାଇଥିବା ଶୁଣାଯାଉଥିଲା। ଆଶ୍ଚର୍ଯ୍ୟର କଥା ଫେରିବା ପରେ ମଧ ସେ ଜଗତ୍‌ସିଂହପୁର ଥାନା ପରିସରରେ ଥିବା ଏସ୍‌ଡିପିଓଙ୍କ ସରକାରୀ ବାସଭବନ ଛାଡି ନାହାନ୍ତି। ଦୀର୍ଘଦିନ ଯାଏ ଏହି କ୍ୱାର୍ଟର ଫାଟକରେ ସୁଯୋଗ୍ୟ ମିଶ୍ର, ଏସ୍‌ଡିପିଓ ନେମ୍ ପ୍ଲେଟ୍ ଝୁଲାଇ ଥାନାରେ ଭ୍ରମ ସୃଷ୍ଟି କରୁଥିଲେ। କାରଣ ଆଇଆଇସିଙ୍କ ଅଫିସକୁ ଲାଗି ଏହି କ୍ୱାର୍ଟର ଥିବାରୁ ଲୋକେ ମିଶ୍ରଙ୍କ ବଦଳି ବାତିଲ ହୋଇଯାଇଥିବା ବୁଝୁଥିଲେ। ଏ ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପାଇଲା ପରେ ମିଶ୍ର ବାଧହୋଇ ନେମ ପ୍ଲେଟ୍ ହଟାଇଥିଲେ। ଏତେ ଦିନ ହେଲା କାର୍ଯ୍ୟରେ ଯୋଗଦେଉ ନ ଥିବାରୁ ବିଭାଗୀୟ ଉଚ୍ଚ ଅଧିକାରୀମାନେ ଅସନ୍ତୁଷ୍ଟ ଥିଲେ। ଏପରି କି ତାଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ ତାଗିଦ୍ କରିଥିଲେ। ତେଣୁ ନିକଟରେ ମିଶ୍ର ବାଲେଶ୍ୱର ଡିଆଇବି ଡିଏସ୍‌ପି ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ହେଲେ ଜଗତ୍‌ସିଂହପୁର ଏସ୍‌ଡିପିଓ କ୍ୱାର୍ଟର ଛାଡି ନାହାନ୍ତି। ଅନୁରୂପ ଭାବେ ମହିଳା ଏସ୍‌ଆଇ ପ୍ରଧାନଙ୍କୁ ଗତମାସ ୩୧ ତାରିଖରୁ କୁଜଙ୍ଗ ଥାନା ବଦଳି କରାଯାଇଛି। କିନ୍ତୁ ସେ ଜଗତ୍‌ସିଂହପୁର ଥାନା ଛାଡିବାକୁ ପ୍ରସ୍ତୁତ ନାହାନ୍ତି। କାହିଁକି ଏବଂ କେଉଁ କାରଣରୁ ସେ ଜଗତ୍‌ସିଂହପୁର ଛାଡିବାକୁ ପ୍ରସ୍ତୁତ ନାହାନ୍ତି ତାକୁ ନେଇ ମଧ ଆଲୋଚନା ଆରମ୍ଭ ହୋଇଯାଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଥାନାରେ ପ୍ରଧାନଙ୍କ ସହ ଆରତୀଲତା ଧର ନାମକ ଅନ୍ୟ ଜଣେ ମହିଳା ଏସ୍‌ଆଇ କାର୍ଯ୍ୟରତ ଅଛନ୍ତି। ଧର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଛୁଟିରେ ରହିଛନ୍ତି। ତେଣୁ ପ୍ରଧାନଙ୍କୁ ରିଲିଭ୍ କରାଯିବାରେ ବିଳମ୍ବ ହୋଇଛି। ତଥାପି ୩/୪ ଦିନ ଭିତରେ ଧର କାର୍ଯ୍ୟରେ ଯୋଗ ଦେଲା ପରେ ପ୍ରଧାନଙ୍କୁ ତତ୍କ୍ଷଣାତ୍ ରିଲିଭ୍ କରି ଦିଆଯିବ।



ନାମ ପଞ୍ଜୀକରଣ ନିମନ୍ତେ ହୋଇଥିବା ବୈଠକରେ ଉପସ୍ଥିତ ଶ୍ରମିକମାନେ।

## ଶ୍ରମିକଙ୍କୁ ସରକାରୀ ଯୋଜନାରେ ସାମିଲ କରିବାକୁ ବୈଠକ

**ପାରାଦୀପ,୮।୨(ସ୍ୱ.ପ୍ର.)**

ପାରାଦୀପ ଉପକଣ୍ଠ ଜିରୋ ପଏଣ୍ଟଠାରେ ଶୁକ୍ରବାର ପୂର୍ବ ଭାରତ ତୈଳ ବିଶୋଧନାଗାର ଶ୍ରମିକ ସଂଘ ଓ ପୂର୍ବ ଭାରତ ନିର୍ମାଣ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଶ୍ରମିକନେତା ମନିନ୍ଦ୍ର ଗୁରୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଶ୍ରମିକଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ବିଜୁ ଶ୍ରମିକ କଲ୍ୟାଣ ଯୋଜନା, ନିର୍ମାଣ ଶ୍ରମିକ ଯୋଜନାରେ ସେମାନଙ୍କୁ ସାମିଲ କରି ସରକାରୀ ଯୋଜନାର ସୁବିଧା ନେବା ପାଇଁ କୁହାଯାଇଥିଲା। ଏଥିରେ ଶତାଧିକ ମହିଳା ପୁରୁଷ ଶ୍ରମିକ ନାମ ପଞ୍ଜୀକରଣ କରିଥିଲେ। ଶ୍ରମିକଙ୍କ ନାମ ପଞ୍ଜୀକରଣ କିପରି ବ୍ୟବସ୍ଥିତ ଭାବେ ହୋଇପାରିବ ସେ ନେଇ ଏକ କମିଟି ଗଠନ କରାଯାଇଛି। ସେହି କମିଟିର ସଭାପତି ଭାବେ ସିଦ୍ଧେଶ୍ୱର ସ୍ୱାଇଁଙ୍କୁ ଚୟନ କରାଯାଇଛି। କାର୍ଯ୍ୟକ୍ରମରେ ଅରୂପ ପଟ୍ଟନାୟକ ଉପସ୍ଥିତ ରହି ସରକାରୀ ଯୋଜନାର ସୁଫଳ ସମ୍ପର୍କରେ ଶ୍ରମିକଙ୍କୁ କହିଥିଲେ।

## ସଂକ୍ଷେପରେ

### ଲକ୍ଷ୍ମୀ ନାରାୟଣଙ୍କ ବିଗ୍ରହ ପ୍ରତିଷ୍ଠା

**ବାଲିଆ,୮।୨:** ବିରିଡି ବ୍ଲକ ପାଇକରାବାଟି ସ୍ଥିତ ମା ତାରେଣୀ ମନ୍ଦିରର ଦ୍ୱାଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପୂଜକ ଅକ୍ଷୟ କୁମାର ଓଟା, ଦୁଃଖିଶ୍ୟାମ ମହାନ୍ତି, ପ୍ରମିଳା ମହାନ୍ତି କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ମନ୍ଦିର ପରିସରରେ ଆଉ ଏକ ନୂତନ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ଏଥିରେ ଲକ୍ଷ୍ମୀନାରାୟଣ ବିଗ୍ରହ ସ୍ଥାପନ କରାଯାଇଥିଲା। ମା'ତାରେଣୀ ମନ୍ଦିର ପରିଚାଳନା କମିଟି ସଭାପତି ଦିଗାମ୍ବର ମହାନ୍ତି, ସଭ୍ୟ ଭାସ୍କର ମହାପାତ୍ର, ବୀରବର ରାଉତ, ରବୀନ୍ଦ୍ର ରାଉତ, ଅକ୍ଷୟ ମହାନ୍ତି, ପ୍ରଦୀପ ସ୍ୱାଇଁ, ନିରଞ୍ଜନ ମଲ୍ଲିକ, ତୋଫାନ ମହାନ୍ତି, ନାରାୟଣ ପରିଡା, ସୁବାସ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

### ୧୨ରେ ଛାତ୍ରବୃତ୍ତି, ସ୍ୱର୍ଣ୍ଣ ପଦକ ପ୍ରଦାନ ଉତ୍ସବ

**ତିର୍ତ୍ତୋଲ,୮।୨(ଡି.ଏନ.ଏ.):** ତିର୍ତ୍ତୋଲସ୍ଥିତ ଆଦିକବି ସାରଳା ଦାସ କଲେଜରେ ଆସନ୍ତା ୧୨ ତାରିଖ ମାଘ ସପ୍ତମୀରେ କଲେଜର ୧୫ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯିବ। ଏଥିସହ ଛାତ୍ରୀ ସସ୍ମିତା ବାରିକଙ୍କୁ ମାଳତୀ ଦେବୀ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ। ସେହିପରି ସିଦ୍ଧାର୍ଥ ଶଙ୍କର ବେହେରାଙ୍କୁ ବାସୁଦେବ ଦାସ ଛାତ୍ରବୃତ୍ତି, ବିଜ୍ଞାନ ଛାତ୍ରୀ ଇସ୍ମିତା ପଣ୍ଡା, କଳା ଛାତ୍ରୀ ରୋନାଲୀ ଓଝା ଓ ବାଣିଜ୍ୟ ଛାତ୍ରୀ ମଧୁସ୍ମିତା ଦାସଙ୍କୁ ସୁନାମଣୀ ଛାତ୍ର ବୃତ୍ତି, ସ୍ୱୟଂସିଦ୍ଧି ମୁଦୁଲୀଙ୍କୁ ଇଲାବନ୍ତ ରାୟ ମେମୋରିଆଲ ଛାତ୍ରବୃତ୍ତି, ନିହାରିକା ଆଚାର୍ଯ୍ୟଙ୍କୁ ହରି ଚରଣ ଦାସ ଛାତ୍ରବୃତ୍ତି, ସ୍ମୃତିପ୍ରଜ୍ଞା ବେହେରାଙ୍କୁ ଆଦରମଣୀ ମହାପାତ୍ର ଛାତ୍ରବୃତ୍ତି, ପ୍ରଗତି ମିଶ୍ରଙ୍କୁ ରାମଚନ୍ଦ୍ର ଛାତ୍ରବୃତ୍ତି, ପୁଷ୍ପାଞ୍ଜଳି ସାହୁଙ୍କୁ ପୁଷ୍ପଲତା ମେମୋରିଆଲ ଛାତ୍ରବୃତ୍ତି, ସୁମୀଲ ବେହେରା ଏବଂ ଲୋପାମୁଦ୍ରା ସ୍ୱାଇଁଙ୍କୁ ସତ୍ୟଭାମା ସରୋଜୀନୀ କ୍ରୀଡ଼ାବୃତ୍ତି ପ୍ରଦାନ କରାଯିବ। କମିଟି ତରଫରୁ ନିତ୍ୟାନନ୍ଦ ଜେନା ଏହି ସୂଚନା ପ୍ରଦାନ କରିଛନ୍ତି।

### ସିଆଇଏସ୍‌ଏଫ୍‌ର ରକ୍ତଦାନ ଶିବିର



**ପାରାଦୀପ,୮।୨(ସ୍ୱ.ପ୍ର.):** ପାରାଦୀପ ତୈଳ ବିଶୋଧନାଗାର ସୁରକ୍ଷାରେ ନିୟୋଜିତ ସିଆଇଏସ୍‌ଏଫ୍ ପକ୍ଷରୁ ଟାଉନ୍‌ସିପ୍ ପରିସରରେ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୫୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଜଗତ୍‌ସିଂହପୁର ରକ୍ତ ଭଣ୍ଡାରକୁ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ସିଆଇଏସ୍‌ଏଫ୍ କମାଣ୍ଡାଣ୍ଟ ମୁକେଶ କୁମାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ଡେପୁଟି କମାଣ୍ଡାଣ୍ଟ ସନ୍ତୋଷ କୁମାର, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଶୁଭ୍ରାଂଶୁ ଭୂଷଣ ମିଶ୍ର, ଚନ୍ଦନ କୁମାର ମଲ୍ଲିକ, ଆଇଓସିଏଲ ହସ୍ପିଟାଲର ଡା. ଏ.ପି. ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା

**ତିର୍ତ୍ତୋଲ,୮।୨(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ପଟିଲୋ ପଞ୍ଚାୟତର କୋଡିଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କିଷ୍ଣା କୁମାରୀ ଦେଇଙ୍କୁ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବାଁବରଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ସରପଞ୍ଚ ଚିତ୍ତରଞ୍ଜନ ରଥ ମୁଖ୍ୟଅତିଥି, ଶିକ୍ଷାବିତ ମହେନ୍ଦ୍ର କୁମାର ଆଚାର୍ଯ୍ୟ ମୁଖ୍ୟବକ୍ତା, ସମିତି ସଭ୍ୟା ସନ୍ଧ୍ୟାରାଣୀ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀ ଦେଇଙ୍କ ଛାତ୍ର ବତ୍ସଳତା ଓ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ତାଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସିଆରସିସି ଦୀପକ ବିଶ୍ୱାଳ, ଅକ୍ଷୟ ନାୟକ, ଧୀରେନ୍ଦ୍ର ମନ୍ତ୍ରୀ, ସଚିନ୍ଦ୍ର ସାହୁ, ବାବୁଲି ସ୍ୱାଇଁ, ବସନ୍ତ ଷଡ଼ଙ୍ଗୀ, ସମୀର ଦାସ, ଶିକ୍ଷୟିତ୍ରୀ ରେଣୁବାଳା ମହାପାତ୍ର, ତୃପ୍ତିମୟୀ ସ୍ୱାଇଁ, ପ୍ରମୋଦିନୀ ପ୍ରଧାନ, ସ୍ୱପ୍ନମଞ୍ଜରୀ ଆଚାର୍ଯ୍ୟ, ଶିକ୍ଷକ ଶକ୍ତିରଞ୍ଜନ ରାୟ, ପ୍ରଶାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ନାୟକ, ମନୋରମା ଦାଶ, କୈଳାସ ଚନ୍ଦ୍ର ବିଶ୍ୱାଳ, ସୁରେନ୍ଦ୍ର ମହାପାତ୍ର, ଗୌରାଙ୍ଗ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦୀପ କୁମାର ରଥ ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ ପ୍ରଦୀପ ପାତ୍ର ଧନ୍ୟବାଦ ଦେଇଥିଲେ।

## ସିଭିଲ ଜଜ୍‌ଙ୍କୁ ବିଦାୟ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ବିଚାରପତି ଓ ଓକିଲ ସଂଘ କର୍ମକର୍ତ୍ତା।

**କୁଜଙ୍ଗ,୮।୨(ସ୍ୱ.ପ୍ର)**

କୁଜଙ୍ଗରେ ଦୀର୍ଘଦିନ ଧରି ସିଭିଲ ଜଜ ଜୁନିୟର ଡିଭିଜନ ଭାବେ କାର୍ଯ୍ୟକରି ମାଲକାନଗିର ଏସ୍‌ଡିଜେମ ଭାବେ ପଦୋନ୍ନତି ପାଇଥିବା ବିଚାରପତି ଅମିତାଭ ପଣ୍ଡାଙ୍କୁ ଗୁରୁବାର କୋର୍ଟ ପରିସରରେ ଓକିଲ ସଂଘ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। କୁଜଙ୍ଗ ଓକିଲ ସଂଘ ସଭାପତି ଏ.ଏନ.ଡି. ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ମୁଖ୍ୟଅତିଥି, ସବ୍‌ଜଜ୍ ସିନିୟର ଡିଭିଜନ ଅଭିଳାଶ ସେନାପତି, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମ୍ୟାଜିଷ୍ଟ୍ରେଟ୍ ସୁଶ୍ରୀ ମାମି ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଇନଜୀବୀ ଅମୃତ ଦାସ, ସୁଶାନ୍ତ ପଟ୍ଟନାୟକ, ଭାରତ ଭୂଷଣ ଦାସ, ସତ୍ୟାନନ୍ଦ ବିଶ୍ୱାଳ, ଚୈତନ୍ୟ ମହାପାତ୍ର, ଧନେଶ୍ୱର ସ୍ୱାଇଁ, ଗଗନ ବିହାରୀ ମହାନ୍ତି, ରମେଶ ଦାସ, ସଞ୍ଜୟ ବେହେରା, ଗତିକୃଷ୍ଣ ଶତପଥୀ ପ୍ରମୁଖ ଉପସ୍ଥିତଥିଲେ। ଓକିଲ ସଂଘ ଉପସଭାପତି ଦାମୋଦର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଖବରଦାତାଙ୍କ ସୁରକ୍ଷା ଦାବି

**ପାରାଦୀପ,୮।୨(ସ୍ୱ.ପ୍ର.)**

ଦେଶ ଓ ରାଜ୍ୟରେ ଗତ କିଛିଦିନ ହେଲା ଖବରଦାତାଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଇଛି। ଜନମଙ୍ଗଳ ରାଷ୍ଟ୍ରରେ ଏହା ଆଦୌ ଶୁଭଙ୍କର ନୁହେଁ। ଯେଉଁଠି ଓ ଯେଉଁମାନେ ଏଭଳି ଆକ୍ରମଣ କରୁଛନ୍ତି, ସେମାନେ କୌଣସି ନା କୌଣସି ରାଜନେତା କିମ୍ବା ପ୍ରଭାବଶାଳି ଲୋକଙ୍କ ଇଙ୍ଗିତରେ କରୁଛନ୍ତି। ଏହା ଗଣତନ୍ତ୍ର ପାଇଁ ବିପଦ। ତେଣୁ କର୍ତ୍ତବ୍ୟରତ ଖବରଦାତାଙ୍କ ସୁରକ୍ଷା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ଆଇନ ଆଣିବା ଦରକାର। ଏଥିସହ ଆକ୍ରମଣକାରୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡଦେବା ଆବଶ୍ୟକ ବୋଲି ସ୍ୱେଚ୍ଛାସେବୀ ସଙ୍ଗଠନ ଆଦର୍ଶ ପ୍ରୟାସ ପକ୍ଷରୁ କୁହାଯାଇଛି। ଏନେଇ ଏହାର କର୍ମକର୍ତ୍ତା ଅମରେଶ ମଣ୍ଡଳ, ଦେବ କଲ୍ୟାଣ ମହାପାତ୍ର, ଦେବୀ ପ୍ରସାଦ ସାହୁ ପ୍ରମୁଖ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି।

## ଜୟପ୍ରକାଶ ଶିକ୍ଷା ନିକେତନ, ଚର୍ଚ୍ଚିକାଇ ବିଦ୍ୟାପୀଠ ବାର୍ଷିକୋତ୍ସବ

# ଝିଅଟିଏ ଶିକ୍ଷିତ ହେଲେ ପରିବାର ଶିକ୍ଷିତ ହେବ



କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

**ରଘୁନାଥପୁର, ୮।୨( ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ରାମଚନ୍ଦ୍ରପୁରସ୍ଥିତ ଜୟପ୍ରକାଶ ଶିକ୍ଷା ନିକେତନ ଓ ଚର୍ଚ୍ଚିକାଇ ବିଦ୍ୟାପୀଠ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଧ୍ୟମିକ ଶିକ୍ଷା ବିଭାଗ ନିର୍ଦ୍ଦେଶକ (ଓଡ଼ିଶା) ବିଭୁ ପ୍ରସାଦ ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଝିଅଟିଏ ଶିକ୍ଷିତ ହେଲେ ଗୋଟିଏ ପରିବାର ଶିକ୍ଷିତ ହେବ ବୋଲି କହିଥିଲେ। ଉପସ୍ଥିତ ଛାତ୍ରୀମାନେ ଅତିଥିମାନଙ୍କ ପକ୍ଷରୁ ରଖାଯାଇଥିବା ପ୍ରଶ୍ନର ଠିକ୍ ଉତ୍ତର ଦେଇଥିଲେ। ଏସ୍‌ଏମ୍‌ସି ଚେୟାରମ୍ୟାନ ଇଂ. ବାବାଜି ଚରଣ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଜିଲା ବିଜ୍ଞାନ ପରିଦର୍ଶକ ସୁଭାସ ଚନ୍ଦ୍ର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶୃଙ୍ଖଳା ଓ କର୍ତ୍ତବ୍ୟ ପରାୟଣ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧରେ ବିଶ୍ୱ ଓଡ଼ିଆ ସଙ୍ଗଠନର ସଭାପତି ଡ. ସୁରେନ୍ଦ୍ରନାଥ ମହାପାତ୍ର, ଶିକ୍ଷାବିତ୍ ଗୀତା ରଥ ଓ ଯଦୁନାଥ ଜେନା, ବ୍ଲକ ଅଧ୍ୟକ୍ଷା ସ୍ୱପ୍ନାସରିତା ବଳ, ଜିଲା ଯୋଜନା ବୋର୍ଡ ଉପାଧ୍ୟକ୍ଷ ଡେଜାଲିନ ମହାପାତ୍ର, ସରପଞ୍ଚ କବିତା ନାୟକ, ସମିତିସଭ୍ୟ ସଞ୍ଜୟ କୁମାର ନାୟକ ଉପସ୍ଥିତ ରହି ବିଦ୍ୟାଳୟରେ ଆଧ୍ୟାତ୍ମିକ ଶିକ୍ଷା ପ୍ରଦାନ ପାଇଁ ମତ ରଖିଥିଲେ। ପ୍ରଧାନଶିକ୍ଷକ ରଞ୍ଜନ କୁମାର ମିଶ୍ର ବାର୍ଷିକ ବିବରଣୀ ପଠନ ଓ ଶିକ୍ଷକ ସୁବାସ ଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିଙ୍କ ପକ୍ଷରୁ କ୍ରୀଡା ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ପବିତ୍ର କୁମାର ସ୍ୱାଇଁ ସ୍ୱାଗତ ଭାଷଣ ସହ ମଞ୍ଚ ପରିଚାଳନା ଓ ଚର୍ଚ୍ଚିକାୟୀ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ କମଳା ଦାଶ ଧନ୍ୟବାଦ ଦେଇଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଡିଏଭି ସ୍କୁଲରେ ଚିତ୍ରକଳା ପ୍ରଦର୍ଶନୀ

**ପାରାଦୀପ,୮।୨(ସ୍ୱ.ପ୍ର.)**




ଛାତ୍ରୀଛାତ୍ର ଚିତ୍ରକଳା ପ୍ରଦର୍ଶନ କରୁଛନ୍ତି।

ପିପିଏଲ ଡିଏଭି ସ୍କୁଲ ପରିସରରେ ଦୁଇ ଦିନିଆ ଚିତ୍ରକଳା ଓ ଶିଳ୍ପ କଳା ପ୍ରଦର୍ଶନୀ ଶୁକ୍ରବାର ଆରମ୍ଭ ହୋଇଛି। ଏଥିରେ ଛାତ୍ରୀଛାତ୍ର ପାରମ୍ପରିକ ମୁରୁଜରେ ଚିତ୍ର ଆଙ୍କିଥିଲେ। ଏଥିସହ ଅଦରକାରୀ ସାମଗ୍ରୀରେ ଫୁଲଦାନୀ, ଘରକରଣା ସାମଗ୍ରୀ ଆଦି କରିଥିଲେ। ସେହିସବୁ କଳା, ସାମଗ୍ରୀକୁ ଅଭିଭାବକ ଓ ପିପିଏଲ କମ୍ପାନୀ ଅଧିକାରୀମାନେ ଦେଖି ଖୁସିବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପିପିଏଲ ଫ୍ୟାକ୍ଟ୍ରି ମ୍ୟାନେଜର ପ୍ରଣବ ଭଟ୍ଟାଚାର୍ଯ୍ୟ, ମାନବ ସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲର କଳା ଶିକ୍ଷକ ସୂର୍ଯ୍ୟ ନାରାୟଣ ଷଡ଼ଙ୍ଗୀ, କମଳାକାନ୍ତ ବଳଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିପାଇଁ ସ୍କୁଲ ଅଧ୍ୟକ୍ଷ ଶାନ୍ତନୁ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ସଡ଼କ ସୁରକ୍ଷା ସପ୍ତାହରେ ସଚେତନତା ବାର୍ତ୍ତା

**କୁଜଙ୍ଗ,୮।୨(ସ୍ୱ.ପ୍ର.)**

କୁଜଙ୍ଗ ପୋଲିସ ପକ୍ଷରୁ ଗୁରୁବାର ଓଡ଼ିଶା ରାଜ୍ୟ ମୋଟର ଚାଳକ ସଂଘ ଜଗତ୍‌ସିଂହପୁର ଶାଖା ସହାୟତାରେ ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଛି। କୁଜଙ୍ଗ ଥାନା ଅଧିକାରୀ ଦିଲୀପ କୁମାର ସାହୁଙ୍କ ନେତୃତ୍ୱରେ ଓଡ଼ିଶା ମୋଟର ଚାଳକ ସଂଘ କର୍ମକର୍ତ୍ତାଙ୍କ ସମେତ କୁଜଙ୍ଗର ଜନସାଧାରଣ, ବୁଦ୍ଧିଜୀବୀମାନେ ସଡ଼କ ସୁରକ୍ଷା ସମ୍ବଳିତ ପ୍ଲାକାର୍ଡ଼, ବ୍ୟାନର ଧରି ଶୋଭାଯାତ୍ରା କରିଥିଲେ। ମୋଟର ଚାଳକ ସଂଘ ଜିଲା ସଭାପତି ଅରୁଣ ମହାନ୍ତି, ସୁରେଶ ଚନ୍ଦ୍ର ସାହୁ, ନାରାୟଣ ସାହୁ, ଦିଲୀପ ସ୍ୱାଇଁ, ସେକ୍ ସଫିଉଲ୍ଲା, କମଳଲୋଚନ ସେନାପତି, ସିଦ୍ଧେଶ୍ୱର ବାରିକ, ଅଜୟ କୁମାର ଖଟୁଆ, ଜ୍ୟୋତିପ୍ରକାଶ ଦାସ, ତ୍ରିଲୋଚନ ଲେଙ୍କା, କୁଜଙ୍ଗ ପ୍ରେସ କ୍ଲବ ସଭାପତି ରଘୁନାଥ ସାହୁ, ରାଜକିଶୋର ନାଥ, ପରିବା ବ୍ୟବସାୟୀ ସଂଘ ସଭାପତି ଶିଶିର ନାୟକ ସାମିଲ ହୋଇଥିଲେ। ଏସ୍‌ଆଇ ଶୁଭ୍ରଜିତ ଦାସ, ପ୍ରମୋଦ ନାୟକ, ଏଏସ୍‌ଆଇ ସୁଶାନ୍ତ ମିଶ୍ର, ଦେବେନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉଜ୍ଜ୍ୱଳ ପ୍ରଶିକ୍ଷଣ ଶିବିର

**ନାଉଗାଁ, ୮।୨ (ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅଲଣାହାଟ ହାଇସ୍କୁଲରେ ୪ ଦିନିଆ ଉଜ୍ଜ୍ୱଳ ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଅଲଣାହାଟ ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟର ସାଧନକେନ୍ଦ୍ର ସଂଯୋଜକ ଲକ୍ଷ୍ମୀଧର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶାରଦା ପ୍ରସନ୍ନ ମିଶ୍ର ଓ ସହ ମଣ୍ଡଳ ଶିକ୍ଷାଧିକାରୀ ବାଇଧର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଗୁଣାତ୍ମକ ଶିକ୍ଷାର ବିକାଶ ଦିଗରେ ସମସ୍ତେ ଦୃଷ୍ଟି ଦେବାକୁ ପ୍ରଶିକ୍ଷାର୍ଥୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଶିବିରରେ ୪୮ଜଣ ପ୍ରଶିକ୍ଷାର୍ଥୀ ଓ ୩ଜଣ ସାଧନକର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଚିନ୍ତାମଣି ରାଉତ, ଆଶୁତୋଷ ପାଢ଼ୀ, ଶାରଦା ପ୍ରସନ୍ନ ଓଝା, କୈଳାସ ଚନ୍ଦ୍ର ମହାନ୍ତି, ସାଧନ କର୍ମୀ ଜଳଧର ବିଶ୍ୱାଳ, ଚୈତନ୍ୟ ମଲ୍ଲିକ ଓ ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ସ୍କୁଲ ପରିସରରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିର।

# ପ୍ରଦୂଷଣ ନିୟନ୍ତ୍ରଣ ଦାବିରେ ଧୂଳି ସତ୍ୟାଗ୍ରହ

**ପାରାଦୀପ,୮।୨(ସ୍ୱ.ପ୍ର.)**




ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପାରାଦୀପ ନାଗରିକ ମଞ୍ଚ ପକ୍ଷରୁ ହୋଇଥିବା ସତ୍ୟାଗ୍ରହ।

■ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀଙ୍କୁ ଦାବିପତ୍ର
■ଦାବି ପୂରଣ ନ ହେଲେ ଆମରଣ ଅନଶନ

ବନ୍ଦର ଭିତ୍ତିକ ଶିଳ୍ପ ସହର ପାରାଦୀପରେ ଗତ କିଛିବର୍ଷ ହେଲା ପ୍ରଦୂଷଣର ମାତ୍ରା ଚରମ ସୀମାରେ ପହଞ୍ଚିଛି। ସେହି ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ଶିଳ୍ପ ସଂସ୍ଥା, ପାରାଦୀପ ବନ୍ଦର, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସେଭଳି କିଛି ସ୍ଥାୟୀ ପଦକ୍ଷେପ ନେଉନାହାନ୍ତି। କେବଳ କାଗଜ କଲମରେ ସବୁ ଚାଲିଛି। ଏହାର ପ୍ରତିବାଦରେ ପାରାଦୀପ ନାଗରିକ ମଞ୍ଚ ଅଧ୍ୟକ୍ଷ ତଥା ପରିବେଶବିତ୍ ଅୟସକାନ୍ତ ରାୟ ଶୁକ୍ରବାର ଅଭିନବ ଉପାୟରେ ବିରୋଧ ପ୍ରଦର୍ଶନ କରିଛନ୍ତି। ସଙ୍ଗଠନର କର୍ମକର୍ତ୍ତାଙ୍କ ସହ ସେ ପଦଯାତ୍ରା ଓ ଧୂଳି ସତ୍ୟାଗ୍ରହ କରିଛନ୍ତି। ଅଠରବାଙ୍କୀରୁ ହନୁମାନ ମନ୍ଦିର ପାଖ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ପର୍ଯ୍ୟନ୍ତ କର୍ମକର୍ତ୍ତାମାନେ ଧୂଳି ରାସ୍ତାରେ ଚାଲି ଚାଲି ଓ ଗଡି ଗଡି ଆସିଥିଲେ। ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ଦିନିକିଆ ସତ୍ୟାଗ୍ରହରେ ବସିଥିଲେ। ଉକ୍ତ ସତ୍ୟାଗ୍ରହକୁ ସମର୍ଥନ ଜଣାଇ ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧିର ମଧ କିଛି ସମୟ ବସିଥିଲେ। ଅନ୍ୟମାନଙ୍କ ମଧରେ ସାମାଜିକ କର୍ମୀ ଶ୍ରୀବଲ୍ଲଭ କର, ଦୀପ୍ତିରଞ୍ଜନ ପଟ୍ଟନାୟକଙ୍କ ସମେତ ପ୍ରାୟ ୫୦ ମହିଳା ପୁରୁଷ ସତ୍ୟାଗ୍ରହରେ ସାମିଲ ହୋଇଥିଲେ। ଅପରାହ୍ନରେ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ. ରମେଶ ଚନ୍ଦ୍ର ଏକ୍କା ସତ୍ୟାଗ୍ରହୀଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ୧୫ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଜିଲା ପ୍ରଶାସନ, ବନ ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ସ୍ୱେଚ୍ଛାସେବୀଙ୍କୁ ନେଇ କମିଟି ଗଠନ କରିବା, ସମସ୍ତ ଶିଳ୍ପ ସଂସ୍ଥା କେତେ ଗଛ ଲଗାଇଛନ୍ତି ତାହା ଗଣନା କରିବା, ଧାର୍ଯ୍ୟ ଲକ୍ଷ୍ୟ ମୂଳ ଜାଗାର ୩୩ ପ୍ରତିଶତ ଅଞ୍ଚଳ ବୃକ୍ଷରୋପଣ ନିୟମ କଡ଼ାକଡି କରିବା, ସିଏସ୍‌ଆର ଅର୍ଥ ଖର୍ଚ୍ଚ ବିବରଣୀ ସାର୍ବଜନିନ କରିବା, ଧୂଳି ନିୟନ୍ତ୍ରଣ ବ୍ୟବସ୍ଥା ଆଦି କରିବାକୁ ଏଥିରେ ଦାବି କରାଯାଇଛି। ଏ ସମ୍ପର୍କରେ ଆସନ୍ତା ୧୫ ଦିନ ମଧରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆମରଣ ଅନଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏଥିସହ ପ୍ରତି ଶୁକ୍ରବାର ପରିବେଶ ଆନ୍ଦୋଳନ ଜାରି ରହିବ ବୋଲି ରାୟ କହିଛନ୍ତି।


ପଞ୍ଚଦଶ ବିଧାନସଭାର ଅନ୍ତିମ ଦିବସରେ ଉତ୍ତୋଳନ କରାଯାଇଥିବା ଫଟୋଚିତ୍ର। ଏଥିରେ ବାଚସ୍ପତି ପ୍ରଦୀପ ଅମାତ, ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ସମେତ ବିଧାୟକଗଣ।

## ସଂକ୍ଷେପରେ

### ଆମେରିକାରେ ମନ୍ଦିର ସୁରକ୍ଷା ଦାବିକଲେ ଭର୍ତ୍ତୃହରି

**ନୂଆଦିଲ୍ଲୀ,୮।୨:** ଆମେରିକାର କେଣ୍ଟୁକୀସ୍ଥିତ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ଘଟଣାର ତଦନ୍ତ ଲାଗି ଟ୍ରମ୍ପ୍ ପ୍ରଶାସନ ଉପରେ ଚାପ ପକାଇବାକୁ ଲୋକ ସଭାରେ ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। କେଣ୍ଟୁକୀ ରାଜ୍ୟର ଲୁଇସ୍‌ଭିଲେ ସହରରେ ଥିବା ସ୍ୱାମୀ ନାରାୟଣ ମନ୍ଦିରରେ କେତେଜଣ ଦୁର୍ବୃତ୍ତ ଗତ ମାସରେ ଭଙ୍ଗାରୁଜା କରିବା ସହ ମୂର୍ତ୍ତି ମୁହଁରେ କଳା ବୋଳିଦେଇଥିଲେ। ଏଥିସହିତ ସେମାନେ ମନ୍ଦିର କାନ୍ଥରେ ଅରୁଚିକର ମନ୍ତବ୍ୟ ଲେଖିଥିଲେ। ଶୁକ୍ରବାର ଲୋକ ସଭାର ଶୂନ୍ୟ କାଳରେ ଭର୍ତ୍ତୃହରି ଉକ୍ତ ପ୍ରସଙ୍ଗ ଉଠାଇ ଏହା ଭାରତୀୟ-ଆମେରିକୀୟମାନଙ୍କୁ ବ୍ୟଥିତ କରିଥିବା କହିଥିଲେ। ଲୁଇସ୍‌ଭିଲେ ମେୟର ମନ୍ଦିର ଭଙ୍ଗାରୁଜା ଘଟଣାକୁ ନିନ୍ଦା କରିଥିଲେ ମଧ ଏପର୍ଯ୍ୟନ୍ତ ତାହାର ତଦନ୍ତ କରାଯାଇ ନାହିଁ। ତେଣୁ ଭବିଷ୍ୟତରେ ଏଭଳି ଘୃଣ୍ୟ ଅପରାଧ ରୋକିବାକୁ ହେଲେ ଘଟଣାର ତଦନ୍ତ କରି ଅପରାଧୀଙ୍କୁ ଦଣ୍ଡିତ କରିବା ଲାଗି ଆମେରିକା ସରକାରଙ୍କ ଉପରେ ଚାପ ପକାଇବା ପାଇଁ ଭର୍ତ୍ତୃହରି କେନ୍ଦ୍ରକୁ ଆହ୍ୱାନ କରିଛନ୍ତି।

### କାର ଧକ୍କାରେ ଚାଷୀ ମୃତ

**କାମାକ୍ଷାନଗର, ୮।୨(ଡି.ଏନ୍.ଏ.):** କାମାକ୍ଷାନଗର ଥାନା ମହୁଲପାଳ ପଞ୍ଚାୟତ ଅନ୍ତର୍ଗତ ଜଡ଼ାପାଳ ଛକରେ ଶୁକ୍ରବାର ମଧାହ୍ନରେ ଦୁର୍ଘଟଣା ଘଟିଛି। କାର୍ (ଓଡ଼ି ୦୨ ଆର୍ ୩୮୯୯) ଧକ୍କାରେ ମହୁଲପାଳ ଗ୍ରାମର ମାଣ୍ଡୁଆ ଦେହୁରୀ(୪୦)ଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଅଞ୍ଚଳବାସୀଙ୍କ ମଧରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ କାମାକ୍ଷାନଗର-ଢେଙ୍କାନାଳ ମୁଖ୍ୟରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଅପରାହ୍ନ ୨ଟାରେ ରାସ୍ତାରୋକୋ ହଟିଥିଲା। ମାଣ୍ଡୁଆ କୋଲଥ ଜମିରୁ କାମସାରି ଚାଲିଚାଲି ଘରକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା।

# ୪ମାସିଆ ଲେଖାନୁଦାନକୁ ମଞ୍ଜୁରୀ

ଭୁବନେଶ୍ୱର,୮।୨(ବ୍ୟୁରୋ)

୨୦୧୯-୨୦ ଆର୍ଥିକ ବର୍ଷର ପ୍ରଥମ ୪ମାସ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଆଗତ ୫୬,୯୨୧ କୋଟି ଟଙ୍କାର ଲେଖାନୁଦାନକୁ ଶୁକ୍ରବାର ଓଡ଼ିଶା ବିଧାନସଭାର ଅନୁମୋଦନ ମିଳିଛି। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରାଙ୍କ ଦ୍ୱାରା ଏହି ଲେଖାନୁଦାନ ବ୍ୟୟମଞ୍ଜୁରୀ ବିଧେୟକ ଗୁରୁବାର ଗୃହରେ ଉପସ୍ଥାପନ କରାଯାଇଥିଲା।

ବିଧେୟକକୁ ଗୃହୀତ କରାଇବା ପୂର୍ବରୁ ଅର୍ଥମନ୍ତ୍ରୀ ଶଶିଭୂଷଣ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଆଗତ କରାଯାଇଥିବା ବଜେଟ୍‌ରେ କୃଷି ଓ କୃଷକ କଲ୍ୟାଣ, ଜଳସେଚନ, ସାମାଜିକ ସୁରକ୍ଷା, ମହିଳା ସଶକ୍ତୀକରଣ, ଶିକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟ ନିରାପତ୍ତା, ସୁରକ୍ଷିତ ପାନୀୟ ଜଳ ଯୋଗାଣ, ପକ୍କାଘର ଗ୍ରାମ୍ୟ ଉନ୍ନୟନକୁ ପ୍ରାଧାନ୍ୟ ଦିଆଯାଇଛି। କାଳିଆ ଯୋଜନା ଦ୍ୱାରା ରାଜ୍ୟର ୯୨ ପ୍ରତିଶତ ଚାଷୀ ଉପକୃତ ହେବେ। ୨୦୧୯-୨୦ ପାଇଁ ଏହି ଯୋଜନାରେ ୪୪୬୧ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସାମାଜିକ ନିରାପତ୍ତା ଦୃଷ୍ଟିରୁ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ୪୮ ଲକ୍ଷ ହିତାଧିକାରୀଙ୍କୁ ସୁବିଧା ଦିଆଯାଉଛି। ଏହି ବାବଦକୁ ବ୍ୟୟ ପାଇଁ ୨୧୨୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ହିତାଧିକାରୀଙ୍କୁ ବାର୍ଷିକ ୫ ଲକ୍ଷ ଏବଂ ମହିଳା ହିତାଧିକାରୀଙ୍କୁ ୭ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ରାଜ୍ୟର ବିଭିନ୍ନ ଭେଷଜ ମହାବିଦ୍ୟାଳୟଗୁଡ଼ିକରେ ସିଟ୍ ସଂଖ୍ୟା ବୃଦ୍ଧି, ଉପାନ୍ତ ଅଞ୍ଚଳରେ ଡାକ୍ତର ମାନଙ୍କୁ ଅଧିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଥିବା ଅର୍ଥମନ୍ତ୍ରୀ କହିଛନ୍ତି। ସେହିପରି ୩ ଲକ୍ଷ ନୂତନ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ୧୫ ହଜାର ଟଙ୍କାର ମୂଳଧନ, ମଣ୍ଡଳ ମହାସଂଘକୁ ୨୫ ଲକ୍ଷ ଲେଖାଏ ରିଭଲଭିଂ ଫଣ୍ଡ ଯୋଗାଇ ଦିଆଯାଇଛି। ଏସ୍‌ଏଚ୍‌ଜିଙ୍କ ପାଇଁ ଆସିଥିବା ଲେଖାନୁଦାନରେ ୩୦୧ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ରାଜ୍ୟର ୬ ଲକ୍ଷ ଏସ୍‌ସି ଓ ଏସ୍‌ଟି ଛାତ୍ରୀଛାତ୍ରଙ୍କ ପାଇଁ ୪୩୦୦ ଆବାସିକ ବିଦ୍ୟାଳୟ, ୬୪୦୦ରୁ ଅଧିକ ଛାତ୍ରାବାସ ନିର୍ମାଣ କରାଯାଇଛି। ସେମାନେ ମାଗଣାରେ ରହିବା ଓ ଖାଇବାର ସୁବନ୍ଦୋବସ୍ତ କରାଯାଇଛି। ଏଥିପାଇଁ ବଜେଟ୍‌ରେ ଆବଶ୍ୟକ ବ୍ୟୟବରାଦ କରାଯାଇଛି। ପୁଞ୍ଜି ଖର୍ଚ୍ଚ ପାଇଁ ୨୩,୭୮୪ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଏହା ରାଜ୍ୟର ସାମଗ୍ରିକ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ର ୪.୪ ପ୍ରତିଶତ। ଖୋର୍ଦ୍ଧା-ବଲାଙ୍ଗୀର, ତାଳଚେର-ବିମଳାଗଡ, ହରିଦାସପୁର-ପାରାଦୀପ, ଅନୁଗୋଳ-ସୁକିନ୍ଦା ଏବଂ ନବରଙ୍ଗପୁର-ଜୟପୁର-ମାଲକାନଗିରି ରେଳ ସଂଯୋଗୀକରଣ ପାଇଁ ୪୧୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ମନ୍ତ୍ରୀ କହିଛନ୍ତି।

ଚଳିତ ଆର୍ଥିକ ବର୍ଷରେ ୮୪୩୩ କୋଟି ଟଙ୍କାର ରାଜସ୍ୱ ବଳକା ହେବ ବୋଲି ଅନୁମାନ କରାଯାଇଛି। ଏହା ଜିଏସ୍‌ଡିପିର ୧.୬ ପ୍ରତିଶତ। ବିତ୍ତୀୟ ନିଅଣ୍ଟ ୧୬,୧୯୩ କୋଟି ଟଙ୍କା ଆକଳନ କରାଯାଇଛି। ଏହା ଜିଏସ୍‌ଡିପିର ୩ ପ୍ରତିଶତ । ସେହିପରି ଆର୍ଥିକ ବର୍ଷ ଶେଷରେ ଋଣ ଭାର ଜିଏସ୍‌ଡିପିର ୧୯.୨ ପ୍ରତିଶତ ମଧରେ ରହିବ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଲେଖାନୁଦାନ ଗୃହୀତ ହେବା ସମୟରେ ଗୃହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର ଏବଂ ଶତାଧିକ ବିଧାୟକ ଉପସ୍ଥିତ ଥିଲେ। କଂଗ୍ରେସ ସଭ୍ୟମାନେ ଗୃହରେ ଉପସ୍ଥିତ ରହିଥିବା ବେଳେ, ଗୃହୀତ ହେବାର କିଛି ସମୟ ପୂର୍ବରୁ ଭାଜପା ସଭ୍ୟମାନେ କକ୍ଷତ୍ୟାଗ କରିଥିଲେ। ପରବର୍ତ୍ତୀ ସମୟରେ ବାଚସ୍ପତିଙ୍କ ଅନୁରୋଧ ରକ୍ଷା କରି ଭାଜପା ସଭ୍ୟମାନେ ବନ୍ଦେ ଉତ୍କଳ ଜନନୀ ଗାନ ସମୟରେ ଉପସ୍ଥିତ ରହିଥିଲେ।

# ଭାବବିହ୍ୱଳ ହେଲେ ଯୋଗେନ୍ଦ୍ର

**ଭୁବନେଶ୍ୱର,୮।୨(ବ୍ୟୁରୋ):** ଶୁକ୍ରବାର ଶେଷ ହୋଇଛି ପଞ୍ଚଦଶ ବିଧାନସଭାର ଶେଷ ଅଧିବେଶନ। ଇତିମଧ୍ୟରେ ୫ ବର୍ଷ ଶେଷ ହୋଇଯାଇଛି। ଏହି ସମୟରେ ଶାସକ ଓ ବିରୋଧୀ ଦଳ ସଦସ୍ୟମାନେ ପରସ୍ପର ବିରୋଧରେ ଗର୍ଜୁଥିଲେ ମଧ ଶେଷ ଦିବସରେ ପରିସ୍ଥିତି ଭିନ୍ନ ଥିଲା। ଶାସକ ସଭ୍ୟ ଯୋଗେନ୍ଦ୍ର ବେହେରା ଅଧିବେଶନ ଶେଷ ହେଉଥିବାରୁ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନା ବେଳେ ଭାବବିହ୍ୱଳ ହୋଇପଡ଼ିଥିଲେ। ସେ କହିଥିଲେ, ବିଧାନସଭାକୁ ଆସିବା ମୋର ୫ ଥର ହୋଇଗଲା। ବିଧାନସଭାର ସମସ୍ତ ସ୍ମୃତି ମୋ ପାଇଁ ବିରଳ ହୋଇରହିବ। କାହା ପ୍ରତି ରାଗ କିମ୍ବା ଅଭିମାନ ନାହିଁ। ମୁଁ ଏ ଗୃହକୁ ଆସିବି କି ନାହିଁ ଠିକ୍ ନାହିଁ। କିନ୍ତୁ ନବୀନବାବୁ ପୁଣି ପଞ୍ଚମଥର ମୁଖ୍ୟମନ୍ତ୍ରୀ ହେବେ। ଗୀତ ଗାଇ ନିଜର

**ବିଧାନସଭା ଆଉ ଆସି ନ ପାରେ**

ବକ୍ତବ୍ୟ ଶେଷ କରିଥିଲେ। ଯୋଗେନ୍ଦ୍ରଙ୍କ ବକ୍ତବ୍ୟକୁ ସମସ୍ତ ସଦସ୍ୟ ନୀରବରେ ଶୁଣୁଥିଲେ। ଆସନ୍ତା ଏପ୍ରିଲ-ମେରେ ନିର୍ବାଚନ। ଆଉ ପରସ୍ପର ଭେଟ ହେବ କି ନାହିଁ ସେନେଇ ଅନେକ ସଦସ୍ୟ ସନ୍ଦୀହାନ ହୋଇପଡିଥିଲେ। ନିଜ ମନର କଥା କହି ନ ଥିଲେ ମଧ ଭବିଷ୍ୟତକୁ ନେଇ ସେମାନଙ୍କ ମାନସପଟରେ ଅନିଶ୍ଚିତତା ଯେ ଉଙ୍କି ମାରୁଥିଲା, ତାହା ଜଳ ଜଳ ଦେଖାଦେଇଥିଲା। ଗୃହ ବାହାରେ ଶାସକ ଓ ବିରୋଧୀ ସଦସ୍ୟ ପରସ୍ପର କୋଳାକୋଳି ଏବଂ କରମର୍ଦ୍ଦନ କରୁଥିବା ଦେଖାଯାଇଥିଲା। ଅଧିବେଶନ ଶେଷରେ ବିଧାନସଭାର ସମସ୍ତ ସଦସ୍ୟ ଗୃହର ନେତା ନବୀନ ପଟ୍ଟନାୟକ ଓ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ସହ ଫଟୋ ଉଠାଇଥିଲେ।


ବିଜେଡି ବିଧାୟକମାନେ କେନ୍ଦ୍ର ସରକାରଙ୍କ ନିଯୁକ୍ତି ପ୍ରତିଶ୍ରୁତି ପାଳନ ବିଫଳତା ବିରୋଧରେ ରାଜ୍ୟପାଳଙ୍କୁ ସାକ୍ଷାତକରି ଫେରୁଛନ୍ତି।

# ଚାଷୀ, ନିଯୁକ୍ତି ପ୍ରସଙ୍ଗକୁ ନେଇ ଶାସକ-ବିରୋଧୀ ମୁହାଁମୁହିଁ

**ଭୁବନେଶ୍ୱର,୮।୨(ବ୍ୟୁରୋ):** ଚାଷୀଙ୍କୁ ଋଣଛାଡ, ଏମଏସପି ବୃଦ୍ଧି, ଚିଟ୍‌ଫଣ୍ଡ ଏବଂ ବେକାରି ସମସ୍ୟାକୁ ନେଇ ଦୁଇଦିନ ବିଧାନସଭା ଅଚଳ ହେବା ପରେ ଶୁକ୍ରବାର ମଧ ଗୃହରେ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଥିଲା। ଉଭୟ ଶାସକ ଓ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଗୃହ କାର୍ଯ୍ୟ ବାଏଁ ବାଏଁ ଉଡି ଯାଇଥିଲା। ମାତ୍ର ୧ ମିନିଟ ପରେ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିବାକୁ ବାଧ ହୋଇଥିଲେ। ୧୦ଟା ୩୦ ମିନିଟରେ ବାଚସ୍ପତି ପ୍ରଦୀପ ଅମାତ ସଭାକାର୍ଯ୍ୟ ଚଳାଇବାକୁ ଗୃହକୁ ପ୍ରବେଶ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତିଙ୍କ ସମେତ କଂଗ୍ରେସ ଓ ଭାଜପା ସଦସ୍ୟମାନେ ଗୃହକୁ ମାଡି ଆସି ଚାଷୀ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଅଡି ବସିଥିଲେ। ଅନ୍ୟ ପକ୍ଷରେ ବିରୋଧୀଙ୍କୁ ମୁକାବିଲା କରିବାକୁ ଶାସକ ଦଳ ନିଯୁକ୍ତିକୁ ମୁଖ୍ୟ ଅସ୍ତ୍ର କରିଥିଲା। ଶାସକ ସଭ୍ୟମାନେ ନିଜ ଆସନରେ ଛିଡା ହୋଇ ନିଯୁକ୍ତି ପ୍ରସଙ୍ଗକୁନେଇ କେନ୍ଦ୍ର ବିରୋଧରେ ନାରାବାଜି କରିଥିଲେ। ବିରୋଧୀ ଏବଂ ଶାସକଙ୍କ ହଟ୍ଟଗୋଳ ମଧରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ଚେଷ୍ଟା କରିଥିଲେ। ୯୩ ନମ୍ବର ପ୍ରଶ୍ନର ଉତ୍ତର ପଢିବାକୁ କ୍ରୀଡା ଓ ଯୁବ ସେବା ବ୍ୟାପାର ମନ୍ତ୍ରୀ ଚନ୍ଦ୍ର ସାରଥି ବେହେରାଙ୍କୁ ଡାକିଥିଲେ। ମନ୍ତ୍ରୀ ଉତ୍ତର ପଢିବା ମାତ୍ରେ ବାଚସ୍ପତି ହଟ୍ଟଗୋଳକୁ ଦେଖି ଗୃହକୁ ପୂର୍ବାହ୍ନ ୧୧ଟା ୩୦ ମିନିଟ ଯାଏ ବନ୍ଦ କରି ଦେଇଥିଲେ। ବିଜେଡି ସଭ୍ୟମାନେ କେନ୍ଦ୍ର ସରକାର ବର୍ଷକୁ ଦୁଇକୋଟି ନିଯୁକ୍ତି ଦେବାକୁ ଦେଇଥିବା ପ୍ରତିଶ୍ରୁତି ପାଳନ କରି ନ ଥିବାକୁ ବିରୋଧ କରି ରାଜ୍ୟପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ସଦସ୍ୟମାନେ ଏକ ଶୋଭାଯାତ୍ରାରେ ରାଜଭବନ ଯାଇ କେନ୍ଦ୍ର ବିରୋଧରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଗୃହରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ଗୃହକୁ ଦୁଇଟି ପର୍ଯ୍ୟାୟରେ ୧୨ଟା ୨୦ ମିନିଟ ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ବୈଠକ ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଆଗତ ବ୍ୟୟ ମଞ୍ଜୁରୀ ବିଲ୍ ଉପରେ ଆଲୋଚନା ହୋଇଥିଲା।

### ବଜେଟ୍‌କୁ ନେଇ ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ

# ଚାଷୀଙ୍କ ସ୍ଥିତିରେ ପରିବର୍ତ୍ତନ ଆଣିବା ଅସମ୍ଭବ: ପଞ୍ଚାନନ

**ଭୁବନେଶ୍ୱର, ୮।୨ (ବ୍ୟୁରୋ):** ରାଜ୍ୟ ସରକାର ଆର୍ଥିକ ବର୍ଷ ୨୦୧୯-୨୦ ପାଇଁ ବଜେଟ୍ ଉପସ୍ଥାପନ କରିଛନ୍ତି। ଏହା ରାଜ୍ୟ ଅର୍ଥନୀତିକୁ ଗତିଶୀଳ କରିବା ପରିବର୍ତ୍ତେ ଅର୍ଥନୀତିରେ ଏକ ଭିନ୍ନ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି। ସରକାର ଆସନ୍ତା ନିର୍ବାଚନ ବୈତରଣୀ ପାର ହେବା ପାଇଁ ଏବଂ ନିମ୍ନ ମଧବିତ ଚାଷୀ ଏବଂ ଗ୍ରାମାଞ୍ଚଳ ବୟସ୍କ ବ୍ୟକ୍ତିମାନଙ୍କର ଭୋଟକୁ ହାତେଇବାକୁ ବଜେଟରେ ଯେଉଁ ବ୍ୟବସ୍ଥା କରିଛନ୍ତି ତାହା ପ୍ରକୃତରେ ଚାଷୀମାନଙ୍କ ଆର୍ଥିକ ସ୍ଥିତିର ପରିବର୍ତ୍ତନ ଆଣିବା ଅସମ୍ଭବ ବୋଲି କଂଗ୍ରେସର ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି। କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପଞ୍ଚାନନ କହିଛନ୍ତି ଯେ, ସରକାର କୃଷକମାନଙ୍କ ଋଣଛାଡ଼, ସେମାନଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ଜଳସେଚନ ପାଇଁ ଅର୍ଥ ବ୍ୟୟବରାଦ ନ କରିବା ଏବଂ ଚାଷୀର କୃଷିଜାତ ଦ୍ରବ୍ୟକୁ କିଭଳି ଭାବରେ ଶୀତଳଭଣ୍ଡାରରେ ସଂରକ୍ଷଣ କରାଯିବ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଓ କୃଷିଶିଳ୍ପର ବିକାଶ ପାଇଁ କୌଣସି ଠୋସ୍ ପଦକ୍ଷେପ ନେଇନାହାନ୍ତି। ତେଣୁ ରାଜ୍ୟ ସରକାର କାଳିଆ ଯୋଜନା ମାଧ୍ୟମରେ ଚାଷୀଙ୍କ ଭୋଟ ହାତେଇବା ଛଡା ତାଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ବଜେଟରେ କୌଣସି ଯୋଜନା କରିନାହାନ୍ତି। ରାଜ୍ୟର ନିଜସ୍ୱ ଆୟ କମିବାରେ ଲାଗିଛି। ଋଣ ଭାର ମଧ କ୍ରମାନ୍ୱୟରେ ବଢ଼ି ଚାଲିଛି। ୨୦୧୯-୨୦ ସୁଦ୍ଧା ରାଜ୍ୟର ଋଣ ଭାର ୧ ଲକ୍ଷ ୧୦ ହଜାର କୋଟି ଟଙ୍କାରୁ ଅଧିକ ହେବ, ଯାହା ସାମଗ୍ରିକ ଉତ୍ପାଦନ (ଜିଏସ୍‌ଡିପି) ୨୦.୨୫ ପ୍ରତିଶତ ହେବ। 'ପିଠା' ଯୋଜନା ପାଇଁ ଯେଉଁ ୪ଶହ କୋଟି ଟଙ୍କାର ଅନୁଦାନ ରଖାଯାଇଛି ଏହା ବିଜେଡିର ଆସନ୍ତା ନିର୍ବାଚନ ପରିପ୍ରେକ୍ଷୀରେ ପ୍ରଚାର ପ୍ରସାର ପାଇଁ ରାଜ୍ୟ ରାଜକୋଷରୁ ବ୍ୟୟବରାଦର ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାର "ବିଜୁ ଯୁବ ବାହିନୀ" ପାଇଁ ରାଜ୍ୟ ରାଜକୋଷରୁ ୧୦୫ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଏଥିରୁ ସ୍ପଷ୍ଟ ଅନୁମେୟ ରାଜ୍ୟର ଟିକସଦାତାଙ୍କ ଅର୍ଥକୁ ବ୍ୟୟ କରି ନିଜ ଦଳର ସଂଗଠନକୁ ସୁଦୃଢ କରିବା ପାଇଁ ଏଭଳି ଯୋଜନା କରୁଛନ୍ତି ବୋଲି ପଞ୍ଚାନନ କହିଛନ୍ତି।

# ଫୁସ୍‌କିଗଲା କାଳିଆ: ନରସିଂହ

ଭୁବନେଶ୍ୱର,୮।୨(ବ୍ୟୁରୋ)

କାଳିଆ, ପିଠା ଯୋଜନା କରି ରାଜ୍ୟ ସରକାର ଚାଷୀଙ୍କୁ ଭେଳିକି ଦେଖାଉଛନ୍ତି। ଭାଗଚାଷୀ, ନାମମାତ୍ର ଚାଷୀ, ଭୂମିହୀନ ଏପର୍ଯ୍ୟନ୍ତ ଚିହ୍ନଟ ହୋଇନାହାନ୍ତି। କେଉଁ ଆଧାରରେ କାଳିଆ ଯୋଜନାରେ ସରକାର ଆକାଉଣ୍ଟକୁ ଟଙ୍କା ପଠାଉଛନ୍ତି। ଉକ୍ତ ଟଙ୍କା ବିଜେଡି କର୍ମୀଙ୍କ ପକେଟକୁ ଯାଉଛି। ଗରିବ ଚାଷୀ ଏହାର ଫାଇଦା ପାଇପାରୁନାହିଁ। ଭୋଟ କିଣିବା ପାଇଁ ପରୋକ୍ଷରେ ଏଭଳି କାର୍‌ସାଦି କରାଯାଇଛି । ଏହି ଯୋଜନାର ଲାଭ ପାଇବାକୁ ସରକାର ଯେଉଁ ଉଦ୍ୟମ କରିଥିଲେ, କଂଗ୍ରେସର ଋଣଛାଡ଼ ଓ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧି ଘୋଷଣା ପରେ ତାହା ଫୁସ୍‌କି ଯାଇଛି। ଗୋଟିଏ କୁଇଣ୍ଟାଲ ଧାନ ଅମଳ କରିବାକୁ ଚାଷୀଙ୍କର ୨୩୪୪ ଟଙ୍କା ଖର୍ଚ୍ଚ ହେଉଛି ବୋଲି ସରକାର ହିସାବ ଦେଇଛନ୍ତି। ଚାଷୀ ଧାନ ବିକିଲା ବେଳେ ଏମ୍‌ଏସ୍‌ପି ମିଳୁଛି ମାତ୍ର ୧୭୫୦ ଟଙ୍କା। ଖର୍ଚ୍ଚକୁ ହିସାବକୁ ନେଲେ ୬୦୦ ଟଙ୍କା ପ୍ରତି କୁଇଣ୍ଟାଲରେ କ୍ଷତି ହେଉଛି। ଅର୍ଥାତ୍ ପ୍ରତି ଏକର ପିଛା ଧାନ ଚାଷ ପାଇଁ ଚାଷୀଙ୍କର ୧୨ ହଜାର ଟଙ୍କା କ୍ଷତି ହେଉଛି। କାଳିଆ ଯୋଜନାରେ ରାଜ୍ୟ ସରକାର ୫ ହଜାର ଟଙ୍କା ଦେଉଛନ୍ତି। ଆହୁରି ୭ ହଜାର ଟଙ୍କା କିଏ ଦେବ। ଛତିଶଗଡ଼ର କଂଗ୍ରେସ ସରକାର ଚାଷୀଙ୍କୁ ଋଣଛାଡ଼ କରିବା ସହ ଧାନ କୁଇଣ୍ଟାଲ ପିଛା ଏମ୍‌ଏସ୍‌ପି ୨୫୦୦ ଟଙ୍କା ଦେଉଛନ୍ତି। ବିରୋଧୀ ଦଳ ନେତା ନରସିଂହ ମିଶ୍ର ଶୁକ୍ରବାର ୨୦୧୯-୨୦ ଆର୍ଥିକ ବର୍ଷର ୪ ମାସିଆ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନା ବେଳେ ରାଜ୍ୟ ସରକାରଙ୍କ ଉପରେ ଏଭଳି ବର୍ଷିଛନ୍ତି।

ନରସିଂହ କହିଛନ୍ତି ଯେ, ଚାଷଜମିକୁ ଜଳସେଚନ କେବଳ କାଗଜ କଲମରେ ଚାଲିଛି। ଗତ ୫ ବର୍ଷ ଧରି ସରକାର ତାହା ମିଛ କହିଚାଲିଛନ୍ତି। ଲୋୟର ସୁକ୍‌ତେଲ ପ୍ରକଳ୍ପକୁ ଲୋକମାନେ ବିରୋଧ କରୁଥିବା ବେଳେ କାର୍ଯ୍ୟ ଚାଲୁଥିଲା। ଲୋକମାନେ ସମର୍ଥନ କରିବା ବେଳେ ତାହା ବନ୍ଦ ରହିଛି। ଯେଉଁଠି ଜଳସେଚନ ପ୍ରକଳ୍ପ କରାଯାଇଛି ସେଠାରେ ୭୫ ଭାଗ ଜମିକୁ ପାଣି ମାଡୁନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ ରାଜ୍ୟରେ ବିପର୍ଯ୍ୟସ୍ତ ହୋଇପଡିଛି। ପିଲାଙ୍କ ଡ୍ରେସ୍ କିଣାରେ ଦୁର୍ନୀତି ଭରି ରହିଛି। କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ନରସିଂହ କହିଲେ ଯେ, ଭାଜପା ପରିଚାଳିତ କେନ୍ଦ୍ରର ଏନ୍‌ଡିଏ

**ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନା**

ସରକାର ୫ ବର୍ଷ ପୂରଣ କରିବାକୁ ଯାଉଛନ୍ତି। ସୁପ୍ରିମ୍‌କୋର୍ଟ ବିଚାରପତି ଖବରଦାତା ସମ୍ମିଳନୀରେ ଗଣତନ୍ତ୍ର ବିପଦରେ ଥିବା କଥା କହିଲେ। ରିଜର୍ଭ ବ୍ୟାଙ୍କ ଗଭର୍ନରଙ୍କୁ ଇସ୍ତଫା ଦେବାକୁ ପଡିଲା। ସିବିଆଇର ଦୁଇ ବରିଷ୍ଠ ଅଫିସରଙ୍କ ଝଗଡ଼ା କେନ୍ଦ୍ରର ଅସଲ ମୁଖାକୁ ପଦାରେ ପକାଇ ଦେଇଛି। ବର୍ଷକୁ ୨ କୋଟି ନିଯୁକ୍ତି ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଥିଲେ। ୫ ବର୍ଷରେ ୧୦ କୋଟି ନିଯୁକ୍ତି ଦେବା କଥା। ଭୋଟ ପାଇବା ପାଇଁ ଲୋକମାନଙ୍କୁ ତାହା ମିଛ କହିଛନ୍ତି। ଲୋକେ ମଧ ଏହାର ଜବାବ ଦେବା ଆରମ୍ଭ କରିଛନ୍ତି, ଯାହାର ପ୍ରତିଫଳନ ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନରେ ଦେଖିବାକୁ ମିଳିଛି ବୋଲି ନରସିଂହ କହିଛନ୍ତି।

ବିଜେଡି ସଭ୍ୟ ଅରୁଣ ସାହୁ କହିଛନ୍ତି ଯେ, ସାରା ଦେଶରେ ରାଜନୀତିରେ ଆରୋପ-ପ୍ରତ୍ୟାରୋପର ଘଟଣା ଦେଖିବାକୁ ମିଳୁଛି। ରାଜନୈତିକ ଶୀର୍ଷ ବ୍ୟକ୍ତିମାନେ ଶାଳୀନତା ରକ୍ଷା କରୁନାହାନ୍ତି। ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁ ସମୟରେ ଶାଳୀନତା ରକ୍ଷା କରିବା ସହ ବିକାଶମୁଖୀ ରାଜନୀତି କରୁଛନ୍ତି। କେନ୍ଦ୍ର ସରକାର ସମ୍ବିଧାନକୁ ଅଣଦେଖା କରି ଅନ୍ତରୀଣ ବଜେଟ ଉପସ୍ଥାପନ କରିଛନ୍ତି। ରାଜ୍ୟ ସରକାର ୪ ମାସ ପାଇଁ ଲେଖାନୁଦାନ ଆଗତ କରିଛନ୍ତି। କେନ୍ଦ୍ର ସରକାର ପ୍ରଥମେ କାଳିଆ ଯୋଜନାକୁ ସମାଲୋଚନା କରିଥିଲେ, ହେଲେ ପରବର୍ତ୍ତୀ ସମୟରେ ସେହି ପ୍ରକାର ଯୋଜନା ଘୋଷଣା କଲେ। ପୂର୍ବରୁ ମମତା ଯୋଜନାକୁ ମଧ ଓଡ଼ିଶାରୁ ପ୍ରେରଣା ନିଆଯାଇଥିବା ଅରୁଣ କହିଛନ୍ତି। ଭାଜପା ବିଧାୟକ ପ୍ରଦୀପ ପୁରୋହିତ କହିଛନ୍ତି ଯେ, ପ୍ରଭାକରନ ଖଣି କମ୍ପାନୀ ଏବଂ ବେଦାନ୍ତ ଭଳି କମ୍ପାନୀକୁ ଫାଇଦା ଦେବା ପାଇଁ ରାଜ୍ୟ ସରକାର ଚେଷ୍ଟା କରୁଛନ୍ତି। ମଣ୍ଡିରେ ଧାନ ପଡ଼ିରହୁଛି, ହେଲେ ମଣ୍ଡି ଖୋଲୁନାହିଁ। ଅସାଧୁ ମିଲରମାନେ ଶାସକ ଦଳକୁ ଚାନ୍ଦା ଦେଇ ଚାଷୀଙ୍କୁ ଲୁଟ୍ କରୁଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ, ଗ୍ରାମରକ୍ଷୀ, ଜିଆରଏସ୍‌ମାନଙ୍କ ଦୁଃଖ ସରକାର ବୁଝୁନାହାନ୍ତି। କୃଷିଋଣ ଛାଡ଼ କରାଯାଉ। କୋରାପୁଟ ଜିଲାରେ ଏଲ୍ ଆଣ୍ଡ ଟି କମ୍ପାନୀକୁ ଦିଆଯାଇଥିବା ୨ଟି ଖଣି ଲିଜ୍ ବାତିଲ କରାଯାଉ।

# ନିଜ ପ୍ରତିମୂର୍ତ୍ତି ଅନାବରଣ କଲେ ପ୍ରିୟଙ୍କା

**ନ୍ୟୁୟର୍କ:** ଏଠାରେ ମାଡାମ୍ ଟୁସାଡ୍ସ ମ୍ୟୁଜିୟମ୍‌ରେ ନିଜର ମହମ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି ବଲିଉଡ୍ ଅଭିନେତ୍ରୀ ତଥା ପ୍ରଯୋଜିକା ପ୍ରିୟଙ୍କା ଚୋପ୍ରା। ଏହାପରେ ଆଉ ୩ଟି ଦେଶରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହେବ ବୋଲି ସେ ପ୍ରକାଶ କରିଛନ୍ତି। ପ୍ରିୟଙ୍କା ଏହାର ଫଟୋଗ୍ରାଫ୍ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଏହି ପ୍ରକ୍ରିୟା ୬ମାସ ତଳେ ଆରମ୍ଭ ହୋଇଥିଲା। ସେଥିପାଇଁ ମାଡାମ୍ ଟୁସାଡ୍ସ ମ୍ୟୁଜିୟମ୍ ଟିମ୍ ତାଙ୍କ ଦେହର ମାପ ନେଇଥିଲେ ଏବଂ ଉକ୍ତ ପ୍ରତିମୂର୍ତ୍ତିକୁ ଅବିକଳ ନିର୍ମାଣ କରିବା ପାଇଁ ସେ ନିଜେ ସହଯୋଗ କରିଥିଲେ ବୋଲି ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ଏହାପରେ ସେ ପ୍ରତିମୂର୍ତ୍ତି ସହ ପୋଜ୍ ଦେଇ ସେଥିରେ ଏକ କ୍ୟାପ୍ସନ୍ ଲେଖିଛନ୍ତି: 'ମୋର ନୂଆ ଯମଜ'। ନ୍ୟୁୟର୍କରେ ପ୍ରତିଷ୍ଠିତ ଏହି ପ୍ରତିମୂର୍ତ୍ତିରେ ସେ ଏକ ଲାଲ୍ ଫ୍ଲୋଇଙ୍ଗ୍ ଗାଉନ୍ ପରିଧାନ କରିଥିବା ଦେଖାଯାଉଛି।



୨୦୧୬ରେ ଏମି ଆୱାର୍ଡ ପାଇବା ବେଳର ଏକ ନିଆରା ଚାହାଣିକୁ ଏହା ସ୍ମରଣ କରାଇ ଦେଉଛି। ଉକ୍ତ ପ୍ରତିମୂର୍ତ୍ତିର ଅଙ୍ଗୁଳିରେ ଥିବା ଏକ ହୀରାମୁଦି ଏହାକୁ ଆହୁରି ଆକର୍ଷଣୀୟ କରିପାରିଛି। ବ୍ରିଟେନ୍, ଅଷ୍ଟ୍ରେଲିଆ ଏବଂ ଏସିଆରେ ପ୍ରିୟଙ୍କାଙ୍କ ପ୍ରତିମୂର୍ତ୍ତି ଖୁବ୍ ଶୀଘ୍ର ନିର୍ମାଣ ହେବାକୁ ଯାଉଥିବା ବେଳେ ମାଡାମ୍ ଟୁସାଡ୍ସ ଟିମ୍‌କୁ ପ୍ରିୟଙ୍କା ଧନ୍ୟବାଦ ଜଣାଇଛନ୍ତି।

## BERHAMPUR MUNICIPAL CORPORATION

**Letter No. 1819** **Dt. 08.02.19**

**No.470-C:-** Berhampur Municipal Corporation, Berhampur inviting sealed quotation from Agency/ firm having prior experience for printing of banners/ flex including flexication of frame, flex pasting and transportation cost at various locations under BeMC area.

1. Interested agency may send their financial quotation in the hard copy to Commissioner, Berhampur Municipal Corporation, Berhampur through speed post or by hand, on or before Dt. 15.02.2019.
2. The financial quotations should be enclosed in a sealed envelope, along with registration certificate and proof of prior work with government.
3. The quotation should be submitted in the prescribed format. The details are available on the website www.berhampur.gov.in. for any clarification you can contact Commissioner office during office hours.
4. Details of the subject to be printed on the Banner/ Flex will provided by the BeMC.
5. The corporation has right to reject any or all quotation without assign thereof.
6. Bid should be accompanied with 2% of total quoted value as EMD.

**Sd./- Commissioner**
**13035/11/0215/1819** **Berhampur Municipal Corporation**

## OFFICE OF THE PRINCIPAL, S.K.C.G. (AUTONOMOUS) COLLEGE, PARALAKHEMUNDI

**L. No. 358** **Dt. 07.02.2019**

**QUOTATION CALL NOTICE**

Sealed quotations are invited from authorized Dealers/ Suppliers with valid GST, ITCC, PAN, VAT clearance for supply of branded Laboratory equipments, chemicals, glass ware, laboratory furniture for different departments. Detail specifications of the above will be available from college website www.skcgparala.ac.in. The quotation must reach to the undersigned (Speed Post only) by 14th February 2019 and the same will be opened in the chamber of the Principal at 11 AM on 15th February 2019. The quotation price must include all taxes with free delivery, installation & demonstration. The authority reserves the right to cancel or reject any or all quotations without assigning any reason thereof.

**Sd./- Principal, S.K.C.G. (A) College, Paralakhemundi**

## OFFICE OF THE MUNICIPAL COUNCIL, MALKANGIRI

**Odisha, Pin: 764045, Ph: 06861-230244, e-Mail: eomalkangiri@gmail.com**

**Lt. No. 347/ Mpl./ 2019** **Dated: 08.02.19**

**e-NOTICE**

**BID IDENTIFICATION No. EOMKG06/2018-19**

Bid document consisting of Specifications the schedule of quantities and the set of terms and condition of contract and other necessary documents can be seen in the Government website i.e. www.tendersorissa.gov.in.

**1.** Name of the works : Civil works. **2.** Numbers of works: 51. **3.** Estimated Cost: As mentioned in the DTCN. **4.** Period of completion: 04 Months for Building & 02 Months for other works. **5.** Date and time of availability of Bid documents in the portal: From 10 AM of dt. 11.02.2019 to 5 PM of dt. 18.02.2019. **6.** Last date & Time for receipt of Bids in the Portal: 5 PM of dtd. 18.02.2019. **7.** Original Bid documents, Bid Security, Paper Cost & EMD must be reached from 11.02.2019 to on or before 5.00 PM of dt. 20.02.2019 by Regd. Post/ Speed Post only. **8.** Bids received online shall be opened on: 11.00 AM of dt. 21.02.2019. **9.** Name and Address of the Officer inviting Bid: Executive Officer, Malkangiri Municipality.

Further details can be seen from the Procurement Portal: www.tendersorissa.gov.in.

**Sd./- Executive Officer, Malkangiri Municipality**

## OFFICE OF THE DIVISIONAL LABOUR COMMISSIONER, KALAHANDI, BHAWANIPATNA

**No.170 /** **Date.06.02.2019**

**TENDER CALL NOTICE**

1. The tender call notice No.94, Dtd.22.01.2019 of this Office is hereby canceled due to unavoidable circumstances.
2. Fresh sealed tenders are invited from registered firms / authorised dealers / Rate contract holders / Agencies / Reputed Manufactures forsupply of Working Tools and safety equipment with specifications, terms & conditions mentioned in the tender paper (also available in the website **www.kalahandi.nic.in.** Officer Notice Board) which should reach to the Office of the undersigned from before 4.00 PM. of 13.02.2019 through registered post / Speed post/ Courier Service only, which will be opened on 13.02.2019 at 5.00 PM. The goods to be supplied are as follows

| Sl. No. | Name of Article | Specification | Unit required |
|---|---|---|---|
| 1 | Working Tools, Masson Kit, Carpenter Kit, Painter Kit | Details of Kit placed at Annexure-1 | Approximately 13,000 |
| 2. | Safety Equipment Kit | Details of Kit placed at Annexure-2 | |

Bids submitted beyond the manner prescribed in the tender documents shall be rejected.

**Sd./-**
**District Labour Officer,**
**Kalahandi**

## OFFICE OF THE MUNICIPAL COUNCIL, PARADEEP

### Short Quotation Call Notice

**No.- 497 /** **Dt.05.02.2019**

The Executive Officer, Paradeep Municipality on behalf of Paradeep Municipal council invites short quotation for supply & installation of 20 nos retro sign steel stand drive by Boards fixing up at different wards inside Municipality area. The quotation should reach to the undersigned on or before Dt.12.02.19 at about 12.30 PM. and will be opened on the same day at about 1.30 P.M. in presence of the quotationes or their authorized agent.

The intending quotationer can visit Official website of Paradeep Municipality **www.paradeepmunicipality.org.in** for short quotation call Notice.

**Sd./- Executive Officer,**
**Paradeep Municipality**

## INVITATION FOR BIDS (IFB) NATIONAL COMPETITIVE BIDDING THROUGH E-PROCUREMENT

**IDENTIFICATION NO: RWS&S DIVN., PURI-100 OF 2018-19**
**Phone: (06752) 251276, Fax: (06752) 251276,**
**E-mail: eerwss_puri@nic.in**

**No.1630-O:-** The Executive Engineer, RWS&S Division, Puri on behalf of Governor of Odisha invites item rate price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Piped Water Supply Scheme |
|---|---|---|
| 1. | No. of works: | 4(Four) |
| 2. | Estimated Cost: | Rs 105.76 lakhs to 215.19 lakhs(app.) |
| 3. | Time for completion: | 6 (Six) months and 9 (Nine) Months |
| 4. | Cost of bidding document: | Rs.10000/- |
| 5. | Class of Contractors eligible: | B & A |
| 6. | Availability of bids on-line: | From 17 hour of 12.02.2019 to 17.00 hours of 26.02.2019 |
| 7. | Last date and time for seeking clarification: | 17.00 hours of 22.02.2019 |
| 8. | Date & time of opening of technical bids: | On dt 27.02.2019 at 12.00 Hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of financial bids: | To be decided. |

Further details can be seen from the website **https://www.tendersorissa.gov.in.**

**Sd./- Executive Engineer,**
**25017/11/0125/1819** **RWS&S Division, Puri**

## INVITATION FOR BIDS (IFB) NATIONAL COMPETITIVE BIDDING THROUGH E-PROCUREMENT

**IDENTIFICATION NO: RWS&S DIVN., PURI-98 OF 2018-19**
**Phone: (06752) 251276, Fax: (06752) 251276,**
**E-mail: eerwss_puri@nic.in**

**No.1628-O:-** The Executive Engineer, RWS&S Division, Puri on behalf of Governor of Odisha invites item rate price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Piped Water Supply Scheme |
|---|---|---|
| 1. | No. of works: | 4(Four) |
| 2. | Estimated Cost: | Rs 98.74 lakhs to 317.05 lakhs(app.) |
| 3. | Time for completion: | 9 (Nine) months |
| 4. | Cost of bidding document: | Rs.10000/- |
| 5. | Class of Contractors eligible: | B, A & Special |
| 6. | Availability of bids on-line: | From 17 hour of 12.02.2019 to 17.00 hours of 21.02.2019 |
| 7. | Last date and time for seeking clarification: | 17.00 hours of 16.02.2019 |
| 8. | Date & time of opening of technical bids: | On dt 22.02.2019 at 12.00 Hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of financial bids: | To be decided. |

Further details can be seen from the website **https://www.tendersorissa.gov.in.**

**Sd./- Executive Engineer,**
**25017/11/0123/1819** **RWS&S Division, Puri**

# PANCHAYAT SAMITI, DANAGADI

## DETAILED TENDER CALL NOTICE

**No.: 708** **Dt.: 08.02.2019**

1. Sealed percentage rate bids are invited by **Panchayat Samiti, Danagadi**, in single cover from contractors registered with the State Government and contractors of equivalent Grade/Class registered with other State Government/Central Government/MES/Railways mentioned in column No. 5 in tender call notice or execution of civil works on production of definite proof from the appropriate authority in prescribed form for following works as mentioned blow.

| Sl. No. | Name of the Work | Approx. Estimated Cost (In Rs.) | EMD (In Rs.) | Class of Contractor | Cost of Tender Paper (In Rs.) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of CC Road from Manpur to Bengapatia Road, G.P.- Dhuligarh | 1327825.00 | 13300.00 | 'D' & 'C' | 6000.00 | Four Calendar Months |
| 2 | Imp. of Road from Dhuligarh to Madalia CC Road G.P.- Dhuligarh | 2211647.00 | 22200.00 | 'B' & 'C' | 6000.00 | Four Calendar Months |
| 3 | Imp. of Road from Bhalubasa to Kiajharhudi, G.P.- Ostapal | 1766090.00 | 17700.00 | 'D' & 'C' | 6000.00 | Four Calendar Months |
| 4 | Improvement of Road from RD Road to Railway Line with CD Work, G.P.- Ostapal | 1328373.00 | 13300.00 | 'B' & 'C' | 6000.00 | Four Calendar Months |
| 5 | Imp. of Road from Baliposhi to Bengapatia, G.P.- Ollala | 1502667.00 | 15100.00 | 'D' & 'C' | 6000.00 | Four Calendar Months |
| 6 | Construction of CC Road from Jagannathpur Primary School to RD Road, G.P.- Ollala | 1768668.00 | 17700.00 | 'D' & 'C' | 6000.00 | Four Calendar Months |
| 7 | Const. of C.C. Road at Jatarapal Village, G.P.- Pankapal | 1769647.00 | 17700.00 | 'D' & 'C' | 6000.00 | Four Calendar Months |
| 8 | Construction of CC Road from Thakurani to Godinala, G.P.- Pankapal | 1323419.00 | 13300.00 | 'D' & 'C' | 6000.00 | Four Calendar Months |
| 9 | Construction of Daniabar Primary School Boundary Wall, G.P.- Rachipur | 973273.00 | 9800.00 | 'D' & 'C' | 6000.00 | Four Calendar Months |
| 10 | Construction of Nakula Sahi Village Road, G.P.- Ranagundi | 1768668.00 | 17700.00 | 'D' & 'C' | 6000.00 | Four Calendar Months |
| 11 | Const. of CC Road from Mulasara Dahisahi to Banadurga, G.P.- Ranipada | 1771505.00 | 17800.00 | 'D' & 'C' | 6000.00 | Four Calendar Months |
| 12 | Improvement of Road from RD Road to Gandanallah, G.P.- Ranipada | 2655808.00 | 26600.00 | 'B' & 'C' | 6000.00 | Four Calendar Months |
| 13 | Const. of CC Road from Prabira Mandal House to end of the Village, G.P.- Trijanga | 1325846.00 | 13300.00 | 'D' & 'C' | 6000.00 | Four Calendar Months |
| 14 | Const. of CC Road from New Siaria Rasulnagar Village Road, G.P.- Trijanga | 1765568.00 | 17700.00 | 'D' & 'C' | 6000.00 | Four Calendar Months |
| 15 | Const. of CC Road from New Siaria Jagannatha Sahi to Singdia Village Road, G.P.- Trijanga | 2209029.00 | 22100.00 | 'B' & 'C' | 6000.00 | Four Calendar Months |
| 16 | Const. of CC Road Kuna Sahoo House to Anadi Patra House, G.P.- Trijanga | 1765568.00 | 17700.00 | 'D' & 'C' | 6000.00 | Four Calendar Months |
| 17 | Improvement of Road from Deo House to Ganda Nalla, G.P.- Mangalpur | 1325846.00 | 13300.00 | 'D' & 'C' | 6000.00 | Four Calendar Months |
| 18 | Construction of CC Road from Biju Pattanaik Marga to Gouranga Samal House, G.P.- Mangalpur | 1325846.00 | 13300.00 | 'D' & 'C' | 6000.00 | Four Calendar Months |
| 19 | Improvement of Road from Siarimalia to Deshbandha, G.P.- Uchhabali | 1770339.00 | 17800.00 | 'D' & 'C' | 6000.00 | Four Calendar Months |
| 20 | Improvement of Road from Tura RD Road to Khandiaposi with CD work, G.P.- Uchhabali | 2962335.00 | 29700.00 | 'B' & 'C' | 6000.00 | Four Calendar Months |
| 21 | Construction of CC Road from Kharadabandi to Kolathapada with CD work, G.P.- Nachhipura | 1061352.00 | 10700.00 | 'D' & 'C' | 6000.00 | Four Calendar Months |
| 22 | Improvement of Road from Raighati to Kachasahi, G.P.- Kiajhar | 1393457.00 | 14000.00 | 'D' & 'C' | 6000.00 | Four Calendar Months |
| 23 | Construction of Boundary Wall at Rabana PHC, G.P.- Mantira | 2214869.00 | 22200.00 | 'B' & 'C' | 6000.00 | Four Calendar Months |
| 24 | Const. of Boundary Wall at Bharadapasi Primary School, G.P.- Chandia | 1340825.00 | 13500.00 | 'D' & 'C' | 6000.00 | Four Calendar Months |
| 25 | Const. of CC Road from Dimiripal to Nayabagapatia Village, G.P.- Deulakana | 1329167.00 | 13300.00 | 'D' & 'C' | 6000.00 | Four Calendar Months |
| 26 | Const. of CC Road from Deulakana Nuasahi to Mahulamula, G.P.- Deulakana | 1329167.00 | 13300.00 | 'D' & 'C' | 6000.00 | Four Calendar Months |

2. The sale of the Bid document shall start from the date of publication in Newspaper during office hours in the Office of the Panchayat Samiti, Danagadi, Jajpur.
3. Bids shall be received in the Office of the Panchayat Samiti, Danagadi, Jajpur till **Dt.19.02.2019 upto 5.00 P.M. through Registered Post/Speed Post**. The authority will not be held responsible for postal delay in the delivering of the documents or non-receipt of the same.
4. The tender will be opened in the Office of the Panchayat Samiti, Danagadi, Jajpur at **11.00 A.M. on 20.02.2019** in presence of the bidders or their authorized representatives. In case of holidays, next working day will be considered.
5. The bid documents can be obtained from the Office of the Panchayat Samiti, Danagadi, Jajpur in person on application and payment of cost of bid documents in **Demand Draft/Bankers Cheque drawn in favour of B.D.O., Danagadi, Jajpur payable at S.B.I., Duburi Project, Danagadi.** The bid document can be downloaded from the official website of Jajpur district **(http://www.jajpur.nic.in)**. In case of downloaded bid document the cost of bid document should be attached with the bid. The cost of bid document is not refundable. The envelope containing bid document should be **"Superscribed with Tender Call Notice Number - 708/08.02.2019.**
6. The undersigned reserves the right to negotiate or reject any or all the teners in the interest of the Govt. with or without assigning any reason thereof. Any dispute in this matter will be settled up under the Jurisdiction of Jajpur district. **(The bids of the defaulting contractors of this block those who have not completed the work in time are liable for rejection).**
7. The additional performance security shall be obtained from the bidder when the bid amount is less than the estimated cost put to tender. In such an event, only the successful bidder who has quoted less bid price/rates than the estimated cost put to tender shall have to furnish the exact amount of differential cost i.e. estimated cost put to tender - minus the quoted amount as Additional Performance Security (APS) in shape of Term Deposit receipt pledged in favour of B.D.O., Danagadi/Bank Guarantee in favour of BDO, Danagadi from any Nationalzied/Scheduled Bank in India counter guaranteed by its local branch at Bhubaneswar within seven days of issue of Letter of Acceptance (LoA) by the BDO, Danagadi (by e-mail) to the successful bidder otherwise the bid of the successful bidder shall be cancelled and the Earnest Money/Bid Security shall be forfeited. Further proceeding for blacklisting shall be initiated against the bidder. The concerned APS will be returned to the bidder after completion of work in all respect i.e. Final bill paid.
8. **The tender documents sent through Registered/Speed Post** and if does not reach the concerned office by the above date and time, the officer will not be considered on any account even if the tender documents were dispatched by the tenderer before the due date.

**Sd./- Block Development Officer, Danagadi**

**No. 82-N:-**

# GOVERNMENT OF ODISHA
# DEPARTMENT OF HIGHER EDUCATION

## SUBMISSION OF APPLICATIONS FOR "GOPABANDHU SIKHYA SAHAYATA YOJANA" FOR THE YEAR 2018-19

The Higher Education Department, Government of Odisha has announced a new financial assistance scheme namely "Gopabandhu Sikhya Sahayata Yojana" in respect of the students belonging to families of a) HIV/AIDS affected parents; b) Households without shelter; c) Destitute/living on alms; d) Manual Scavengers; e) Particularly Vulnerable Tribal Groups; f) Legally released bonded labourers and g) Single mother family pursuing Degree and Post Graduate courses in the Universities and Educational institutions (both Government and Non-Government) from the academic session 2018-19 in pursuance of Department of Higher Education Resolution No. HE-BUD-Policy-0002-2018-1189/HE dated 16.01.2019.

The financial assistance shall be provided to students of above categories @ Rs. 20,000/- per annum for their entire course period. The eligibility criteria for this assistance is given below:

a) The student must be a permanent resident of Odisha State.
b) The income of the parents of the student from all sources should not exceed Rs.1.00 lakh per annum.
c) The student must have been admitted for Graduate and Post Graduate course on regular mode from the recognized Colleges/Institutes/Universities in the State. The Resolution containing detailed guidelines and application form are available at web portal of Higher Education Department under URL www.dheodisha.gov.in.

Interested and eligible students shall apply online through www.dheodisha.gov.in and submit their applications with all essential documents to the concerned Principals/Head of Institutions.

**DOCUMENTS TO BE ATTACHED WITH THE APPLICATION**

1. Copy of Resident certificate to be issued by the competent authority, i.e. Tahasildar/Addl.Tahasildar.
2. Proof of annual income to be issued by the competent authority, i.e. the Revenue Officer not below the rank of Tahasildar or Addl. Tahasildar.
3. Copy of Medical Certificate from the concerned Medical Officer regarding suffering from HIV/AIDS, where applicable.
4. Copy of Certificate relating to households without shelter from the competent Revenue authority, where applicable.
5. Copy of Certificate towards being a single mother from District Social Welfare Officer, where applicable.
6. Copy of Certificate being a Destitute/living on alms from the local Sarpanch / Urban Local Body authority, where applicable.
7. Copy of Certificate being a Manual Scavenger from the competent authority, where applicable.
8. Copy of Certificate being a Particularly Vulnerable Tribal Groups from the District Welfare Officer, where applicable.
9. Copy of Certificate being a Legally released bonded labourer from the District Welfare Officer/District Labour Officer / any competent authority, where applicable.
10. Copy of the Identity card of the student.
11. Legible copy of first page of Bank Passbook of the student wherein the name of student, bank account number & IFSC code is mentioned.

On receipt of the applications, the Institute shall verify the details of the students as per eligibility conditions of the scheme and forward the same to the concerned District Collector for recommendation to the Higher Education Department.

***Sd./-***
11001/11/0062/1819 ***Additional Secretary to Government***

See Career Appointment on every Wednesday & Saturday

# ଜୁରି କମିଟି ଚୟନରେ ପୁଣି ଅନିୟମିତତା ଅଭିଯୋଗ

## ଚଳଚ୍ଚିତ୍ର ପୁରସ୍କାର ଆବେଦନରୁ ଓହରିଲେ ପ୍ରଯୋଜକ

ଭୁବନେଶ୍ୱର,୮।୨(ବ୍ୟୁରୋ)

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରକୁ ନେଇ ପୁଣି ଦେଖାଦେଇଛି ବିବାଦ। ୨୦୧୮ ପରିବର୍ତ୍ତେ ୨୦୧୯ରେ ଆୟୋଜିତ ହେଉଥିବା ରାଜ୍ୟ ସରକାରଙ୍କ ଏହି ବହୁ ପ୍ରତୀକ୍ଷିତ ପୁରସ୍କାର ପ୍ରଦାନ ଉତ୍ସବ ଲାଗି ଗୁରୁବାର ଜୁରି କମିଟି ଗଠନ କରାଯାଇଥିଲା। କମିଟି ଗଠନ ପରେ ପରେ ଏବେ ବିବାଦ ମୁଣ୍ଡ ଟେକିଛି। ଗତ କିଛିବର୍ଷ ଭଳି ଚଳିତବର୍ଷ ମଧ୍ୟ ଜୁରି କମିଟି ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଛି। ଜୁରି କମିଟି ସଦସ୍ୟଙ୍କୁ ଲଗାତର ଭାବେ କମିଟିରେ ନ ରଖିବାକୁ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିଗତ ବର୍ଷରେ କହିଥିଲେ ମଧ୍ୟ ବାରମ୍ବାର ତାହାକୁ ଅବମାନନା କରାଯାଉଛି। ଗତ ଦୁଇବର୍ଷ ମଧ୍ୟରେ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର ଜୁରି କମିଟିରେ ଥିବା କେତେଜଣ ସଦସ୍ୟଙ୍କୁ ଏଥର ମଧ୍ୟ ରଖାଯାଇଛି। ଏହାବ୍ୟତୀତ ପୂର୍ବରୁ ପୁରସ୍କାର ବିବାଦ ମଧ୍ୟରେ ଫସିଥିବା ବ୍ୟକ୍ତିଙ୍କୁ ଚଳଚ୍ଚିତ୍ର ଜୁରି କମିଟିରେ ସଦସ୍ୟ ରଖାଯାଇଛି, ଯାହାକୁ ନେଇ ଆବେଦନକାରୀ ଚଳଚ୍ଚିତ୍ର ପ୍ରଯୋଜକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି କି, ପୁରସ୍କାର ଲାଗି ଆବେଦନ କରିଥିବା ପ୍ରଯୋଜକ ଶ୍ରୀଧର ମାର୍ଥା ନିଜ ଫିଲ୍ମକୁ ପ୍ରତ୍ୟାହାର କରିନେଇଛନ୍ତି। କେବଳ ସେତିକି ନୁହେଁ, ଏ ନେଇ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ଜୁରି କମିଟି ଅଧ୍ୟକ୍ଷଙ୍କ ନିକଟରେ ଶୁକ୍ରବାର ଅଭିଯୋଗ ପହଞ୍ଚିଥିବା ଜଣାପଡ଼ିଛି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ମଧ୍ୟରେ ଟଣାଓଟରା ଯୋଗୁ ୨୦୧୭ ମସିହା ରାଜ୍ୟ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର ଉତ୍ସବ ବିଳମ୍ବରେ ହେଉଛି। ଆଉ ଏବେ ଜଣେ ବିବାଦୀୟ ବ୍ୟକ୍ତିତ୍ୱଙ୍କୁ ଚଳଚ୍ଚିତ୍ର ଜୁରି କମିଟିରେ ସ୍ଥାନ ଦିଆଯିବା ନେଇ ବିବାଦ ଉଠିଛି। ପଦବୀର ଅପବ୍ୟବହାର କରି ନିଜ ସ୍ତ୍ରୀ ଓ ସମ୍ପର୍କୀୟଙ୍କ ନାମ ପୁରସ୍କାର ପାଇଁ ସୁପାରିସ କରିଥିବା ଜଣେ ବ୍ୟକ୍ତିଙ୍କୁ ଚଳଚ୍ଚିତ୍ର ଜୁରି କମିଟିରେ ରଖାଯାଇଥିବା ଅଭିଯୋଗ କରିଛନ୍ତି ଜଣାଶୁଣା ଚଳଚ୍ଚିତ୍ର ପ୍ରଯୋଜକ ଶ୍ରୀଧର ମାର୍ଥା। ୨୦୧୪-୧୫ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ବିବାଦ ଏବେ ମଧ୍ୟ ଭୁବନେଶ୍ୱର କୋର୍ଟରେ ବିଚାରାଧୀନ ଥିବାବେଳେ ଏଥିରେ ପ୍ରିୟାପ୍ରୀତି ତୋଷଣ କରି ବିବାଦ ମଧ୍ୟରେ ଫସିଥିବା ଜଣେ ଅଧିକାରୀଙ୍କୁ କିଭଳି ପୁଣିଥରେ ଚୟନ କମିଟିରେ ରଖାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏଭଳିସ୍ଥଳେ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ନେଇ ମାର୍ଥା ପ୍ରଶ୍ନ ଉଠାଇବା ସହ ନିଜ ଚଳଚ୍ଚିତ୍ର 'କଥା ଦେଲି ମଥା ଛୁଇଁ'କୁ ପୁରସ୍କାର ଦୌଡ଼ରୁ ପ୍ରତ୍ୟାହାର କରିନେଇଛନ୍ତି। ସେହିଭଳି ଟେଲି ପୁରସ୍କାର ଜୁରି କମିଟିରେ ସଦସ୍ୟ ଥିବା ଜଣେ ବ୍ୟକ୍ତିଙ୍କୁ ବିଭାଗ ପକ୍ଷରୁ ବାରମ୍ବାର କମିଟିରେ ରଖାଯାଉଥିବା ଅଭିଯୋଗ ଉଠିଛି।

ଏହାବ୍ୟତୀତ କମିଟିରେ ଏଥର କମ୍ ସଂଖ୍ୟକ ସଦସ୍ୟ ରହିଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ୧୯୭୩ରୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଉଥିବା ବେଳେ ଜୁରି କମିଟିରେ ଅଧ୍ୟକ୍ଷଙ୍କୁ ମିଶାଇ ମୋଟ ୭ଜଣ ସଦସ୍ୟ ରହିବାର ବ୍ୟବସ୍ଥା ଅଛି। ମାତ୍ର ୨୦୧୭ ମସିହା ପାଇଁ ଯେଉଁ କମିଟି ଗଠିତ ହୋଇଛି, ସେଥିରେ ଚଳଚ୍ଚିତ୍ରରେ ଅଧ୍ୟକ୍ଷଙ୍କୁ ମିଶାଇ ୬ଜଣ ଓ ଟେଲି ପୁରସ୍କାର ଜୁରି କମିଟିରେ ଅଧ୍ୟକ୍ଷଙ୍କୁ ମିଶାଇ ମାତ୍ର ୫ଜଣ ସଦସ୍ୟ ରହିଛନ୍ତି।

### ପ୍ରତିବର୍ଷ ବିବାଦ

ପ୍ରତିବର୍ଷ ପୁରସ୍କାର ଘୋଷଣା ସମୟରେ ସମାନ ବିବାଦ ଉଠୁଥିଲେ ମଧ୍ୟ ତାହାର ସମାଧାନ ନେଇ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଚୟନରେ ସ୍ୱଚ୍ଛତା ହେଉଥିବା ନେଇ ବାରମ୍ବାର କହୁଥିବା ସଂସ୍କୃତି ମନ୍ତ୍ରୀ ଓ ସଚିବ ଏହାର ସମାଧାନ ଦିଗରେ ବି ମୁହଁ ଖୋଲୁନାହାନ୍ତି। ଫିଲ୍ମ ଇଣ୍ଡଷ୍ଟ୍ରି ସହ ଆମର କୌଣସି ସମ୍ପର୍କ ନାହିଁ, କେବଳ ପୁରସ୍କାର ଦେବା କାମ ଆମର ବୋଲି କହି ଚୁପ୍‌ଚାପ୍ ବସିପଡୁଛନ୍ତି। ୨୦୧୬ ମସିହା ଲାଗି ଦିଆଯାଇଥିବା ଚଳଚ୍ଚିତ୍ର ପୁରସ୍କାରରେ ସ୍ୱଚ୍ଛତାକୁ ନେଇ ବରିଷ୍ଠ ଅଭିନେତ୍ରୀ ମହାଶ୍ୱେତା ରାୟ ପ୍ରଶ୍ନ ଉଠାଇଥିଲେ। ପରେ ବରିଷ୍ଠ ଅଭିନେତ୍ରୀ, ଅଭିନେତା, ନିର୍ଦ୍ଦେଶକ, ପ୍ରଯୋଜକଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସମସ୍ତେ ରାଜ୍ୟ ସଂସ୍କୃତି ବିଭାଗ ଓ ଜୁରି ସଦସ୍ୟଙ୍କ ପାତରଅନ୍ତର ନୀତିକୁ ସମାଲୋଚନା କରିଥିଲେ। ଏପରି କି, ଜୁରି କମିଟି ସଦସ୍ୟଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଫିଲ୍ମ ସ୍କ୍ରିନ୍ ଚାଲିଥିବା ସମୟରେ ପ୍ରବେଶ ଅନୁମତି ନ ଥିବା ବେଳେ କେତେଜଣ ବାହାର ଲୋକ ବନ୍ଦ କୋଠରି ଭିତରକୁ ପଶିଯାଇଥିଲେ। ଏ ସମ୍ପର୍କରେ ଜଣାପଡ଼ିବା ପରେ ବି ବିଭାଗ ଚୁପ୍ ରହିଥିଲା। ସେହିଭଳି ୨୦୧୫ରେ ଜୁରି କମିଟିକୁ ନେଇ ବିବାଦ ମୁଣ୍ଡ ଟେକିଥିଲା। କମିଟିରେ ଥିବା ଜଣେ ସଦସ୍ୟ ଏକ ଚଳଚ୍ଚିତ୍ରରେ ଅଭିନୟ କରିଥିବା ବେଳେ ବରିଷ୍ଠ କଳାକାରଙ୍କୁ କମିଟିର ଅଧ୍ୟକ୍ଷ କରା ନ ଯାଇ କନିଷ୍ଠଙ୍କୁ ଉକ୍ତ ପଦବୀରେ ବସାଯାଇଥିବା ଅଭିଯୋଗ ଆସିଥିଲା।

## ସଂକ୍ଷେପରେ

### ଧର୍ମାନନ୍ଦ ହେଲେ ଢେଙ୍କାନାଳ ଜିଲା ଯୁବ ବିଜେଡି ସଭାପତି



ଭୁବନେଶ୍ୱର(ବ୍ୟୁରୋ)/ କାମାକ୍ଷାନଗର(ଡି.ଏନ୍.ଏମ.), ୮।୨: ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା ଧର୍ମାନନ୍ଦ ପରିଡ଼ାଙ୍କୁ ଜିଲା ଯୁବ ବିଜେଡି ସଭାପତି ଭାବେ ନିଯୁକ୍ତି ମିଳିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ତାଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯାଇଥିବା ଦଳର ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସବର୍ମା ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ବରିଷ୍ଠ ବିଜେଡି ନେତା ଯଶୋବନ୍ତ ପରିଡ଼ା ହତ୍ୟାକାଣ୍ଡ ପରେ ଏହି ପଦବୀ ଖାଲି ପଡ଼ିଥିଲା। ଧର୍ମାନନ୍ଦ ହେଉଛନ୍ତି ଯଶୋବନ୍ତଙ୍କ ସାନ ଭାଇ। ଜିଲା ଯୁବ ବିଜେଡି ସଭାପତି ପଦ ମିଳିବା ପରେ ଧର୍ମାନନ୍ଦ ନିଜ ପ୍ରତିକ୍ରିୟାରେ କୁହନ୍ତି, ଯୁବଗୋଷ୍ଠୀଙ୍କୁ ଏକାଠି କରିବା, ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ଏବଂ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସେ ଉଦ୍ୟମ କରିବେ। ଜିଲା ଯୁବ ବିଜେଡି ସଭାପତି ଭାବେ ନିଯୁକ୍ତି ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ପ୍ରଥମ ପୃଷ୍ଠାରୁ...

### କେନ୍ଦ୍ର ଆଡ଼କୁ ଗୋଟି ...

ଭିତ୍ତିଭୂମି ନିର୍ମାଣ ସକାଶେ ୫ କୋଟି ଟଙ୍କାର ବ୍ୟୟ ବରାଦ କରିଥିବା ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଶୁକ୍ରବାର ବିଧାନସଭାରେ ଘୋଷଣା କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ପଶ୍ଚିମ କିମ୍ବା ଦକ୍ଷିଣ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ କରିବା ପାଇଁ କେନ୍ଦ୍ର ସରକାର ଅନୁମୋଦନ କରିବା ମାତ୍ରେ ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ।

ଏଠାରେ ସୂଚନା ଯୋଗ୍ୟ ଯେ ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନକୁ ନେଇ ବିଭିନ୍ନ ଓକିଲ ସଂଘ ଆନ୍ଦୋଳନ ଚଳାଇଥିବା ବେଳେ ଏ ନେଇ ରାଜନୀତି ମଧ୍ୟ ଜୋର ଧରିଛି। କେନ୍ଦ୍ର ଓ ରାଜ୍ୟ ସରକାର ପରସ୍ପର ଉପରକୁ ଦାୟିତ୍ୱ ଠେଲିବାରେ ଲାଗିଛନ୍ତି। ରାଜ୍ୟ ସରକାର ହାଇକୋର୍ଟ ବେଞ୍ଚ ସ୍ଥାପନ କରିବାକୁ କେନ୍ଦ୍ର ପଦକ୍ଷେପ ନେଉ ବୋଲି ଦାବି କରୁଥିବା ବେଳେ କେନ୍ଦ୍ର ସରକାର ମଧ୍ୟ ପାଲଟା ରାଜ୍ୟ ଉପରେ ଏହି ଗୁରୁଦାୟିତ୍ୱ ନ୍ୟସ୍ତ କରି ଦେଉଛନ୍ତି। କେନ୍ଦ୍ର ଆଇନ ମନ୍ତ୍ରୀ ରବି ଶଙ୍କର ପ୍ରସାଦ ୨୦୧୮ ଜାନୁୟାରୀ ୧୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ବେଞ୍ଚ ସ୍ଥାପନ ପାଇଁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶ କରିବାକୁ କହିଥିଲେ। ପଶ୍ଚିମ କିମ୍ବା ଦକ୍ଷିଣ ଓଡିଶାର ଯେକୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ ସ୍ଥାପନ କରିବା ନେଇ ଆବଶ୍ୟକ ପଦକ୍ଷେପ ନେବା ସକାଶେ ୨୦୧୯ ଜାନୁୟାରୀ ୧୧ ତାରିଖରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଚିଠି ଲେଖିଥିଲେ। ଏହାର ଜବାବରେ ରବି ଶଙ୍କର ଚିଠିରେ ଉଲ୍ଲେଖ କରିଥିଲେ ଯେ, କେନ୍ଦ୍ର ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ୨୦୧୮ ସେପ୍ଟେମ୍ବର ୧୦ ତାରିଖରେ ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ପାଇଁ ଯଶୱନ୍ତ ସିଂ କମିଶନ ସୁପାରିସ ସହ ସୁପ୍ରିମକୋର୍ଟର ବିଚାର ବ୍ୟବସ୍ଥାର ଡବ୍ଲ୍ୟୁପି ନଂ. ୩୭୯ /୨୦୦୦ ଅନୁଯାୟୀ ବିଚାର କରାଯାଇଛି। ମୁଖ୍ୟ ବିଚାରପତି ହାଇକୋର୍ଟ ବେଞ୍ଚର ମୁଖ୍ୟ। ରାଜ୍ୟରେ ହାଇକୋର୍ଟ ଦୈନିକ ପ୍ରଶାସନିକ ବ୍ୟବସ୍ଥା ଚଳାଇବା ଏବଂ କୌଣସି ବେଞ୍ଚ ସ୍ଥାପନ କରିବା ତାଙ୍କର ଦାୟିତ୍ୱ। କୌଣସି ନୂତନ ବେଞ୍ଚ ସ୍ଥାପନ କରିବା ପୂର୍ବରୁ ମୁଖ୍ୟ ବିଚାରପତିଙ୍କ ସହିତ ପରାମର୍ଶ କରିବା ଦରକାର। ଯାହାକି ଯେ କୌଣସି ହାଇକୋର୍ଟ ବେଞ୍ଚ ସ୍ଥାପନ କ୍ଷେତ୍ରରେ ତାହାହିଁ ହୋଇଛି। ହାଇକୋର୍ଟଙ୍କ ସହମତି ହେଲା ପରେ ରାଜ୍ୟ ସରକାର ନୂତନ ବେଞ୍ଚ ସ୍ଥାପନ ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ରବି ଶଙ୍କର ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଭିତ୍ତିଭୂମି ଓ ଅନ୍ୟାନ୍ୟ ବ୍ୟବସ୍ଥା ପାଇଁ ଅର୍ଥ ବ୍ୟବସ୍ଥା କରି ରାଜ୍ୟ ସରକାର କେନ୍ଦ୍ର ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି।

### ୬ ଜଣଙ୍କୁ ଗିରଫ କଲା...

ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ରାଉରକେଲାର ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ ବ୍ରହ୍ମପୁର ଗୋଷାଣୀ ନୂଆଗାଁ ଥାନା ଅଞ୍ଚଳର ଦୀପକ ପଣ୍ଡା ତାଙ୍କ ମୋବାଇଲ ଫୋନରେ ସାଉଥ୍ ଇଣ୍ଡିଆ ଫାଇନାନ୍ସ କମ୍ପାନୀ ଲିମିଟେଡ୍ ନାମକ ଏକ ୱେବ୍‌ସାଇଟ୍ ଦେଖି ତାହାକୁ ସର୍ଚ୍ଚ କରିଥିଲେ। ସେଥିରେ ନିଜର ସବିଶେଷ ତଥ୍ୟ ଦେବା ପରେ ତାଙ୍କୁ ୫ଲକ୍ଷ ଟଙ୍କା ଋଣ ମିଳିବ ପ୍ରଲୋଭନ ଦେଖାଯାଇଥିଲା। ତେବେ ଏଥିପାଇଁ ସିକ୍ୟୁରିଟି ଡିପୋଜିଟ୍ କରିବାକୁ ହେବ ବୋଲି କୁହାଯାଇଥିଲା। ତେଣୁ ଗତ ଜୁନ୍‌ରେ ୩ଟି ପର୍ଯ୍ୟାୟରେ ଦୀପକ ମୋଟ ୭୦ ହଜାର ଟଙ୍କା ଉକ୍ତ କମ୍ପାନୀ ପକ୍ଷରୁ ଦିଆଯାଇଥିବା ବ୍ୟାଙ୍କ୍ ଆକାଉଣ୍ଟରେ ଜମା କରିଥିଲେ। ପରେ ସେ ଋଣ ଟଙ୍କା ପାଇ ନ ଥିଲେ କି କମ୍ପାନୀର କୌଣସି କର୍ତ୍ତୃପକ୍ଷଙ୍କୁ ଆଉ ଯୋଗାଯୋଗ କରିପାରି ନ ଥିଲେ। ଠକେଇର ଶୀକାର ହୋଇଥିବା ଜାଣି ସାଇବର୍ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ.୯/୨୦୧୮ରେ ଏକ ମାମଲା ରୁଜୁ କରି ସାଇବର ଥାନା ପୋଲିସ ତଦନ୍ତ ଚଳାଇଥିଲା। ସମସ୍ତ ବ୍ୟାଙ୍କ ଟ୍ରାଞ୍ଜାକସନ୍ ଏବଂ ମୋବାଇଲ ନମ୍ବରକୁ ଟ୍ରାକିଂ କରି ସାଇବର୍ ଥାନା ପୋଲିସ ଗୁରୁବାର ଭୁବନେଶ୍ୱରରେ ରିଷିକା ହଲିଡେଜ୍ ଟୁର୍ ଆଣ୍ଡ୍ ଟ୍ରାଭେଲେସ୍ ଆଳରେ ଖୋଲାଯାଇଥିବା ଏକ ଅଫିସ୍‌ରେ ଚଢାଉ କରିଥିଲା। ଉକ୍ତ ଅଫିସ୍‌ରେ ସାଉଥ୍ ଇଣ୍ଡିଆ କମ୍ପାନୀ ଲିଃ ନାମରେ ଫେକ୍ ୱେବ୍ ସାଇଟ୍ ଖୋଲି ଯୁବତୀମାନେ ଫୋନ୍ କଲ୍ କରିବା ସହିତ ମିଥ୍ୟା ୱେବ୍ ସାଇଟ୍‌ର ବିଭିନ୍ନ ଲିଙ୍କ୍‌କୁ ଅନ୍‌ଲାଇନ୍ ଜରିଆରେ ଲୋକଙ୍କ ମୋବାଇଲ୍‌କୁ ପଠାଉଥିଲେ। କମ୍ପାନୀର ପ୍ରମୋଶନ୍ ଆଳରେ ଲୋକଙ୍କୁ ଋଣ ନେବାକୁ କହି ସେମାନଙ୍କର ତଥ୍ୟ ହାସଲ କରୁଥିଲେ। ପ୍ରଥମେ ଟଙ୍କା ଜମା କରିଲେ ଉକ୍ତ ଜମା ରାଶିକୁ ଭିତ୍ତି କରି ଋଣର ପରିମାଣ ବଢିବ ବୋଲି ଲୋଭ ଦେଖାଇ କମ୍ପାନୀ ଲୋକଙ୍କୁ ଠକୁଥିବା ଜଣାପଡିଥିଲା। ସାଇବର୍ ଥାନା ଏସ୍‌ଆଇ ଅଭିନାସ ରେଡ୍ଡୀ, ସୁରେଶ ପୃଷ୍ଟି, ଉତ୍ତମ ଗୌଡ, ହରିକୃଷ୍ଣ ବେହେରା, ଶିବାନୀ ନାୟକ ଓ ଏସ୍.ସରୋଜା ପ୍ରମୁଖ ଚଢଉରେ ସାମିଲ ଥିଲେ।

## ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

# ବଲାଙ୍ଗୀର ଜେଲକୁ ଆସିଲେ ପୁଞ୍ଜିଲାଲ

## କଏଦୀ ଚମ୍ପଟ ଘଟଣା ମିଥ୍ୟା ବୋଲି କହିଲେ

ବଲାଙ୍ଗୀର ଅଫିସ, ୮।୨

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାର ମାଷ୍ଟରମାଇଣ୍ଡ ତଥା ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ପାଟଣାଗଡ଼ ଉପକାରାଗାରରୁ ଶୁକ୍ରବାର ବଲାଙ୍ଗୀର ଜିଲା କାରାଗାରକୁ ସ୍ଥାନାନ୍ତରଣ କରାଯାଇଛି। ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ପୁଞ୍ଜିଲାଲଙ୍କୁ ଏକ ସ୍ୱତନ୍ତ୍ର ଭ୍ୟାନ୍‌ରେ ବଲାଙ୍ଗୀର ଜିଲା କାରାଗାରକୁ ଅଣାଯାଇଥିଲା। ବଲାଙ୍ଗୀର ଜିଲା କାରାଗାରକୁ ନିଆଯିବାବେଳେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖି ପୁଞ୍ଜିଲାଲ ପାଟଣାଗଡ଼ ଜେଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ପାଟଣାଗଡ଼ ଜେଲ ଭିତରେ ନିର୍ଯାତନା ଦିଆଯାଉଥିବା କହିଥିଲେ। ତାର ପ୍ରତିବାଦ କରିବାରୁ ତାଙ୍କ ବିରୋଧରେ ଜେଲ କର୍ତ୍ତୃପକ୍ଷ ସାଂଘାତିକ ଅଭିଯୋଗ ଆଣି ପାଟଣାଗଡ଼ ଜେଲରୁ ବଲାଙ୍ଗୀର ଜିଲା କାରାଗାରକୁ ସ୍ଥାନାନ୍ତରଣ କରିଥିବା କହିଥିଲେ। ଏହାର ପ୍ରତିବାଦରେ ସେ ଗୁରୁବାରଠାରୁ ଅନଶନରେ ରହିଛନ୍ତି। ଗତ ୨୪ ତାରିଖରେ ପାଟଣାଗଡ଼ ଜେଲରୁ କଏଦୀ ଚମ୍ପଟ ଘଟଣାକୁ ସେ ମିଥ୍ୟା ବୋଲି କହିଛନ୍ତି। ପାଟଣାଗଡ଼ ଜେଲ ଭିତର ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରାଗଲେ ସବୁ ସତ୍ୟାସତ୍ୟ ଜଣାପଡିବ ବୋଲି କହିଛନ୍ତି। ମାନବିକତା ଦୃଷ୍ଟିରୁ ସତ୍ୟକୁ ସାମ୍ନାକୁ ଅଣାଯାଉ ବୋଲି ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅନୁରୋଧ କରିଛନ୍ତି।



ପୁଞ୍ଜିଲାଲଙ୍କୁ ବଲାଙ୍ଗୀର ଜେଲକୁ ନିଆଯାଉଛି।

## ପରିବାରର ୪ଜଣଙ୍କୁ ହତ୍ୟା ମାମଲା

# ୩ ଅଭିଯୁକ୍ତଙ୍କୁ ଆଜୀବନ ଜେଲଦଣ୍ଡ

- ଲୁଟ୍ ଉଦ୍ଦେଶ୍ୟରେ କରାଯାଇଥିଲା ହତ୍ୟା
- ବଞ୍ଚିଥିବା ଯାଏ ଜେଲରେ ରହିବେ ଅଭିଯୁକ୍ତ ଦମ୍ପତି

ନିମାପଡ଼ା,୮।୨(ଡି.ଏନ୍.ଏ.)

ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଦିନାଡିଆ ଗ୍ରାମର ଅବସରପ୍ରାପ୍ତ ଡିଆଇ ଦୀନବନ୍ଧୁ ମଲ୍ଲିକ(୬୮), ସ୍ତ୍ରୀ ନିର୍ମଳା(୪୫), ଦୁଇ ଝିଅ ପ୍ରଣତୀ ଓ ଶାଶ୍ୱତୀଙ୍କୁ ତଣ୍ଟି କାଟି ହତ୍ୟା କରାଯାଇଥିଲା। ପ୍ରାୟ ସାଢ଼େ ୩ବର୍ଷ ପରେ ଏହି ହତ୍ୟା ମାମଲାର ଚୂଡାନ୍ତ ରାୟ ଶୁକ୍ରବାର ପ୍ରକାଶ ପାଇଛି। ନିମାପଡ଼ା ଏଡିଜେ କୋର୍ଟରେ ଅତିରିକ୍ତ ଜିଲା ଓ ଦୌରାଜଜ୍ ଚିନ୍ତାମଣି ପଣ୍ଡା ୩୧ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ୩ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ମେଦିନାପୁର ଅଞ୍ଚଳର ହିମାଦ୍ରି ଶେଖର ଦାସ ଓରଫ୍ ରହିମ ଖାନ, ସ୍ତ୍ରୀ ଆୟେଶା ବେଗମ୍ ଏବଂ ମୃତ ଦୀନବନ୍ଧୁଙ୍କ ସଢୁ ତଥା ଖୋର୍ଦ୍ଧା ଜିଲା ବୋଲଗଡ ଅଞ୍ଚଳର ଫକୀର ମଲ୍ଲିକ। ଅଭିଯୁକ୍ତ ଦମ୍ପତି ଲୁଟ୍ ଉଦ୍ଦେଶ୍ୟରେ ଦୀନବନ୍ଧୁଙ୍କ ଛୋଟ ପରିବାରକୁ ଉଜାଡ଼ି ଦେଇଥିଲେ ଏବଂ ଏସବୁର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିଲେ ସଢୁ ଫକୀର। ଅଭିଯୁକ୍ତ ଦମ୍ପତି ରହିମ ଓ ଆୟେଶା ବଞ୍ଚିଥିବା ଯାଏ ଜେଲଦଣ୍ଡ ଭୋଗିବେ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଥିବା କ୍ରାଇମବ୍ରାଞ୍ଚ ପବ୍ଲିକ ପ୍ରସିକ୍ୟୁଟର ଚିତ୍ତରଞ୍ଜନ କାନୁନ୍‌ଗୋ କହିଛନ୍ତି। ଏହି ଚର୍ଚ୍ଚିତ ଓ ଲୋମହର୍ଷଣକାରୀ ହତ୍ୟାକାଣ୍ଡର ଦଣ୍ଡ ଶୁଣାଣି ସମୟରେ ନିମାପଡ଼ା କୋର୍ଟ ପରିସରରେ ସାଧାରଣ ଲୋକଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା।

ସୂଚନାଥାଉ କି ହତ୍ୟାକାଣ୍ଡ ୨୦୧୫ ସେପ୍ଟେମ୍ବର ୨୧ ତାରିଖ ରାତିରେ ଘଟିଥିଲା। ଅଭିଯୁକ୍ତମାନେ ହତ୍ୟା ଘଟାଇବା ପରେ ଦୀନବନ୍ଧୁଙ୍କ ଘରୁ ସୁନାଗହଣା, ଗୋଟିଏ ବାଇକ୍ ଓ ମୋବାଇଲ ଫୋନ ଲୁଟ୍ ନେଇଥିଲେ। ଏ ସମ୍ପର୍କରେ ଅସ୍ତରଙ୍ଗ ଥାନା ପୋଲିସ ଏକ ମାମଲା(ନଂ. ୯୫/୧୫)ରୁଜୁ କରି ତଦନ୍ତ ଚଳାଇଥିଲା। ସ୍ଥାନୀୟ ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କ୍ରାଇମବ୍ରାଞ୍ଚ ମାମଲା(ନଂ.୩୦/୧୫)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୨୦୧୫ ଅକ୍ଟୋବର ୯ରେ କ୍ରାଇମବ୍ରାଞ୍ଚ ଆସାମର ହଇଲାଖଣ୍ଡି ଜିଲା ରୋଙ୍ଗପୁର ଗ୍ରାମରୁ ହତ୍ୟାକାରୀ ଦମ୍ପତି ରହିମ ଓ ଆୟେଶାଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ସୁନାଗହଣା, ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ର, ଏକ ବାଇକ୍ ଓ ମୋବାଇଲ ଫୋନ ସହ ଟଙ୍କା ଜବତ କରିଥିଲେ। ସେହିପରି ହତ୍ୟା ଷଡ଼ଯନ୍ତ୍ରକାରୀ ଫକୀରଙ୍କୁ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ସେହିବର୍ଷ ଅକ୍ଟୋବର ୧୪ରେ ଗିରଫ କରିଥିଲେ। ପରେ ଫକୀର ଜାମିନରେ ମୁକୁଳିଥିଲେ। ହେଲେ କୋର୍ଟ ନୋଟିସ ପାଇ ଫକୀର ଗତ ବୁଧବାର କୋର୍ଟରେ ହାଜର ହୋଇଥିଲେ। ସେ ଦୋଷୀ ସାବ୍ୟସ୍ତ ହେବାରୁ ପୋଲିସ ତାଙ୍କୁ ହେପାଜତକୁ ନେଇଥିଲା। ୩ ଅଭିଯୁକ୍ତଙ୍କ ବିରୋଧରେ କଠୋର ଦଣ୍ଡବିଧାନ ପାଇଁ ବଳିଷ୍ଠ ପ୍ରମାଣ ରହିଥିବା କ୍ରାଇମବ୍ରାଞ୍ଚ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ ଓ ମାମଲାର ତଦନ୍ତକାରୀ ଅଧିକାରୀ ଏଏସ୍‌ପି ଆର.କେ.ସୁଆର କହିଥିଲେ। ଶୁକ୍ରବାର ଆଇପିସି ଦଫା ୩୦୨, ୩୯୪, ୩୯୭, ୧୨୦(ବି) ଅନୁଯାୟୀ ବିଚାରପତି ଉପରୋକ୍ତ ଦଣ୍ଡ ଶୁଣାଇଥିଲେ। ହେଲେ ହତ୍ୟାକାରୀମାନଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇଥିଲେ ଖୁସି ହୋଇଥାନ୍ତୁ ବୋଲି ଦୀନବନ୍ଧୁଙ୍କ ପୁତୁରା ଶଙ୍କର ମଲ୍ଲିକ କହିଛନ୍ତି।

## ବିଜେଡି କାଉନସିଲର ହତ୍ୟା ମାମଲା

# ଭାଜପା ନେତା ଗୋଲକ, ଭୃଗୁ ହାଇକୋର୍ଟଙ୍କ ଦ୍ୱାରସ୍ଥ

କଟକ ଅଫିସ, ୮।୨

ଗଞ୍ଜାମ ଜିଲା ଛତ୍ରପୁର ବିଜେଡି କାଉନସିଲର ଲକ୍ଷ୍ମୀଦତ୍ତ ପ୍ରଧାନ ହତ୍ୟା ମାମଲାରେ ପୋଲିସର ସମ୍ଭାବ୍ୟ ଗିରଫଦାରିରୁ ବର୍ତ୍ତିବା ପାଇଁ ଭାଜପା ନେତା ଗୋଲକ ମହାପାତ୍ର ଓ ଭୃଗୁ ବକ୍ସିପାତ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉଭୟେ ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଛନ୍ତି। ଗୋଲକଙ୍କୁ ଫେବୃୟାରୀ ୭ ଓ ଭୃଗୁଙ୍କୁ ଫେବୃୟାରୀ ୯ରେ ହାଜର ହେବା ପାଇଁ ଗଞ୍ଜାମ ପୋଲିସ ପକ୍ଷରୁ ଗତ ୨୮ ତାରିଖରେ ନୋଟିସ କରାଯାଇଥିଲା। ଗୋଲକ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ପୋଲିସ ନିକଟରେ ଉପସ୍ଥିତ ହୋଇ ନ ଥିଲେ। କିନ୍ତୁ ଓକିଲଙ୍କ ମାଧ୍ୟମରେ ସେ ୧ ମାସ ସମୟ ଲୋଡିଥିଲେ।



ଗୋଲକ ମହାପାତ୍ର।



ଭୃଗୁ ବକ୍ସିପାତ୍ର।

ସୂଚନାଥାଉକି, ୨୦୧୭ ସେପ୍ଟେମ୍ବର ୧୬ରେ ଲକ୍ଷ୍ମୀଦତ୍ତଙ୍କୁ ହତ୍ୟା କରାଯାଇଥିଲା। ଯୁବକମାନେ ସଂଘବଦ୍ଧ ଭାବେ ଖଣ୍ଡା ଆଦି ମାରଣାସ୍ତ୍ରରେ ତାଙ୍କୁ ହତ୍ୟା କରିଥିଲେ। ଲକ୍ଷ୍ମୀଦତ୍ତଙ୍କ ଭାଇ ଦେବୀଦତ୍ତଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ଗଞ୍ଜାମ ଜିଲା ଭାଜପା ସମ୍ପାଦକ କୃଷ୍ଣ ନାୟକ ଓ ଦୁର୍ଯ୍ୟୋଧନ ରେଡ୍ଡୀଙ୍କୁ ଉତ୍ତରାଖଣ୍ଡର ଡେରାଡୁନ ଗେଷ୍ଟହାଉସରୁ ଗିରଫ କରିଥିଲା। ତେବେ ଉଭୟଙ୍କୁ ଉକ୍ତ ଗେଷ୍ଟ ହାଉସରେ ରଖିବାରେ ଗୋଲକ ସହାୟତା କରିଥିବା ପୋଲିସ ତଦନ୍ତରୁ ଜାଣିପାରିଥିଲା। ଉକ୍ତ ମାମଲାରେ ଅଦ୍ୟାବଧି ପୋଲିସ ୧୯ ଜଣଙ୍କୁ ଗିରଫ କରିଛି। ଗୋଲକଙ୍କୁ ମଧ୍ୟ ପୋଲିସ ପୂର୍ବରୁ ଉକ୍ତ ମାମଲାରେ ପଚରାଉଚରା କରିଥିଲା। ଅପରପକ୍ଷରେ ଅଭିଯୁକ୍ତମାନେ ଫେରାର ହେବାରେ ଭୃଗୁ ସହାୟତା କରିଥିବାରୁ ପୋଲିସ ତାଙ୍କୁ ନୋଟିସ କରିଛି।

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

LCJ SILVER
LALCHAND JEWELLERS REQUIRED
SALES CONSULTANT: 12 Nos.
For the Bhubaneswar Store.
Minimum **Qualification:** +3.
**Exp:** 2 yrs in Retail/ Jewellery Must.
Send Resume at
Indramani_r@yahoo.com or Call
0674-2534625, 2536666

ଭୁବନେଶ୍ୱରସ୍ଥିତ ନିଜ ଘରେଜଣେ ମାତ୍ର ବୟସ୍କ ଲୋକ ପାଇଁ ଘରକାମ, ରୋଷେଇବାସ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାମ ପାଇଁ ଜଣେ ବିଶ୍ୱସ୍ତ, କର୍ମନିପୁଣା ଓ ସେବାପରାୟଣା ଅସହାୟା, ବିଧବା କିମ୍ବା ପରିତ୍ୟକ୍ତା ଓ ପରିବାରହୀନା ଦାୟିତ୍ୱସମ୍ପନ୍ନା ସଚ୍ଚୋଟ ମହିଳା ୩୫ରୁ ୫୫ ବର୍ଷ କିମ୍ବା (ଯେ କୌଣସି ବୟସର) ଆବଶ୍ୟକ। ମାଗଣା ଖାଇବା ଓ ରହିବାର ସ୍ୱତନ୍ତ୍ର ବ୍ୟବସ୍ଥା ସହ ବିଶ୍ୱସନୀୟତା ଅନୁଯାୟୀ ପାରିଶ୍ରମିକ ପାଇବାର ବ୍ୟବସ୍ଥା ଅଛି। ତୁରନ୍ତ ଯୋଗାଯୋଗ କରନ୍ତୁ।
Ph: 9438359101

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
Rs. 24000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139585136, 7978604069
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

URGENTLY REQUIRED
Required local experienced Boy/ Girl for a Medicine Store at Pandara Square, Bhubaneswar.
Contact : 9437022665

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
GLOBAL SERVICES, DELHI
07289962847

ପତ୍ରି କାର୍ଡ
INVT. CARD & TROPHIES
NEEDS DTP OPTR. DESIGNER
M- 9776138837, 9937417848, BBSR.

TEACHERS REQUIRE
+2/ +3 with CT/B.Ed. (CTET/ OTET with English is preferred)
Last date: 23.02.2019
Secretary, Vidya Vikas Public School, Purunabhatta, K.Singpur, Rayagada, Pin: 765016
Contact No: 9668402419

କୋଭିଲପାଟ୍ଟି, ତାମିଲନାଡୁସ୍ଥିତ ଏକ ଫାର୍ମରେ କାମ କରିବା ପାଇଁ ଦମ୍ପତି ଆବଶ୍ୟକ। ଦମ୍ପତି ପିଛା ବେତନ ହେଉଛି ଟ.୧୨୦୦୦। ହିନ୍ଦୀ କିମ୍ବା ତାମିଲ କହିପାରୁଥିବା ଦମ୍ପତିଙ୍କୁ ପ୍ରାଧାନ୍ୟ ଦିଆଯିବ।
ଯୋଗାଯୋଗ: 9487959794

URGENTLY REQUIRED
Air Conditioner Technicians
(5-6 years experience)
For Cool Zone, BBSR
Call on- 9437171294

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

JOB-REQUIRED
Female- OFFICE ASSISTANT
Education: Minimum Matric Pass
INTERVIEW DATE:
07 Feb & 11 Feb 2019
SHIVAM Corporation, Op. Shree Hospital, Lewis Road (BBSR)
8580119287

CONTACT:- 9938414918
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/above Candidates (M/F) ଆବଶ୍ୟକ। ବୟସ(17-35) yrs. ରହିବା ସୁବିଧା ଦିଆଯିବ। Monthly Salary upto Rs. 24000/-.

ନିଯୁକ୍ତି
ପ୍ରତ୍ୟେକ ବ୍ଲକ ଏବଂ ପଞ୍ଚାୟତ ସ୍ତରରେ ନିଯୁକ୍ତି। ସମସ୍ତ ଜିଲ୍ଲାର ପ୍ରାର୍ଥୀ ପ୍ରାର୍ଥିନୀ ଆବେଦନ କରିପାରିବେ। ଦରମା: 7,000/- to 40,000/-. **Qualification:** 10th to +3 and above.
CONTACT: 9777639313

ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.45,000
For More Details Contact 9776141333 7064222275

REQUIRED
Full time **SALES PERSON** for Non-woven Bags
Bhubaneswar & Cuttack
Salary + Incentives (Negotiable)
Aged Between 25-35 (Male)
Must have 2 Wheeler
**Min. Qualification:** 12th Std & above
Contact: 9777678800

OFFICIALLY JOB
ଯୋଗ୍ୟତା: 10th Pass/Fail, ବୟସ: (18-40) yrs., ମାସିକ ଦରମା upto Rs.25000/-.
Contact Immediately
Mob: 8763257042

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା– 27,000/-, ଶିକ୍ଷାଗତ ଯୋଗ୍ୟତା–8th to 10th & above.
Contact: 8339922964

UTKAL INDUSTRIAL & SAFETY PRODUCTS, 1127/3405, Jayadurga Nagar, Bomikhal, BBSR
Experienced candidates required for
1. **Receptionist cum Tele Caller:** 1 Nos.
2. **Store Keeper:** 4 Nos.
3. **Driver:** 2 Nos.
4. **Marketing Executives:** 8 Nos.
Salary is no constraints for right candidate.
Interested candidates may send resume on **Email: info@utkalsafety.com** within 7 days
Mob No: 8144249882/9437577339

URGENTLY REQUIRED
A Leading Real Estate Company requires some staff.
**(1) RECEPTIONIST** : 01 (Female), **(2) TELE CALLER** : 02 (Female), **(3) MARKETING EXECUTIVE** : 08 (Male), **(4) MARKETING MANAGER:** 02 (Male), **(5) DRIVER** : 02.
Experience holder is preferred.
**INTERVIEW DATE:- 11th and 14th February 2019.**
**ADDRESS:-** Bimal Homes & Realcon Pvt. Ltd., **M.I.G-22, Laxmi Sagar, Near High School**
Phone: 9778643550, 9437964265

WANTED
ଭୁବନେଶ୍ୱର ପ୍ରତିଷ୍ଠିତ Real Estate Company ପାଇଁ ଅଫିସ୍ ପିଅନ ଏବଂ ଡ୍ରାଇଭର ଆବଶ୍ୟକ, ରହିବା ସୁବିଧା ଅଛି। ପିଅନ ଦରମା: 5,000/-, ଡ୍ରାଇଭର–8,000/-. Matrusakti Eastcon (P) Ltd. HIG-B/10, Housing Board Colony, Baramunda.
9861064011

URGENTLY REQUIREMENT
Experienced Miners required for Manganese Mining
1. MINING MATE : 4 Nos.
2. MINING FOREMAN : 4 Nos.
For all the above Posts Salary is negotiable and will not be constraint for deserving candidate.
Kindly send your Resume on:
acerzltd@gmail.com within 7 days.

See Career Appointment on every Wednesday & Saturday

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

“ ଆର୍‌ବିଆଇର ସୁଧହାର ହ୍ରାସ ପଦକ୍ଷେପ ଦ୍ୱାରା ରପ୍ତାନି ପ୍ରୋତ୍ସାହିତ ହେବା ସହ ଋଣ ଯୋଗାଣ ତ୍ୱରାନ୍ୱିତ ହେବ ।

– ଗଣେଶ କୁମାର ଗୁପ୍ତା, ସଭାପତି, ଏଫ୍‌ଆଇଇଓ



“ ନିର୍ମାଣାଧୀନ ଫ୍ଲାଟ ଉପରେ ଜିଏସ୍‌ଟି ହ୍ରାସ ହେଲେ ହାଉସିଂ ସେଲ୍ ବୃଦ୍ଧି ଘଟିବ ।

– ଜାକ୍ସେୟ ଶାହ, ସଭାପତି, କ୍ରେଡାଇ



## ସଂକ୍ଷେପରେ

### ଇତିହାସ ରଚିଛି ଉଜ୍ଜ୍ୱଳା: ଧର୍ମେନ୍ଦ୍ର

**ନୂଆଦିଲ୍ଲୀ,୮-୨:** ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ବର୍ତ୍ତମାନ ସୁଦ୍ଧା ୬.୨୩ କୋଟି ହିତାଧିକାରୀଙ୍କୁ ସଂଯୋଗ ପ୍ରଦାନ କରାଯାଇଛି। ହିତାଧିକାରୀଙ୍କ ସଂଖ୍ୟାରେ କ୍ରମାଗତ ଭାବେ ବୃଦ୍ଧି ଘଟିବାରେ ଲାଗିଛି। ଏହି ଯୋଜନା ଏବେ ଇତିହାସ ରଚିବାକୁ ସକ୍ଷମ ହୋଇଥିବା କେନ୍ଦ୍ର ପେଟ୍ରୋଲିୟମ ତଥା ପ୍ରାକୃତିକ ବାଷ୍ପମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର କହିଛନ୍ତି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ସର୍ବଭାରତୀୟ ଜିଲା ନୋଡାଲ ଅଫିସରଙ୍କୁ ନେଇ ଅନୁଷ୍ଠିତ ଉଜ୍ଜ୍ୱଳା ଉତ୍ସବରେ ପ୍ରଧାନ କହିଛନ୍ତି ଯେ, ଦେଶର ୮୦% ଉଜ୍ଜ୍ୱଳା ହିତାଧିକାରୀ ୪ ଥର ରିଫିଲିଂ କରିଛନ୍ତି। ଏହି ହାରକୁ ୧୦୦%ରେ ପହଞ୍ଚାଇବାକୁ କାର୍ଯ୍ୟକ୍ରମ ଜାରି ରହିଛି। ଯୋଜନା ଆରମ୍ଭ ସମୟରେ ଏହା ଏକ ଚ୍ୟାଲେଞ୍ଜ ଥିଲା। ମାତ୍ର ସମୟ ଏବେ ବଦଳିଛି। ୮ କୋଟି ହିତାଧିକାରୀ ଉଜ୍ଜ୍ୱଳାରେ ସାମିଲ କରାଯିବାକୁ ପ୍ରୟାସ ଜାରି ରହିଥିବା ପ୍ରଧାନ ସ୍ପଷ୍ଟ କରିଛନ୍ତି। ଆବଶ୍ୟକତା ମୁତାବକ ଏଲ୍‌ପିଜି ଯୋଗାଣ ଉପରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ତ୍ରିପୁରା ଭଳି ଛୋଟ ରାଜ୍ୟରେ ୨୫ ହଜାର ଏଲପିଜି ସଂଯୋଗ ହୋଇଛି। ଏହାବାଦ୍ ଅନନ୍ତନାଗ ଜିଲାରେ ମଧ୍ୟ ଶତପ୍ରତିଶତ ଏଲପିଜି ପହଞ୍ଚିପାରିଛି। ଏହା ହେଉଛି ଦେଶ ବଦଳିବାର ଉଦାହରଣ ବୋଲି ଧର୍ମେନ୍ଦ୍ର ପ୍ରକାଶ କରିଛନ୍ତି। ଉଜ୍ଜ୍ୱଳା ଦ୍ୱାରା ମହିଳାଙ୍କ ଜୀବନରେ ଉନ୍ନତି ତଥା ସେମାନଙ୍କ ପରିବାରର ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକାଶ ସାଧନ ହୋଇଛି। ମହିଳା ଏବେ ପରିବାରର ଯତ୍ନ ନେବା ସହ ବଳକା ସମୟକୁ ରୋଜଗାର ଦିଗରେ ଲଗାଇ ପାରୁଛନ୍ତି ବୋଲି ସେ ମତ ରଖିଛନ୍ତି।

### ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଋଣ ଯୋଗାଣ ଜରୁରୀ: ଶ୍ୟାମଳା ଗୋପୀନାଥ

**ଭୁବନେଶ୍ୱର,୮-୨:** ଦେଶର ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକ ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ସଂସ୍ଥାଗୁଡ଼ିକ ଋଣ ପାଉଥିଲେ ମଧ୍ୟ ଯେଉଁ ସମୟରେ ଯେତେ ପରିମାଣର ଋଣ ମିଳିବା କଥା ସେତିକି ପରିମାଣର ଋଣ ମିଳୁନାହିଁ। ଫଳରେ ସଂସ୍ଥାଗୁଡ଼ିକ ନଗଦ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ସାମ୍ନା କରୁଛନ୍ତି। ସମସ୍ୟା ଦୂରୀକରଣ ସହ ଉକ୍ତ କ୍ଷେତ୍ରର ବିକାଶ ଲାଗି ଏମ୍‌ଏସ୍‌ଏମଇ କ୍ଷେତ୍ରକୁ ଆବଶ୍ୟକ ମୁତାବକ ଋଣ ଯୋଗାଇବାକୁ ପଡ଼ିବ ବୋଲି ରିଜର୍ଭ ବ୍ୟାଙ୍କର ପୂର୍ବତନ ଡେପୁଟି ଗଭର୍ନର ଶ୍ୟାମଳା ଗୋପୀନାଥ କହିଛନ୍ତି। ଇଣ୍ଡିଆନ ଚାମ୍ବର ଅଫ କମର୍ସ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋପୀନାଥ କହିଛନ୍ତି, ଦେଶର ବ୍ୟାଙ୍କିଙ୍ଗ ଶିଳ୍ପ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଏନ୍‌ପିଏ ବୃଦ୍ଧି ନିବେଶ ଧାରା ଉପରେ ପ୍ରଭାବ ପକାଉଛି। ଏହାର ସମାଧାନ ଉପରେ ଦୃଷ୍ଟି ଦେବା ଉଚିତ ବୋଲି ସେ ମତ ରଖିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ଆର୍‌ବିଆଇ ସିଜିଏମ୍ ପି.କୃଷ୍ଣମୂର୍ତ୍ତି, ସାଉଥ୍ ଇଣ୍ଡିଆନ ବ୍ୟାଙ୍କର ଅଧ୍ୟକ୍ଷ ସଲିମ ଗଙ୍ଗଧରନ ଆଇସିସି ଓଡ଼ିଶା ପରିଷଦର କୋ-କେୟାରମ୍ୟାନ ଜେ.ବି. ପାଣି, ଆର୍‌ବିଆଇ ଆଞ୍ଚଳିକ ନିର୍ଦ୍ଦେଶକ ଏମ୍.କେ. ମଲ୍ଲ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏ.କେ.ସାବତ ପ୍ରମୁଖ ଉପସ୍ଥିତ ଥିଲେ।

# ରିୟଲ ଇଷ୍ଟେଟ୍ ଉପରୁ କମିପାରେ ଜିଏସ୍‌ଟି

**ନୂଆଦିଲ୍ଲୀ,୮-୨**



- ଟିକସ ହ୍ରାସ ସପକ୍ଷରେ ମନ୍ତ୍ରିଗୋଷ୍ଠୀ
- ଆବାସ କ୍ଷେତ୍ରରେ ୩ରୁ ୫% ଜିଏସ୍‌ଟି ରଖିବାକୁ ହୋଇପାରେ ସୁପାରିସ

ଜିଏସ୍‌ଟି କାଉନସିଲ୍ ଦ୍ୱାରା ଗଠିତ ମନ୍ତ୍ରିଗୋଷ୍ଠୀ ରିୟଲ ଇଷ୍ଟେଟ କ୍ଷେତ୍ରକୁ ଗତିଶୀଳ କରିବା ଲାଗି ଜିଏସ୍‌ଟି ହ୍ରାସ ସପକ୍ଷରେ ମତପ୍ରକାଶ କରିଛି। ନିର୍ମାଣାଧୀନ ଆବାସିକ ଘର ଉପରେ ଜିଏସ୍‌ଟିକୁ ୧୨ରୁ ୫%କୁ ଏବଂ ଶସ୍ତା ଘର କ୍ଷେତ୍ରରେ ୮ରୁ ୩% ଜିଏସ୍‌ଟି ଆଦାୟ କରାଯିବା ଉପରେ ଏହା ଜୋର୍ ଦେଇଛି।

ସୂଚନାଥାଉ କି, ରିୟଲ ଇଷ୍ଟେଟ କ୍ଷେତ୍ରରେ ଦେଖାଦେଇଥିବା ଅସୁବିଧା ଏବଂ ଆହ୍ୱାନ ସମ୍ପର୍କରେ ଜାଣିବା ଲାଗି ଜିଏସ୍‌ଟି କାଉନସିଲ ପକ୍ଷରୁ ଗୁଜରାଟ ଉପମୁଖ୍ୟମନ୍ତ୍ରୀ ନୀତିନ ପଟେଲଙ୍କ ଅଧ୍ୟକ୍ଷତାରେ ଗତ ମାସରେ ଏକ ମନ୍ତ୍ରିଗୋଷ୍ଠୀ ଗଠନ କରାଯାଇଥିଲା। ଶୁକ୍ରବାର ଏହାର ପ୍ରଥମ ବୈଠକ ବସିଥିଲା। ଜଣେ ଅଧିକାରୀଙ୍କ କହିବାନୁଯାୟୀ ମନ୍ତ୍ରିଗୋଷ୍ଠୀ ସପ୍ତାହକ ମଧ୍ୟରେ ନିଜର ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରିବ ଏବଂ କାଉନସିଲର ପରବର୍ତ୍ତୀ ବୈଠକରେ ଏହାକୁ ଉପସ୍ଥାପନ କରିବ। ସେ କହିଛନ୍ତି ଯେ, ବିନା ଇନପୁଟ ଟ୍ୟାକ୍ସ କ୍ରେଡିଟରେ ଆବାସିକ ଘର ପାଇଁ ଜିଏସ୍‌ଟିକୁ ୫% ଏବଂ ଶସ୍ତା ଘର ପାଇଁ ୩% କରିବାକୁ ମନ୍ତ୍ରିଗୋଷ୍ଠୀ ବିଚାର କରିଛି। ଏ ସଂକ୍ରାନ୍ତରେ ଚୂଡ଼ାନ୍ତ ରିପୋର୍ଟରେ ସୁପାରିସ କରାଯିବ। ବର୍ତ୍ତମାନ ନିର୍ମାଣାଧୀନ ଏଭଳି ଆବାସ ଉପରେ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ପ୍ରମାଣପତ୍ର ନ ଦେଲେ ଏହା ଉପରେ ୧୨% ଜିଏସ୍‌ଟି ଆଦାୟ ହେଉଛି। ପୂର୍ବରୁ ଏଭଳି ସମ୍ପତ୍ତି ଉପରେ ୧୫ରୁ ୧୮ ପ୍ରତିଶତ ଟିକସ ଆଦାୟ ହେଉଥିଲା। ତେବେ ବିକ୍ରି ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାର ପ୍ରମାଣପତ୍ର ଜାରି ହୋଇଥିଲେ,କ୍ରେତାଙ୍କ ଉପରେ ଜିଏସ୍‌ଟି ଲାଗୁ କରାଯାଇ ନ ଥାଏ। ଉଲ୍ଲେଖଥାଉ କି, ଜିଏସଟି ଲାଗୁ ହେବା ପରେ ବିଲ୍ଡରମାନେ ସମ୍ପତ୍ତିର ଦାମକୁ କମାଇ ଗ୍ରାହକଙ୍କୁ ଇନପୁଟ ଟ୍ୟାକ୍ସ କ୍ରେଡିଟ ଲାଭ ଦେଉ ନ ଥିବାର ଅଭିଯୋଗ ଆସିଛି। ମନ୍ତ୍ରିଗୋଷ୍ଠୀରେ ମହାରାଷ୍ଟ୍ର, କର୍ନାଟକ, କେରଳ, ପଞ୍ଜାବ ଓ ଉତ୍ତରପ୍ରଦେଶର ଅର୍ଥମନ୍ତ୍ରୀ ତଥା ଗୋଆର ପଞ୍ଚାୟତିରାଜ ମନ୍ତ୍ରୀ ମାଓବିନ ଗୋଦିନହୋ ସାମିଲ ହୋଇଛନ୍ତି।

## ହୋଣ୍ଡା ଟୁହ୍ୱିଲର୍ସ ପକ୍ଷରୁ ସିବି ୩୦୦ ଆର୍ ବଜାରରେ



**ଭୁବନେଶ୍ୱର,୮-୨**

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ବଜାରକୁ ଆସିଛି ନୂଆ ସିବି୩୦୦ ଆର୍ ମଡେଲ। ଏହାଦ୍ୱାରା କମ୍ପାନୀ ମଧ୍ୟମ ଓଜନ ରେଞ୍ଜ ବଜାରରେ ପ୍ରବେଶ କରିଛି। ନିଓ ସ୍ପୋର୍ଟସ କାଫେ ବର୍ଗରେ ଏହା କମ୍ପାନୀର ଦ୍ୱିତୀୟ ପ୍ରଡକ୍ଟ। ଏଥିରେ ୨୮୬ସିସି ଲିକ୍ୱିଡ କୁଲ୍‌ଡ ପିଏମ୍‌ଜି-ଏଫ୍‌ପିଆଇ ଇଞ୍ଜିନ ରହିଛି। ଆଇଏମ୍‌ୟୁ ଭିତ୍ତିକ ୯-ଚ୍ୟାନେଲ ଏବିଏସ୍ ଏଥିରେ ସ୍ଥାନିତ ରହିଛି। ମଡେଲଟିରେ ଫୁଲ ଏଲ୍‌ଇଡି ଲାଇଟ ଇଣ୍ଡିକେଟର ଏଲ୍‌ଇଡି ଇନଷ୍ଟ୍ରୁମେଣ୍ଟ ଡିସ୍ପଲେ, ରବର ମାଉଣ୍ଟେଡ ଷ୍ଟିଲ ହ୍ୟାଣ୍ଡେଲ ରହିଛି। ଏହା ଦେଶର ୨୨ଟି ବଛା ବଛା ଡିଲରଶିପରେ ଉପଲବ୍ଧ ହେଉଥିବା ବେଳେ ଓଡ଼ିଶାର ପିଜିଏଲ୍ ରାମଜୀ ମୋଟର୍ସଠାରେ ଗ୍ରାହକମାନେ ଏହି ବାଇକ ପାଇପାରିବେ। ମଧ୍ୟମ ଓଜନ ବର୍ଗରେ ନୂଆ ବାଇକକୁ ଉନ୍ମୋଚନ କରି ଆମେ ଗ୍ରାହକଙ୍କ ପ୍ରତି ରହିଥିବା ପ୍ରତିଶ୍ରୁତିକୁ ପାଳନ କରିଛୁ ବୋଲି ହୋଣ୍ଡା ମୋଟର ସାଇକେଲ ଇଣ୍ଡିଆର ସଭାପତି ତଥା ସିଇଓ ମିନୋରୋ କାଟୋ ସୂଚନା ଦେଇଛନ୍ତି। ଏଥିରେ ହୋଣ୍ଡା ବ୍ରାଣ୍ଡର ଇଞ୍ଜିନିୟରିଂ ଶକ୍ତି, ଡିଜାଇନ ଦର୍ଶନ ଏବଂ ଉଚ୍ଚମାନର ଶ୍ରେଷ୍ଠ ଉପସ୍ଥାପନ ଗ୍ରାହକ ପାଇପାରିବେ ବୋଲି ସେ କହିଛନ୍ତି। ନୂଆ ମଡେଲଟି କ୍ଲାସିସ ରୋଡଷ୍ଟର ଡିଜାଇନର ଆଧୁନିକ ରୂପ ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିୟା କହିଛନ୍ତି।

# ନୂଆ ଟାଟା ହାରିୟର ଉନ୍ମୋଚିତ





**ଭୁବନେଶ୍ୱର,୮-୨**

ଟାଟା ମୋଟର୍ସ ପକ୍ଷରୁ ଏହାର ବହୁ ପ୍ରତୀକ୍ଷିତ ଏସ୍‌ୟୁଭି ମଡେଲ ନୂଆ ହାରିୟର ବରମୁଣ୍ଡାସ୍ଥିତ 'ତୃପ୍ତି ମୋଟର୍ସ'ଠାରେ ଉନ୍ମୋଚନ କରାଯାଇଛି। କମ୍ପାନୀର ଆଞ୍ଚଳିକ ପ୍ରବନ୍ଧକ ଶିଶିର ଶ୍ରୀବାସ୍ତବ, ବରିଷ୍ଠ ପ୍ରବନ୍ଧକ ରାଜ ଭଞ୍ଜ, ବରିଷ୍ଠ ପ୍ରବନ୍ଧକ ରୂପେନ୍ଦ୍ର କୁମାର, ଡିଲର ପ୍ରିନ୍ସପାଲ ସୁଭେନ୍ଦୁ ମହାନ୍ତି, ତୃପ୍ତି ଗ୍ରୁପର ସିଇଓ ଶ୍ରୀକାନ୍ତ ମିଶ୍ର ଉପସ୍ଥିତ ରହି ଏହାର ବଜାର ପ୍ରବେଶ କରାଇଥିଲେ। ଏସ୍‌ୟୁଭି ବର୍ଗରେ ଏହା ଗ୍ରାହକଙ୍କ ଚାହିଦା ପୂରଣ ଦିଗରେ ସହାୟକ ହେବ ବୋଲି ଶିଶିର ଶ୍ରୀବାସ୍ତବ କହିଛନ୍ତି। ଏହାକୁ ଜାଗୁଆରର ପ୍ରେରଣା ସହ ଭିନ୍ନ ଟେକ୍ନୋଲୋଜିରେ ପ୍ରସ୍ତୁତ କରାଯାଇଥିବା ବେଳେ ଏହା ଗ୍ରାହକଙ୍କ ଦ୍ୱାରା ବେଶ୍ ଆଦୃତ ହେବ ବୋଲି ସେ କହିଛନ୍ତି। ଏହି ମଡେଲଟିର ମୂଲ୍ୟ ୧୨.୬୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଗ୍ରାହକଙ୍କୁ ଭାଲ୍ୟୁ ଫର ମନି ପ୍ରସଙ୍ଗକୁ ନଜରରେ ରଖାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହା କ୍ୟାଲିଷ୍ଟୋ କପର, ଅର୍କସ ହ୍ୱାଇଟ, ଟେଲେଷ୍ଟୋ ଗ୍ରେ, ଏରିଏଲ ସିଲଭର, ଥର୍ମିଷ୍ଟୋ ଗ୍ଲୋଡ ଭଳି ରଙ୍ଗରେ ଉପଲବ୍ଧ। ଏଥିରେ କ୍ରିଟୋଟେକ ୨.୦ ଲିଟର ଟର୍ବୋ ଚାର୍ଜଡ ଇଞ୍ଜିନ, ଡିଜେଲ ବିଏସ୍-୪, ୧୯୫୬ ସିସି ଇଞ୍ଜିନ, ଇନଲାଇନ ୪ ସିଲିଣ୍ଡର, ୬ସ୍ପିଡ ମାନୁଆଲ ଟ୍ରାନ୍ସମିଶନ, ୫୦ ଲିଟରର ଫୁଏଲ ଟ୍ୟାଙ୍କ, ୪୨୫ ଲିଟରର ବୁଟ ସ୍ପେସ, ୫ ସିଟର କ୍ଷମତା ସହ ଆସୁଛି। ସେହିଭଳି କମ୍ପାନୀ ଏଥିରେ ଇମ୍ପାକ୍ଟ ଡିଜାଇନ ୨.୦ ପ୍ରଦାନ କରିଛି। ଲୁକ୍ସ କ୍ଷେତ୍ରରେ ଏହାକୁ ବେଶ୍ ଆକର୍ଷକ କରାଯାଇଛି।

## ପିଏମ୍-କିଷାନ ସମ୍ମାନ ନିଧି ପୋର୍ଟାଲ ଉନ୍ମୋଚିତ

**୨୬ ପରେ ୱେବ୍‌ସାଇଟ୍‌ରେ ଦେଖିହେବ ନିଜ ନାମ**

**ନୂଆଦିଲ୍ଲୀ,୮-୨**

କେନ୍ଦ୍ର ସରକାର ଚାଷୀଙ୍କୁ ବାର୍ଷିକ ୬ ହଜାର ଆର୍ଥିକ ସହାୟତା ଦେବାକୁ ଅନ୍ତରୀଣ ବଜେଟରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା ଘୋଷଣା କରିଛନ୍ତି। ପ୍ରଥମ କିସ୍ତି ମାର୍ଚ୍ଚ ସୁଦ୍ଧା ମିଳିଯିବ। ଏ ସଂକ୍ରାନ୍ତରେ ଏକ ପୋର୍ଟାଲ ଏଚଟିଟିପି://ପିଏମ୍‌କିଷାନ.ଏନଆଇସି.ଇନର ଶୁଭାରମ୍ଭ କରାଯାଇଛି। ଚାଷୀଙ୍କ ସମ୍ପର୍କରେ ତଥ୍ୟ ଦେବାକୁ ରାଜ୍ୟ ସରକାରଗୁଡ଼ିକୁ କୁହାଯାଇଛି। ନାମ ଦାଖଲ ଲାଗି ଫେବୃୟାରୀ ୨୫ ଶେଷ ଦିନ ଧାର୍ଯ୍ୟ କରାଯାଇଛି। ୨୬ତାରିଖରୁ ଚାଷୀମାନେ ନିଜ ନାମକୁ ପୋର୍ଟାଲରେ





ଯାଞ୍ଚ କରିପାରିବେ। ଫେବୃୟାରୀ ୨୮ରୁ ଆର୍ଥିକ ସହାୟତା ବ୍ୟାଙ୍କ ଆକାଉଣ୍ଟରେ ପଠାଯିବା କାର୍ଯ୍ୟ ଆରମ୍ଭ ହେବ। ମାର୍ଚ୍ଚ ୩୧ ସୁଦ୍ଧା ପ୍ରଥମ କିସ୍ତି ଅର୍ଥ ସହାୟତା ପ୍ରଦାନ ଶେଷ ହେବ। ଏହି ଯୋଜନାକୁ ୨୦୧୮ ଡିସେମ୍ବର ପହିଲାରୁ ଲାଗୁ କରାଯାଇଛି।

## ଓଏଫ୍‌ଏସ୍ ଲାଗି ବଣିକରେ ସ୍ୱତନ୍ତ୍ର କୋଚିଂ

**ଭୁବନେଶ୍ୱର,୮-୨**

VANIK-IAS Exclusive Coaching for UPSC/OPSC/PSC

ଓଡ଼ିଶା ବନ ସେବା (ଓଏଫ୍‌ଏସ୍) କୋଚିଂ ଲାଗି ପ୍ରମୁଖ କୋଚିଂ ପ୍ରତିଷ୍ଠାନ 'ବଣିକ'ରେ ସ୍ୱତନ୍ତ୍ର ଆରମ୍ଭ ହେବ। ଚଳିତ ମାସ ୧୧ରୁ ସକାଳ ଏବଂ ସନ୍ଧ୍ୟାରେ ଏଥି ଲାଗି ନୂଆ ବ୍ୟାଚ୍ ଶୁଭାରମ୍ଭ ହେବ। ସର୍ବଭାରତୀୟ ତଥା ରାଜ୍ୟ ସ୍ତରର ବିଭିନ୍ନ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ଲାଗି ପ୍ରତିଷ୍ଠାନରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଥିବା ବଣିକ ଆଇଏଏସ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବ୍ରତ କୁମାର ଛାଟୋଇ ସୂଚନା ଦେଇଛନ୍ତି। ଶିକ୍ଷାଦାନ ଲାଗି ଶ୍ରେଷ୍ଠ ପ୍ରଶିକ୍ଷକ, ଷ୍ଟଡି ମ୍ୟାଟେରିଆଲ, ପ୍ରଶ୍ନାବଳୀ, ମାସିକ ପତ୍ରିକା ଏବଂ ଭିଡିଓ ଭିଡିଭୂମି ଦିଆଯାଉଥିବା ଛାଟୋଇ କହିଛନ୍ତି। ପ୍ରମୋଦ ପାଢୀଙ୍କ ତତ୍ତ୍ୱାବଧାନରେ ବର୍ତ୍ତମାନ ୫୦ରୁ ଉର୍ଦ୍ଧ୍ୱ ମେଣ୍ଟର ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ଲାଗି ପ୍ରସ୍ତୁତିରେ ସହଯୋଗ କରୁଛନ୍ତି। ୨୦୧୫ ବନସେବା ପରୀକ୍ଷାରେ ପ୍ରତିଷ୍ଠାନର ଛାତ୍ର ପ୍ରଥମସ୍ଥାନ ହାସଲ କରିବା ସହ ମୋଟ ୧୨ ଛାତ୍ରୀଛାତ୍ର ସଫଳ ହୋଇଥିଲେ। ଛାତ୍ରୀଛାତ୍ରଙ୍କୁ ଓଏଫ୍‌ଏସ୍ କୌଶଳ ସମ୍ପର୍କରେ ସଚେତନ କରାଇବା ଲାଗି ଫେବୃୟାରୀ ୯ (ଶନିବାର) ପୂର୍ବାହ୍ନ ୧୧ଟା ସମୟରେ ଏକ ସେମିନାର ଅନୁଷ୍ଠିତ ହେବ ବୋଲି ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି।

## ପିଏନ୍‌ବିର ନେଟ୍ ଲାଭରେ ଉନ୍ନତି

**ଭୁବନେଶ୍ୱର,୮-୨:** ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ୨୪୬.୫୧ କୋଟି ଟଙ୍କା ନେଟ୍ ଲାଭ କରିବାକୁ ସକ୍ଷମ ହୋଇଛି। ଗତ ବର୍ଷ ସମାନ ସମୟରେ ଏହା ୨୩୦ କୋଟି ଟଙ୍କା ରହିଥିଲା। ବ୍ୟାଙ୍କ ନେଟ ସୁଧ ଆୟ କ୍ଷେତ୍ରରେ ୮% ଅଭିବୃଦ୍ଧି ହାସଲ କରିବା ସହ ୪,୨୯୦ କୋଟି ଟଙ୍କା ଲାଭ ହାସଲ କରିଛି। ବ୍ୟାଙ୍କର ମୋଟ ଏନପିଏ ହ୍ରାସ ଘଟି ୭୭,୭୩୩ କୋଟି ଟଙ୍କା ରହିଥିବା ଏହା ସୂଚନା ଦେଇଛି।


**BRAHMAPUR DEVELOPMENT AUTHORITY**

Court road, Courtpeta, Brahmapur, Ganjam, Odisha PIN- 760004,
www.bdabrahmapur.in, e-mail: bda.brahmapur311@gmail.com, Phone No- 0680 2292797

NATIONAL COMPETITIVE BIDDING THROUGH e-PROCUREMENT
Invitation for Bids (IFB) No.36/BeDA(Engg.), Dt.08.02.2019

| Sl. No. | Name of Work | Bid Identification No | Estimated Cost (Rs.) | Class of Contractor | Period of Completion | Availability of Bid Document for Online Bidding From | To | Name & Address of Officer Inviting Bid |
|---|---|---|---|---|---|---|---|---|
| 1. | Development of Park at Gopalpur-on-Sea, Ganjam | EM-BeDA-31/2018-19 | 7318543/- | "B" & "A" | 6 (Six) Calendar Months | 09.02.19 11Hours | 02.03.19 17Hours | Engineer Member, Brahmapur Development Authority, Courtpeta Brahmapur-760004. |
| 2. | Internal Electrification of Chatrapur Market Complex, Chatrapur. | EM-BeDA-32/2018-19 | 5911744/- | LT & HT Electrical Contractor | 6 (Six) Calendar Months | 09.02.19 11Hours | 02.03.19 17Hours | |
| 3. | Design, Construction of Fire exit (M/S Stair Case) at Administrative Building of Brahmapur Development Authority, Brahmapur | EM-BeDA-33/2018-19 | 889300/- | Regd. Firm only | 4 (four) Calendar Months | 09.02.19 11Hours | 25.02.19 17Hours | |

●Corrigendum and addenda shall be published in official website only. ●The Bidder shall have to participate in ONLINE bidding process only. ●Tender shall be opened online on Dt.06.03.2019 at 11 Hour for ID No.EM-BeDA-31/2018-19 & ID No.EM-BeDA-32/2018-19 ●Tender shall be opened online on Dt.26.02.2019 at 11 Hour for ID No.EM-BeDA-33/2018-19.●The intending bidders willing to participate in the tender should get registered themselves in CDMS available at www.cdmsorissa.gov.in. ●Further details can be seen from the e-Procurement portal www.tendersorissa.gov.in and www.bdabrahmapur.in.

Engineer Member

**OFFICE OF THE EXECUTIVE ENGINEER POTTERU IRRIGATION DIVISION, BALIMELA**

No.1243-A

e-mail id : eepid78@gmail.com

**e-procurement Notice No.- EE- PID- BML- 03/2018-19**

1. Type of works :- System Improvements works.
2. Total No. of works :- Fourteen (14) Nos.
3. Estimated Cost :- Varies from 10.67 lakh to 44.03 lakh
4. Period of Completion :- 90 (Ninety) days

| Procurement Officer | Bid Identification No. | Bid Amount in Lakhs Rs. | Availability & Submission of Bids online. |
|---|---|---|---|
| Executive Engineer, Potteru Irrigation Division, Balimela, Malkangiri | EE-PID-BML- 27/2018-19 to EE-PID-BML-40/2018-19 | Varies from 10.67 lakh to 44.03 lakh | From 15.02.2019 10.00 AM. to 25.02.2019 5.00 PM. |

Date of opening of the Tender / Bid :-26.02.2019 at 11.30 AM.
Further details can be seen from the Govt. website www.tendersorissa.gov.in

Sd./- Executive Engineer
Potteru Irrigation Division, Balimela

32052/11/0006/1819

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**

**ODISHA POWER TRANSMISSION CORPORATION LIMITED**

OPTCL Lifeline of Odisha

(A Government of Odisha Undertaking)
Office of the Sr. General Manager (Construction), Zonal - I
Technical Building, 1st Floor, Bhoinagar, Bhubaneswar-751 022
Tel. : 0674 - 2546353, E-mail : sgm.con1.bbs@optcl.co.in, CIN : U40102OR2004SGC007553

No. : Sr. GM (TP&C)/Publication/Gaz/08/(Vol.IV)/314 Dated : 08.02.2019

**NOTIFICATION**

In accordance with Section - 164 of Indian Electricity Act, 2003 and in exercise of the power conferred upon OPTCL vide Department of Energy, Government of Odisha, Order No. : R&R-II-10/2006/2353, dt. 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager (Construction), Zone-I, Odisha Power Transmission Corporation Limited, Technical Building, 1st Floor, Bhoinagar, Bhubaneswar - 751022 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work, on any working day during office hours.

| Sl. No. | Name of the Work & Scope | Name of the Village in which the line will pass | Tentative Estimated Amount(₹) | Name of the Officer to be contacted | Perceived benefit, that may accrue |
|---|---|---|---|---|---|
| 1. | Construction of 220 kV LILO from one circuit from Loc. No. 554, 555, 556 & 557 of existing 220 kV Therubali - Narendrapur DC line to 220/132/33 kV Grid Sub Station, Aska (U/S). | **Tahasil : DIGAPAHANDI** **R.I. Circle : Digapahandi** **Revenue Village :** Bhakta Padmanavapur, Digapahandi, Ankuroda **Tahasil : SANAKHEMUNDI** **R.I. Circle : Patapur** **Revenue village :** Chakrapur, Chudangapur, Sahasapur, Magura Ambatha, Kalasandhapur, Osta Jagannathpur **R.I. Circle : Khilingi** **Revenue Village :** Biswanathpur **R.I. Circle : Kunkarada** **Revenue Village :** Patharapunji **R.I. Circle : Srichandanpur** **Revenue Village :** Ramachandrapur **Tahasil : SERAGADA** **R.I. Circle : Dhabalapur** **Revenue Village :** Andirasingh, Krushna Chhai, Takarada, Sagarapalli, Bhusunda **R.I. Circle : Seragada** **Revenue Village :** Ramakrushnapur, Kirtipur, Seragada **R.I. Circle : Dhinkisala** **Revenue Village :** Padmapur, Badagada, Dasamundali, Kula Gada **Tahasil : DHARAKOTE** **R.I. Circle : Dhaugaon** **Revenue Village :** Sunamahi, Bahadaguda, Dhaugan, Kama Sasan, Pankala Badi. **Tahasil : ASKA** **R.I. Circle : Aska** **Revenue Village :** Tumbathengapalli, Sunamba, Chadia Palli, Aska NAC, Debabhumi, Season 1941-42, Gabanala **R.I. Circle : Gunthapada** **Revenue Village :** Nirala, Balichhai, Risipur **R.I. Circle : Bhetnai** **Revenue Village :** Ataranga, Maharajapur, Sidhanai, Bhetanai | ₹37.21 Crore | D.G.M. (Elec.), EHT (C) Division, Berhampur | This will facilitate the un-interrupted power supply to the villages' covers under the Tahasils of of Digapahandi, Sanakhemundi, Seragada, Dharakote, Aska & overall development of Odisha State in general. |

CHIEF GENERAL MANAGER (CONSTN.), Zone - I

**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ଼**

ରେ: ନଂ: ୫୧/ ଏସ୍.ଏମ୍. ତା ୨୬।୦୬।୧୯୫୬

ବିଜ୍ଞପ୍ତି ସଂଖ୍ୟା: ୭୦୬୪ ତାରିଖ: ୦୭।୦୨।୨୦୧୯

**ବାର୍ଷିକ ସାଧାରଣ ସଭା ବିଜ୍ଞପ୍ତି**

ଏତଦ୍ୱାରା ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୫୦ତମ ବାର୍ଷିକ ସାଧାରଣ ସଭା ଆସନ୍ତା **ତା ୨୭।୦୨।୨୦୧୯ (ବୁଧବାର)** ପୂର୍ବାହ୍ନ **୧୧.୦୦** ଘଟିକା ସମୟରେ ବରଗଡ଼ ବାନ୍ଧୁଟିକ୍ରା ଛକ ନିକଟସ୍ଥ **"ସ୍ୱୟଂସିଦ୍ଧା ଭବନ"** ଠାରେ ଅନୁଷ୍ଠିତ ହେବ।

ଉକ୍ତ ସାଧାରଣ ସଭାରେ ସମିତିର କ୍ଷମତାପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଅନୁରୋଧ।

ବି.ଦ୍ର: ସାଧାରଣ ସଭାରେ ଯୋଗଦାନ କରିବା ପାଇଁ ସମିତିର କ୍ଷମତାପ୍ରାପ୍ତ ପ୍ରତିନିଧି ସମିତି ନିର୍ଦ୍ଧାରଣର ଅବିକଳ ନକଲ ସଙ୍ଗରେ ଆଣିବାକୁ ଅନୁରୋଧ।

**କାର୍ଯ୍ୟସୂଚୀ**

୧. ପୂର୍ବ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢ଼ୀକରଣ।
୨. ବ୍ୟାଙ୍କର ୨୦୧୭-୧୮ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ।
୩. ବ୍ୟାଙ୍କର ୨୦୧୭-୧୮ ବର୍ଷର ଅଡିଟ ରିପୋର୍ଟ ପଠନ ଓ ଗ୍ରହଣ।
୪. ୨୦୧୯-୨୦ ବର୍ଷର ବଜେଟ୍ ଅଟକଳ ଅନୁମୋଦନ।
୫. ୨୦୧୭-୧୮ ବର୍ଷର ଲାଭାଂଶ ବଣ୍ଟନ ସଂକ୍ରାନ୍ତରେ ନିଷ୍ପତ୍ତି ଗ୍ରହଣ।
୬. ଅନ୍ୟାନ୍ୟ ବିଷୟ (ସଭାପତିଙ୍କ ଅନୁମତି କ୍ରମେ)।

**ପରିଚାଳନା ପରିଷଦଙ୍କ ଅନୁମୋଦନ କ୍ରମେ**
**ସ୍ୱା./- ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ**

**"e" PROCUREMENT NOTICE**

Tender Reference No_BNJNAC_5/2018-19, Tender Call Notice No_200/2019 Dt. 04.02.19, Tender ID_2019_ORULB_46575

Bid documents consisting of the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in.** **1.** Name of the work: Civil works as mentioned in website. **2.** No. of Works: 14 Nos. **3.** Bid value: Rs. 2.11 Lakhs to 8.00 Lakhs. **4.** Period of completion: 90 days to 180 days. **5.** Date and time of availability of the bid documents in the portal: 07.02.2019 at 10.00 AM to 5.00 PM of dt. 16.02.2019. **6.** Last date of Time for receipt of bids in the portal: 16.02.2019 upto 5.00 PM. **7.** Bids received on line shall be opened on 20.02.2019 at 11.00 AM. **8.** Name and Address of the officer inviting Bid: Executive Officer, N.A.C., Bhanjanagar.

Further details can be seen from the procurement portal: **www.tendersorissa.gov.in.**

Sd./- Executive Officer, N.A.C., Bhanjanagar

**ODISHA POWER TRANSMISSION CORPORATION LIMITED**
**(A Government of Odisha Undertaking)**
**OFFICE OF THE DEPUTY GENERAL MANAGER (ELECT.)**
**E.H.T. (O & M) DIVISION, JAJPUR ROAD**
P.O.-SOBRA DIST:- JAJPUR PIN:- 755019 (ODISHA)
PHONE / FAX NO:- 06726-220218 E-mail:- ehtm.div.jjp@optcl.co.in
CIN:- U40102OR2004SGC007553

OPTCL Lifeline of Orissa

**TENDER CALL NOTICE NO.-03 /18-19**

Sealed tenders are invited by the undersigned from registered order suppliers / Manufacturers/ their authorised dealers for "supply of G.I. NUT & BOLTS, WASHERS and STEP BOLTS for diversion work in 132KV TTPS- Duburi DC line for proposed ANGUL SUKINDA Railways line". Cost of tender paper is Rs.2,240/-, EMD @ 1% of the tendered value. sale of tender documents is from Dt.11.02.2019 to Dt.16.02.2019 (during office hours). Last date of submission of tender is Dt.18.02.2019 up to 01:00 PM. Date of openinng of tender is Dt.18.02.2019 at 3:00 PM. For details visit our website **www.optcl.co.in.**

Corrigendum if any will be published in the website only.

*Sd./- Dy. General Manager*
*(Elect) EHT (O & M) Division, Jajpur Road*



"ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜରେ ପରାଜୟକୁ ନେଇ ଆମେ ଦୁଃଖିତ ନୋହୁଁ। ଆମେ ଏହି ଦଳକୁ କଡ଼ା ଚ୍ୟାଲେଞ୍ଜ ଦେବା ସହ ଅନେକ କିଛି ଶିକ୍ଷାଲାଭ କରିଛୁ।
– ହରମନପ୍ରୀତ କୌର, ଭାରତୀୟ ମହିଳା ଦଳ ଅଧିନାୟିକା



"ଆସନ୍ତା ବିଶ୍ୱକପ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କ ଉପସ୍ଥିତି ନିହାତି ଜରୁରୀ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବେଳେ ତାଙ୍କ ପରାମର୍ଶ ବିରାଟ କୋହଲିଙ୍କ ପାଇଁ ଅପରିହାର୍ଯ୍ୟ।
– ଯୁବରାଜ ସିଂ, ଭେଟେରାନ ଭାରତୀୟ କ୍ରିକେଟର

## ସଂକ୍ଷେପରେ

### ଜୁଲାନିୟା ନୂଆ କ୍ରୀଡ଼ା ସଚିବ



ନୂଆଦିଲ୍ଲୀ, ୮।୨(ପି.ଟି.): ରାହୁଲ ଭଟନାଗରଙ୍କ ସ୍ଥାନରେ ମଧ୍ୟପ୍ରଦେଶ କ୍ୟାଡର ଆଇଏଏସ୍ ଅଫିସର ରାଧେଶ୍ୟାମ ଜୁଲାନିୟା ନୂଆ କେନ୍ଦ୍ର କ୍ରୀଡ଼ା ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବେ। ୧୯୮୫ ବ୍ୟାଚ୍‌ର ଏହି ଅଫିସର ଏପର୍ଯ୍ୟନ୍ତ ହୋମ୍ କ୍ୟାଡରରେ କାର୍ଯ୍ୟ କରିଆସୁଥିଲେ। କ୍ରୀଡ଼ା ମନ୍ତ୍ରଣାଳୟ ଇତିମଧ୍ୟରେ ଉତ୍ତର ପ୍ରଦେଶର ୧୯୮୩ ବ୍ୟାଚ୍ ଅଫିସର ଭଟନାଗରଙ୍କୁ ରିଲିଜ୍ କରିସାରିଛି। ସେ ପଞ୍ଚାୟତିରାଜ ମନ୍ତ୍ରଣାଳୟରେ ଯୋଗଦେବେ। ଭଟନାଗର କହିଛନ୍ତି ଯେ, କ୍ରୀଡ଼ା ମନ୍ତ୍ରଣାଳୟରେ ଦେଢ଼ବର୍ଷ କାର୍ଯ୍ୟକାଳ ମଧ୍ୟରେ ଆମେ ଅନେକ ମାଇଲଖୁଣ୍ଟ ହାସଲ କରିପାରିଛୁ। ଏହାଛଡ଼ା ବହୁ ନୂଆ ପ୍ରୋଜେକ୍ଟ ମଧ ଆରମ୍ଭ କରାଯାଇପାରିଛି। ଭଟନାଗର ଆହୁରି ମଧ ପୂର୍ବରୁ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ମହାନିର୍ଦ୍ଦେଶକ ଏବଂ ନ୍ୟାଶନାଲ ଆଣ୍ଟି-ଡୋପିଙ୍ଗ୍ ଏଜେନ୍ସି (ନାଡା)ରେ କାର୍ଯ୍ୟ କରିସାରିଛନ୍ତି।

### କଳିଙ୍ଗ, ରୟାଲ ବିଜୟୀ

ଭୁବନେଶ୍ୱର, ୮।୨(ସ୍ପୋର୍ଟ୍ସ ବ୍ୟୁରୋ): ସୋଆ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଚାଲିଥିବା କର୍ପୋରେଟ ପ୍ରିମୟର ଲିଗ୍‌ରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ଗୁଡିକରେ କଳିଙ୍ଗ ପାନ୍ଥର୍ସ ଓ ରୟାଲ ରେଞ୍ଜର୍ସ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ କଳିଙ୍ଗ ପ୍ରତିପକ୍ଷ ବ୍ଲୁଟେକ ସ୍ମାସର୍ସଙ୍କୁ ହରାଇଛି। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ରୟାଲ ରେଞ୍ଜର୍ସ ପ୍ରତିପକ୍ଷ ସର୍ଜିକାଲ ଷ୍ଟ୍ରାଇକର୍ସ ହରାଇଛି। ଏହି ବିଜୟ ସହ କଳିଙ୍ଗ ୧ ନମ୍ବର ଦଳର ମାନ୍ୟତା ପାଇଛି। ପରାଜୟ ସହ ବ୍ଲୁଟେକ ଓ ସର୍ଜିକାଲ ଟୁର୍ନାମେଣ୍ଟରୁ ବାଦ୍ ପଡିଛନ୍ତି। କଳିଙ୍ଗ, କ୍ଲାଉଡ ଏକାଦଶ, ରୟାଲ ଓ ଆରକେଡି ଶ୍ରେଷ୍ଠ ୪ ଦଳ ବିବେଚିତ ହୋଇଛନ୍ତି। ଶନିବାର ଫାଇନାଲ ମ୍ୟାଚ୍ ପାଇଁ ଦଳଗୁଡି ମୁକାବିଲାରେ ଅବତୀର୍ଣ୍ଣ ହେବେ।

# ଭାରତର ସହଜ ବିଜୟ



ଉଇକେଟ ହାସଲ ପରେ କ୍ରୁନାଲ ପାଣ୍ଡ୍ୟାଙ୍କ ପ୍ରତିକ୍ରିୟା।

ଅକ୍‌ଲାଣ୍ଡ,୮।୨(ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ଭ୍ରମଣକାରୀ ଭାରତ ସହଜରେ ବିଜୟ ହାସଲ କରିଛି। କ୍ରୁନାଲ ପାଣ୍ଡ୍ୟାଙ୍କ ପ୍ରଭାବୀ ସ୍ପିନ୍, ରୋହିତଙ୍କ ବିସ୍ଫୋରକ ବ୍ୟାଟିଂ ଓ ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ଉପଯୋଗୀ ପ୍ରଦର୍ଶନ ବଳରେ ଭାରତ ୭ଟି ବଲ୍ ବାକି ରଖି ୭ ଉଇକେଟରେ ବିଜୟୀ ହୋଇଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧-୧ ସମାନ ସ୍ତରରେ ପହଞ୍ଚିଛି। ସ୍ଥାନୀୟ ଇଡେନ୍ ପାର୍କ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୫୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଭାରତ ରୋହିତ ଓ ପନ୍ତଙ୍କ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ ବଳରେ ୧୮.୫ ଓଭରରେ ୩ ଉଇକେଟ ହରାଇ ୧୬୨ ରନ୍ କରି ବିଜୟୀ ହୋଇଥିଲା। ୪ ଓଭର ବୋଲିଂ କରି ୨୮ ରନ୍ ଦେଇ ନ୍ୟୁଜିଲାଣ୍ଡ ଟପ୍ ଅର୍ଡରର ବିପର୍ଯ୍ୟୟ ଘଟାଇଥିବା ଭାରତୀୟ ଅଲ୍‌ରାଉଣ୍ଡର କ୍ରୁନାଲ ପାଣ୍ଡ୍ୟା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ରବିବାର ହାମିଲଟନ୍‌ରେ ତୃତୀୟ ଟି୨୦ ମ୍ୟାଚ୍ ଖେଳାଯିବ।

୧୫୯ ରନ୍ ଚ୍ୟାଲେଞ୍ଜିଂ ଟାର୍ଗେଟ୍‌ର ପିଛା କରି ଭାରତ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲା। ପ୍ରଥମ ଉଇକେଟ ଯୋଡ଼ିରେ ଦୁଇ ଓପନର ରୋହିତ ଶର୍ମା ଓ ଶିଖର ଧାୱନ ୫୬ଟି ବଲରୁ ୭୯ ରନ୍ ସଂଗ୍ରହ କରିଥିଲେ। ରୋହିତ ୨୯ଟି ବଲ୍ ଖେଳି ୩ ଚୌକା ଓ ୪ ବିଶାଳ ଛକା ସହ ୫୦ ରନ୍‌ର ଅର୍ଦ୍ଧଶତକୀୟ ପାଳି ଖେଳି ସ୍ପିନ୍ ଇଶ୍ ସୋଧୀଙ୍କ ବଲ୍‌କୁ ପୁଲ କରିବାକୁ ଯାଇ ବିଫଳ ହୋଇଥିଲେ ଓ ମିଡ୍ ଉଇକେଟରେ ଟିମ୍ ସଉଦି ହାତରେ ଧରାପଡିଥିଲେ। ଏହାପରେ ଧାୱନ ୩୧ ବଲ୍‌ରୁ ୩୦ ରନ୍ କରି ଲୋକି ଫର୍ଗୁଶନଙ୍କ ଏକ ଅଫ୍ ଷ୍ଟମ୍ପ ବାହାରର ୱାଇଡ୍ ଓ ବାଉନ୍ସର ବଲ୍‌କୁ ପୁଲ୍ କରିବାକୁ ଯାଇ ପଏଣ୍ଟରେ କଲିନ୍ ଡି ଗ୍ରାଣ୍ଡହୋମଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ଅଲ୍‌ରାଉଣ୍ଡର ବିଜୟ ଶଙ୍କର ୮ଟି ବଲ୍ ଖେଳି ଗୋଟିଏ ଚୌକା ଓ ଗୋଟିଏ ଛକା ସହାୟତାରେ ୧୪ ରନ୍ କରିଥିବାବେଳେ ଡାରେଲ ମିଚେଲଙ୍କ ବଲ୍‌କୁ ପୁଲ କରିଥିଲେ। ତେବେ ସେ ମିଡ୍ ଉଇକେଟରେ ସଉଦିଙ୍କୁ କ୍ୟାଚ୍ ଦେଇଥିଲେ। ଏହାପରେ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଓ ରିଷଭ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଚତୁର୍ଥ ଉଇକେଟ ଯୋଡ଼ିରେ ୩୧ଟି ବଲରୁ ଅପରାଜିତ ୪୪ ରନ୍ କରି ଦଳକୁ ଜିତାଇଥିଲେ। ଧୋନୀ ୧୭ ବଲ୍‌ରୁ ୧ ଚୌକା ସହ ୨୦ ଓ ପନ୍ତ ୨୮ଟି ବଲ୍‌ର ସମ୍ମୁଖୀନ ହୋଇ ୪ ଚୌକା ଓ ୧ ଛକା ସହ ଦ୍ରୁତ ୪୦ ରନ୍ କରି ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ଫର୍ଗୁଶନ, ସୋଧୀ ଓ ଡାରେଲ ମିଚେଲ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ କିନ୍ତୁ ପ୍ରଥମ ଟି୨୦ ଭଳି ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲା। ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ କଲିନ୍ ଡି ଗ୍ରାଣ୍ଡହୋମ ୫୦ ରନ୍ (୨୮ବଲ, ୧ ଚୌକା, ୪ ଛକା)ର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ଅଭିଜ୍ଞ ଟେଲର ୪୨ ରନ୍ ସଂଗ୍ରହ କରିଥିଲେ। ଅନ୍ୟମାନେ ବିଫଳ ହୋଇଥିଲେ। ପ୍ରଥମ ମ୍ୟାଚ୍‌ରେ ବିସ୍ଫୋରକ ବ୍ୟାଟିଂ କରି ଦଳକୁ ଜିତାଇଥିବା ଓପନର ଟିମ୍ ସିଫର୍ଟ ମାତ୍ର ୧୨ ରନ୍ କରି ପ୍ରଥମେ ଭୁବନେଶ୍ୱର କୁମାରଙ୍କ ଦ୍ୱାରା ଆଉଟ ହୋଇଥିଲେ। କଲିନ୍ ମୁନ୍‌ରୋ ମଧ ୧୨, ଡାରେଲ ମିଚେଲ ୧ ଓ ଅଧିନାୟକ କେନ୍ ୱିଲିୟମସନ ୨୦ ରନ୍ କରି କ୍ରୁନାଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ଟେଲର ଦୁର୍ଭାଗ୍ୟଜନକ ଭାବେ ଶଙ୍କର ଦ୍ୱାରା ରନ୍ ଆଉଟ ହୋଇଥିଲେ। ଗ୍ରାଣ୍ଡହୋମ୍ ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କ ବଲ୍‌ରେ ରୋହିତଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ମିଚେଲ ସାଣ୍ଟନର ୭ ଓ ସଉଦି ୩ ରନ୍ କରି ଖଲିଲ ଅହମ୍ମଦଙ୍କ ଶିକାର ହୋଇଥିଲେ। ସ୍କଟ୍ କୁଗ୍‌ଲେଜିନ୍ ୨ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପକ୍ଷରୁ କ୍ରୁନାଲ ସର୍ବାଧିକ ୩, ଖଲିଲ ୨, ଭୁବନେଶ୍ୱର ଓ ହାର୍ଦ୍ଦିକ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୫୮/୮ (ଗ୍ରାଣ୍ଡହୋମ- ୫୦, ଟେଲର- ୪୨, ୱିଲିୟମସନ- ୨୦, କ୍ରୁନାଲ- ୩/୨୮, ଖଲିଲ- ୨/୨୭, ଭୁବନେଶ୍ୱର- ୧/୨୯, ହାର୍ଦ୍ଦିକ- ୧/୩୬)।

ଭାରତ ୧୮.୫ ଓଭରରେ ୧୬୨/୩ (ରୋହିତ- ୫୦, ପନ୍ତ- ୪୦*, ଧୋନୀ- ୨୦*, ଧାୱନ- ୩୦, ଶଙ୍କର- ୧୪, ଫର୍ଗୁଶନ- ୧/୩୧, ସୋଧୀ- ୧/ ୩୧, ଡାରେଲ- ୧/୧୫)।

## ସିରିଜ୍ ହାରିଲା ମହିଳା ଭାରତୀୟ ଦଳ

ଅକ୍‌ଲାଣ୍ଡ,୮।୨(ପିଟି)

ମଧ୍ୟକ୍ରମର ବ୍ୟାଟ୍ସମ୍ୟାନଙ୍କ କ୍ରମାଗତ ବିଫଳତା ଯୋଗୁ ଭାରତୀୟ ମହିଳା ଦଳକୁ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜ୍‌କୁ ହାତ ଛିଡ଼ା କରିବାକୁ ପଡ଼ିଛି। ଏଠାରେ ଶୁକ୍ରବାର ଖେଳାଯାଇଥିବା କଡ଼ା ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ମ୍ୟାଚ୍‌ରେ ଘରୋଇ ଦଳ ୪ ଉଇକେଟରେ ଭାରତକୁ ହରାଇ ଦେଇଛି। ଏଥିସହ ନ୍ୟୁଜିଲାଣ୍ଡ ଦଳ ୨-୦ ବ୍ୟବଧାନରେ ଆଗୁଆ ସିରିଜ୍ ଜିତିନେଇଛି। ସିରିଜ୍‌ର ଅନ୍ତିମ ମ୍ୟାଚ୍ ୧୦ ତାରିଖରେ ଅନୁଷ୍ଠିତ ହେବ। ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଭାରତ ପୂର୍ବ ମ୍ୟାଚ୍ ଭଳି ଓପନର ପ୍ରିୟା ପୁନିଆ(୪)ଙ୍କ ଉଇକେଟ ଶୀଘ୍ର ହରାଇଥିଲା। ଏହାପରେ ଚମତ୍କାର ଫର୍ମରେ ଥିବା ସ୍ମୃତି ମନ୍ଧାନା ଓ ଜେମିମା ରୋଡ୍ରିଗୁଏଜ ୨ୟ ଉଇକେଟ ପାଇଁ ୬୩ ରନ୍ ଯୋଡ଼ିଥିଲେ। ମନ୍ଧାନା ୩୬ ରନ୍ କରି ଆଉଟ୍ ହେବା ପରେ ରୋଡ୍ରିଗୁଏଜଙ୍କୁ ଦଳର କୌଣସି ବ୍ୟାଟ୍ସଓମ୍ୟାନ ଉପଯୁକ୍ତ ସହାୟତା ଦେଇପାରି ନ ଥିଲେ। ଫଳରେ ଭାରତ ଧାର୍ଯ୍ୟ ୨୦ ଓଭରରେ ୬ ଉଇକେଟ ହରାଇ ୧୩୫ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପାଇଁ ରୋଡ୍ରିଗୁଏଜ ସର୍ବାଧିକ ୭୨ ରନ୍ କରିଥିଲେ। ଘରୋଇ ଦଳ ପକ୍ଷରୁ ରୋଜମେରୀ ମେର ୨ ଉଇକେଟ ନେଇଥିଲେ। ଜବାବରେ ସୁଜି ବାଟେଙ୍କ ଧୈର୍ଯ୍ୟପୂର୍ଣ୍ଣ ୬୨ ରନ୍ ସତ୍ତ୍ୱେ ନ୍ୟୁଜିଲାଣ୍ଡ ଟିମ୍‌କୁ ମ୍ୟାଚ୍ ଜିତିବା ପାଇଁ ଅନ୍ତିମ ବଲ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା। ବାଟେଙ୍କ ବ୍ୟତୀତ ସୋଫି ଡେଭିନ (୧୯) ଓ ଅଧିନାୟିକା ଆମି ସାଟରଥୱେଟ (୨୩) ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଭାରତୀୟ ଦଳ ଲାଗି ଅରୁନ୍ଧତୀ ରେଡ୍ଡୀ ଓ ରାଧା ଯାଦବ ୨ ଉଇକେଟ ଲେଖାଏ ହାସଲ କରିଥିଲେ।

## ବ୍ରାଜିଲ ଫୁଟ୍‌ବଲ ଟ୍ରେନିଂ ଫାସିଲିଟିରେ ନିଆଁ ଲାଗି ୧୦ ମୃତ

ରିଓ ଡି ଜେନିରୋ,୮।୨(ପି.ଟି.)

ବ୍ରାଜିଲର ସବୁଠାରୁ ଲୋକପ୍ରିୟ ଫୁଟ୍‌ବଲ କ୍ଲବ ଫ୍ଲାମେଙ୍ଗୋର ଏକ ଟ୍ରେନିଂ ଫାସିଲିଟିରେ ଶୁକ୍ରବାର ନିଆଁ ଲାଗି ୧୦ ଜଣ ଲୋକ ପ୍ରାଣ ହରାଇଛନ୍ତି। ରିଓ ଡି ଜେନିରୋର ଏକ ବିଲ୍ଡିଂରେ ୧୪ରୁ ୧୭ ବର୍ଷ ମଧ୍ୟରେ କେତେକ ଯୁବ ଫୁଟ୍‌ବଲର ରହୁଥିଲେ। ନିଆଁ ଲାଗିବାରୁ ଏହି ଦୁର୍ଭାଗ୍ୟଜନକ ଘଟଣା ଘଟିଛି ବୋଲି ଏକ ରିପୋର୍ଟରୁ ଜଣାଯାଇଛି। ଏହି ଘଟଣାରେ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ତେବେ ନିଆଁ ଲାଗିବାର କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ। ଦୁଇ ଘଣ୍ଟା ଜଳିବା ପରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା। ଭୋର୍ ୫ଟାରେ ନିଆଁ ଲାଗିଥିଲା। ରିଓର ଭାରଜେମ ଗ୍ରାଣ୍ଡ ଜିଲାସ୍ଥିତ ଏକ ଆଧୁନିକ ଫୁଟ୍‌ବଲ ଫାସିଲିଟିରେ କେତେକ ପ୍ରତିଭାସମ୍ପନ୍ନ ଯୁବ ଫୁଟ୍‌ବଲର ରହୁଥିଲେ ଓ ଟ୍ରେନିଂ ନେଉଥିଲେ। ମୃତକଙ୍କ ମଧ୍ୟରେ ୬ ଖେଳାଳି ଓ ୪ଜଣ ଟିମ୍ ଷ୍ଟାଫ୍ ଥିବା ଜଣାପଡ଼ିଛି।


**ODISHA LIFT IRRIGATION CORPORATION LIMITED**
( A Government of Odisha Undertaking)
OFFICE OF THE EXECUTIVE ENGINEER, L.I. DIVISION, BHUBANESWAR
e-Mail: eeolicdivn.bbsr@ymail.com Tel. 0674-2391847

**e-Procurement Notice**
Bid Identification No. 845 / 2018-19 Dt. 02.02.2019

No. CAD-1385: The Executive Engineer, Lift Irrigation Division, Bhubaneswar on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites Percentage Rate bids in online mode for installation of Medium Deep Tube Wells including supply of materials in complete shape from reputed Contractors/Firms with valid license within the State issued by P.W.D./R.W.S.S./P.H.E.D./Irrigation/M.I. Dept. having their Mud Rotary/ Combination Rig and in the profession of Ground Water Exploration , Drilling and Installation of Medium Deep Tube Wells ( Approximate up to 100 Mtr Depth) . The proof of registration & experience from the appropriate authority shall be enclosed along with the Bid.

**Details of Works :-**

| PKg No. | Name of the Dist. | Name of Work | Estimated Cost (in Rs.) | EMD to be deposited (in Rs.) | Cost of tender paper (in Rs.) | Class of Contractor | Completion Period |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Khordha/ Puri | Drilling and installation of 10 Nos of 200 mm dia Medium Deep Tube Well at different locations | 1905643 | 19056 | 6000 | Civil D & C | 90 days |

1. Date & time of publishing:- 8.02.2019 at 10.00 A.M.
2. Date of seeking clarification:- 08.02.2019 to 15.02.2019 (10 AM to 5 PM)
3. Closing date and time :- 18.02.2019 at 5.00 P.M.
4. Opening date & time:- 19.02.2019 at 04.00P.M.

The details of tender are available in the Government tender web site i.e. www.tendersorissa.gov.in. and other related documents are available in the DTCN for bidding. Any Addendum/ corrigendum/ Cancellation of tender will be available in the said website

32155/11/0036/1819 Executive Engineer, L.I. Division, Bhubaneswar

**OFFICE OF THE SUPERINTENDING ENGINEER (AGRIL.), CENTRAL ZONE, BHUBANESWAR, ODISHA**
Phone No. - (0674) - 2571075, Fax No. - (0674) - 2571075,
E-mail ID - secz.dag@gov.in

**Govt. of Odisha "e" procurement Notice**
Bid Identification No. : S.E. (A), C/Z - 05/2018-19

No.155-L: The Superintending Engineer (Agril.), Central Zone, Satya Nagar, Bhubaneswar, Odisha on behalf of Governor of Odisha, invites percentage rate bids in single cover system in ONLINE MODE only, for "Purchase of Blinds " as detailed below.

Name of the Item: - Purchase of Blinds .

1. Estimated cost (Approx.) : Rs. 20,00,000.00 (Excluding G.S.T)
2. Bid Cost: Rs. 6720.00 Mentioned in Column - 05
3. Period of completion : 30 Days Mentioned against Column - 08
4. No. of works (Tender): 1 no.
5. Class of Bidder : Manufacturer / Authorized Dealer/ Authorized Supplier in Column - 07.
6. Date & Time of availability of bid document in the portal: 11.02.2019 at 10.00 A.M. To 25.02.2019 up to 5.00 P.M.
7. Last date / Time for receipt of bids in the portal: 25.02.2019 at 5.00 PM
8. Date of submission of documents : 12.02.2019 at 11.00 A.M. To 26.02.2019 up to 4.00 P.M (working days only)
9. Date & time of opening of online bids : 27.02.2019 at 11.00 AM & onwards
10. Name and address of the officer inviting Bid : Superintending Engineer (Agril.), Central Zone, Satya Nagar, Bhubaneswar, Odisha

Further details can be seen from the e-procurement portal http:// tendersodisha.gov.in

A. All the volumes / documents shall be uploaded in the portal by the Procurement Officer Administrator and published by Procurement Officer Publisher (Officer Inviting tender)
B. The Tender documents published by the Tender inviting Officer (Procurement Officer Publisher) in the website "http://tendersodisha.gov.in" will appear in the Latest.
C. The Bidders have to participate in ONLINE bidding only. Further details can be seen from the website "http://tendersodisha.gov.in". Any addendum / corrigendum / cancellation of tender can also be seen in the said website.

Sd /- P.K. Mohapatra
Superintending Engineer (Agril.)
01032/11/0015/1819 Central Zone, Bhubaneswar

**OFFICE OF THE PRINCIPAL : UTKAL SANGEET MAHAVIDYALAYA, BHUBANESWAR**
No. 210/USM Dated : 07.02.2019

**CORRIGENDUM**

No. 46-RR: The following correction in inviting Advertisement No. 186/USM, Dated : 05.02.2018 made as follows : "Qualification for Assistant Guest Lecturer in Odissi Pakhwaj for Odissi Vocal Department at Sl. No. 01 is Degree in Odissi Pakhwaj instead of Degree in Odissi Vocal and the empanelment of Assistant Guest Lecturer is for academic session 2018-19 instead of 2019-20".

03011/11/0008/1819 Sd./- Principal

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**GANJAM [R&B] DIVISION NO.I BERHAMPUR**
No. 1238-B
Phone/Fax : (0680) 2233683,
e-mail : eernb1_bam@yahoo.com

**"e" Procurement Notice**
Bid Identification No. EE R&B Divn.No.I Bam. 94 /2018-19
Lr.No. 1112 dtd. 06.02.2019

| | | |
|---|---|---|
| Name of work | : | Building work. |
| No.of works | : | 1 (One) No. |
| Estimated Cost | : | Approximately Rs.36.65 lakh |
| Period of completion. | : | Three Calender months. |
| Date and time of Availability of bid document in the portal. | : | From 10.00 hours of 13.02.2019 to 16.00 hours of 22.02.2019 |
| Last date / time for receipt of bids in the portal | : | Upto 16.00 hours of 22.02.2019. |
| Name & address of the Officer Inviting Bid | : | Executive Engineer, Ganjam (R&B) Division No.I, Berhampur. |

Further details can be seen from the e-Procurement portal https://tendersodisha.gov.in

Sd/- Executive Engineer
34109/11/0033/1819 Ganjam(R&B)Division No.I, Berhampur

**GOVERNMENT OF ODISHA**
**EXECUTIVE ENGINEER, BOUDH (R&B) DIVISION, BOUDH**
No. 1235-B
E-mail - eeboudhrb@gmail.com
**INVITATION FOR BIDS (IFB)**
**"e" procurement Notice**
Letter No. 323 dtd. 06.02.2019
Bid Identification No. EE( R and B )-BDH 21/2018-19

| | | | |
|---|---|---|---|
| 1 | Name of the work | : | 01 (One) Nos of External Electrification work (Single cover) |
| 2 | Estimated Cost | | Rs.8.00 lakhs |
| 3 | Period of Completion | | 1 (One) Calendar month. |
| 4 | Date & Time of availability of Bid documents in the portal | | From 12.02.2019, 10.00 AM to 21.02.2019, 5.00 PM |
| 5 | Last date/time for seeking of Tender Clarification | | 20.02.2019 up to 5.00 P.M |
| 6 | Last date / time for receipt of bids in the portal | | up to 5.00 P.M. of dated 21.02.2019, |
| 7 | Date & time of opening of tender /Bid | | 22.02.2019 at 11.30 A.M |
| 8 | Name and address of the O.I.T. | | Executive Engineer, Boudh (R&B) Division. |

Further details corrigendum (s) can be seen from the website http://tendersorissa.gov.in

Sd/- Executive Engineer,
34134/11/0033/1819 Boudh (R&B) Division, Boudh

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, RAYAGADA**
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION**
E-mail: dpmunrhmrayagada@gmail.com, Phone: 06856-235357
No.: 1028/NHM/2019 Date: 6.2.18

**TENDER CALL NOTICE**

No.: 864-E: Sealed tenders are invited from the reigstered contractors (D & C Class) of P.W.D./Water Resources/R.D./PHD Govt. of Orissa/C.P.W.D. Contractors for the following works to be eventually drawn up in P.W.D. P1 forms in conformity with the Detailed Tender Call Notice.

| Sl. No. | Name of the Work | Approximate Estimated Cost (Rs.) | Cost of Tender Paper (Non-refundable) (In Rs.) | E.M.D. Required @ 1% (In Rs.) | Time for Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | New Construction of Operation Theatre at AH-Ambadola | 20,56,669.00 | 6000.00 | 20600.00 | Six Calendar Months |

The tender document can be obtained from O/o. CDM & PHO, Rayagada on payment of the cost of the tender paper (Non-refundable) in shape of DD drawn in favour of CDM & PHO, Rayagada payabale at any Nationalized Bank at Rayagada during office horus (10 A.M. to 5 P.M.) from 6.2.2019 to 18.02.2019 on working day only. The tender paper duly signed by the contractor should be accompanied with the attested copies of valid contract licnese, GST Clearance Certificate, PAN Card and requistie EMD or N.S.C./P.O.T.D./ Kissan Vikash Patra/P.O.S.B. Account/TDR or any Nationalized Bank duly pledge in favour of Chief District Medical & Public Health Officer, Rayagada. The tender paper without required amount of E.M.D. will not be considered and transfer or adjustment of E.M.D. is also not permissible. The bid document will be selling and recieved from Dt.6.02.2019 to 18.02.2019 till 05.00 P.M. at Office of Chief District Medical & Public Health Office, Rayagada through Regd. Post/Speed Post/Courier or the same can be dropped in the tender box at O/o. CDM & PHO, Rayagada. The envelope containing the bid documents must be super scribed as "BID FOR THE CIVIL WORK UNDER NHM FOR CONSTRUCTION OF OPERATION THEATRE AT AH-AMBADOLA, MUNIGUDA, RAYAGADA". The tender will be opened on Dt.19.02.2019 at 05.00 P.M. at the Office Chamber of CDM & PHO cum District Mission Director, Rayagada in presence of the tenderers or their authorised representatives. The tenderer are required to furnish an affidavit about the authenticity of the tender documents along with the tender paper. The tender without the above documents and EMD will be rejected. The decision of the tender committee is final and binding. The successful tenderers are required to execute an agreement in P1 format and submit the work programme on receipt of the work order. The authority reserves the right to reject any or all tenders without assigning any reason thereof.

Sd./- Dr. Siba Prasad Padhi
Chief District Medical & Public Health Officer
10035/11/0031/1819 cum District Mission Director, Rayagada

**ପୂର୍ତ୍ତ ବିଭାଗ ଓଡ଼ିଶା ସରକାର**
**ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ (ରାସ୍ତା ଓ କୋଠାବାଡି) ବିଭାଜନ, ଅନୁଗୋଳ**
**ବିଜ୍ଞପ୍ତି**

ନଂ. 1372 ଅନୁଗୋଳ ତା. ୨୪ ଫେବୃୟାରୀ, ୨୦୧୯

No.–1233–B ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗମନାଗମନର ବିକାଶପାଇଁ ଏବଂ ଅନୁଗୋଳ ଜିଲାବାସୀଙ୍କ ବୃହତ୍ତମ ସ୍ୱାର୍ଥ ଦୃଷ୍ଟିରୁ ଜିଲାର ଅନୁଗୋଳ କଳମାଛୁଇଁ ରାସ୍ତାର ପ୍ରଶସ୍ତୀକରଣ କରିବା ପାଇଁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଉପରୋକ୍ତ ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ଛେଣ୍ଡିପଦା ତହସିଲ ଅନ୍ତର୍ଗତ ୨(ଦୁଇ) ଗୋଟି ମୌଜା, ଯଥାକ୍ରମେ ନତଡାର ୦.୪୪୦ଏକର ଏବଂ ଆୟପାଳର ୦.୭୪୫ ଏକର ଜମିର ଆବଶ୍ୟକତା ରହିଛି। ଉକ୍ତ ୦.୪୪୦ ଏକର ଓ ୦.୭୪୫ ଏକର ବେସରକାରୀ ଜମିର ସବିଶେଷ ବିବରଣୀ ଯାହାକି ସବ୍ ରେଜିଷ୍ଟ୍ରାର, ଛେଣ୍ଡିପଦାଠାରୁ ପ୍ରାପ୍ତ ହୋଇଛି, ତାହା ନିମ୍ନରେ ପ୍ରଦତ୍ତ କରାଗଲା। ଉକ୍ତ ବେସରକାରୀ ଜମିକୁ ରାଜସ୍ୱ ଓ ପ୍ରଶମନ ବିଭାଗ, ଓଡ଼ିଶା ସରକାରଙ୍କ ପତ୍ରସଂଖ୍ୟା ୧୦୨୪୧ ତା.୩୧।୦୩।୨୦୧୪ ପ୍ରଦତ୍ତ ପ୍ରଣାଳୀ ଅନୁଯାୟୀ ପୂର୍ତ୍ତ ବିଭାଗ , ଓଡ଼ିଶା ସରକାରଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ ( ରାସ୍ତା ଓ କୋଠାବାଡି) ବିଭାଜନ, ଅନୁଗୋଳ ଜମି ମାଲିକଙ୍କ ଠାରୁ ସିଧାସଳଖ କ୍ରୟ କରିବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ବିଷୟରେ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଉକ୍ତ ଜମି ମାଲିକ କିମ୍ବା ତାଙ୍କର ଉତ୍ତରାଧିକାରୀ ସହ ସବିଶେଷ ଆଲୋଚନା କରିବା ସହ ବ୍ୟକ୍ତିଗତ ନୋଟିସ୍ ଜାରି କରାଯାଇଛି।

ପୁନଶ୍ଚ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶିତ କୌଣସି ଜମି ସମ୍ବନ୍ଧରେ କୌଣସି ବ୍ୟକ୍ତିର ଆଗ୍ରହ ରହିଥାଏ, ତେବେ ସେ ଏହି ବିଜ୍ଞପ୍ତି ଜାରି ହେବାର ୧୫(ପନ୍ଦର) ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେପ୍ରକାର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନଲିଖିତ ଠିକଣାରେ ଜଣାଇ ପାରିବେ। ତତ୍ ସମ୍ବନ୍ଧୀୟ ସବିଶେଷ ତଥ୍ୟ ଜାଣିବାକୁ ଚାହୁଁଥିଲେ ମଧ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ କରାଗଲା।

ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ କୋଠାବାଡି ବିଭାଜନ କାର୍ଯ୍ୟାଳୟ, ଅନୁଗୋଳ
ସହକାରୀ ନିର୍ବାହୀ ଯନ୍ତ୍ରୀ, ଅନୁଗୋଳ (ଗୃହ) ଉପବିଭାଜନ, ଅନୁଗୋଳ

ସ୍ୱା./- ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ
ନିର୍ବାହୀ ଯନ୍ତ୍ରୀଙ୍କ ( ରାସ୍ତା ଓ କୋଠାବାଡି) ବିଭାଜନ, ଅନୁଗୋଳ

ଜିଲ୍ଲା-ଅନୁଗୋଳ, ଥାନା- ନିଶା, ତହସିଲ୍- ଛେଣ୍ଡିପଦା, ମୌଜା- ନତଡା

| କ୍ର. ନଂ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ରଜାଙ୍କ ନାମ, ବାସସ୍ଥାନ ଠିକଣା | ପ୍ଲଟ୍‌ର ମୋଟ ରକବା (ଏକରରେ) | ପ୍ରକଳ୍ପ ପାଇଁ ଆବଶ୍ୟକୀୟ ରକବା (ଏକରରେ) |
|---|---|---|---|---|---|---|
| ୧ | ୭୫ | ୩୨୭୫ | ଶାରଦ-୧ | କୁଳମଣି ପ୍ରଧାନ, ପି- ଭଜନ/ଦୁଷ୍ମନ୍ତ ପ୍ରଧାନ, ପି- ମଦନ ପ୍ରଧାନ | ୦.୦୭ | ୦.୦୭ |
| ୨ | ୭୫ | ୩୨୬୪ | ଶାରଦ-୩ | କୁଳମଣି ପ୍ରଧାନ, ପି- ଭଜନ/ଦୁଷ୍ମନ୍ତ ପ୍ରଧାନ, ପି- ମଦନ ପ୍ରଧାନ | ୦.୦୩ | ୦.୦୩ |
| ୩ | ୭୫ | ୩୨୬୬/୧ | ଶାରଦ-୧ | କୁଳମଣି ପ୍ରଧାନ, ପି- ଭଜନ/ଦୁଷ୍ମନ୍ତ ପ୍ରଧାନ, ପି- ମଦନ ପ୍ରଧାନ | ୦.୦୧ | ୦.୦୧ |
| ୪ | ୪୪୬/୮୧୬ | ୩୨୬୫ | | ଚକ୍ରଧର ମାଝି, ପି- ନରସିଂହ | ୦.୦୫ | ୦.୦୫ |
| ୫ | ୪୪୬/୮୧୬ | ୩୬୬୭/୧ | ଶାରଦ-୩ | ଚକ୍ରଧର ମାଝି, ପି- ନରସିଂହ | ୦.୦୨ | ୦.୦୨ |
| ୬ | ୧୦୦ | ୩୨୬୦/୧ | ଶାରଦ-୩ | ବଡଚନ୍ଦ୍ର ପ୍ରଧାନ, ପି- ପାଣ୍ଡୁ | ୦.୦୩ | ୦.୦୩ |
| ୭ | ୪୪୬/୮୪୧ | ୩୨୬୨/୧ | ଶାରଦ-୩ | ଭିକାରି ନାୟକ, ପି- ଟଙ୍କଧର | ୦.୦୪ | ୦.୦୦୫ |
| ୮ | ୧୬୯ | ୩୨୫୪/୧ | ଶାରଦ-୩ | ଧନିଆ ପ୍ରଧାନ, ପି- ବୁଟୁ | ୦.୦୫ | ୦.୦୨୫ |
| ୯ | ୩୧୨ | ୩୨୫୬ | ଶାରଦ-୩ | ମଦନ ପ୍ରଧାନ, ପି- ଧର୍ମୁ | ୦.୦୩ | ୦.୦୩ |
| ୧୦ | ୩୧୨ | ୩୨୫୯ | ଶାରଦ-୩ | ମଦନ ପ୍ରଧାନ, ପି- ଧର୍ମୁ | ୦.୦୪ | ୦.୦୪ |
| ୧୧ | ୭୫ | ୩୨୫୫ | ଶାରଦ-୩ | କୁଳମଣି ପ୍ରଧାନ, ପି- ଭଜନ/ଦୁଷ୍ମନ୍ତ ପ୍ରଧାନ, ପି- ମଦନ ପ୍ରଧାନ | ୦.୦୩ | ୦.୦୩ |
| ୧୨ | ୧୩୭ | ୩୨୬୩ | ଶାରଦ-୩ | ଜିବନ ପ୍ରଧାନ, ପି- ଜଗବନ୍ଧୁ | ୦.୦୩ | ୦.୦୩ |
| ୧୩ | ୩୩୬ | ୩୨୬୮/୧ | ଶାରଦ-୩ | ମୁଲିଆ ପ୍ରଧାନ, ପି- ପାଣ୍ଡୁ | ୦.୦୪ | ୦.୦୦୫ |
| ୧୪ | ୨୯୩ | ୩୨୫୭/୧ | ଶାରଦ-୩ | ଭଜନ ପ୍ରଧାନ, ପି- ଧର୍ମୁ | ୦.୦୩ | ୦.୦୩ |
| ୧୫ | ୧୦୪ | ୩୨୫୮/୧ | ଶାରଦ-୩ | ସନାଚନ୍ଦ୍ର ପ୍ରଧାନ, ପି-ବୃନ୍ଦାବନ | ୦.୦୪ | ୦.୦୦୫ |
| ୧୬ | ୪୪୬/୧୪୭ | ୩୩୨୫/୧ | ଶାରଦ-୩ | ନରହରି ବିଶ୍ୱାଳ, ପି- ହୃଷିକେଶ | ୦.୦୩ | ୦.୦୩ |
| | | | | | ମୋଟ : | ୦.୪୪୦ |

ଜିଲ୍ଲା-ଅନୁଗୋଳ, ଥାନା- ନିଶା, ତହସିଲ୍- ଛେଣ୍ଡିପଦା, ମୌଜା- ଆୟପାଳ

| କ୍ର. ନଂ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ରଜାଙ୍କ ନାମ, ବାସସ୍ଥାନ ଠିକଣା | ପ୍ଲଟ୍‌ର ମୋଟ ରକବା (ଏକରରେ) | ପ୍ରକଳ୍ପ ପାଇଁ ଆବଶ୍ୟକୀୟ ରକବା (ଏକରରେ) |
|---|---|---|---|---|---|---|
| ୧ | ୧୫୩ | ୧୨୦୨/୧ | ଶାରଦ-୨ | ବଛିଆ ବାରିକ, ପି- ବୈର ସେଠୀ | ୧.୯୭ | ୦.୪୪ |
| ୨ | ୧୭୯ | ୧୧୮୬/୨୫୫୫ | ଶାରଦ-୨ | ମକା ସେଠୀ, ପି-ବୈର ସେଠୀ | ୦.୦୪ | ୦.୦୪ |
| ୩ | ୨୭୪/୬୬ | ୧୨୦୧/୧ | ଶାରଦ-୨ | ସୂର୍ଯ୍ୟ କୁମାରୀ ସାହୁ, ସ୍ୱା- ଜୟକୁମାର ସାହୁ | ୦.୩୮ | ୦.୦୦୫ |
| ୪ | ୨୭୪/୫୩୧ | ୧୨୦୫ | ଶାରଦ-୨ | ଦିନେଶ ସାହୁ, ପି- କୁମୁଦ ସାହୁ | ୦.୦୬୫ | ୦.୦୬୫ |
| ୫ | ୨୭୪/୫୨୭ | ୧୨୦୫/୩୦୭୬ | ଶାରଦ-୨ | ସୁଧାକର ସାହୁ, ପି- ଅର୍ଜୁନ | ୦.୦୬୫ | ୦.୦୬୫ |
| ୬ | ୨୭୪/୨୦୧ | ୧୨୦୪ | ଘରବାରି | ସୁଶାନ୍ତ କୁମାର ସାହୁ, ପି- ସର୍ବେଶ୍ୱର | ୦.୧୩ | ୦.୧୩ |
| 34074/11/0037/1819 | | | | | ମୋଟ : | ୦.୭୪୫ |




# କଳିଙ୍ଗରେ ଆଜିଠାରୁ ମହିଳା ଫୁଟବଲ ରୋମାଞ୍ଚ


ଖବରଦାତା ସମ୍ମିଳନୀରେ ଟ୍ରଫି ଓ ୪ ଦଳର ଅଧିନାୟିକାଙ୍କ ସହ କର୍ମକର୍ତ୍ତାମାନେ।

ଭୁବନେଶ୍ୱର, ୮।୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମ ପ୍ରସ୍ତୁତ। ଓଡ଼ିଶା ସରକାର ଏବଂ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍ଏଫ୍)ର ମିଳିତ ଆନୁକୂଲ୍ୟରେ ଏଠାରେ ଶନିବାରଠାରୁ ଆରମ୍ଭ ହେବ ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ଅନ୍ତର୍ଜାତୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ। ଏଥିରେ ମ୍ୟାନ୍‌ମାର, ଇରାନ, ନେପାଳ ଏବଂ ଆୟୋଜକ ଭାରତ ଭାଗନେବେ। ଫିଫା ର୍‌ୟାଙ୍କିଙ୍ଗ୍‌ରେ ଭାରତୀୟ ମହିଳା ଦଳ ୬୨ତମ ସ୍ଥାନରେ ରହିଥିବା ବେଳେ ମ୍ୟାନ୍‌ମାର ୪୪, ଇରାନ ୬୦ ଓ ନେପାଳ ୧୦୮ତମ ସ୍ଥାନରେ ରହିଛି। ୪ଟି ଯାକ ଦଳ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଥିବାରୁ କଳିଙ୍ଗରେ ଦେଖିବାକୁ ମିଳିବ ମହିଳା ଫୁଟ୍‌ବଲର ରୋମାଞ୍ଚ। କେବଳ ଭାରତର ଓଡ଼ିଶାରେ ଏହା ହେବ ପ୍ରଥମ ସିନିୟର ମହିଳା ଅନ୍ତର୍ଜାତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ। ତେଣୁ ଏହି ସମ୍ମାନଜନକ ଟୁର୍ନାମେଣ୍ଟ ପୂର୍ବରୁ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ କ୍ରୀଡ଼ା ସଚିବ ବିଶାଲ ଦେବ। ଭୁବନେଶ୍ୱରକୁ ଭାରତର କ୍ରୀଡ଼ା ରାଜଧାନୀ କରାଯିବା ପାଇଁ ହେଉଥିବା ଉଦ୍ୟମର ଏହା ଏକ ଅଂଶବିଶେଷ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ହେବାକୁ ଯାଉଥିବା ଏହି ପ୍ରତିଯୋଗିତା ରାଜ୍ୟରେ ମହିଳା ଫୁଟ୍‌ବଲର ଉନ୍ନତିରେ ସହାୟକ ହୋଇପାରିବ ବୋଲି ସେ ଆଶାପ୍ରକାଶ କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ସୁପର କପ୍‌ର ଦ୍ୱିତୀୟ ସଂସ୍କରଣ ମଧ୍ୟ ଆୟୋଜନ ହେବ। ୨୦୨୦ରେ ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ବିଶ୍ୱକପ୍ ଆୟୋଜନ ଦୌଡ଼ରେ ଭାରତ ରହିଛି। ଭାରତକୁ ଯଦି ଆୟୋଜନ ଅଧିକାର ମିଳେ, ତେବେ ଟୁର୍ନାମେଣ୍ଟ ୪ଟି ଭେନ୍ୟୁରେ ଅନୁଷ୍ଠିତ ହେବ। ଏଥିରୁ ଗୋଟିଏ ଭେନ୍ୟୁ ଭୁବନେଶ୍ୱରକୁ କରାଯିବାକୁ ପ୍ରସ୍ତାବ ଦିଆଯାଇଥିବା ବିଶାଲ ସୂଚନା ଦେଇଛନ୍ତି। ଗୋଲ୍ଡ କପ୍‌କୁ ଦର୍ଶକମାନେ ମାଗଣାରେ ଉପଭୋଗ କରିପାରିବେ। ତେଣୁ ବହୁସଂଖ୍ୟାରେ ଷ୍ଟାଡିୟମରେ ଉପସ୍ଥିତ ରହି ଦଳଗୁଡ଼ିକୁ ଉତ୍ସାହିତ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍ଏଫ୍) ସାଧାରଣ ସମ୍ପାଦକ କୁଶାଲ ଦାସ, ଏଆଇଏଫ୍ଏଫ ଟେକ୍ନିକାଲ ଡାଇରେକ୍ଟର ଅଭିଷେକ ଯାଦବ ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ଦେବାଶିଷ ସାମନ୍ତରାୟ ଏବଂ ଗୋଲ୍ଡ କପ୍‌ରେ ଭାଗନେବାକୁ ଯାଉଥିବା ୪ଟି ଯାକ ଦଳର ଅଧିନାୟିକା ଉପସ୍ଥିତ ଥିଲେ।

## ପୁରସ୍କାର ୧୦ ଲକ୍ଷ ଟଙ୍କା

ଗୋଲ୍ଡ କପ୍ ପାଇଁ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଚାମ୍ପିୟନ ଦଳକୁ ୭ ଏବଂ ରନର୍ସଅପ୍ ଦଳକୁ ୩ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି କୁଶାଲ ଦାସ ପ୍ରକାଶ କରିଛନ୍ତି। ଷ୍ଟିଫେନ୍ କନ୍‌ଷ୍ଟାଣ୍ଟିନ୍‌ଙ୍କ ବିଦାୟ ପରେ ଭାରତୀୟ ସିନିୟର ପୁରୁଷ ଦଳର କୋଚ୍ ପଦ ଖାଲିପଡ଼ିଛି। କୋଚ୍ ପଦ ପାଇଁ କେତେକ ଆବେଦନ ଆମର ହସ୍ତଗତ ହୋଇଛି। ଏଥିରେ କେତେକ ଭାରତ ଏବଂ ବିଦେଶୀ ଅଛନ୍ତି। ଆମେ ବିଭିନ୍ନ ଦୃଷ୍ଟିକୋଣକୁ ବିଚାରକୁ ନେଇ ଯାହା ନିଷ୍ପତ୍ତି ନେବୁ ବୋଲି କୁଶାଲ କହିଛନ୍ତି। ୨୦୨୦ ଏଏଫ୍‌ସି ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟକୁ ଦୃଷ୍ଟିରେ ରଖି ଆସନ୍ତା ମାସ ମଧ୍ୟଭାଗରେ ତୁର୍କୀରେ ଭାରତ ଏକ ଷଡ଼ରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାଗନେବ। ବର୍ତ୍ତମାନ ସୁଦ୍ଧା ଏଥିରେ ଜୋର୍ଡାନ, ରୋମାନିଆ, ଉଜ୍‌ବେକିସ୍ତାନ ଓ ଭାରତ ଭାଗନେବା ସ୍ପଷ୍ଟ ହୋଇଛି। ଅବଶିଷ୍ଟ ୨ଟି ଦଳ ସମ୍ପର୍କରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଅଭିଷେକ ଯାଦବ କହିଛନ୍ତି। ଏହି ଅବସରରେ ଭାରତୀୟ ଦଳର କୋଚ୍ ମେମୋଲ ରକି, ଅଧିନାୟିକା ଅଦିତି ଚୌହାନ, ମ୍ୟାନମାର କୋଚ୍ ୱିନ୍ ଥୁ ମୋଇ, ଅଧିନାୟିକା ୱିନ୍ ମାର୍ଲାର ତୁନ୍, ନେପାଳ କୋଚ୍ ହରି ଖାଡ୍‌କା, ଅଧିନାୟିକା ନିରୁ ଥାପ୍ପା ଏବଂ ଇରାନ ଅଧିନାୟିକା ସାରା ଘୋମି ଟୁର୍ନାମେଣ୍ଟକୁ ନେଇ ନିଜ ନିଜର ଭାବ ବ୍ୟକ୍ତ କରିଥିଲେ।

## ଆମେ ପ୍ରସ୍ତୁତ: ମେମୋଲ



ଶନିବାରଠାରୁ କଳିଙ୍ଗ ଷ୍ଟାଡିୟମ୍‌ରେ ଆରମ୍ଭ ହେବାକୁ ଯାଉଛି ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ଅନ୍ତର୍ଜାତୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ। ଏଥିରେ ଆୟୋଜକ ଭାରତ ସମେତ ମ୍ୟାନ୍‌ମାର, ଇରାନ ଓ ନେପାଳ ଅଂଶଗ୍ରହଣ କରୁଛନ୍ତି। ମ୍ୟାନ୍‌ମାର ଓ ନେପାଳ ମଧ୍ୟରେ ପ୍ରଥମ ମ୍ୟାଚ୍ ଅପରାହ୍ଣ ୪ଟାରେ ଆରମ୍ଭ ହେଉଥିବାବେଳେ ରାତି ୭ଟାରେ ଭାରତ ଏହାର ପ୍ରଥମ ମ୍ୟାଚ୍‌ରେ ଅପେକ୍ଷାକୃତ ଶକ୍ତିଶାଳୀ ଇରାନକୁ ଭେଟିବ। ନିକଟରେ ହଂକଂ ଓ ଇଣ୍ଡୋନେସିଆର ୪ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ପରାଜିତ କରିଥିବାରୁ ଭାରତୀୟ ଦଳର ମନୋବଳ ଉପରେ ରହିଛି। ଭାରତରେ ପ୍ରଥମଥର ପାଇଁ ସିନିୟର ସ୍ତରରେ ଏକ ଅନ୍ତର୍ଜାତୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ହେବାକୁ ଯାଉଥିବାବେଳେ ଘରୋଇ ଦଳର ଶକ୍ତି, ଯୋଜନା ଏବଂ ଗୋଲ୍ଡ କପ୍‌ର ଉପାଦେୟତା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି ଭାରତୀୟ ଦଳର କୋଚ୍ ମେମୋଲ ରକି।

**■ ହଂକଂ ଓ ଇଣ୍ଡୋନେସିଆ ବିପକ୍ଷରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରିଥିଲା। ଜଣେ କୋଚ୍ ଭାବେ ଆପଣ ଏହାକୁ କିପରି ଦେଖୁଛନ୍ତି ?**

● କୌଣସି ଦଳ କ୍ରମାଗତ ୪ଟି ମ୍ୟାଚ୍ ଜିତିଲେ ଏହାର କୋଚ୍ ନିଶ୍ଚିତ ଖୁସି ପ୍ରକାଶ କରିବ। ଗତ ୪ଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଆମ ପାଇଁ ବହୁ ଅଭିଜ୍ଞତା ଆଣିଦେଇଥିଲା। ଉଭୟ ଭଲ ଅନ୍ତର୍ଜାତୀୟ ଦଳ। ଖେଳାଳିଙ୍କ ମନୋବଳ ଦୃଢ଼ ଥିବାରୁ ଆମେ ହିରୋ ଗୋଲ୍ଡ କପ୍ ଖେଳିବାକୁ ବ୍ୟଗ୍ର।

**■ ଭାରତୀୟ ଦଳ ସମ୍ପର୍କରେ କ'ଣ କହିବେ ?**

● ପ୍ରାରମ୍ଭିକ ଏକାଦଶଠାରୁ ଆରମ୍ଭ କରି ବେଞ୍ଚ୍ ଷ୍ଟ୍ରେଙ୍ଗ୍ଥ୍ ପର୍ଯ୍ୟନ୍ତ ପ୍ରତ୍ୟେକ ଖେଳାଳି ନିଜ ଗେମ୍ ସମ୍ପର୍କରେ ଭଲଭାବେ ଅବଗତ। ୨୦୨୦ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟର ପ୍ରଥମ ରାଉଣ୍ଡ ମ୍ୟାଚ୍ ଆମେ ମ୍ୟାନ୍‌ମାରରେ ଖେଳିଥିଲୁ। ଏବେକାର ଦଳ ତାହାର ସମକକ୍ଷ ବୋଲି ମୁଁ ବିବେଚନା କରୁଛି। ଆମର ବେଞ୍ଚ୍ ଷ୍ଟ୍ରେଙ୍ଗ୍ଥ୍ ବଢ଼ିଛି। ସେମାନଙ୍କୁ କୌଣସି ମ୍ୟାଚ୍‌ରେ ୫ ମିନିଟ ପାଇଁ ଖେଳିବାକୁ ଦିଆଗଲେ ସେମାନେ ପୂର୍ବାପେକ୍ଷା ଶ୍ରେଷ୍ଠ ପ୍ରଦର୍ଶନ କରିପାରିବେ।

**■ ପ୍ରତିପକ୍ଷ ଦଳଗୁଡ଼ିକୁ କିପରି ଦେଖୁଛନ୍ତି ?**

● ଆମେ ଏହି ଟୁର୍ନାମେଣ୍ଟରେ ଉଚ୍ଚ ର୍‌ୟାଙ୍କିଙ୍ଗ୍‌ପ୍ରାପ୍ତ ଦଳ ବିପକ୍ଷରେ ଖେଳିବୁ। ତେବେ ମୁଁ ର୍‌ୟାଙ୍କିଙ୍ଗ୍‌ରେ ବିଶ୍ୱାସ କରେନାହିଁ। ଆମେ ଅତୀତରେ ଲୋବାନନ ଓ ଥାଇଲାଣ୍ଡ ପରି ଦଳ ବିପକ୍ଷରେ ଭଲ ପ୍ରଦର୍ଶନ କରିଛୁ। କଳିଙ୍ଗରେ ପ୍ରତିପକ୍ଷ ଦଳଗୁଡ଼ିକଠାରୁ କଡ଼ା ଚ୍ୟାଲେଞ୍ଜ ମିଳିବ ବୋଲି ଜାଣିଛୁ। ତେବେ ସେଥିପାଇଁ ଆମେ ପ୍ରସ୍ତୁତ।

**■ ଗତ ତିନୋଟି ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ଶୃଙ୍ଖଳିତ ପ୍ରଦର୍ଶନ କରିଛନ୍ତି। ଏ ସମ୍ପର୍କରେ ଆପଣ କ'ଣ ଚିନ୍ତା କରୁଛନ୍ତି ?**

● ମୁଁ ମଧ୍ୟ ତାହା ଅନୁଭବ କରୁଛି। ଆବଶ୍ୟକ ସମୟରେ ଦଳ ରକ୍ଷଣାତ୍ମକ ଖେଳୁଛି ଏବଂ ସମୟ ଅନୁସାରେ ପୂରା ୟୁନିଟ ଆକ୍ରମଣ କରୁଛି। ଗତ ତିନୋଟି ମ୍ୟାଚ୍‌ରେ ଦଳ ଗୋଲ ବରଣ କରି ନ ଥିବାରୁ ଜଣେ କୋଚ୍ ଭାବେ ମୁଁ ବହୁତ ଖୁସୀ। ତେଣୁ ଦଳର ଷ୍ଟ୍ରାଇକରଙ୍କଠାରୁ ଗୋଲକିପରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଶ୍ରେୟ ଦେବାକୁ ପଡ଼ିବ।

**■ ହିରୋ ଗୋଲ୍ଡ କପ୍ ଭାରତୀୟ ଦଳକୁ କିପରି ସହାୟକ ହୋଇପାରିବ?**

ଉ: ଭାରତରେ ପ୍ରଥମଥର ପାଇଁ ଏପରି ଏକ ଟୁର୍ନାମେଣ୍ଟ ଆୟୋଜନ ହେଉଛି। ତେଣୁ ଶ୍ରେଷ୍ଠ ଖେଳାଳି ବାହାର କରିବା ପାଇଁ ଆମ ନିକଟରେ ସୁବର୍ଣ୍ଣ ସୁଯୋଗ ପହଞ୍ଚିଛି। ପିଲାମାନେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିବେ। ଆମେ ଏହି ଟୁର୍ନାମେଣ୍ଟରୁ ପ୍ରକୃତ ହୀରା ଖୋଜି ବାହାର କରିବୁ ଏବଂ ଆମେ ସକ୍ଷମ ବୋଲି ଦର୍ଶକମାନଙ୍କୁ ଦେଖାଇଦେବୁ। ମହିଳା ଖେଳାଳିଙ୍କ ପାଇଁ ଗୋଲ୍ଡ କପ୍ ଏକ ବଡ଼ ପ୍ଲାଟ୍‌ଫର୍ମ। ପ୍ରତିଯୋଗିତାକୁ ଆମନ୍ତ୍ରିତ ହୋଇଥିବା ସମସ୍ତ ଦଳ ହାଇ କ୍ୱାଲିଟି ବିଶିଷ୍ଟ। ପ୍ରତିଦ୍ୱନ୍ଦ୍ୱୀ ୩ଟି ଯାକ ଦଳ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ସେମାନଙ୍କ ସହିତ ଖେଳି ଏବଂ ସମ୍ଭବ ହେଲେ ପରାସ୍ତ କରି ଆମେ ଆମ ଖେଳରେ ଉନ୍ନତି ଆଣିପାରିବୁ।

**■ ଭାରତ ଏକ ଯୁବ ଦଳ। ଭବିଷ୍ୟତ ପାଇଁ ଏହା ସହାୟକ ହେବ ବୋଲି ଭାବୁଛନ୍ତି କି?**

ଉ: ମୁଁ ସର୍ବଦା ଯୁବ ଖେଳାଳିଙ୍କ ଉପରେ ଭରସା ରଖିଥାଏ। ସେମାନେ ନିଶ୍ଚିତ ରୂପେ ଆଗାମୀ ଦିନରେ ଫଳାଫଳ ପ୍ରଦାନ କରିବେ। ଆମ ଦଳର ଅଧିକାଂଶ ଖେଳାଳି ୨୩ ବର୍ଷରୁ କମ୍। ଏହା ଏକ ଯୁବ ଭାରତୀୟ ଦଳ। ମୁଁ ମୋ ଷ୍ଟାଇଲରେ ଦଳକୁ ପରିଚାଳିତ କରିବାକୁ ଚାହେଁ। ଯୁବ ଖେଳାଳିଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଅଛି ଏବଂ ସବୁବେଳେ ସେମାନେ ନୂଆ କିଛି ଶିଖିବା ମନୋବୃତ୍ତି ରଖୁଛନ୍ତି।

**■ କେଉଁ ବିଭାଗରେ ଉନ୍ନତି ଆବଶ୍ୟକ ବୋଲି ଭାବୁଛନ୍ତି ?**

● ଗୋଲପୋଷ୍ଟ ସମ୍ମୁଖରେ ଫିନିଶିଂରେ କିଛିଟା ଉନ୍ନତି ଆଣିବା ଉପରେ ମୁଁ ଫୋକସ କରୁଛି। ନିକଟରେ ଆମେ ସୁଯୋଗକୁ ଭଲଭାବେ ସଦ୍‌ବ୍ୟବହାର କରିପାରିଛୁ। ମାତ୍ର ଏଥିରେ ଆହୁରି ଉନ୍ନତି ଆବଶ୍ୟକ ଅଛି। ଆଗାମୀ ଦିନରେ ଦଳର ସ୍କୋରିଂ ହାର ନିଶ୍ଚିତ ବଢ଼ିବା ନେଇ ମୁଁ ଦୃଢ଼ ଆଶାୟୀ।

### ଅଲ୍ ଇଣ୍ଡିଆ ର୍‌ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଆରମ୍ଭ

## କ୍ୱାର୍ଟରରେ ଅପରାଜିତା, ଶ୍ରେୟା



ଅତିଥିମାନେ ଶଟଲ-୨୦୧୯ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୮।୨(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ସହିଦ ନଗରସ୍ଥିତି ସାଇ ରିଜିଓନାଲ ବ୍ୟାଡମିଣ୍ଟନ ଏକାଡେମୀ ପରିସରରେ ଓଡ଼ିଶା ରାଜ୍ୟ ସେକ୍ରେଟାରୀଏଟ୍ ବ୍ୟାଡମିଣ୍ଟନ ଆସୋସିଏଶନ ଅନୁକୂଳ୍ୟରେ ଅଲ ଓଡ଼ିଶା ର୍‌ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆରମ୍ଭ ହୋଇଛି। ୩ ଦିନଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୧୪ଟି ଜିଲାରୁ ୬ଟି ବିଭାଗରେ ୩୬ଜଣ ମହିଳ ସମେତ ମୋଟ ୧୨୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ବରିଷ୍ଠ ପ୍ରଶାସକ ପ୍ରଣବ ଜ୍ୟୋତି ନାଥ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ଉମାଶଙ୍କର ମହାପାତ୍ର ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପ୍ରିୟଦର୍ଶୀ ମହାପାତ୍ର, ଚିତ୍ତରଞ୍ଜନ ରାଉତ, ବିଶ୍ୱଜିତ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଡମିଣ୍ଟନରେ ସଫଳତା ହାସଲ କରିଥିବା ଆୟୁଷ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସଂଘର କ୍ରୀଡ଼ା ନିର୍ଦ୍ଦେଶକ ଶଶାଙ୍କ ଶେଖର ମହାପାତ୍ର, କୋଷାଧ୍ୟକ୍ଷ ପରେଶ ନାଥ ପ୍ରଧାନ ଓ ସଂଘାର ସଭାପତି ଉପସ୍ଥିତ ଥିଲେ।

ଶୁକ୍ରବାର ଖେଳାଯାଇଥିବା ୧୭ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ସନ୍ଦୀପ ପୋଦ୍ଦାର, ଭିନିତ୍ ସାହୁ, ଜନ୍ମେଜୟ ଗୁରୁ, ପ୍ରିୟାଂଶୁ ମହାନ୍ତି, ଅଭିଜିତ ମହାରଣା, ଅନୁଭବ ସାହୁ, ଆର୍ଯ୍ୟ ମାଝୀ, ଯଶରାଜ ବଶ୍ୱାଳ, ଅମୟ କୁମାର ନାୟକ, ସୌସିଫ୍ ଶାନ, ମହେଶ୍ୱର ସ୍ୱାଇଁ, ଅମ୍ରିତ ମହନ୍ତି, ଅନିର୍ବାଣ ସାମନ୍ତ, ଅମନ୍‌ଦୀପ ଦାସ, ସ୍ୱରାଜ ଓରାମ, ଆୟୁଶ ନାଇ ପ୍ରମୁଖ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି।

ସେହିପରି ମହିଳା ସିଙ୍ଗଲ୍ସ ବର୍ଗରେ ସୁନ୍ଦରଗଡ଼ର କ୍ରିଷ୍ଟିକା ବିରୋକ, ଅପରାଜିତା ପତି, ଶ୍ରେୟା ବିଶ୍ୱାଳ, ଲକ୍ଷ୍ମୀ ପ୍ରିୟଦର୍ଶିନୀ, ହର୍ଷିତା ରାଉତ, ଜୟଶ୍ରୀ ମହାନ୍ତି, ଆକାଂକ୍ଷା କୁରେ, ପ୍ରଶଂସା ଦାସ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରତିଯୋଗିତାକୁ ଚିଫ୍ ରେଫରୀ ଭାବେ ମନୋଜ କୁମାର ସାବତ ପରିଚାଳନା କରୁଛନ୍ତି।

## ଲି' ନିଙ୍ଗ୍ ସହ ସିନ୍ଧୁଙ୍କ ୫୦କୋଟି ଟଙ୍କାର ଚୁକ୍ତି

ନୂଆଦିଲ୍ଲୀ, ୮।୨(ପି.ଟି.)

ଅଲିମ୍ପିକ ଓ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜୟିନୀ ପି.ଭି. ସିନ୍ଧୁ ସ୍ପୋର୍ଟ୍ସ ବ୍ରାଣ୍ଡ୍ ଲି' ନିଙ୍ଗ୍‌ଙ୍କ ସହିତ ପ୍ରାୟ ୫୦ କୋଟି ଟଙ୍କା ମୂଲ୍ୟର ୪ ବର୍ଷିଆ ସ୍ପନସରଶିପ୍ ଚୁକ୍ତି କରିଛନ୍ତି। ନିକଟରେ ଭାରତର କିଦାମ୍ବି ଶ୍ରୀକାନ୍ତ ଚାଇନାର ଏହି କମ୍ପାନୀ ସହ ଚାରିବର୍ଷ ପାଇଁ ୩୫ କୋଟି ଟଙ୍କାର ଚୁକ୍ତି କରିଛନ୍ତି। ଭାରତରେ ଲି-ନିଙ୍ଗ୍‌ର ମଲ୍ଟି ନ୍ୟାଶନାଲ ପାର୍ଟନର ସନ୍‌ଲାଇଟ୍ ସ୍ପୋର୍ଟ୍ସ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ମହେନ୍ଦର କାପୁରଙ୍କ କହିବା ଅନୁସାରେ, ସିନ୍ଧୁ ସ୍ପନସରଶିପ୍ ବାବଦରେ ୪୦କୋଟି ଟଙ୍କା ପାଇବାକୁ ଥିବାବେଳେ ସିନ୍ଧୁଙ୍କ କ୍ରୀଡ଼ା ଉପକରଣ ବାବଦରେ କମ୍ପାନୀ ବ୍ୟୟ କରିବ। ଭାରତୀୟ କ୍ରିକେଟର ବିରାଟ କୋହଲିଙ୍କ ସହ ପୁମା କମ୍ପାନୀ ୧୦୦କୋଟି ଟଙ୍କାର ୮ ବର୍ଷିଆ ଚୁକ୍ତି କରିଛି। ବର୍ଷ ପିଛା ଏହାର ପରିମାଣ ହେଉଛି ୧୨.୫ କୋଟି, ଯାହାକି ସିନ୍ଧୁଙ୍କ ବାର୍ଷିକ ପରିମାଣ ସହ ପାଖାପାଖି ସମାନ। ସିନ୍ଧୁ ପ୍ରଥମ ଭାରତୀୟ ମହିଳା ଭାବେ ରିଓ ଅଲିମ୍ପିକ୍ସରେ ରୌପ୍ୟ ଜିତିବା ଦ୍ୱାରା ଷ୍ଟାର ମାନ୍ୟତା ହାସଲ କରିପାରିଛନ୍ତି। ଗତବର୍ଷ ଫୋର୍ବସ ତାଲିକାରେ ସେ ବିଶ୍ୱର ୭ମ ଦାମୀ ମହିଳା ଖେଳାଳି ବିବେଚିତ ହୋଇଥିଲେ। ଲି-ନିଙ୍ଗ୍ ଦ୍ୱିତୀୟ ଥର ପାଇଁ ସିନ୍ଧୁଙ୍କ ସହିତ ଚୁକ୍ତି କରିଛି। ପୂର୍ବରୁ ଏହି କମ୍ପାନୀ ୨୦୧୪-୧୫ରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ସହ ୩.୫ କୋଟି ଟଙ୍କାର ଦୁଇବର୍ଷିଆ ଚୁକ୍ତି କରିଥିଲା।

# ଶୀର୍ଷକୁ ଫେରିଲା ଚେନ୍ନାଇ

ଭୁବନେଶ୍ୱର, ୮।୨(କ୍ରୀଡ଼ା ପ୍ରତିନିଧି)



ଶୁକ୍ରବାର ଇଣ୍ଡିଆନ୍ ଆରୋଜ ଓ ଚେନ୍ନାଇ ସିଟି ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଆଇ-ଲିଗ୍ ଫୁଟବଲ**

କଳିଙ୍ଗ ଷ୍ଟାଡିୟମ୍‌ରେ ଶୁକ୍ରବାର ଅନୁଷ୍ଠିତ ଆଇ-ଲିଗ୍ ଫୁଟ୍‌ବଲ ମ୍ୟାଚ୍‌ରେ ଇଣ୍ଡିଆନ ଆରୋଜ୍‌କୁ ୨-୦ ଗୋଲରେ ପରାସ୍ତ କରିଛି ଚେନ୍ନାଇ ସିଟି। ଏଥିସହ ଚେନ୍ନାଇ ଦଳ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନକୁ ଫେରିଛି। ମ୍ୟାଚ୍‌ର ୭୧ତମ ମିନିଟରେ ଆର. ସାଣ୍ଡ୍ରୋ ଏବଂ ଇଞ୍ଜୁରି (୯୦+୧ ମିନିଟ) ଟାଇମ୍‌ରେ ଏନ୍. ବିଜୟ ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ଚେନ୍ନାଇ ଏବେ ୧୫ ମ୍ୟାଚ୍‌ରୁ ୧୦ ବିଜୟ, ୩ ଡ୍ର ଓ ୨ ପରାଜୟ ସହ ୩୩ ପଏଣ୍ଟରେ ପହଞ୍ଚିଛି। ଚେନ୍ନାଇକୁ ଶୀର୍ଷରୁ ହଟାଇଥିବା ରିୟଲ କଶ୍ମୀର ୧୬ ମ୍ୟାଚରୁ ୩୨ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନକୁ ଖସିଛି। ଅନ୍ୟପକ୍ଷରେ ଆରୋଜ୍ ୧୭ ମ୍ୟାଚ୍‌ରୁ ୧୧ ପରାଜୟ ସହ ୭ମ ସ୍ଥାନରେ ଅପରିବର୍ତ୍ତିତ ରହିଛି।

କଳିଙ୍ଗ ଷ୍ଟାଡିୟମ୍‌କୁ ଘରୋଇ ପଡ଼ିଆ ଭାବେ ବ୍ୟବହାର କରୁଥିବା ଇଣ୍ଡିଆନ ଆରୋଜ୍ ଆରମ୍ଭରୁ ଭଲ ପ୍ରଦର୍ଶନ କରିଥିଲା। ପୂର୍ବାନୁମାନ ଅନୁସାରେ ଚେନ୍ନାଇ ସିଟି ପ୍ରଥମରୁ ଆକ୍ରମଣାତ୍ମକ ଖେଳିଥିଲେ ହେଁ ଆରୋଜ୍‌ର ରକ୍ଷଣଭାଗକୁ ଭେଦକରି ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଗୋଲ ସ୍କୋର କରିପାରି ନ ଥିଲା। ଡାହାଣ ପଟରୁ ଆକ୍ରମଣକୁ ଜୋର୍‌ଦାର କରିଥିବା ଚେନ୍ନାଇ ସିଟି ୨ଥର ସୁଯୋଗ ସୃଷ୍ଟି କରିଥିଲେ ହେଁ ଆରୋଜ୍ ଡିଫେଣ୍ଡରମାନେ ତାହା ହେବାକୁ ଦେଇ ନ ଥିଲେ। ଆରୋଜ୍ ଗୋଲକିପର ସମିକ ମିତ୍ର ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିଲେ। ଦ୍ୱିତୀୟାର୍ଦ୍ଧର ଆରମ୍ଭରୁ ଆକ୍ରମଣକୁ ଜୋର୍‌ଦାର କରିଥିଲେ ହେଁ ଚେନ୍ନାଇ ସିଟି ୭୦ ମିନିଟ ପର୍ଯ୍ୟନ୍ତ ପ୍ରତିପକ୍ଷ ଦଳର ନେଟ୍ ସ୍ପର୍ଶ କରିପାରି ନ ଥିଲା। ୭୧ତମ ମିନିଟରେ ଆରୋଜ୍‌ର ସୁରେଶ ସିଂ ୱାଙ୍ଗଜାମଙ୍କ ତ୍ରୁଟି ଦଳ ପାଇଁ ମହଙ୍ଗା ପଡ଼ିଥିଲା। ଗୋଲପୋଷ୍ଟ ନିକଟରେ ସେ ପ୍ରତିପକ୍ଷ ଖେଳାଳିଙ୍କୁ ଫାଉଲ୍ ମାରିବାରୁ ହଳଦିଆ କାର୍ଡ ପାଇଥିଲେ। ଫଳରେ ଚେନ୍ନାଇ ସିଟିକୁ ଗୋଲପୋଷ୍ଟ ନିକଟରୁ ସ୍ପଟ୍ କିକ୍ ମାରିବା ସୁଯୋଗ ଦିଆଯାଇଥିଲା। ଚେନ୍ନାଇର ସ୍ପାନିଶ ମିଡ୍‌ଫିଲ୍ଡର ସାଣ୍ଡ୍ରୋ ଏହାକୁ ଗୋଲରେ ପରିଣତ କରି ଚେନ୍ନାଇକୁ ଅଗ୍ରଣୀ କରାଇଥିଲେ। ଏହାପରେ ଚେନ୍ନାଇ ସିଟି ରକ୍ଷଣାତ୍ମକ ଖେଳ ଆରମ୍ଭ କରିଥିବାରୁ ଆରୋଜ ପାଇଁ ଗୋଲ ପରିଶୋଧ କଷ୍ଟକର ହୋଇପଡ଼ିଥିଲା। ମ୍ୟାଚ୍ ଶେଷହେବାକୁ ଅଳ୍ପ କିଛି ସମୟ ପୂର୍ବରୁ ଅର୍ଥାତ୍ ଇଞ୍ଜୁରି ଟାଇମ୍‌ରେ ବଦଳ ଖେଳାଳି ଏନ୍. ବିଜୟଙ୍କ ଗୋଲ ବଳରେ ଚେନ୍ନାଇ ୨-୦ରେ ବିଜୟୀ ହୋଇଥିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ଫେବୃୟାରୀ ୯/୨୦୧୯ Bhubaneswar, Saturday, February 9/ 2019




# ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

## ୫୦ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଥିଲେ

**କଟକ ଅଫିସ, ୮।୨**

ବୌଦ୍ଧ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଭାବଗ୍ରାହୀ ସାମନ୍ତରାୟଙ୍କ ଘରେ ଭିଜିଲାନ୍ସ ଯାଞ୍ଚ କରିଛି। ଯାଞ୍ଚରୁ ମୋଟ ୭୧ ଲକ୍ଷ ୯୮ ହଜାର ୧୩୨ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ସମ୍ପତ୍ତିଗୁଡ଼ିକ ମଧ୍ୟରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଧୀନ ଗୋଠଡିହପଡ଼ା ଗ୍ରାମରେ ତାଙ୍କର ଏକ ଦୁଇ ମହଲା କୋଠା ରହିଛି। ଉକ୍ତ କୋଠାର ମୂଲ୍ୟ ୪୩ ଲକ୍ଷ ୬୫ହଜାର ଟଙ୍କା ହେବ ବୋଲି ଭିଜିଲାନ୍ସ ଆକଳନ କରିଛି। ବ୍ୟାଙ୍କ ଓ ଇନସ୍ୟୁରାନ୍ସ ଆଦିରେ ସେ ୧୧ ଲକ୍ଷ ୧୫ହଜାର ଟଙ୍କା ଜମା କରିଥିବା ବେଳେ ତାଙ୍କର ୮ ଲକ୍ଷ ୫୦ହଜାର ଟଙ୍କା ମୂଲ୍ୟର ଗୋଟିଏ ବୋଲୋରୋ ଗାଡ଼ି, ୬୫ହଜାର ଟଙ୍କାର ଆକ୍ଟିଭା ମୋଟରସାଇକେଲ, ୧ ଲକ୍ଷ ୪୬ହଜାର ଟଙ୍କାର ସୁନାଗହଣା ଓ ୬ ଲକ୍ଷ ୫୩ହଜାର ୧୨୦ ଟଙ୍କାର ଆସବାବପତ୍ର ଭିଜିଲାନ୍ସ ଠାବ କରିଛି। ସୂଚନାଥାଉକି, ଗତ ୪ ତାରିଖରେ ଭିଜିଲାନ୍ସ ଅଧିକାରୀମାନେ ଯନ୍ତ୍ରୀ ସାମନ୍ତରାୟଙ୍କୁ ୫୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରିଥିଲେ। ସେ ଏହି ଲାଞ୍ଚ ଟଙ୍କା ବୌଦ୍ଧ ଜିଲା ଗୋବିନ୍ଦପୁର ଗ୍ରାମର ମିତ୍ରଭାନୁ ପ୍ରଧାନଙ୍କଠାରୁ ଗ୍ରହଣ କରୁଥିଲେ। ମିତ୍ରଭାନୁ ଜଳ ଓ ପରିମଳ ବିଭାଗ ଅଧୀନରେ ଏକ ସୋଲାର ୱାଟର ସପ୍ଲାଏ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ କରିଥିଲେ। ପ୍ରକଳ୍ପ ବାବଦ ବିଲ୍ ପ୍ରସ୍ତୁତ କରିବା ପାଇଁ ଯନ୍ତ୍ରୀ ସାମନ୍ତରାୟ ଏହି ଲାଞ୍ଚ ଦାବି କରିଥିଲେ।

# ଗରିବ ପରିବାରକୁ ମିଳୁନି ପକ୍କାଘର

## ପୁଣି ଅନଶନରେ ବସିବେ ହିତାଧିକାରୀ

**ନାଉଗାଁ,୮।୨(ସ୍ୱ.ପ୍ର.)**

ସରକାର ଗରିବ ପରିବାରକୁ ପକ୍କାଘର ଯୋଗାଇଦେବାକୁ ବିଭିନ୍ନ ଯୋଜନା କରିଛନ୍ତି। କିନ୍ତୁ ନାଉଗାଁ ବ୍ଲକରେ ଏହି ଯୋଜନା ପ୍ରହସନ ପାଲଟିଛି। ଏହି ବ୍ଲକ ଘୋଡ଼ାଂଶ ପଞ୍ଚାୟତ ଓଡ଼ପଏଙ୍ଗା ଗ୍ରାମର ପ୍ରହଲ୍ଲାଦ ସାହୁ ଓ ଖୁଲଣା ସାହୁଙ୍କ କ୍ଷେତ୍ରରେ ଏଭଳି ଦେଖିବାକୁ ମିଳିଛି। ପକ୍କାଘର ଖଣ୍ଡେ ପାଇଁ ସେମାନେ ବାରମ୍ବାର ଆବେଦନ ଓ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ତେଣୁ ଆସନ୍ତା ୩ ଦିନ ମଧ୍ୟରେ ସେମାନଙ୍କୁ ପକ୍କାଘର ପ୍ରଦାନ ବ୍ୟବସ୍ଥା ନ କଲେ ପୁଣି ଥରେ ସେମାନେ ପଞ୍ଚାୟତ ସମିତି ଆଗରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସେମାନେ ଶୁକ୍ରବାର ବିଡିଓ ଜେ. କଳ୍ପନାଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ପ୍ରହଲ୍ଲାଦ ଦିନ ମଜୁରିଆ ଭାବେ ପରିବାର ପ୍ରତିପୋଷଣ କରୁଛନ୍ତି। ୧୯୯୯ ମହାବାତ୍ୟାରେ ତାଙ୍କ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଘର ଖଣ୍ଡେ ପାଇଁ ୨୦୧୭ ନଭେମ୍ବର ୯ରେ ସସ୍ତ୍ରୀକ ପଞ୍ଚାୟତ ସମିତି ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ୩ ମାସ ମଧ୍ୟରେ ତାଙ୍କୁ ଘର ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବାରୁ ଅନଶନରୁ ଓହରିଥିଲେ। ୩୦ ଏପ୍ରିଲ ୨୦୧୮ଏମପି ଜଗତ୍‌ସିଂହପୁରଙ୍କ ଦ୍ୱାରା କରାଯାଇଥିବା ଚିଠିରେ ତାଙ୍କୁ ବିଜୁ ପକ୍କାଘର ମିଳିବ ବୋଲି କୁହାଯାଇଥିଲା। କିନ୍ତୁ ଦୀର୍ଘ ୧୫ ମାସ ବିତି ଯାଇଥିଲେ ମଧ୍ୟ ତାଙ୍କୁ ପକ୍କାଘର ଖଣ୍ଡେ ମିଳିନାହିଁ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ସଂସ୍କୃତ ବିଶ୍ୱବିଦ୍ୟାଳୟରେ ପ୍ରତିଭା ଚୟନ




ପୁରୀଅଫିସ, ୮।୨:ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ(ଶ୍ରୀବିହାର)କ୍ୟାରିୟର କାଉନ୍‌ସିଲିଂ ପକ୍ଷରୁ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଆଇଟି କମ୍ପାନୀ ଯୋଗଦାନ କରିଥିଲା। ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ୪୪ଜଣ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଅଭିଷେକ ଚୌଧୁରୀ, ଇନ୍ଦିରା ପ୍ରିୟଦର୍ଶିନୀ ପାଢ଼ୀ ଓ ପ୍ରତିମା କମିଳା ପ୍ରମୁଖ କମ୍ପାନୀ ପକ୍ଷରୁ ନିଯୁକ୍ତି ଲାଗି ମନୋନୀତ ହୋଇଥିଲେ। ଏହି ବିଦ୍ୟାର୍ଥୀମାନେ ସ୍ନାତକୋତ୍ତର ସମାପ୍ତ କରିବା ପରେ ଉକ୍ତ କମ୍ପାନୀରେ ଯୋଗଦାନ କରିବେ ବୋଲି କମ୍ପାନୀ କର୍ତ୍ତୃପକ୍ଷ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ହରିହର ହୋତା, କମ୍ପାନୀର ମାନବ ସମ୍ବଳ ଅଧିକାରୀ ସଇଦ୍ ସଫିଉଦ୍ଦିନ୍, ପ୍ରିୟଙ୍କା ଦାସ, ସ୍ୱଚ୍ଛସ୍ୱରୂପ କୁମାର ଓ ଅଞ୍ଜୁକୁମାରୀ ପ୍ରମୁଖ ଯୋଗଦାନ କରି ଚୟନ କରିଥିଲେ। ବିଶ୍ୱବିଦ୍ୟାଳୟ କ୍ୟାରିୟର କାଉନସିଲର୍ ସଂଯୋଜକ ଅଧାପକ ଡ. ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଏହାକୁ ସଂଯେଜନା କରିଥିଲେ।

### ସ୍କୁଟିକୁ ପିଟିଲା ୪୦୭: ଯୁବକ ମୃତ, ମହିଳା ଗୁରୁତର

ପୁରୀଅଫିସ, ୮।୨: ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ମାଳତିପାଟପୁର ଓଭରବ୍ରିଜ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏକ ସ୍କୁଟିକୁ ଘରୋଇ ଗ୍ୟାସ ବୋଝେଇ ୪୦୭ ସାମନା ପଟୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କ ପରିଚୟ ମିଳିପାରିନାହିଁ। ସ୍ଥାନୀୟ ଲୋକେ ଆହତ ମହିଳାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରୁ ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ କିଛି ସମୟ ଲାଗି ରାସ୍ତାରୋକୋ କରି ରାଜପଥ ଅବରୋଧ କରିଥିଲେ। ଖବରପାଇ ସଦର ଥାନା ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ପୋଲିସ ସ୍କୁଟି ଓ ଗ୍ୟାସ ବୋଝେଇ ୪୦୭କୁ ଜବତ କରିଛି।

### ଶ୍ରମିକ ୟୁନିୟନ ପକ୍ଷରୁ ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ



ଜଟଣୀ,୮।୨(ଡି.ଏନ.ଏ.): ରେଲୱେ କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ପକ୍ଷରୁ ଶୁକ୍ରବାର ଶୋଭାଯାତ୍ରା, ବିକ୍ଷୋଭ ଓ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ୟୁନିୟନର ମଣ୍ଡଳ ସଂଯୋଜକ ନିରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଜଟଣୀସ୍ଥିତ ଖୋର୍ଦ୍ଧାରୋଡ ରେଳ ଡିଭିଜନ ମୁଖ୍ୟ ଦପ୍ତର ସମ୍ମୁଖରେ ବିକ୍ଷୋଭ ଓ ସଭା ହୋଇଥିଲା। ଟିକେଟ ଚେକିଂ ଷ୍ଟାଫଙ୍କର ଏମ୍‌ଏସିପି ଓ ସିଗ୍‌ନାଲ ଷ୍ଟାଫଙ୍କର ପାଳି ତାଲିକା ଲାଗୁ କରିବା, ରନିଂ ଷ୍ଟାଫଙ୍କର ଲାଇନ୍ ବକ୍ସ ବ୍ୟବସ୍ଥା ଉଚ୍ଛେଦ, ୫୦ ଜଣ ସହକାରୀ ଲୋକୋ ପାଇଲଟ୍‌ଙ୍କ ପାଇଁ ସିଏଲ୍‌ଆଇ ପଦବୀ ସୃଷ୍ଟି ପାଇ ଦାବି ହୋଇଥିଲା। ନ୍ୟାୟାଳୟ ନିର୍ଦ୍ଦେଶ ଅନୁଯାୟୀ ସିସି, ବିସି ଓ ଇସିଆର୍‌ସି ପଦବୀ ବିଲୀନ କାର୍ଯ୍ୟ ବନ୍ଦ କରିବା ଆଦି ମଣ୍ଡଳସ୍ତରୀୟ ୯ ଦଫା ଦାବି ବ୍ୟତୀତ ସର୍ବଭାରତୀୟସ୍ତରର ବିଭିନ୍ନ ସମସ୍ୟା ଦୂର ନେଇ ୪ ଦଫା ଦାବିପତ୍ର ଡିଭିଜନର ଡିଆରଏମ୍‌ଙ୍କୁ ପ୍ରଦାନ କରିଥିଲେ। ଏଥିରେ ଶ୍ରମିକ ୟୁନିୟନ ଜୋନର ସାଧାରଣ ସମ୍ପାଦକ ପି. କେ. ପାଟଶାଣୀ, ମନୋଜ କୁମାର ପାଣ୍ଡେ, ଏସ୍.ଏସ୍. ଷଡଙ୍ଗୀ, ଏମ୍. ରାମକ୍ରିଷ୍ଣା, ମହମ୍ମଦ ଜାକିରଉଦ୍ଦିନ, ଏନ୍.କେ. ପରିଡ଼ା ଓ ଅନ୍ୟ ଶ୍ରମିକ ନେତା ଉପସ୍ଥିତ ରହିଥିଲେ।

## ■ ପୁରୀରେ ବାଲିମାଫିଆ ସକ୍ରିୟ

# ରାତିଅଧିଆ ଚଢ଼ାଉ, ୧୭ ଗାଡ଼ି ଜବତ

ପୁରୀ ଅଫିସ, ୮।୨

■ ୯ ଡ୍ରାଇଭର ଅଟକ

■ ଲକ୍ଷାଧିକ ଟଙ୍କାର ବିଦ୍ୟୁତ୍ କେବୁଲ ନଷ୍ଟ

ପୁରୀରେ ସକ୍ରିୟ ହୋଇଉଠିଛନ୍ତି ବାଲି ମାଫିଆ। ପ୍ରଶାସନ ଆଖିରେ ଆଙ୍ଗୁଠି ଗେଞ୍ଜି ମଧ୍ୟରାତ୍ରରେ ବେଆଇନ ଭାବେ ଶହ ଶହ ଟ୍ରିପ୍ ବାଲି ଚୋରା ଚାଲାଣ କରୁଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଜିଲା ପ୍ରଶାସନ, ପୋଲିସ ଏବଂ ସେସୁ ପକ୍ଷରୁ ମିଳିତ ଭାବେ ଚଢ଼ାଉ ପରେ ଏହା ସ୍ପଷ୍ଟ ହୋଇଛି। ଏହି ଚଢ଼ାଉ ସମୟରେ ୧୫ଟି ହାଇୱା ଓ ଡମ୍ଫର ଏବଂ ଦୁଇଟି ଜେସିବି ମେସିନ୍ ଜବତ କରାଯାଇଛି। ଏହି ଘଟଣାରେ ୯ଡ୍ରାଇଭରଙ୍କୁ ଅଟକ ରଖାଯାଇଥିବା ବେଳେ ଅନ୍ୟମାନେ ଖସିଯାଇଛନ୍ତି। ତେବେ ରାତିରେ ଜେସିବି ବାଲି ଖୋଳୁଥିବାରୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଛାଯାଇଥିବା ଲକ୍ଷ ଲକ୍ଷ ଟଙ୍କାର ଭୂତଳ କେବୁଲ ତାର ଛିଣ୍ଡି ନଷ୍ଟ ହୋଇଯାଇଛି। ଏ ନେଇ ସେସୁ ପକ୍ଷରୁ ଏନର୍ଜି ଥାନାରେ ଅଭିଯୋଗ କରାଯାଇଛି।

ସହର ଉପକଣ୍ଠ ବଳିଆପଣ୍ଡା ମଙ୍ଗଳା ନଦୀ ମୁହାଣ ନିକଟ ତଥା ବ୍ରହ୍ମଗିରି ତହସିଲ ଅଧୀନ ସିପସରୁବାଲି ଅଞ୍ଚଳରେ ଏକାଧିକ ବାଲୁକା ସ୍ତୁପ ରହିଛି। ସମୁଦ୍ର ବେଳାଭୂମି କଡ଼ରେ ରହିଥିବା ଏହି ବାଲୁକା ସମ୍ପଦ ଉପରେ ବାଲି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି। ଫଳରେ ରାତିରେ ବେଆଇନ ଭାବେ ଏହି ଅଞ୍ଚଳରୁ ବାଲି ବାହାରକୁ ଚାଲାଣ କରି ମାଫିଆମାନେ ମାଲାମାଲ ହେଉଛନ୍ତି। ପ୍ରଶାସନ ନଜରରୁ ଦୂରେଇ ରହିବା ପାଇଁ ସତର୍କତାର ସହ ରାତିରେ ଏହି ବେଆଇନ କାରବାର ହେଉଛି। ଗୋଟିଏ ରାତିରେ ଶହ ଶହ ଟ୍ରିପ୍ ବାଲି ଉଠାଯାଉଛି। ସହର ଭିତରେ ନ ପଶି ଚୋରା ଚାଲାଣରେ ନିୟୋଜିତ ଟ୍ରକ୍, ହାଇୱା ଏବଂ ଡମ୍ଫର ତିଆରି ଚାଲିଥିବା ଷ୍ଟର୍ଲିଂ-ମଙ୍ଗଳା ଘାଟ ଦେଇ ପାର୍ ହେଉଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନିଷ୍କ୍ରିୟ ରହିବା ମାଫିଆମାନଙ୍କୁ ଏକପ୍ରକାର ପ୍ରୋତ୍ସାହନ ଦେଉଥିଲା। ପୁଣି କେତେକ ଅସାଧୁ କର୍ମଚାରୀଙ୍କୁ ହାତ କରି ମାଫିଆମାନେ ମାଲେମାଲ୍ ହେଉଥିଲେ। ତେବେ ଗତ କିଛିଦିନ ହେବ ଏହି ଚାଲାଣ ପ୍ରକ୍ରିୟା ଜୋର୍ ଧରିଥିଲା।



ପୁରୀ ବଳିଆପଣ୍ଡାଠାରେ ଜବତ ହୋଇଥିବା ଜେସିବି।

ଫଳରେ ବଳିଆପଣ୍ଡା ନିକଟ ବେଳାଭୂମି କଡ଼ରେ ବାଲି ଉଠାଉଥିବା ବେଳେ ଭୂତଳ କେବୁଲ ଛିଣ୍ଡି ଯାଇଥିଲା। ଏହାଦ୍ୱାରା ଅନେକ ସମୟରେ ସହରରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଉଥିଲା। ଏହାର କାରଣ ଖୋଜିଥିଲା ସେସୁ। ରାତିରେ ବେଆଇନ ବାଲି ଚାଲାଣ ଯୋଗୁ ତାର ଛିଣ୍ଡି ବିଦ୍ୟୁତ୍ ସରବରାହ ବ୍ୟାହତ ହେଉଥିବା ନେଇ ସେସୁ କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ବିଭାଗ ପକ୍ଷରୁ ଜିଲା ପ୍ରଶାସନ ଏବଂ ପୋଲିସକୁ ମଧ୍ୟ ସୂଚନା ଦିଆଯାଇଥିଲା। ତେଣୁ ମିଳିତ ଭାବେ ମାଫିଆଙ୍କୁ ଧରିବା ଲାଗି ଯୋଜନା ପ୍ରସ୍ତୁତ କରାଯାଇଥିଲା। ଗୁରୁବାର ରାତି ପ୍ରାୟ ସାଢେ ୧୨ଟାରେ ବଳିଆପଣ୍ଡା ନିକଟ ବେଳାଭୂମି କଡ଼ରୁ ଦୁଇଟି ଜେସିବି ବାଲି ଖୋଳୁଥିଲା। ପୂର୍ବରୁ ପ୍ରସ୍ତୁତ ଥିବା ଜିଲା ପ୍ରଶାସନ ଏବଂ ସେସୁ କର୍ତ୍ତୃପକ୍ଷ ପୋଲିସ ସହାୟତାରେ ରାତି ଅଧରେ ସେଠାରେ ଚଢାଉ କରିଥିଲେ। ଉପଜିଲାପାଳ ଭବତାରଣ ସାହୁ, ସେସୁ ନିର୍ବାହୀ ଅଧିକାରୀ ଶିବପ୍ରସାଦ ସ୍ୱାଇଁ, ବଳିଆପଣ୍ଡା ଥାନା ଅଧିକାରୀ ବାମଦେବ ସ୍ୱାଇଁଙ୍କ ସମେତ ସେସୁର ଅନ୍ୟ କର୍ମଚାରୀ ପ୍ରମୁଖ ଚଢାଉ କରିବା ସମୟରେ ୫ଟି ଗାଡ଼ି (୪ ହାଇୱା, ୧ ଡମ୍ଫର)ରେ ବାଲି ଲୋଡ୍ ସରିଥିଲା ଏବଂ ଆଉ ୧୦ଟି ଗାଡ଼ି ରହିଥିଲା। ପୋଲିସ ଏବଂ ପ୍ରଶାସନିକ ଅଧିକାରୀ ସବୁଯାକ ଗାଡ଼ି ଜବତ କରିଥିଲେ। ଜେସିବି ଦ୍ୱୟର ଚାଳକ ଖସି ଯାଇଥିବା ବେଳେ ଘଟଣାସ୍ଥଳରୁ ୯ଡ୍ରାଇଭର ଧରାପଡିଥିଲେ। ପୋଲିସ ସେମାନଙ୍କୁ ବଳିଆପଣ୍ଡା ଥାନାକୁ ଆଣିଥିଲା। ସକାଳେ ପୁନଶ୍ଚ ଉପଜିଲାପାଳ ସାହୁ, ପୁରୀ ତହସିଲଦାର ବରଣେନ୍ଦୁ ମହାନ୍ତି, ବଳିଆପଣ୍ଡା ଥାନା ଆଇଆଇସି, ବ୍ରହ୍ମଗିରି ତହସିଲଦାର ମୃତ୍ୟୁଞ୍ଜୟ ଭୂୟାଁ, ପୁରୀ ଏବଂ ବ୍ରହ୍ମଗିରି ଆର୍‌ଆଇ ପ୍ରମୁଖ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିଥିଲେ। ବିପୁଳ ପରିମାଣରେ ବାଲି ଚୋରା ଚାଲାଣ ହୋଇଯାଇଥିବା ଦେଖିବାକୁ ପାଇଥିଲେ।

ଏ ସମ୍ପର୍କରେ ଉପଜିଲାପାଳ ସାହୁ କହିଛନ୍ତି, ସିପସରୁବାଲି ଅଞ୍ଚଳରେ କିଛି ବାଲୁକା ସ୍ତୁପ ରହିଛି। ପ୍ରଶାସନ ନଜରରୁ ଦୂରେଇ ରହିବା ପାଇଁ ରାତିରେ ବାଲି ଚାଲାଣ ହେଉଥିଲା। ଖବର ମିଳିବା ପରେ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି ବାଲି ଚାଲାଣ ପଛର ମାଷ୍ଟର ମାଇଣ୍ଡ କିଏ, ଏହା କେଉଁଠିକୁ ଯାଉଥିଲା ସେ ନେଇ ତଦନ୍ତ ଚାଲିଛି। ତେବେ ଏହି ବାଲି ସହର ବାହାରକୁ ଯାଉଥିବା ବିଶେଷ ସୂତ୍ରରୁ ଖବର ମିଳିଛି। ଜବତ ଗାଡ଼ି ମାଲିକଙ୍କ ବିରୋଧରେ ଆଇନ ଅନୁଯାୟୀ କେସ୍ ରୁଜୁ କରାଯିବ।

## ସରକାରୀ ଜମି ବିକ୍ରି ଅଭିଯୋଗ

ପୁରୀ ଅଫିସ, ୮।୨

ପୁରୀ ସହରର ବହୁ ସରକାରୀ ଜମି ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଉଛି। କେତେକ ନିଜେ ଜବରଦଖଲ କରିଥିବାବେଳେ ଆଉ କିଛି ଦୁର୍ବୃତ୍ତ ସରକାରୀ ଜମିକୁ ବିକ୍ରି କରୁଥିବା ଅଭିଯୋଗ ମଧ୍ୟ ହେଉଛି। ତାଳବଣିଆ ହେଲିପ୍ୟାଡ୍‌କୁ ଲାଗି ମଧୁର ଜଳ ସଂରକ୍ଷିତ ଅଞ୍ଚଳରେ ରହିଥିବା ସରକାର ଜମିକୁ କେତେକ ଦୁର୍ବୃତ୍ତ ପ୍ଲଟିଂ କରି ବେଆଇନ ଭାବେ ବିକ୍ରି କରୁଛନ୍ତି। ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ ହେବା ପରେ ଜିଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ପୁରୀ ସହରକୁ ପିଇବା ପାଣି ଯୋଗାଇବା ଉଦ୍ଦେଶ୍ୟରେ ତାଳବଣିଆ ହେଲିପ୍ୟାଡ୍ ନିକଟ ଏହି ଜମି ସମେତ ୪୪୮ଏକର ଜମି ସରକାର ଅଧିଗ୍ରହଣ କରିଥିଲେ। ଏହି ଜମିରେ ସମସ୍ତ ପ୍ରକାର ନିର୍ମାଣ କାର୍ଯ୍ୟ ଏବଂ ଜମି ହସ୍ତାନ୍ତର ଉପରେ ରାଜ୍ୟ ଉପକୂଳ ନିୟନ୍ତ୍ରଣ ପ୍ରାଧିକରଣ ନିଷେଧାଦେଶ ଜାରି କରିଛନ୍ତି। ଏହାଛଡା ତାଳବଣିଆ ଏବଂ ବଳିଆପଣ୍ଡା ମଧୁର ଜଳ ସଂରକ୍ଷିତ ଅଞ୍ଚଳର ସୁରକ୍ଷା ପାଇଁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସତ୍ତ୍ୱେ ବେଆଇନ ଭାବେ ସରକାରୀ ଜମିକୁ କେତେକ ଦୁର୍ବୃତ୍ତ ବିକ୍ରି କରୁଥିବା ନେଇ ଅଭିଯୋଗ ହେବା ପରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

## ■ ପେନ୍‌ସନ, ବକେୟା ପ୍ରାପ୍ୟ ଦାବି

# ଅବସରପ୍ରାପ୍ତ କର୍ମଚାରୀଙ୍କ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ଆଗରେ ଧାରଣା



ଅବସରପ୍ରାପ୍ତ କର୍ମଚାରୀଙ୍କ ଧାରଣା।

ଜଟଣୀ,୮।୨(ଡି.ଏନ.ଏ)

ପୂର୍ଣ୍ଣ ପେନ୍‌ସନ ଓ ବକେୟା ପ୍ରାପ୍ୟ ପ୍ରଦାନ ଦାବିରେ ଜଟଣୀ ମ୍ୟୁନିସିପାଲିଟି ଅବସରପ୍ରାପ୍ତ କର୍ମଚାରୀ ସଂଘ ଶୁକ୍ରବାରଠାରୁ ଧାରଣା ଆରମ୍ଭ କରିଛି। ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସମ୍ମୁଖରେ ଏହି ଧାରଣା ଚାଲୁ ରହିଛି। ଅବସର ଗ୍ରହଣର ଦୀର୍ଘବର୍ଷ ପରେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ସେମାନଙ୍କ ପେନସନ ଓ ପ୍ରାପ୍ୟ ପ୍ରଦାନ ନ କରିବା ପରିତାପର ବିଷୟ ବୋଲି ସଂଘର ସଭାପତି ସୁବ୍ରତ କୁମାର ନନ୍ଦ କହିଛନ୍ତି। ଶହେରୁ ଅଧିକ ଅବସରପ୍ରାପ୍ତ କର୍ମଚାରୀ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଅସୁସ୍ଥ ହେଲେ ଚିକିତ୍ସା ପାଇଁ ପାଇବାକୁ ଥିବା ପ୍ରାପ୍ୟ ପ୍ରଦାନ କରାଯାଉନାହିଁ। ଏଥିସହ ଅର୍ଥର ଅଭାବ ଯୋଗୁ ଠିକ୍ ଭାବେ ଚିକିତ୍ସିତ ହୋଇ ନ ପାରି ୧୩ ଜଣଙ୍କ ମୃତ୍ୟୁ ଘଟିଲାଣି। ଆଉ କେତେଜଣ ରୋଗ ଶଯ୍ୟାରେ ପଡିଛନ୍ତି। ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ମାନବିକତା ନ ଥିବା ପରି ମନେହେଉଥିବା ଧାରଣାରତ ବରିଷ୍ଠ ନାଗରିକମାନେ କହିଛନ୍ତି। ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବହୁବାର ଆପତ୍ତି ଅଭିଯୋଗ ସହ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇଥିଲେ ମଧ୍ୟ କେବଳ ପ୍ରତିଶ୍ରୁତିରେ ଏହା ସୀମିତ ରହିଛି ବୋଲି କହିଛନ୍ତି। ଦାବିପୂରଣ ନ ହେବା ଯାଏ ଧାରଣା ଚାଲୁ ରହିବ ବୋଲି ଚେତାବନୀ ଦେଇଥିଲେ। ସଂଘର ଉପସଭାପତି ସୁବାସ ସୁବୁଦ୍ଧି, ସମ୍ପାଦକ ସରୋଜ ରାୟ ଓ ଅନ୍ୟମାନଙ୍କ ନେତୃତ୍ୱରେ ଏହି ଧାରଣା ଚାଲିଥିଲା। ରାତିରେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ବିଶ୍ୱଜିତ୍ ମିଶ୍ର ଧାରଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିବାରେ ଧାରଣା ହଟିଥିଲା। ମିଶ୍ରଙ୍କ କହିବା ଅନୁଯାୟୀ, ଅଧିକାଂଶ ଅବସରପ୍ରାପ୍ତ କର୍ମଚାରୀଙ୍କ ରହିଥିବା ସମସ୍ୟା ଦୂର କରାଯାଇ ସାରିଲାଣି। ଯେଉଁ କେତେଜଣଙ୍କ ସମସ୍ୟା ରହିଛି ତାହାକୁ ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ମେଡିକାଲ ଛକରେ ଯୁବକଙ୍କୁ ଗୋଡ଼ାଇ ହାଣିଲେ

ପୁରୀଅଫିସ, ୮।୨

ବଢୁଛି ଅପରାଧ। ଅଶାନ୍ତ ପର୍ଯ୍ୟଟନ ସହର। ଗତ କିଛିଦିନର ନୀରବତା ପରେ ପୁରୀ ସହରରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଅପରାଧକୁ ଦମନ କରିବାରେ ପୁରୀ ପୋଲିସ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଶୁକ୍ରବାର କୁମ୍ଭାରପଡା ଥାନା ଅନ୍ତର୍ଗତ ମେଡିକାଲ ଛକରେ ବାଇକ ମେକାନିକଙ୍କୁ ବାଲି ଉପର ବସ୍ତିର କେତେଜଣ ଦୁର୍ବୃତ୍ତ ମାରଣାସ୍ତ୍ରରେ ଗୋଡାଇ ହାଣିଛନ୍ତି। ଯୁବକ ଜଣକ ହେଲେ ବଡଶଙ୍ଖ ନୂଆସାହିର ରମାକାନ୍ତ ସାମଲ(୨୮)। ତାଙ୍କ ଡାହାଣ ପାର୍ଶ୍ୱ ହାତ ଓ ଗୋଡରେ ଗଭୀର ଆଘାତ ଲାଗିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ମେଡିକାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି। ପୂର୍ବ ଶତ୍ରୁତାକୁ ନେଇ ଏହି ଘଟଣା ଘଟିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି। ପ୍ରକାଶ ଯେ, ଦୁଇ ଦିନ ତଳେ ମେଡିକାଲ ଛକରେ ୩ଜଣ ଯୁବକ ମିଶି ଜଣେ ଯୁବକଙ୍କୁ ରାସ୍ତାରେ ଗୋଡ଼ାଇ ଗୋଡାଇ ପିଟିଥିଲେ। ନିକଟରେ ବାସେଳି ସାହିର ନିଖିଳ ଷଡ଼ଙ୍ଗୀଙ୍କୁ କେତେଜଣ ଯୁବକ ମେଡିକାଲ ଛକ ବିଶାଳ ମେଗାମାର୍ଟ ନିକଟରେ ଛୁରାମାଡ କରିଥିଲେ।

## କ୍ରାନ୍ତିକାରୀଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଇନାହିଁ

ପୁରୀଅଫିସ, ୮।୨

ଅଲ ଇଣ୍ଡିଆ ଡି ୱାଇଓଡିଏସଓ ଏବଂ ଡେମୋକ୍ରାଟିକ୍ କଲଚରାଲ ଫୋରମ ପୁରୀ ଜିଲାର ମିଳିତ ଆନୁକୂଲ୍ୟରେ ନେତାଜୀଙ୍କ ଐତିହାସିକ ବିପ୍ଳବ ଓ ବର୍ତ୍ତମାନର ସମାଜ ଶୀର୍ଷକ ଜିଲାସ୍ତରୀୟ ଆଲୋଚନା ଚକ୍ର ଶୁକ୍ରବାର ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଥିଲା। ଫୋରମର ଜିଲା ସମ୍ପାଦକ ଅଜୟ କୁଅଁରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନା ଚକ୍ରକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶୀଳ କୁମାର ବ୍ରହ୍ମା ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ହରିହର ମିଶ୍ର ଯୋଗଦେଇ କହିଲେ ଯେ, ଭାରତୀୟ ମୁକ୍ତି ସଂଗ୍ରାମରେ ନେତାଜୀଙ୍କ ଅବଦାନ ଅତୁଳନୀୟ। ଦେଶ ମାତୃକାର ସ୍ୱାଧିନତା ଲାଗି ବ୍ରିଟିଶ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ନେତାଜୀ, ଶହୀଦ ଭଗତସିଂ, ବାଘାଜତୀନ ଓ ଲକ୍ଷ୍ମଣ ନାୟକ ପ୍ରଭୃତିଙ୍କ ସଂଗ୍ରାମ ଭାରତୀୟ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ମାତ୍ର ଦେଶ ସ୍ୱାଧିନ ହେବା ପରେ ଏହି




ଆଲୋନାଚକ୍ରରେ ଯୋଗ ଦେଇଥିବା ଅତିଥି।

ବିପ୍ଳବୀ ମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କରାଯାଇନାହିଁ। ଫଳରେ ଆଜିର ଯୁବପିଢ଼ୀ ଏହି ମାନଙ୍କ ଐତିହାସିକ ସଂଗ୍ରାମ, ବୀରତ୍ୱପୂର୍ଣ୍ଣ ବଳିଦାନ ସମ୍ପର୍କରେ ଅବଗତ ହେବାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗାଳ୍ପିକ ରବୀନ୍ଦ୍ର ପଟ୍ଟନାୟକ, ଅଧାପକ ସନାତନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବପିଢ଼ୀ ଦେଶ ମାତୃକାର ସେବାରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଏକ ଉନ୍ନତ ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ୀ କର୍ଣ୍ଣଧାର ହେବାକୁ ପରାମର୍ଶ ଦେଇଥିଲେ। ଦେବଦତ୍ତ ବିଶ୍ୱରଞ୍ଜନ ମିଶ୍ର ଓ ଡ.ସୁଜିତ କୁମାର ମହାପାତ୍ର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସ୍ୱାଧିନତା ପରର ଭାରତ ଏବଂ ସ୍ୱାଧିନତା ପୂର୍ବବର୍ତ୍ତୀ ଇତିହାସ ସମ୍ପର୍କରେ ଆଲୋକପାତ କରି କହିଲେ ଯେ, ଯୁବ ସମାଜ ହେଉଛନ୍ତି ଭବିଷ୍ୟତର ଭାରତ। ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବରସରରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କେଶରୀ ନନ୍ଦନ ପ୍ରଧାନ ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏସ୍‌ସିଏସ୍ କଲେଜ: କ୍ରୀଡ଼ା ସାମଗ୍ରୀ କିଣାରେ ଦୁର୍ନୀତି ଅଭିଯୋଗ

ପୁରୀଅଫିସ, ୮।୨

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୧୮ବର୍ଷର କ୍ରୀଡା ସାମଗ୍ରୀ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଛି। କଲେଜର କେତେଜଣ ଅଧାପକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, କିଣାଯାଇଥିବା ସାମଗ୍ରୀ ନିମ୍ନମାନର ହୋଇଥିବା ବେଳେ ଏଥିରେ ପ୍ରାୟ ୧୦ଲକ୍ଷ ଟଙ୍କାର ଦୁର୍ନୀତି ହୋଇଛି। ଏପରି କି କ୍ରୀଡ଼ା ସାମଗ୍ରୀ କିଣିବା ପାଇଁ ହୋଇଥିବା ଟେଣ୍ଡରରେ ଚଞ୍ଚକତା ହୋଇଥିବା ସେମାନେ କହିବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଦୁର୍ନୀତିରେ କଲେଜର କେତେଜଣ ଅଧାପକ ଓ ଅଣଶିକ୍ଷକଙ୍କ ସମ୍ପୃକ୍ତି ଥିବା କୁହାଯାଇଛି। ଏ ନେଇ କଲେଜ ଅଧକ୍ଷ ପ୍ରଫେସର ପ୍ରଫୁଲ୍ଲ ମହାନ୍ତିଙ୍କୁ ପଚାରିବାରେ ମୁଁ ଫେବୃୟାରୀ ୧ରୁ ଦାୟିତ୍ୱ ଗ୍ରହଣ କରିଛି। ଏ ସମ୍ପର୍କରେ ମୁଁ କିଛି ଜାଣିନି। ଏ ନେଇ ବିଧିବଦ୍ଧ ଅଭିଯୋଗ ହେଲେ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି। କଲେଜର କ୍ରୀଡା ଶିକ୍ଷକ ରଞ୍ଜିତ ମିଶ୍ରଙ୍କୁ ପଚାରିବାରେ କ୍ରୀଡ଼ା ସାମଗ୍ରୀ କିଣାଯିବା ସମୟରେ ତାଙ୍କର ମତାମତ ନିଆଯାଇ ନାହିଁ ତେଣୁ ସେ କିଛି କହିପାରିବି ନାହିଁ ବୋଲି କହିଥିଲେ।

# ରାଜ୍ୟସ୍ତରୀୟ କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀ

ଖୋର୍ଦ୍ଧା ଅଫିସ,୮।୨

ଓଡ଼ିଆ ସାହିତ୍ୟର ଅନନ୍ୟ ସାଧିକା ଥିଲେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ। ଗୀତି କବିତା, ଉପନ୍ୟାସ, ପ୍ରବନ୍ଧ ଓ ପତ୍ରାବଳୀ ଆଦି ପ୍ରତ୍ୟେକଟି ବିଭାଗରେ ତାଙ୍କର ସାରସ୍ୱତ ପ୍ରତିଭାର ଉଜ୍ଜ୍ୱଳ ସ୍ୱାକ୍ଷର ଲିପିବଦ୍ଧ। ଓଡିଆ ସାହିତ୍ୟକୁ ସର୍ବଭାରତୀୟ ସ୍ତରରେ ପହଞ୍ଚାଇବାକୁ ସେ ହିନ୍ଦୀ ଭାଷାରେ ପତ୍ରିକା ସମ୍ପାଦନା କରି ନିଜ ସାରସ୍ୱତ ଦକ୍ଷତାର ପରିଚୟ ଦେଇଥିଲେ। ଦେଶାତ୍ମବୋଧକ କବିତା ରଚନା କ୍ଷେତ୍ରରେ ସେ ଥିଲେ ଜଣେ ଦୂରଦ୍ରଷ୍ଟା ସ୍ରଷ୍ଟା। ସାମାଜିକ କୁସଂସ୍କାର, ଅନ୍ଧବିଶ୍ୱାସ, ଅନ୍ୟାୟର ବିରୋଧରେ ଦୃଢ ସ୍ୱର ଉତ୍ତୋଳନ କରି ନିଜ ସଂଗ୍ରାମୀ ଜୀବନର ସେ ପରିଚୟ ଦେଇ ପାରିଥିଲେ। ସମ୍ପ୍ରତି ଏଭଳି ବ୍ୟକ୍ତିତ୍ୱ ବିରଳ ବୋଲି କୁନ୍ତଳା କୁମାରୀ ସାବତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ, ଖୋର୍ଦ୍ଧା ସାହିତ୍ୟ ସଂସଦ ଓ ଓଡିଶା ଲେଖିକା ସଂସଦ ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଜିଲା ସଂସ୍କୃତି ଭବନ ପରିସରରେ ସାବତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପ୍ରଥମେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ବୃନ୍ଦାବନ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ସ୍ନିଗ୍ଧାରାଣୀ ସ୍ୱାଇଁ ଓ ବିନୋଦିନୀ ନାୟକ କବିତା ସଂଯୋଜନା କରିଥିଲେ। ୨ୟ ପର୍ଯ୍ୟାୟରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ, ମୁଖ୍ୟବକ୍ତା ରୂପେ ବିଶିଷ୍ଟ ଅନୁବାଦିକା ଶକୁନ୍ତଳା ବଳିଆରସିଂହ ଓ ସାହିତ୍ୟ ଏକାଡେମୀର ସଚିବ ଜୟନ୍ତୀ ରଥ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବର୍ଷିୟାନ କଥାକାର ବଂଶୀଧର ରାଉତ, ରମାଦେବୀ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ସଂଘମିତ୍ରା ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସାହିତ୍ୟ ସଂସଦର ଯୁଗ୍ମ ସମ୍ପାଦକ କୈଳାସ ମହାରଣା ଅତିଥିମାନଙ୍କ ପରିଚୟ ପ୍ରଦାନ, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ସ୍ୱାଗତ ଭାଷଣ, ସଙ୍ଗଠନ ସମ୍ପାଦକ ବିଭୁ ପ୍ରସାଦ ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

# କଟକଣାକୁ ଟ୍ରଲର ମାଲିକଙ୍କ ବେଖାତିର

ପୁରୀ ଅଫିସ, ୮।୨

### ବେଳାଭୂମିରେ ଲାଗୁଛନ୍ତି ମୃତ କଇଁଛ

ଅସୁରକ୍ଷିତ ହୋଇପଡିଛନ୍ତି ସାମୁଦ୍ରିକ କଇଁଛ ଅଲିଭରିଡ୍‌ଲେ। ଏମାନଙ୍କ ସୁରକ୍ଷା ପାଇଁ ଥିବା କଟକଣା ଏକପ୍ରକାର ପ୍ରହସନରେ ପରିଣତ ହୋଇଛି। କେତେକ ଟ୍ରଲର ମାଲିକ ବେଆଇନ ଭାବେ ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବାରୁ ପ୍ରତିଦିନ ବହୁ ସଂଖ୍ୟାରେ କଇଁଛଙ୍କ ମୃତ୍ୟୁ ଘଟୁଛି। ଶୁକ୍ରବାର ସାତଲହଡି ମଠ ସମ୍ମୁଖ ପୁରୀ ବେଳାଭୂମିରେ ୭ଟି ମୃତ କଇଁଛ ପଡିବା ଘଟଣା ଏହାର ବାସ୍ତବତାକୁ ପ୍ରମାଣ କରୁଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ପଚି ଯାଇଥିବା ବେଳେ ସେଗୁଡ଼ିକୁ କୁକୁର ଟାଣି ଖାଉଥିଲେ। ୪/୫ ଦିନ ପୂର୍ବରୁ କଇଁଛ ସମୁଦ୍ର ଭିତରେ ମରିଥିବା ଭଳି ଜଣାପଡୁଥିଲା। ସକାଳେ ଭାସି ଭାସି ଆସି କୂଳରେ ଲାଗିଥିବା ସ୍ଥାନୀୟ ମତ୍ସ୍ୟଜୀବୀ କହିଥିଲେ। କଇଁଛଙ୍କ ଏଭଳି ମୃତ୍ୟୁକୁ ନେଇ ପରିବେଶବିତ୍ ଗଭୀର ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଏ ସମ୍ପର୍କରେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ହର୍ଷବର୍ଦ୍ଧନ ବେହେରାଙ୍କୁ ପଚାରିବାରେ ବେଳାଭୂମିରେ ମୃତ କଇଁଛ ଲାଗିଥିବା ଖବର ପାଇଛି। ଏହି କଇଁଛଙ୍କୁ ନମ୍ବର



ବେଳାଭୂମିରେ ମରିପଡ଼ିଥିବା କଇଁଛ।

କରାଯାଇ ପରେ ପୋତି ଦିଆଯାଇଛି। ବର୍ତ୍ତମାନ କଇଁଛଙ୍କ ମିଳନରତୁ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହା ବ୍ୟତୀତ ବହୁ ସଂଖ୍ୟାରେ କଇଁଛ ଅଣ୍ଡା ଦେବାକୁ କୂଳମୁହାଁ ହେଉଛନ୍ତି। ଏହି ସମୟରେ ବେଆଇନ ଭାବେ ନିଷିଦ୍ଧାଞ୍ଚଳରେ କେତେକ ଟ୍ରଲର ମାଛ ମାରୁଥିବାରୁ କଇଁଛ ସେଥିରେ ମାଡ଼ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ବେଆଇନ ଭାବେ ମାଛ ମାରୁଥିବା କେତେକ ଟ୍ରଲରକୁ ମଧ୍ୟ ଜବତ କରାଯାଇଛି। ଏ ନେଇ ଆମେ ପାଟ୍ରୋଲିଂକୁ ଆହୁରି କଡାକଡି କରିବୁ ବୋଲି ସେ କହିଥିଲେ।

ପ୍ରତିବର୍ଷ ନଭେମ୍ବର ମାସରୁ ଲକ୍ଷ ଲକ୍ଷ ଅଲିଭ ରିଡଲେ ଓଡ଼ିଶା ଉପକୂଳକୁ ଆସିବା ଆରମ୍ଭ କରନ୍ତି। କୂଳଠାରୁ ୫ରୁ ୧୦ କିମି ମଧ୍ୟରେ ସେମାନଙ୍କର ମିଳନ ହୁଏ। ବିଶେଷକରି ଓଡ଼ିଶାର ଗହୀରମଥା, ଋଷିକୁଲ୍ୟା ମୁହାଣ ବେଳାଭୂମି ଏବଂ ପୁରୀ ଜିଲା ଅସ୍ତରଙ୍ଗ ଦେବୀ ମୁହାଣ ଉପକୂଳ ଅଞ୍ଚଳରେ ଏମାନେ ଅଧିକ ସଂଖ୍ୟାରେ ଦେଖାଯାଆନ୍ତି। ତେଣୁ ଓଡ଼ିଶାମୁହାଁ ହେଉଥିବା ଅଲିଭ୍ ରିଡେଲଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ମେ ୩୧ ପର୍ଯ୍ୟନ୍ତ ମାଛଧରା ଉପରେ କଟକଣା ଜାରି କରାଯାଇଛି। ଦେବୀ ମୁହାଣଠାରୁ କେଳୁଣୀ ମୁହାଣ ୨୧କିମି ଅଞ୍ଚଳରେ ଉପକୂଳଠାରୁ ସମୁଦ୍ର ମଧ୍ୟକୁ ୨୦କିମି ପର୍ଯ୍ୟନ୍ତ ଅଞ୍ଚଳରେ ଟ୍ରଲର ଚଳଚାଳକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏହାବାଦ ଅନ୍ୟାନ୍ୟ ଅଞ୍ଚଳରେ ଉପକୂଳଠାରୁ ୫କିମି ମଧ୍ୟରେ ଟ୍ରଲର ଚଳାଚଳ ନିଷେଧ ରହିଛି। ହେଲେ ଅନେକ ସମୟରେ ଟ୍ରଲର ମାଲିକମାନେ ଏହି କଟକଣାକୁ ମାନୁନାହାନ୍ତି। ନୋ ଫିସିଂ ଜୋନରେ ଅଧିକାଂଶ ସମୟ ଚକ୍କର କାଟୁଥିବା ଟ୍ରଲରଗୁଡ଼ିକ ଅଲିଭରିଡ୍‌ଲେଙ୍କ ମୃତ୍ୟୁର କାରଣ ସାଜୁଛନ୍ତି। ଟ୍ରଲର ମାଡ଼ ଏବଂ ମାଛ ଧରା ପାଇଁ ବ୍ୟବହାର ହେଉଥିବା ଜାଲରେ ପଡି ବହୁ ସଂଖ୍ୟାରେ ଅଲିଭ ରିଡ୍‌ଲେଙ୍କ ମୃତ୍ୟୁ ଘଟୁଥିବା ଅଭିଯୋଗ ହେଉଛି।



ତୁମେ ନିଜେ ସତ୍ ହୋଇଗଲେ ଆଉ କିଛି ହେଉ ବା ନହେଉ, ତୁମର ଏତିକି ସନ୍ତୋଷ ହେଲା ଯେ, ପୃଥିବୀର ଅସତ୍ ଲୋକଙ୍କ ସଂଖ୍ୟା ଗୋଟିଏ କମିଗଲା। - କାର୍ଲାଇଲ



## ସଂକ୍ଷେପରେ

### ଜାତୀୟ ସଡ଼କ ସୁରକ୍ଷା ସପ୍ତାହ



ଟାଙ୍ଗୀ(ଖୋର୍ଦ୍ଧା),୮।୨(ଡି.ଏନ.ଏ.): ଭୁବନେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଟାଙ୍ଗୀ ବ୍ଲକ ଖବରଦାତା ସଂଘର ମିଳିତ ସହଯୋଗକ୍ରମେ ଟାଙ୍ଗୀରେ ଶୁକ୍ରବାର ପୂର୍ବାହ୍ନରେ ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ସୁରକ୍ଷିତ ଯାନବାହନ ଚଳାଚଳ ନିମନ୍ତେ ହେଲମେଟ୍ ବ୍ୟବହାର କରିବା, ମଦ୍ୟ ଓ ଅନ୍ୟ ନିଶାସେବନ ନ କରିବା ଆଦି ନିୟମ ସମ୍ପର୍କରେ ଜନ ସଚେତନତା କରାଯାଇଥିଲା। ଟାଙ୍ଗୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ବଳରାମଦେବ ବିଦ୍ୟାପୀଠର ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ଏକ ସଚେତନତା ଶୋଭାଯାତ୍ରାରେ ମୁଖ୍ୟରାସ୍ତା ଦେଇ ବଜାର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମବେଳେ ପଥପ୍ରାନ୍ତ ନାଟକ ମଧ ପରିବେଷିତ ହୋଇଥିଲା। ବ୍ଲକ ଖବରଦାତା ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧକ୍ଷତାରେ ବଳରାମଦେବ ବିଦ୍ୟାପୀଠ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ପରିବହନ ଅଧିକାରୀ ବୃନ୍ଦାବନ ସାହୁ, ଜେଏମ୍‌ଭିଆଇ ଅମିତ ରଣା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିନାଥ ଦାସ, ସଂଘ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ସରୋଜ କୁମାର ପାଇକରାୟ, ଅଶ୍ୱିନୀ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ମଧରେ ବୁଦ୍ଧି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶିକ୍ଷୟିତ୍ରୀ ଭାନୁମତୀ ଦେଈ, ଶିକ୍ଷକ କାଶୀନାଥ ଘଡେଇ, ବିଶ୍ୱଜିତ ପଲେଇ, ମନୋଜ ନାୟକ, ଚିତ୍ତରଞ୍ଜନ ଘଡେଇ, ଦିଲୀପ କୁମାର ମୁଦି, ରାକେଶ ମହାନ୍ତ ଓ ଅନନ୍ତ କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଭବାନୀପାଟଣା କ୍ରୀଡ଼ା ଛାତ୍ରାବାସ ବିଜୟୀ

ଟାଙ୍ଗୀ(ଖୋର୍ଦ୍ଧା),୮।୨(ଡି.ଏନ.ଏ.): ଟାଙ୍ଗୀସ୍ଥିତ ଚିଲିକା ଷ୍ଟାଡିୟମ୍‌ରେ ରାଜ୍ୟସ୍ତରୀୟ ବଳରାମଦେବ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ଶୁକ୍ରବାର ଖେଳରେ ଶିବା ଯୁଥ୍ କ୍ଲବ୍ (ଟାଙ୍ଗୀ)କୁ ୩-୧ରେ ହରାଇ କ୍ରୀଡ଼ା ଛାତ୍ରାବାସ(ଭବାନୀପାଟଣା) ସେମିଫାଇନାଲରେ ପ୍ରବେଶ କରିଛି। ବିଜେତା ଦଳର ରଞ୍ଜନ ଖିଲୋଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ଦୁର୍ଯ୍ୟୋଧନ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା । ଖେଳ ପରିଚାଳନା କରିଥିଲେ ରବୀନ୍ଦ୍ର କୁମାର ରଣା, ବିଶ୍ୱଜିତ୍ ସାହୁ ଓ ମନୋରଞ୍ଜନ ଖୁଣ୍ଟିଆ । ଲଟେରି କୁପନରେ ବିଜେତା ହେବାରୁ ଟାଙ୍ଗୀ ପଣସପୁର ସାହିର ପୂର୍ଣ୍ଣଚନ୍ଦ୍ର ଜେନାଙ୍କୁ ଏକ ସାଇକେଲ୍ ପ୍ରଦାନ କରାଯାଇଥିଲା। ଅତିଥି ରୂପେ ପ୍ରାକ୍ତନ ଫୁଟ୍‌ବଲ ଖେଳାଳି ରାମଚନ୍ଦ୍ର ଝପଟସିଂହ, ସୁକାନ୍ତ କଳସ, ପ୍ରଫୁଲ୍ଲ ବେହେରା, ମନୋଜ ଦାସ, ଆଇନଜୀବୀ ଅଶ୍ୱିନୀ କୁମାର ଦାସ ଓ ସମ୍ପାଦକ ବିଜୟ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ । ଶନିବାର କଟକ ଓ ନୟାଗଡ଼ର କ୍ରୀଡା ଛାତ୍ରାବାସ ମଧରେ ଖେଳ ଅନୁଷ୍ଠିତ ହେବ ।

# ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ପାର୍କିଂସ୍ଥଳ

ନୟାଗଡ଼ ଅଫିସ,୮।୨

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ସମ୍ପ୍ରତି ପାର୍କିଂ ସ୍ଥଳ ପାଲଟିଛି। ପ୍ରତ୍ୟହ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ସମୟରେ ମେଡିକାଲ ଆଗରେ ମାଳ ମାଳ ଅଟୋ ଓ ଘରୋଇ ଆମ୍ବୁଲାନ୍ସ ରହୁଥିବା ଦେଖିବାକୁ ମିଳେ। ଏହା କୌଣସି ରୋଗୀ କିମ୍ବା ସମ୍ପର୍କୀୟଙ୍କ ନୁହେଁ ପରନ୍ତୁ ଘରୋଇ ଗାଡ଼ି ମାଲିକଙ୍କର। ଦିନରାତି ମେଡ଼ିକାଲ କ୍ୟାମ୍ପସ୍‌ରେ ଡ୍ରାଇଭରମାନେ ଗାଡ଼ି ରଖି ସେମାନଙ୍କ ବେପାର ଜମାଉଛନ୍ତି। ମେଡ଼ିକାଲ ବାହାରେ ପାର୍କିଂ ପାଇଁ ଷ୍ଟାଣ୍ଡ ଥିବାବେଳେ ଡ୍ରାଇଭରମାନେ କିନ୍ତୁ ଏହାକୁ ମାନୁନାହାନ୍ତି। ମନଇଚ୍ଛା ଯିଏ ଯେଉଁଠି ପାରିଲା ସେଠି ରଖୁଛନ୍ତି। ଖାଲି ସେତିକି ନୁହେଁ, ରୋଗୀମାନଙ୍କଠାରୁ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଟଙ୍କା ନେଇ ସେମାନଙ୍କୁ ଶୋଷଣ କରୁଥିବା ମଧ ଅଭିଯୋଗ ହେଉଛି। ଏଭଳି ଗାଡ଼ି ପାର୍କିଂ ଯୋଗୁ ବିଭିନ୍ନ ସମୟରେ ବିଶୃଙ୍ଖଳା ସୃଷ୍ଟି ହେବା ସହିତ ରୋଗୀମାନେ ହଇରାଣ ହେଉଛନ୍ତି। ଏହି ସମସ୍ୟା ସମାଧାନ ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏଡିଏମ୍‌ଓ (ମେଡ଼ିକାଲ୍) ଡା. ଶ୍ୱେତ ମହାପାତ୍ର ୧୮ ଅକ୍ଟୋବର ୨୦୧୮ରେ ନୟାଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ଚିଠି ଲେଖିଥିଲେ। ଇତିମଧ୍ୟରେ ସାଢେ ୩ ମାସ ବିତିଯାଇଥିଲେ ମଧ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଯଥା ପୂର୍ବଂ ତଥା ପରମ୍ ସ୍ଥିତି ଜାରି ରହିଛି। ଜଣେ ରୋଗୀଙ୍କ ସମ୍ପର୍କୀୟ କହିବା ଅନୁଯାୟୀ, ଅଟୋଗୁଡ଼ିକ ମେଡ଼ିକାଲ୍ ପରିସରରେ ଗୋଟିଏ ସ୍ଥାନରେ ରହୁଥିବାରୁ ଡ୍ରାଇଭରମାନେ ଏକାଠି ହୋଇ ମାଦକଦ୍ରବ୍ୟ ସେବନ କରିବାର ଅବସର ପାଉଛନ୍ତି। ଏହା ଦ୍ୱାରା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏ ନେଇ ନୟାଗଡ଼ ଆରଟିଓ ପ୍ରତାପ ପ୍ରୀତିମୟ କହନ୍ତି, ସ୍ୱାସ୍ଥ୍ୟ ବିଭାଗରୁ ଚିଠି ପାଇଲା ପରେ ଆମେ ୩ଥର ଚଢ଼ାଉ କରି ଦୁଇଟି ଅଟୋ ଜବତ କରିଛୁ। ବିଭିନ୍ନ ସମୟରେ ଚଢ଼ାଉ ଖବର ପାଇ ଗାଡ଼ିଗୁଡ଼ିକ ଫେରାର୍ ହୋଇଯାଉଛନ୍ତି। ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରି ରହିବ ବୋଲି ସେ ସୂଚନା ଦେଇଥିଲେ। ବର୍ତ୍ତମାନର ସିଡ଼ିଏମ୍‌ଓ ଶ୍ୱେତ କୁମାର ମହାପାତ୍ର କହନ୍ତି, ମେଡ଼ିକାଲ୍ ପରିସରରେ ଅଟୋ ଓ ଘରୋଇ ଆମ୍ବୁଲାନ୍ସ ରହିବା ଯୋଗୁ ରୋଗୀମାନେ ହଇରାଣ ହେଉଛନ୍ତି। ସେହିଭଳି ଆରଟିଓ ତରଫରୁ ଯାଞ୍ଚ କରାଯାଇଥିବା ନେଇ ତାଙ୍କ ପାଖରେ କୌଣସି ଖବର ନ ଥିବା ସେ ପ୍ରକାଶ କରିଥିଲେ।



ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରହିଥିବା ଅଟୋ।

- ରହୁଛି ମାଳମାଳ ଘରୋଇ ଆମ୍ବୁଲାନ୍ସ ଓ ଅଟୋ
- ସମାଧାନ ପାଇଁ ଚିଠି କରିଥିଲା ସ୍ୱାସ୍ଥ୍ୟ ବିଭାଗ
- ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ନିଘା ନାହିଁ
- ହଇରାଣ ହେଉଛନ୍ତି ରୋଗୀ

■ ରାଜ୍ୟସ୍ତରୀୟ ମହାବୀର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ କେସିସି

ଗଣିଆ,୮।୨(ଡି.ଏନ.ଏ.)

ଗଣିଆ ବ୍ଲକର ଗଣିଆସ୍ଥିତ ମହାବୀର ସାଂସ୍କୃତିକ ପରିଷଦ ତରଫରୁ ଚାଲୁରହିଥିବା ରାଜ୍ୟସ୍ତରୀୟ ମହାବୀର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚରେ ଏନଡିସିସି ନୟାଗଡକୁ ୪ ଉଇକେଟ ବିନିମୟରେ ହରାଇ କେସିସି ଖୋର୍ଦ୍ଧା ଫାଇନାଲକୁ ପ୍ରବେଶ କରିଛି। ଏନଡିସିସି ନୟାଗଡ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଏନଡିସିସି ୭ ଉଇକେଟ ବିନିମୟରେ ୧୯୭ ରନ୍ ସଂଗ୍ରହ କରିଥିଲା। ଜବାବରେ କେସିସି ୧୮.୩ ଓଭରରେ ୩ ଉଇକେଟ ବିନିମୟରେ ୨୦୩ ରନ୍ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲା । ମୁଖ୍ୟ ଅତିଥି ଭାବେ ଯୁବ କଂଗ୍ରେସ ନେତା ସୁଶାନ୍ତ ନାୟକ ଯୋଗଦେଇଥିଲେ। ବିଜୟୀ ଦଳର ସତ୍ୟଜିତ ସାହୁଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ମହେଶ୍ୱର ମହାରଣା ଓ ତ୍ରିଲୋଚନ ବସ୍ତି ଖେଳ ପରିଚାଳନା କରିଥିଲେ । ଶନିବାର ଗ୍ରାଣ୍ଡ ଫାଇନାଲ ମ୍ୟାଚ ବାଙ୍କୀ ଆଥଲେଟିକ ଆସୋସିଏଶନ ଓ କେସିସି ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ତରଫରୁ ସୂଚନା ମିଳିଛି।



ଉଭୟ ଦଳର ଖେଳାଳିଙ୍କ ସହ ଅତିଥିମାନେ।

# ଓକିଲଙ୍କ ଦୁଇଦିନିଆ କାର୍ଯ୍ୟବନ୍ଦ ୧୧ରୁ




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ନୟାଗଡ଼ ଅଫିସ,୮।୨

ବାର୍ କାଉନସିଲ୍ ଅଫ ଇଣ୍ଡିଆ ଡାକରାରେ ନୟାଗଡ଼ ଜିଲାର ଓକିଲମାନେ ଚଳିତମାସ ୧୧ ଓ ୧୨ ତାରିଖ ଦୁଇଦିନ କାର୍ଯ୍ୟବନ୍ଦ କରିବେ। ୧୦ ଦଫା ଦାବିରେ ସେମାନେ ଆନ୍ଦୋଳନକୁ ଓହ୍ଲାଉଥିବା ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ପ୍ରମୁଖ ଦାବି ମଧରେ ଓକିଲ ଓ ତାଙ୍କ ପରିବାର ପାଇଁ ୨୦ ଲକ୍ଷ ଟଙ୍କାର ବୀମା ଯୋଜନା, କୌଣସି ରୋଗର ଚିକିତ୍ସା ପାଇଁ ଦେଶ ଓ ଦେଶ ବାହାରେ ମାଗଣା ଚିକିତ୍ସା ବ୍ୟବସ୍ଥା, ନୂଆ ଓକିଲାତି କରୁଥିବା ଓକିଲମାନଙ୍କୁ ୫ବର୍ଷ ପର୍ଯ୍ୟନ୍ତ ମାସିକ ୧୦ ହଜାର ଟଙ୍କା ବୃତ୍ତି ପ୍ରଦାନ, ଅକାଳ ବିୟୋଗ ଘଟିଲେ ସେମାନଙ୍କ ପରିବାରକୁ ମାସିକ ୫୦ ହଜାର ଟଙ୍କା ପେନ୍‌ସନ, ଓକିଲଙ୍କ ସୁରକ୍ଷା ଆଇନ, ବିନା ସୁଧରେ ଗୃହ ଋଣ, କେନ୍ଦ୍ରୀୟ ବଜେଟରେ ୫ହଜାର କୋଟି ଟଙ୍କା ବ୍ୟୟବରାଦ ଆଦି ଅନ୍ୟତମ। ସମ୍ମିଳନୀରେ ଅଭିଯୋଗ କରାଯାଇଛି ଯେ, ୧ ମାର୍ଚ୍ଚ ୨୦୧୪ରେ ଗୁଜରାଟ ବାର କାଉନସିଲ ଅଫ ଇଣ୍ଡିଆର ସ୍ୱର୍ଣ୍ଣଜୟନ୍ତୀ ଅବସରରେ ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓକିଲମାନଙ୍କ ମଙ୍ଗଳ ପାଇଁ ଆୟବ୍ୟୟ ପନ୍ଥା ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହାକୁ ପାଳନ କଲେ ନାହିଁ। ଫଳରେ ୨୨ ଜାନୁୟାରୀ ୨୦୧୯ରେ ଉପରୋକ୍ତ ଦଶଦଫା ଦାବି ବିଷୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜଣାଯାଇଥିଲା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ। ତେଣୁ ଚଳିତମାସ ୧୧ ଓ ୧୨ ତାରିଖ ଦୁଇଦିନ ଓକିଲମାନେ କାର୍ଯ୍ୟବନ୍ଦ କରିବେ ବୋଲି ନୟାଗଡ଼ ବାର ଆସୋସିଏଶନ ସଭାପତି ଅମିୟ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଜିଲାରେ ୬୦୦ରୁ ଊର୍ଦ୍ଧ୍ୱ ଓକିଲ ଥିବାବେଳେ ୧୧ ତାରିଖରେ ସମସ୍ତେ ମିଳିତ ଭାବେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବେ। ସେହିପରି ୧୨ ତାରିଖରେ ରାଜ୍ୟର ସମସ୍ତ ଓକିଲ ଭୁବନେଶ୍ୱରଠାରେ ଏକତ୍ରିତ ହୋଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିବେ ବୋଲି ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ବାର୍ ଆସୋସିଏଶନ ସମ୍ପାଦକ କାଳୁଚରଣ ସ୍ୱାଇଁଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ୧୦ ଦଫା ଦାବି

# ବିଶ୍ୱଶାନ୍ତି ମହାରୁଦ୍ର ଯଜ୍ଞ ଉଦ୍‌ଯାପିତ

ଟାଙ୍ଗୀ(ଖୋର୍ଦ୍ଧା),୮।୨(ଡି.ଏନ.ଏ.)

ଭୂଷଣ୍ଡପୁରରେ ବିଜେ ପଶ୍ଚିମାଭିମୁଖ ସ୍ୱୟଂମ୍ଭୁ ଐଶାନ୍ୟେଶ୍ୱରଙ୍କ ପୀଠରେ ଶୁକ୍ରବାର ମହାରୁଦ୍ର ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏଥିସହ ପୀଠେଶ୍ୱରୀ ମା' ପାଦୁକାଇଙ୍କ ପୀଠରେ ଚଣ୍ଡୀଯଜ୍ଞ, ଏକାଦଶ ମହାରୁଦ୍ର ମିଳନ ଓ ମହାକ୍ଷୀରସାଗର ଆୟୋଜିତ ହୋଇଥିଲା । ଏହି ଉତ୍ସବ ଗତ ୫ ତାରିଖ ଠାରୁ ଆରମ୍ଭ ହୋଇ ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା । ମହାକ୍ଷୀରସାଗର ଅବସରରେ ବିମାନ ବିରାଜିତ ଦେବମୂର୍ତ୍ତି ରୂପେ ଉରୁମୁଖୀର ଶ୍ରୀଶ୍ରୀ ଐଶାନ୍ୟେଶ୍ୱରଦେବ, କୁସୁମିର ଶ୍ରୀଶ୍ରୀ କୁସୁମେଶ୍ୱରଦେବ, ସୁନ୍ଦରପୁରର ଶ୍ରୀଶ୍ରୀ ମୁକ୍ତେଶ୍ୱରଦେବ, ତେନ୍ତୁଳିଆପଡାର ଶ୍ରୀଶ୍ରୀ ସ୍ୱପ୍ନେଶ୍ୱରଦେବ, ଗୋବର୍ଦ୍ଧନପୁରର ଶ୍ରୀଶ୍ରୀ ଲୋକନାଥଦେବ ଓ ଶ୍ରୀଶ୍ରୀ ଗୁପ୍ତେଶ୍ୱରଦେବ, ବାଲିପାଟପୁରର ଶ୍ରୀଶ୍ରୀ ଗ୍ରାମେଶ୍ୱରଦେବ, ଭୂଷଣ୍ଡପୁରର ଶ୍ରୀଶ୍ରୀ ବାଲୁଙ୍କେଶ୍ୱରଦେବ, ମଙ୍ଗଳାଯୋଡ଼ିର ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ଦେବ, ମାଳିସାହିର ଶ୍ରୀଶ୍ରୀ କୁମୁଦେଶ୍ୱରଦେବ ଓ ବାଦୁରାବରର ଶ୍ରୀଶ୍ରୀ ଚନ୍ଦନେଶ୍ୱରଦେବଙ୍କ ଏକାଦଶ ମହାରୁଦ୍ର ମିଳନ ଶହ ଶହ ଭକ୍ତଙ୍କ ସମାଗମରେ ଅନୁଷ୍ଠିତ ହୋଇଯାଇଛି। ରତ୍ନମାଳୀ ସାହିରେ ମା' ରତ୍ନମାଳୀଦେବୀଙ୍କ ପବିତ୍ର ପୀଠରେ ମଧ ତ୍ରିଦିନାତ୍ମକ ବିଶ୍ୱଶାନ୍ତି ଚଣ୍ଡୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି ।

# ଆମ୍ବଗଛରେ ପିଟିହେଲା ହାଇୱା: ଜଣେ ମୃତ

### ୧୩ ଘଣ୍ଟା ପରେ ମୃତଦେହ ଉଦ୍ଧାର, ଡ୍ରାଇଭର ଫେରାର

ଗଣିଆ,୮।୨(ଡି.ଏନ.ଏ.)

ନୟାଗଡ ଜିଲା ଗଣିଆ ଥାନା ଅନ୍ତର୍ଗତ କାଳିକାପ୍ରସାଦ ଗ୍ରାମ ନିକଟ ଗଣିଆ–ଦଶପଲ୍ଲା ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ଏକ ଆମ୍ବଗଛରେ ଗୁରୁବାର ମଧ୍ୟରାତ୍ରରେ ଏକ ହାଇୱା ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ଗାଡିର ବାମ ପାର୍ଶ୍ୱରେ ବସିଥିବା ଜଣେ ବ୍ୟକ୍ତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ହେଲେ ଓଡଗାଁ ଥାନା ଉଦୟପୁର ଗ୍ରାମର ପ୍ରତାପ ଚନ୍ଦ୍ର ପ୍ରଧାନ(୩୦)। ସେ ଗାଡି ମାଲିକଙ୍କ ଭାଇ ବୋଲି ଜଣାପଡିଛି। ତେବେ ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଦୁର୍ଘଟଣାର ଦୀର୍ଘ ୧୩ ଘଣ୍ଟା ପରେ ଗଣିଆ ପୋଲିସ ଓ ଅଗ୍ନିଶମ ବିଭାଗର ମିଳିତ ଉଦ୍ୟମରେ ଶୁକ୍ରବାର ଅପରାହ୍ନ ସାଢେ ଗୋଟାଏରେ ଗାଡି ମଧ୍ୟରୁ ମୃତଦେହକୁ ଉଦ୍ଧାର କରାଯାଇଥିଲା । ଦୁର୍ଘଟଣା ଘଟାଇ ସମ୍ପୃକ୍ତ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ଗତ ଗୁରୁବାର ମଧ୍ୟରାତ୍ରରେ ଓଡି୨୫ଏଫ୍୧୨୨୭ ନମ୍ବର ବିଶିଷ୍ଟ ଏକ ବାଲି ବୋଝେଇ ହାଇୱା ଦଶପଲ୍ଲା ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାର ବାମ ପାର୍ଶ୍ୱରେ ଥିବା ଏକ ଆମ୍ବଗଛରେ ପିଟି ହୋଇଯାଇଥିଲା । ଖବରପାଇ ଗଣିଆ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, ଏଏସଆଇ ଅମୂଲ୍ୟ ମହାନ୍ତି ଓ ଗଣିଆ ଅଗ୍ନିଶମ ବିଭାଗ ଅଧିକାରୀ ସାନନ୍ଦ ଜେନାଙ୍କ ସମେତ ପୋଲିସ ତଥା ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ । ତେବେ ରାତି ଯୋଗୁ ଉଭୟ ବିଭାଗର କର୍ମଚାରୀଙ୍କ ଯଥାସମ୍ଭବ ଉଦ୍ୟମ ସତ୍ତ୍ୱେ ଉଦ୍ଧାର କାର୍ଯ୍ୟ ସମ୍ଭବ ହୋଇପାରି ନ ଥିଲା । ଶୁକ୍ରବାର ସକାଳୁ ଘଟଣାସ୍ଥଳରେ ଗଣିଆ ତହସିଲଦାର ସ୍ୱାତିଲେଖା ଦାଶଙ୍କ ଉପସ୍ଥିତିରେ ପୋଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ କ୍ରେନ୍ ଓ ଜେସିବି ଯୋଗେ ୬ଘଣ୍ଟା ଅକ୍ଲାନ୍ତ ପରିଶ୍ରମ ପରେ ଗାଡି ଭିତରେ ଫଶିରହିଥିବା ମୃତଦେହକୁ ଉଦ୍ଧାର କରିଥିଲେ । ଏ ନେଇ ଗଣିଆ ପୋଲିସ ତରଫରୁ ନଂ ୦୫/୧୯ରେ ମାମଲା ରୁଜୁ କରାଯିବା ସହ ମୃତଦେହକୁ ଚିହ୍ନଟ ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା ।



ଦୁର୍ଘଟଣାଗ୍ରସ୍ତ ହାଇୱା ।

# ୧୨୮ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଖୋର୍ଦ୍ଧା ଅଫିସ,୮।୨

ଖୋର୍ଦ୍ଧା ସହର ସାମନ୍ତରାପୁର ସ୍ୱପ୍ନେଶ୍ୱରବସ୍ତିରୁ ୧୨୮ ଗ୍ରାମ ବ୍ରାଉନସୁଗାର ଶୁକ୍ରବାର ପୂର୍ବାହ୍ନରେ ଜବତ ହୋଇଛି। ଏହି ଘଟଣାରେ ଖୋର୍ଦ୍ଧା ଅବକାରୀ ବିଭାଗ ଓ ଜିଲା ଫ୍ଲାଇଂ ସ୍କ୍ୱାଡ୍ ସାମନ୍ତରାପୁର ସ୍ୱପ୍ନେଶ୍ୱରବସ୍ତିର ସୁନୀଲ ଦଳେଇ(୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ସୁନୀଲଙ୍କୁ ଖୋର୍ଦ୍ଧା ଜେଲକୁ ପଠାଇ ଦିଆଯାଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୨ ଲକ୍ଷ ୮୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ। ଅବକାରୀ ବିଭାଗର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ୍ତ କିଶୋର ଦାସ, କଟକ ଫ୍ଲାଇଂ ସ୍କ୍ୱାଡ୍ ଇନ୍ସପେକ୍ଟର ଶରତ ଚନ୍ଦ୍ର ଭଞ୍ଜ ଓ ପ୍ରମୋଦ କୁମାର ପଣ୍ଡା, ଖୋର୍ଦ୍ଧା ଅବକାରୀ ଇନ୍ସପେକ୍ଟର ରଞ୍ଜନ କୁମାର ନାୟକ ପ୍ରମୁଖ ଚଢାଉର ନେତୃତ୍ୱ ନେଇଥିଲେ।

# ଭାଜପା ନିର୍ବାଚନ ମଣ୍ଡଳୀସ୍ତରୀୟ ବୈଠକ

ଜଟଣୀ,୮।୨(ଡି.ଏନ.ଏ.)

ଜଟଣୀ ନିର୍ବାଚନମଣ୍ଡଳୀସ୍ତରୀୟ ଭାଜପାର ଶକ୍ତିକେନ୍ଦ୍ର ପ୍ରମୁଖ ବୈଠକ ସ୍ଥାନୀୟ ସରାଫ୍ ଧର୍ମଶାଳାରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଭାଜପା ନେତା ସୁଦୀପ୍ତ ରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ ଜେନା, ନିର୍ବାଚନମଣ୍ଡଳୀର ପ୍ରଭାରୀ ସୁବାସ ଗନ୍ତାୟତ ପ୍ରମୁଖ ଉପସ୍ଥିତ ରହି ସାଙ୍ଗଠନିକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଏଥିରେ ନିର୍ବାଚନମଣ୍ଡଳୀର ୨୫୪ ବୁଥ୍‌ର ପ୍ରଭାରୀମାନେ ଉପସ୍ଥିତ ରହିଥିଲେ।

# ଭାଜପାର କର୍ମୀ ସମ୍ମିଳନୀ

ବୋଲଗଡ଼,୮।୨(ଡି.ଏନ.ଏ.)

ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବୋଲଗଡ଼ ବ୍ଲକ କଳାଙ୍ଗ ପଞ୍ଚାୟତସ୍ଥିତ ମାଳିସାହି ତିନିଦୋଳ ପଡିଆରେ ଶୁକ୍ରବାର ଭାଜପା ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର ପ୍ରମୁଖ ନେତ୍ରୀ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ କେନ୍ଦ୍ରରେ ମୋଦି ସରକାରଙ୍କ ସଫଳତା ବଖାଣିବା ସହିତ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରକାଶ ବିଜୁଳି, ରବୀନ୍ଦ୍ର କୁମାର ପରିଡ଼ା, ଜୟଶ୍ରୀ ପଟ୍ଟନାୟକ, ଲୋତକ ବିନ୍ଦୁ ପଟ୍ଟନାୟକ, ସୁବାସ ଚନ୍ଦ୍ର ମିଶ୍ର, ଅଶୋକ ରାଉତ, ମୀନାକୁମାରୀ ସାମନ୍ତରାୟ, ବିଶ୍ୱଜିତ ସ୍ୱାଇଁ, ପ୍ରଦୀପ ବଳିୟାରସିଂହ, ସିଲୁ ବଳିୟାରସିଂହଙ୍କ ସମେତ ବହୁ ନେତା ଓ କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ।



ମଞ୍ଚାସୀନ ଭାଜପା କର୍ମକର୍ତ୍ତା

# ୫ବର୍ଷ ପରେ ବି ହୋଇପାରୁନି ବାଇପାସ୍ ରାସ୍ତା କାର୍ଯ୍ୟ

ରଣପୁର,୮।୨(ସ୍ୱ.ପ୍ର.)

ରାଜ୍ୟ ସରକାର ନୂତନ ରାସ୍ତା, ପୋଲ ନିର୍ମାଣ କରିବା ପାଇଁ କୋଟି କୋଟି ଟଙ୍କା ମଞ୍ଜୁର କରି ପୂର୍ତ୍ତ ବିଭାଗ ଅଧୀନରେ ଖର୍ଚ୍ଚ କରୁଥିବାବେଳେ କେତେକ ଅସାଧୁ କର୍ମଚାରୀ, ରାଜନେତା ଓ ଠିକାଦାରଙ୍କ ସଲାସୁତରା ଯୋଗୁ ରାସ୍ତାକାର୍ଯ୍ୟ ବର୍ଷ ବର୍ଷ ବିତିଗଲେ ମଧ ଆରମ୍ଭ ହୋଇପାରୁନି। ସେହିପରି ରାସ୍ତା କାର୍ଯ୍ୟ ନ କରି ଲକ୍ଷ ଲକ୍ଷ ଟଙ୍କା ବିଭାଗ ତରଫରୁ ବିଲ୍ କରାଯାଉଛି । ପୁଣି ଗୋଟିଏ ରାସ୍ତାର ଦୁଇ ଥର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି। ଏପରିସ୍ଥଳେ ରାସ୍ତା ନିର୍ମାଣ ନେଇ ଆଶଙ୍କା ଦେଖା ଦେଉଛି।

ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନୟାଗଡ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ତଳସଡକ ବାଇପାସ୍ ରାସ୍ତାରେ। ରଣପୁର ମୁଖ୍ୟ ରାସ୍ତାରେ ଯାନବାହନ ଯାତାୟାତ ଅଧିକ ହେବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ସରଳୀକରଣ କରିବା ପାଇଁ ହାଟସାହି ଛକ ଠାରୁ ସାମୁକାସାହି ପର୍ଯ୍ୟନ୍ତ ଏକ ବାଇପାସ୍ ନିର୍ମାଣ କରିବା ନିମନ୍ତେ ରାଜ୍ୟ ସରକାର ପୂର୍ତ୍ତବିଭାଗ ଅଧୀନରେ ଏହି ରାସ୍ତାକୁ ୫ବର୍ଷ ତଳେ ୧କୋଟି ୮୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଥିଲେ। ଏହାର ଭିତ୍ତିପ୍ରସ୍ତର ସ୍ଥାପନ ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ ଓ ତତ୍କାଳୀନ ରାଜ୍ୟ ସଭା ସଦସ୍ୟ ରବିନାରାୟଣ ମହାପାତ୍ରଙ୍କ ଦ୍ୱାରା ୧୮।୧୧।୨୦୧୩ ମସିହାରେ କରାଯାଇଥିଲା। ରଣପୁର ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ହେଲେ ସେତେବେଳେ ଏହି କାର୍ଯ୍ୟ କରୁଥିବା ଗ୍ଲୋବାଲ କମ୍ପାନୀ ଠିକାଦାର ରାସ୍ତାରେ ମାଟି ପକାଇ ୪ରୁ ୫ ଲକ୍ଷ ଟଙ୍କା ଖର୍ଚ୍ଚକରି ୨୮ଲକ୍ଷ ୯୪ ହଜାର ୧୫୪ଟଙ୍କା ବିଲ୍ କରି ନେଇ ରାସ୍ତାକାର୍ଯ୍ୟ ଛାଡି ଚାଲିଯାଇଛନ୍ତି । ହେଲେ ଏହି ରାସ୍ତା କାର୍ଯ୍ୟ ଆଉ ଆଗକୁ ବଢି ପାରି ନାହିଁ । ଯାହା ଫଳରେ ସାଧାରଣ ଲୋକେ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ଗୋଟିଏ ବାଇକ ଗଲେ ଧୂଳି ଧୂସରରେ ରାସ୍ତା ପୂର୍ଣ୍ଣ ହୋଇଯାଉଛି । ସାମାନ୍ୟ ବର୍ଷା ହେଲେ ଖାଲଖମା ଯୋଗୁ କାଦୁଅରେ ରାସ୍ତା ପରିପୂର୍ଣ୍ଣ ହୋଇଯାଉଛି। ଏନେଇ ବାରମ୍ବାର ରାସ୍ତା କାମ କରିବାକୁ ସାଧାରଣରେ ଦାବି ହେଉଥିଲେ ମଧ ବିଭାଗ କର୍ଣ୍ଣପାତ କରୁନାହିଁ ।

ପ୍ରକାଶ ଯେ, ପୁଣି ଏହି ରାସ୍ତାର ନିର୍ମାଣ ପାଇଁ ପୂର୍ତ୍ତବିଭାଗ ତରଫରୁ ୩କୋଟି ୩୩ଲକ୍ଷ ୬୦ହଜାର ଟଙ୍କା ମଞ୍ଜୁର କରାଯାଇ ଠିକାଦାର ବିଜୟ ସାହୁଙ୍କୁ କାର୍ଯ୍ୟ କରିବା ପାଇଁ ନୂତନ ଭାବେ ନିର୍ଦ୍ଦେଶ ଦିଆଯାଇଛି । ଗତ ମାସ ୧୧ ତାରିଖରେ ରଣପୁର ବିଧାୟକ ରବିନାରାୟଣ ମହାପାତ୍ର ଓ ନୟାଗଡ ପୂର୍ତ୍ତବିଭାଗର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ହିମାଂଶୁ ଶେଖର ଷଡଙ୍ଗୀଙ୍କ ଦ୍ୱାରା ଏହି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଭିତ୍ତିପ୍ରସ୍ତର ସ୍ଥାପନର ଏକମାସ ବିତିବାକୁ ବସିଥିଲା ବେଳେ ରାସ୍ତାରେ ମାଟି ଟିକେ ବି ପଡିନାହିଁ। ପୁଣି ରାସ୍ତାର ନିର୍ମାଣ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଆଗକୁ ନିର୍ବାଚନ ଥିବାରୁ ଜନସାଧାରଙ୍କୁ ଭୁଆଁବୁଲାଇବା ପାଇଁ ବିଭାଗ ତରଫରୁ ଏଭଳି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି । ଏ ବିଷୟରେ ନୟାଗଡ ଜିଲା ପୂର୍ତ୍ତବିଭାଗ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ହିମାଂଶୁ ଶେଖର ଷଡଙ୍ଗୀଙ୍କୁ ପଚାରିବାରୁ ସେ କୁହନ୍ତି, ରଣପୁର ପୂର୍ତ୍ତବିଭାଗ ଖୋର୍ଦ୍ଧା ଡିଭିଜନ ଅଧୀନରେ ଥିବାବେଳେ ରାସ୍ତାରେ ମାଟି ପକାଇ ବିଲ କରାଯାଉଥିବା ବିଷୟରେ କିଛି କହି ପାରିବି ନାହିଁ । ଖୁବ୍‌ଶୀଘ୍ର ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ।



୨୦୧୩ ମସିହାରେ ରାସ୍ତା ନିର୍ମାଣ ପାଇଁ ସ୍ଥାପନ କରାଯାଇଥିବା ଫଳକ।



ସମ୍ପୂର୍ଣ୍ଣ ହୋଇପାରି ନ ଥିବା ରାସ୍ତା।

- ମାଟି ପକାଇ ଠିକାଦାର ନେଇଗଲେ ୨୮ଲକ୍ଷ
- ଗୋଟିଏ କାର୍ଯ୍ୟକୁ ୨ଥର ଭିତ୍ତି ପ୍ରସ୍ତର ସ୍ଥାପନ
- ନିର୍ମାଣ ନେଇ ଆଶଙ୍କା